କଟକ
ଗୁରୁବାର ୧୦ ସେପ୍ଟେମ୍ବର, ୨୦୨୬
ପ୍ରାତଃ ସଂସ୍କରଣ

September 10, 2026 Cuttack
Vol - XXIV, Issue - 160
Price: Rs.5/- (8 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

# ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

## ୧୨ ଯାଏ ପ୍ରବଳ ବର୍ଷା

**ଭୁବନେଶ୍ୱର,୯।୯(ନି.ପ୍ର):** ୨୪ ଘଣ୍ଟା ମଧ୍ୟରେ ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପର ସମ୍ଭାବନା ରହିଛି। ଏହାର ପ୍ରଭାବରେ ୧୨ ତାରିଖ ଯାଏ ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ବୁଧବାରଠାରୁ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି ବର୍ଷା। ଗୁରୁବାର ମୟୂରଭଞ୍ଜ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଥିବାବେଳେ କେନ୍ଦୁଝର ବାଲେଶ୍ୱର ଓ ଭଦ୍ରକ ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଝଟ୍କା ପବନର ବେଗ ୪୦ କିମି ରହିପାରେ। ୧୧ ତାରିଖରୁ ମଧ୍ୟ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଆରମ୍ଭ ହୋଇଯିବ ବର୍ଷା।

NURSING ADMISSION
ONLY OJEE APPEARED - NO MARKS
Approved by : H & FW Dept. & Affiliated to :ONMRC, OUHS, Utkal, Govt of Odisha, Bhubaneswar
BSC, PBBSC-NURSING
MSC-NURSING-PHD
GNM-ANM
- Practical Training at SCB, Capital and Care Hospitals
- Hostel both Girls & Boys - Own Campus
Own Hospital is to be completed this year
NETAJI COLLEGE OF NURSING
HO:Plot No.394/2490, Damana Square, Chandrasekharpur, Bhubaneswar-21
Branch : Sriram Institute of Medical Science, Tinimuhani, Kendrapara
7978179942, 7008434300, 9337807443

# ଆବୁଧାବିରୁ ଆସିବ ନିବେଶ

## ଆଇଏଚ୍‌ସି ଓ ଆଇବିପିଜି ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

**ଆବୁଧାବି/ଭୁବନେଶ୍ୱର,୯।୯(ନି.ପ୍ର):** ଓଡ଼ିଶାରେ ନିବେଶର ସୁଯୋଗ ଓ ଶିଳ୍ପ ସହଭାଗିତାକୁ ସୁଦୃଢ଼ କରିବା ପାଇଁ ୟୁଏଇ ଗସ୍ତ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ତାଙ୍କ ସହ ଏକ ଉଚ୍ଚସ୍ତରୀୟ ଟିମ୍ ମଧ୍ୟ ଗସ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ଆବୁଧାବିରେ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚ୍‌ସି)ର ବିଭିନ୍ନ ବ୍ୟାବସାୟିକ ୟୁନିଟ୍ ଓ ଗ୍ରୁପ୍ କମ୍ପାନୀ ସହ ଆଲୋଚନା ହୋଇଛି। ଆଦାନୀ ଗ୍ରୁପ ଓ ଆଇଏଚ୍‌ସି ମଧ୍ୟରେ ହୋଇଛି ବୁଝାମଣା। ଉଭୟ ସଂସ୍ଥା ୧୪ଟି ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବାସହ ୨,୧୦,୫୦୦ କୋଟି ଟଙ୍କା ନିବେଶ କରିବାକୁ ମନ ବଳାଇଥିବା ଜଣାପଡ଼ିଛି। ଏହି ନିବେଶ ଦ୍ୱାରା ପ୍ରାୟ ୮.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।



ବୈଠକରେ ଆଦାନୀ ଗ୍ରୁପ ତରଫରୁ କରନ ଆଦାନୀ, ସାଗର ଆଦାନୀ, ଆଇଏଚ୍‌ସି ଗ୍ରୁପ୍ର ଏମ୍‌ଡି ଓ ସିଇଓ ସଇଦ ବସର ସୁଏନ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଧାତବ, ବିରଳ ମୃତ୍ତିକା, କ୍ରିଟିକାଲ ମିନେରାଲ, ବନ୍ଦରଭିତ୍ତିକ ଏସ୍ଇଜେଡ୍, କୋଇଲାରୁ ରସାୟନ ଆଦି କ୍ଷେତ୍ରରେ ନିବେଶ ସମ୍ପର୍କରେ ଆଲୋଚନା ହୋଇଛି।

ମୁଖ୍ୟମନ୍ତ୍ରୀ ଆବୁଧାବି ସ୍ଥିତ ଆଇଏଚ୍‌ସି ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଓଡ଼ିଶାରେ ରହିଥିବା ନିବେଶ ସୁଯୋଗ ସନ୍ଧାନ କରିବା ଲାଗି ଆସିବାକୁ ଆଇଏଚ୍‌ସି ଗ୍ରୁପ୍ ଓ ଏହାର ସହାୟକ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଛନ୍ତି।

ଆବୁଧାବିରେ ମଧ୍ୟ ମୁଖ୍ୟମନ୍ତ୍ରୀ ଇଣ୍ଡିଆନ ବିଜିନେସ୍ ଆଣ୍ଡ ପ୍ରଫେସନାଲ ଗ୍ରୁପ୍ (ଆଇବିପିଜି) ସହ ରାଉଣ୍ଡ ଟେବୁଲ ଆଲୋଚନା କରିଛନ୍ତି। ଓଡ଼ିଶା-ୟୁଏଇ ବାଣିଜ୍ୟ କାରବାର, ରପ୍ତାନୀ ଓ ବ୍ୟାବସାୟିକ ସହଯୋଗ ଉପରେ ଆଲୋଚନାରେ ଗୁରୁତ୍ୱ ଦିଆଯାଇଛି। ଆଇବିପିଜି ସଭାପତି ରାଜିବ ଶାହଙ୍କ ସହ ମୁଖ୍ୟମନ୍ତ୍ରୀଙ୍କର ବାର୍ତ୍ତାଳାପ ହୋଇଛି। ବୈଠକରେ ମଧ୍ୟ ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକ୍ଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଜୋର୍ ଦିଆଯାଇଛି। ଓଡ଼ିଶାର ଦକ୍ଷ ମାନବ ସମ୍ବଳ ସୁଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି।

## ହର୍ମୁଜ ପାଲଟିଛି ରଣଭୂମି

### ଇରାନର ୫ ତୈଳବାହୀ ଜାହାଜ ଉପରେ ଆମେରିକାର ଆକ୍ରମଣ

### ଆମେରିକାର ଯୁଦ୍ଧପୋତକୁ କବ୍‌ଜା କଲା ଇରାନ

**ୱାଶିଂଟନ,୯।୯(ନି.ପ୍ର):** ପରିବହନ ପାଇଁ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ ପ୍ରଣାଳୀ ଏବେ ରଣଭୂମି ପାଲଟି ଯାଇଛି। ହର୍ମୁଜ ଉପରେ ଇରାନ ତା'ର ଏକାଧିପତ୍ୟ ଜାହିର କରିବାକୁ ଚାହୁଁଥିବାବେଳେ ଆମେରିକା ଇରାନର ଦାବି ଗ୍ରହଣ କରୁନାହିଁ। ଆମେରିକା ମଧ୍ୟ ହର୍ମୁଜରେ ଇରାନର ତୈଳ ଜାହାଜଗୁଡ଼ିକୁ ଜଗିଛି। ଦେଖିବା ମାତ୍ରେ ଆକ୍ରମଣ କରୁଛି। ଏବେ ଇରାନର ୫ ତୈଳବାହୀ ଜାହାଜ ଉପରେ ମିସାଇ ମାଡ଼ କରିଛି ଆମେରିକା। ଜାହାଜରେ ଥିବା କ୍ରୁମେମ୍ବରଙ୍କୁ ଆଗୁଆ ସତର୍କ କରି ଜାହାଜ ଛାଡ଼ି ଚାଲିଯିବାକୁ ଆମେରିକା ନିର୍ଦ୍ଦେଶ ଦେବା ପରେ ସେମାନେ ଜାହାଜ ଛାଡ଼ି ଦେଇଥିଲେ। ଆମେରିକାର ଆକ୍ରମଣ ଫଳରେ ରକ୍ତ ଚାଉଳ ଚୋବାଉଛି ଇରାନ। ଇରାନର ରିଭୋଲ୍ୟୁସନାରୀ ଗାର୍ଡସ୍ ମଧ୍ୟ ଆମେରିକାର ଏକ ଯୁଦ୍ଧପୋତକୁ ଟାର୍ଗେଟ କରିଛନ୍ତି। ଏହା ଆମେରିକାର ଏକ ମାନବବିହୀନ ସ୍ମାର୍ଟ ସବ୍‌ମେରିନ। ଇରାନ ଏହାକୁ ଜବତ କରିଥିବା ଦାବି କରିଛି। ଏହି ଯୁଦ୍ଧପୋତ 'ଡାଇଭ୍ ଏଲ୍‌ଭି' ନାମରେ ପରିଚିତ।

## ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଦାୟିତ୍ୱ ଗ୍ରହଣ କଲେ ଡା. ବୃନ୍ଦା ଡ଼ି



**ଭୁବନେଶ୍ୱର,୯।୯(ନି.ପ୍ର):** ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡା. ବୃନ୍ଦା ଡ଼ି ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଭିନ୍ନକ୍ଷମ ବ୍ୟକ୍ତି ଓ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା, ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଓ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆଗକୁ ବଢ଼ାଇବା ପାଇଁ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ନିରନ୍ତର ସହଯୋଗ ଏବଂ ସାମୂହିକ ସମର୍ଥନ କାମନା କରିଛନ୍ତି। ବିଭାଗ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଛି।

## ସ୍କ୍ରବ୍ ଟାଇଫସ୍‌କୁ ନେଇ ତତ୍ପର ହୋଇଛି ସ୍ୱାସ୍ଥ୍ୟ ବିଭାଗ

**ଭୁବନେଶ୍ୱର,୯।୯(ନି.ପ୍ର):** ସ୍କ୍ରବ୍ ଟାଇଫସ୍‌କୁ ନେଇ ତତ୍ପର ହୋଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ଯେଉଁ ଅଞ୍ଚଳରେ ସ୍କ୍ରବ୍ ଟାଇଫସ୍ ରୋଗୀ ଚିହ୍ନଟ ହେବେ ସେଠାକୁ ଡାକ୍ତରୀ ଟିମ୍ ପଠାଯିବ। ରୋଗ ଯେପରି ଅନ୍ୟ ଅଞ୍ଚଳକୁ ନବ୍ୟାପେ ସେଥିପାଇଁ ସଚେତନତା ସହ ନିୟନ୍ତ୍ରଣମୂଳକ ପଦକ୍ଷେପ ଗ୍ରହଣ କରାଯିବ।

ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି, ସ୍କ୍ରବ୍ ଟାଇଫସ ନିୟନ୍ତ୍ରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଆତଙ୍କିତ ହେବାର କୌଣସି କାରଣ ନାହିଁ। ଆବଶ୍ୟକ ଚିକିତ୍ସା ଓ ନିରୀକ୍ଷଣ ବ୍ୟବସ୍ଥା କରାଯିବ। ସ୍କ୍ରବ୍ ଟାଇଫସ୍ ଚିକିତ୍ସା ଓ ନିୟନ୍ତ୍ରଣ ପାଇଁ ଗାଇଡଲାଇନ ମଧ୍ୟ ପ୍ରସ୍ତୁତ ହୋଇଛି। ରୋଗୀ ଚିହ୍ନଟ, ଚିକିତ୍ସା ଏବଂ ଆବଶ୍ୟକ ପ୍ରତିଷେଧମୂଳକ ପଦକ୍ଷେପ ଉପରେ ଏହି ଗାଇଡଲାଇନ ଅନୁଯାୟୀ କାର୍ଯ୍ୟ କରାଯିବ।

## ସାଉଦି ଆରବ ଉପରେ ହୁତି ଆକ୍ରମଣକୁ ଭାରତର ନିନ୍ଦା

**ନୂଆଦିଲ୍ଲୀ,୯।୯(ନି.ପ୍ର):** ସାଉଦି ଆରବ ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣକୁ ଦୃଢ଼ ଭାବରେ ନିନ୍ଦା କରିଛି ଭାରତ। ବିଶେଷକରି ନାଗରିକ ଓ ଆର୍ଥିକ ପ୍ରତିଷ୍ଠାନକୁ ଟାର୍ଗେଟ କରାଯିବା ଗ୍ରହଣୀୟ ନୁହେଁ ବୋଲି କହିଛି। ଏଭଳି ଆକ୍ରମଣ ଆଞ୍ଚଳିକ ସୁରକ୍ଷା ଓ ସ୍ଥିରତାକୁ ଦୁର୍ବଳ କରିବା ସହ ଏହା ନୌଚଳାଚଳ ସ୍ୱାଧୀନତା ପ୍ରତି ବିପଦ ସୃଷ୍ଟି କରୁଥିବା ମଧ୍ୟ ଭାରତ ପକ୍ଷରୁ କୁହାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ସାଉଦି ସାର୍ବଭୌମ କ୍ଷେତ୍ର ଉପରେ ଆକ୍ରମଣ, ବିଶେଷକରି ନାଗରିକ ଓ ଆର୍ଥିକ ସୁବିଧାକୁ ଟାର୍ଗେଟ କରିବାକୁ ଭାରତ ନିନ୍ଦା କରୁଛି।

ସାଉଦି ଆରବର ଅଭା, ଜାଜାନ, ଖାମିସ୍ ମୁଶାଇତ ଓ ନଜରାନ ଅଞ୍ଚଳରେ ନାଗରିକ ଏବଂ ଆର୍ଥିକ ସମ୍ପତ୍ତି ଉପରେ ଆକ୍ରମଣ ହୋଇଥିବା ସାଉଦି କର୍ତ୍ତୃପକ୍ଷ କହିଛନ୍ତି। ଏହି ଆକ୍ରମଣରେ ମହିଳା ଓ ଶିଶୁଙ୍କ ସମେତ ବହୁ ସାଧାରଣ ନାଗରିକ ଆହତ ହୋଇଥିବା ରିପୋର୍ଟ ରହିଛି। ଏଥିସହ ଲାଲ ସାଗରରେ ବାଣିଜ୍ୟିକ ଜାହାଜ ଉପରେ ହୁତିଙ୍କ ଆକ୍ରମଣ ଏବଂ ଅନ୍ତର୍ଜାତୀୟ ନୌଚଳାଚଳର ସୁରକ୍ଷା ପ୍ରତି ସୃଷ୍ଟି ହେଉଥିବା ବିପଦକୁ ମଧ୍ୟ ସାଉଦି ଆରବ ନିନ୍ଦା କରିଛି। ସାଉଦି ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଦେଶର ସାର୍ବଭୌମତ୍ୱ, ଜାତୀୟ ସମ୍ପତ୍ତି ଏବଂ ନାଗରିକ ଓ ବାସିନ୍ଦାଙ୍କ ସୁରକ୍ଷା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନେବାର ଅଧିକାର ତା'ର ରହିଛି। ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସାଉଦି ଭୂଖଣ୍ଡ କିମ୍ବା ଜାତୀୟ ସମ୍ପତ୍ତିକୁ ଟାର୍ଗେଟ କରୁଥିବା ଆକ୍ରମଣକୁ ସହ୍ୟ କରାଯିବ ନାହିଁ।

## ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ରେଲ୍‌ୱେ ଟ୍ରାକ୍‌କୁ ମଞ୍ଜୁରୀ



**ନୂଆଦିଲ୍ଲୀ,୯।୯(ନି.ପ୍ର):** ଝାରସୁଗୁଡ଼ା-ଖଡ଼ଗପୁର ୪ ଲେନ୍ ରେଲ୍‌ୱେ ଟ୍ରାକ୍‌କୁ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ କମିଟି ମଞ୍ଜୁରୀ ଦେଇଛି। ତିନିଟି ପ୍ରମୁଖ ରେଳ ପ୍ରଶସ୍ତିକରଣ ପ୍ରୋଜେକ୍ଟକୁ ମିଳିଛି ଅନୁମୋଦନ। ଏହି ୩ଟି ପ୍ରକଳ୍ପ ମଧ୍ୟରେ ରହିଛି ଝାରସୁଗୁଡ଼ା-ଖଡ଼ଗପୁର ଚତୁର୍ଥ ଲାଇନ। ୩ ପ୍ରମୁଖ ରେଳ ପ୍ରଶସ୍ତିକରଣ ପ୍ରକଳ୍ପରେ ୫ ରାଜ୍ୟ ଓଡ଼ିଶା, ବେଙ୍ଗଲ, ମଧ୍ୟପ୍ରଦେଶ, ଛତିଶଗଡ଼, ଝାରଖଣ୍ଡର ୧୪ ଜିଲ୍ଲା ଉପକୃତ ହେବ।

ପ୍ରସ୍ତାବିତ ବହୁ ଟ୍ରାକିଂ ପ୍ରକଳ୍ପ ଦ୍ୱାରା ପାଖାପାଖି ୫୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ୪,୭୯୦ଟି ଗାଁକୁ ଉନ୍ନତ ଯୋଗାଯୋଗ ସମ୍ଭବ ହୋଇପାରିବ। କ୍ଷମତା ବୃଦ୍ଧି ଫଳରେ ଦେଶର ଅନେକ ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ରେଳ ସଂଯୋଗରେ ସୁଧାର ଆସିବ। ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟରେ ରହିଛି ତାରାତାରିଣୀ ମନ୍ଦିର, ଜଗନ୍ନାଥ ମନ୍ଦିର (ଝାରସୁଗୁଡ଼ା ନିକଟବର୍ତ୍ତୀ ଏକ ପ୍ରାଚୀନ ମନ୍ଦିର), ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟ, ବିରାଟେଶ୍ୱର ମନ୍ଦିର, ଅମରକଣ୍ଟକ ମନ୍ଦିର, ଜୱାଳେଶ୍ୱର ଧାମ, ଅଚାନକମାର ବ୍ୟାଘ୍ର ଅଭୟାରଣ୍ୟ, ଖୁଟାଘାଟ ନଦୀବନ୍ଧ, ମଲ୍‌ହାର ପ୍ରତ୍ନତାତ୍ତ୍ୱିକସ୍ଥଳୀ, ରତନପୁର ମହାମାୟା ମନ୍ଦିର ଆଦି। ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ଫଳରେ କୋଇଲା, ସିମେଣ୍ଟ, ଲୁହା ଏବଂ ଇସ୍ପାତ ଆଦି ସାମଗ୍ରୀ ପରିବହନ ପାଇଁ ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଦ୍ୱାରା ବାର୍ଷିକ ୨୭ ନିୟୁତ ଟନ୍ (ଏମଟିପିଏ) ଅତିରିକ୍ତ ମାଲ ପରିବହନ କ୍ଷମତା ମିଳିବ। ରେଳବାଇ ଏକ ପରିବେଶ ଅନୁକୂଳ ଏବଂ ଶକ୍ତି-ଦକ୍ଷ ପରିବହନ ପଦ୍ଧତି ହୋଇଥିବାରୁ ଜଳବାୟୁ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ଏବଂ ଦେଶର ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ। ଏହା ସହିତ ଏହା ତୈଳ ଆମଦାନୀ (ପ୍ରାୟ ୧୨ କୋଟି ଲିଟର) ଏବଂ ଅଙ୍ଗାରକାମ୍ଳ ନିର୍ଗମନ (ପ୍ରାୟ ୬୨ କୋଟି କିଲୋଗ୍ରାମ) ହ୍ରାସ କରିବ, ଯାହା ୨ କୋଟି ୪୮ ଲକ୍ଷ ଗଛ ଲଗାଇବା ସହିତ ସମାନ।

## ଦିଲ୍ଲୀରେ ଆଉ ୨ ଗିରଫ

# ଭଙ୍ଗାଗଲାଣି ୨୪ ପୁରୁଣା କୋଠା

**ନୂଆଦିଲ୍ଲୀ,୯।୯(ନି.ପ୍ର):** ଦିଲ୍ଲୀର ସତ୍ୟ ନିକେତନରେ ପେଇଂ ଗେଷ୍ଟ (ପିଜି) ବିଲ୍ଡିଂ ଭୁଶୁଡ଼ିବା ଘଟଣାରେ ଆଉ ୨ ଜଣଙ୍କୁ ଗିରଫ କରାଯାଇଛି, ଜଣେ ବିଲ୍ଡିଂର ସଞ୍ଚାଳକ ଓ ଅନ୍ୟ ଜଣେ ଲେବର କଣ୍ଟ୍ରାକ୍ଟର। ଗିରଫ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ଏହି ପୁରୁଣା ପିଜି ବିଲ୍ଡିଂ ଭୁଶୁଡ଼ିବା ଫଳରେ ୭ ଛାତ୍ରଙ୍କର ମୃତ୍ୟୁ ହୋଇଥିଲା।



ଏବେ ଦିଲ୍ଲୀର ସତ୍ୟ ନିକେତନ ସମେତ ଲକ୍ଷ୍ମୀନଗର, ରୀତା କଲୋନୀ, ନ୍ୟୁ ଅଶୋକ ନଗର, ପାଣ୍ଡବ ନଗର ଆଦି ଅଞ୍ଚଳରେ ଜର୍ଜର ଓ ବିପଦପୂର୍ଣ୍ଣ ହଷ୍ଟେଲ ଆଉ ପିଜି ବିଲ୍ଡିଂଗୁଡ଼ିକୁ ଠାବ କରାଯାଇଛି। ଏମ୍‌ସିଡିର ସମସ୍ତ ୧୨ ଜୋନ୍‌ରେ ଏଭଳି ବିପଦପୂର୍ଣ୍ଣ କୋଠାଗୁଡ଼ିକୁ ଚିହ୍ନଟ କରାଯାଇ ତୁରନ୍ତ ଆକ୍ସନ ନିଆଯାଉଛି। ଦୁଇ ଦିନରେ ଭଙ୍ଗାଗଲାଣି ୨୪ ପୁରୁଣା କୋଠା। ଚିହ୍ନଟ ପ୍ରକ୍ରିୟା ମଧ୍ୟ ଜାରି ରହିଛି। ୩୫ଟି ସୋ କଜ୍ ନୋଟିସ ଜାରି କରାଯାଇଛି।

# ଡିଜିଟାଇଜ ହେବ ଭୂଦାନ ଜମି

### ମୁକୁଳିବ ମନ୍ଦିର ସମ୍ପତ୍ତି

**ଭୁବନେଶ୍ୱର,୯।୯(ନି.ପ୍ର):** ଜମିଜମା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଏବଂ ସାଧାରଣ ଲୋକଙ୍କୁ ସେମାନଙ୍କ ହକ୍ ପ୍ରଦାନ କରିବା ଦିଗରେ ରାଜ୍ୟ ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପଦକ୍ଷେପ ଫଳରେ ମୁକୁଳିବ ମନ୍ଦିର ସମ୍ପତ୍ତି। ଦୀର୍ଘ ଦଶନ୍ଧି ଧରି ଅବହେଳିତ ଅବସ୍ଥାରେ ପଡ଼ିରହିଥିବା ଭୂଦାନ ଜମିର ରେକର୍ଡଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଡିଜିଟାଇଜ୍ କରାଯିବ। ରାଜସ୍ୱ ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ରାଜ୍ୟରେ ମୁଣ୍ଡ ଟେକୁଥିବା ମନ୍ଦିର ସମ୍ପତ୍ତି ଜବରଦଖଲ ଏବଂ ଜଙ୍ଗଲ ଜମି ବିବାଦର ତୁରନ୍ତ ତଥା ସ୍ଥାୟୀ ସମାଧାନ ପାଇଁ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି ।

ସ୍ୱାଧୀନତା ପରେ ସମାଜସେବୀ ଆଚାର୍ଯ୍ୟ ବିନୋବା ଭାବେଙ୍କ ଐତିହାସିକ ଭୂଦାନ ଆନ୍ଦୋଳନ ଜରିଆରେ ରାଜ୍ୟର ଅନେକ ସହୃଦୟ ବ୍ୟକ୍ତି ସେମାନଙ୍କ ଜମି ଦାନ କରିଥିଲେ । ଏହି ଜମିଗୁଡ଼ିକୁ ରାଜ୍ୟର ଭୂମିହୀନ ଓ ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ତେବେ ଉପଯୁକ୍ତ ରକ୍ଷଣାବେକ୍ଷଣ ଏବଂ ରେକର୍ଡ ଅଭାବରୁ ଅନେକ ଭୂଦାନ ଜମି ରହିଛି ମାଫିଆ ଏବଂ ପ୍ରଭାବଶାଳୀ ବ୍ୟକ୍ତିଙ୍କ କବ୍‌ଜାରେ। ଏହି ସମସ୍ୟାର ମୂଳୋତ୍ପାଟନ ପାଇଁ ସରକାର ଆଧୁନିକ ଜ୍ଞାନକୌଶଳର ସାହାଯ୍ୟ ନେବେ। ସମସ୍ତ ଭୂଦାନ ଜମିର ତଥ୍ୟକୁ ସଂଗ୍ରହ କରାଯାଇ ପୋର୍ଟାଲ ମାଧ୍ୟମରେ ଡିଜିଟାଲାଇଜ୍ କରାଯିବ। ଏହାଦ୍ୱାରା ଜମିର ପ୍ରକୃତ ସ୍ଥିତି ଜଣାପଡ଼ିବା ସହ ବଞ୍ଚିତ ଥିବା ପ୍ରକୃତ ହିତାଧିକାରୀଙ୍କୁ ସହଜରେ ଜମି ପଟ୍ଟା ପ୍ରଦାନ କରାଯାଇପାରିବ ବୋଲି ପ୍ରଶାସନ ଲକ୍ଷ୍ୟ ରଖିଛି ।

# ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ତୀକ୍ଷ୍ଣ ନଜର

## ଚାରିଦଫା ରଣନୀତି ପ୍ରସ୍ତୁତ

**ଭୁବନେଶ୍ୱର,୯।୯(ନି.ପ୍ର):** ଗଞ୍ଜେଇ ଚାଷ ଓ ଚାଲାଣ ଉପରେ ପୋଲିସର ତୀକ୍ଷ୍ଣ ନଜର ରହିଛି। ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ଅଧିକ ସଂଘଠିତ କରିବାକୁ ପ୍ରସ୍ତୁତ ହୋଇଛି ଚାରିଦଫା ରଣନୀତି। ଏହି ରଣନୀତି ମଧ୍ୟରେ ରହିଛି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଆର୍ଥିକ ତଦନ୍ତ, ସମ୍ପତ୍ତି ବାଜ୍ୟାପ୍ତି ଏବଂ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ପିଆଇଟି-ଏନ୍‌ଡିପିଏସ୍ କାର୍ଯ୍ୟକାରୀ କରିବା। କୋରାପୁଟ, ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡ଼ା ଆଦି ଜିଲ୍ଲାରେ ଲୋକଙ୍କ ମଧ୍ୟରେ ଗଞ୍ଜେଇ ଚାଷ ବିରୋଧରେ ଜନସଚେତନତା ସୃଷ୍ଟି କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାର ଏସ୍‌ପିମାନଙ୍କୁ କୁହାଯାଇଛି। ଡ୍ରୋନ୍ ଓ ସାଟେଲାଇଟର ମଧ୍ୟ ବ୍ୟବହାର କରାଯିବ। ଗ୍ରାଉଣ୍ଡ ସର୍ଭେଲାନ୍ସ ସବୁବେଳେ ଜାରି ରହିବ।

ଦକ୍ଷିଣ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ଚାଲୁଥିବା ଗଞ୍ଜେଇ ଚାଷ ଓ ଚାଲାଣ ବିରୋଧରେ ରାଜ୍ୟ ପୋଲିସ ପକ୍ଷରୁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରାଯାଇଛି। ଏନେଇ ଆଇଜି (ଏସ୍‌ଟିଏଫ୍) ହିମାଂଶୁ ଲାଲଙ୍କ ଅଧ୍ୟକ୍ଷତାରେ ହୋଇଛି ଏକ ସମୀକ୍ଷା ବୈଠକ। ବୈଠକରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କନ୍ଧମାଳ ଏବଂ ବୌଦ୍ଧ ଭଳି ହଟ୍‌ସ୍ପଟ୍ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ, ଦକ୍ଷିଣାଞ୍ଚଳ (ବ୍ରହ୍ମପୁର) ଆଇଜି ଓ ଡିଆଇଜି କୋରାପୁଟ, ଏସ୍‌ଟିଏଫ୍ ଡିଆଇଜି କେ ଭି ସିଂହ, ଏନ୍‌ସିବି ଜୋନାଲ ଅଧିକାରୀ (ଭୁବନେଶ୍ୱର) ଶ୍ରୀକୁନାଲ କୁମାର ଯୋଗ ଦେଇଥିଲେ। ନିଆଯାଇଥିବା ପଦକ୍ଷେପରେ ଜିଲ୍ଲାୱାରୀ ସମୀକ୍ଷା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

### ୧ କୋଟିରୁ ଅଧିକ ମୂଲ୍ୟର ଗଞ୍ଜେଇ ଜବତ

**ମୋହନା,୯।୯(ନି.ପ୍ର):** ମୋହନା-କମଳାପୁର ନାକା ପଏଣ୍ଟରେ ଯାଞ୍ଚ ବେଳେ ୧ କୋଟିରୁ ଅଧିକ ମୂଲ୍ୟର ଗଞ୍ଜେଇ ଜବତ ହୋଇଛି। ୨ ଜଣଙ୍କୁ ଗିରଫ କରାଯାଇଛି। ଜବତ ଗଞ୍ଜେଇର ପରିମାଣ ୧୦ କୁଇଣ୍ଟାଲ ଏବଂ ଏହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ। ଜବତ ଗଞ୍ଜେଇ ମୋହନା ଚିଆପଦାରୁ ମହାରାଷ୍ଟ୍ର ଚୋରା ଚାଲାଣ ହେଉଥିଲା।

# ଓରାଙ୍ଗଉଟାନଙ୍କୁ ଓଡ଼ିଶା ଆଣିଲା କିଏ

## ଭୋଗରାଇ ଓ ଦୀଘାରେ ତନାଘନା କରୁଛି ଏସ୍‌ଟିଏଫ୍

**ଭୁବନେଶ୍ୱର,୯।୯(ନି.ପ୍ର):** ବାଲେଶ୍ୱର ଜିଲ୍ଲା ଭୋଗରାଇର ବିଚିତ୍ରପୁର ଜଙ୍ଗଲରେ ୫ ଓରାଙ୍ଗଉଟାନଙ୍କୁ ଉଦ୍ଧାର କରାଯାଇ ନନ୍ଦନକାନନକୁ ଅଣାଯାଇଛି। ଓରାଙ୍ଗଉଟାନଙ୍କୁ ଓଡ଼ିଶା କିଏ ଆଣିଲା ଏହାର ତନାଘନା କରୁଛି ଏସ୍‌ଟିଏଫ୍ ଟିମ୍। ଏସ୍‌ଟିଏଫ୍‌ର ଏକ ଟିମ୍ ଭୋଗରାଇରେ ପହଞ୍ଚି ତଦନ୍ତ କରୁଛି। ତଦନ୍ତ କରୁଥିବା ସୂଚନା ଦେଇଛନ୍ତି ଡିଆଇଜି କନୱର ବିଶାଳ ସିଂହ। ଆଇଜିଙ୍କ ନିର୍ଦ୍ଦେଶରେ ତଦନ୍ତ ଚାଲିଛି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ମଧ୍ୟ ପଚରାଉଚରା କରାଯାଇଛି।

ଏସ୍‌ଟିଏଫ୍ ଟିମ୍ ମଧ୍ୟ ପଶ୍ଚିମବଙ୍ଗର ଦୀଘା ମୁହାଣ ପୋଲିସ ଷ୍ଟେସନରେ ପହଞ୍ଚିଛନ୍ତି। ଯେଉଁଠାରୁ ଓରାଙ୍ଗଉଟାନଙ୍କୁ ଉଦ୍ଧାର କରାଯାଇଥିଲା ତାହା ପଶ୍ଚିମ ବଙ୍ଗର ନିକଟବର୍ତ୍ତୀ। ଜଳପଥ ଦେଇ ଓରାଙ୍ଗଉଟାନଙ୍କୁ ଅଣାଯାଇଥାଇ ପାରେ ବୋଲି ସନ୍ଦେହ ଉପୁଜିଥିବାରୁ ସେଠାରେ ପହଞ୍ଚିଛି ଏସ୍‌ଟିଏଫ୍ ଟିମ୍। ସେଠାରେ ସିସିଟିଭି ଯାଞ୍ଚ କରାଯାଉଛି।



ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ କହିଛନ୍ତି, ଓରାଙ୍ଗଉଟାନଙ୍କୁ ନନ୍ଦନକାନନରେ ରଖାଯିବାକୁ ଯୋଜନା ରହିଛି। ଏଥିପାଇଁ ସେଣ୍ଟ୍ରାଲ ଜୁ ଅଥରିଟିକୁ ଅବଗତ କରାଯାଇଛି। ଏହି କେନ୍ଦ୍ରୀୟ ସଂସ୍ଥାର ଅନୁମତି ମଧ୍ୟ ଲୋଡ଼ାଯାଇଛି। ଓରାଙ୍ଗଉଟାନଙ୍କୁ କିଭଳି ଓଡ଼ିଶା ଅଣାଗଲା ଏଥିପାଇଁ ଜାରି ରହିଛି ତଦନ୍ତ। ବିମାନବନ୍ଦର ଓ ରେଳଷ୍ଟେସନରେ ମଧ୍ୟ ଖୋଳତାଡ଼ କରାଯାଉଛି।

### ନନ୍ଦନକାନନରେ କଣ୍ଢେଇ ସହ ଖେଳୁଛନ୍ତି

ଉଦ୍ଧାର କରାଯାଇଥିବା ଓରାଙ୍ଗଉଟାନଙ୍କ ବୟସ ଅତିବେଶୀରେ ଏକ ବର୍ଷ ହେବ। ସେମାନଙ୍କ ମାଆକୁ ହତ୍ୟା କରାଯାଇ ଏମାନଙ୍କୁ ସ୍ମଗ୍‌ଲିଂ ପାଇଁ ଅଣାଯାଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ନନ୍ଦନକାନନରେ ସେମାନଙ୍କୁ କ୍ୱାରେଣ୍ଟାଇନରେ ରଖାଯାଇଛି। ମାଆ ନଥିବାରୁ ବିଶେଷଜ୍ଞଙ୍କ ପରାମର୍ଶରେ ସେମାନଙ୍କୁ ତାଙ୍କ ଭଳି ଦିଶୁଥିବା କଣ୍ଢେଇ ଦିଆଯାଇଛି। ଏହି କଣ୍ଢେଇ ସହ ଖେଳୁଛନ୍ତି ଓରାଙ୍ଗଉଟାନ। ମାଆ ସ୍ନେହ ନପାଇଲେ ବି କଣ୍ଢେଇ ପାଇ ଖୁସି ହେଉଛନ୍ତି। ସେମାନଙ୍କର ରିତିମତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ପ୍ରତି ଦୁଇ ଘଣ୍ଟାରେ ଫିଡ୍ କରାଯାଉଛି। ଖୀର ଓ ଫଳ ଆଦି ଦିଆଯାଉଛି। ସ୍ୱତନ୍ତ୍ର ଡାକ୍ତର ଟିମ୍ ମଧ୍ୟ ନିୟୋଜିତ ହୋଇଛନ୍ତି। ଭୋଗରାଇରୁ ସେମାନଙ୍କୁ ନନ୍ଦନକାନନ ଗାଡ଼ିରେ ଅଣାଯାଇଥିବାରୁ ଜ୍ୱର ଓ ଥଣ୍ଡାରେ ସଂକ୍ରମିତ ନହେବା ପାଇଁ ଡାକ୍ତରୀ ଟିମ୍ ସଜାଗ ରହିଛନ୍ତି।

# ଜିମ୍‌ରେ ୱାର୍କଆଉଟ୍ ହାର୍ଟ ଆଟାକ୍‌ର କାରଣ ନୁହେଁ

ବର୍ତ୍ତମାନ ସମୟରେ ଅନେକ ଯୁବପିଢି ଫିଟନେସକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ସେଥିପାଇଁ ନିଜକୁ ଫିଟନେସକୁ ଧ୍ୟାନରେ ରଖି ଯୁବପିଢିମାନେ ଜିମ୍ ଯାଉଛନ୍ତି । ସେଥିପାଇଁ ଦିନକୁ ଦିନ ଜିମର କ୍ରେଜ୍ ବଢିବାରେ ଲାଗିଛି । ଜିମ୍ ଯାଇ ପ୍ରତିଦିନ ଏକ୍ସରସାଇଜ୍ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । କିନ୍ତୁ ବେଳେବେଳେ କିଛି ଲୋକମାନେ ଜିମରେ ୱାର୍କଆଉଟ କରିବା ସମୟରେ ଅଚେତ୍ ହୋଇପଡନ୍ତି କିମ୍ବା ହାର୍ଟଆଟାକ୍ ଆସିଥାଏ । ଯାହା ୱାର୍କ ଆଉଟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେବେ କ'ଣ ଜିମରେ ୱାର୍କଆଉଟ ଅଧିକ କରିବା ଦ୍ୱାରା ହାର୍ଟ ଆଟାକ୍ ଆସିଥାଏ କି କିନ୍ତୁ ୱାର୍କଆଉଟ୍ ହାର୍ଟ ଆଟାକର କାରଣ ନୁହେଁ । ପ୍ରକୃତରେ, ନିୟମିତ ଶାରୀରିକ କାର୍ଯ୍ୟକଳାପ ଦୀର୍ଘକାଳୀନ ଭାବରେ ହୃଦରୋଗର ଆଶଙ୍କା ହ୍ରାସ କରିଥାଏ ।

ୱାର୍କଆଉଟ୍ ସମୟରେ ହୃଦସ୍ପନ୍ଦନ ବୃଦ୍ଧି ପାଏ ଏବଂ ଶରୀରକୁ ଅଧିକ ଅମ୍ଳଜାନ ଆବଶ୍ୟକ ହୁଏ। ଯଦି ଜଣେ ବ୍ୟକ୍ତିଙ୍କ କରୋନାରୀ ଧମନୀରେ ପୂର୍ବରୁ ପ୍ଲାକ୍ ଜମା ହୋଇସାରିଛି ଏବଂ ଏହା ଜାଣି ନାହାଁନ୍ତି ତେବେ ଶାରୀରିକ ଚାପ ବଢିଯାଇଥାଏ । କିଛି କ୍ଷେତ୍ରରେ ପ୍ଲାକ୍ ଫାଟି ଯାଇ ରକ୍ତ ଜମାଟ ବାନ୍ଧିଦିଏ । ଯାହା ହାର୍ଟ ଆଟାକର କାରଣ ହୋଇପାରେ । ବିଶେଷକରି ଯେଉଁମାନେ ଦୀର୍ଘ ସମୟ ଧରି ଶାରୀରିକ ଭାବରେ ସକ୍ରିୟ ନାହାଁନ୍ତି ଏବଂ ହଠାତ୍ ଭାରୀ ଓଜନ ଉଠାଇବା କିମ୍ବା ଉଚ୍ଚ-ତୀବ୍ରତା ବ୍ୟାୟାମ କରିବା ଆରମ୍ଭ କରନ୍ତି ସେମାନଙ୍କ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବା ଉଚିତ । ହାର୍ଟଆଟାକ୍ ସମୟରେ ହୃଦୟର କୌଣସି ଏକ ରକ୍ତନଳୀରେ ରକ୍ତ ପ୍ରବାହ ବାଧାପ୍ରାପ୍ତ ହୋଇଥାଏ ।

ଅନ୍ୟପକ୍ଷରେ, ସଡନ୍ କାର୍ଡିଆକ୍ ଆରେଷ୍ଟ ସମୟରେ ହୃଦୟର ଇଲେକ୍ଟ୍ରିକାଲ୍ ଗତିବିଦ୍ଧି ହଠାତ୍ ବିଗିଡ଼ିଯାଏ ଏବଂ ହୃଦୟ ପ୍ରଭାବଶାଳୀ ଭାବେ ପମ୍ପ କରିବା ବନ୍ଦ କରିଦିଏ । ହାର୍ଟ ଆଟାକ୍ ସମୟରେ ବ୍ୟକ୍ତି ସାଧାରଣତଃ ସଚେତନ ରହିପାରନ୍ତି ଏବଂ ଛାତିରେ ଚାପ ବା ଯନ୍ତ୍ରଣା, ନିଃଶ୍ୱାସ ନେବାରେ କଷ୍ଟ, ଅଧିକ ଝାଳ ବାହାରିବା, ବାନ୍ତି ଆସିବା ଭଳି ଲକ୍ଷଣ ଦେଖାଦେଇପାରେ । କାର୍ଡିଆକ୍ ଆରେଷ୍ଟ ହେଲେ ବ୍ୟକ୍ତି ହଠାତ୍ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇପାରନ୍ତି ଏବଂ ସାଧାରଣ ଭାବେ ନିଃଶ୍ୱାସ ନେବା ବନ୍ଦ ହୋଇଯାଏ । ତେବେ କେତେକ କ୍ଷେତ୍ରରେ ହାର୍ଟ ଆଟାକ୍ ମଧ୍ୟ କାର୍ଡିଆକ୍ ଆରେଷ୍ଟର କାରଣ ହୋଇପାରେ । ବୟସ ବଢିବା, ଉଚ୍ଚ ରକ୍ତଚାପ, ଡାଇବେଟିସ୍ ଭଳି ସମସ୍ୟା ଯୋଗୁଁ ହାର୍ଟଆଟାକର ଲକ୍ଷଣ ଦେଖାଦେଇଥାଏ ।

ଯଦି ୱାର୍କଆଉଟ୍ ସମୟରେ ଛାତି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକୁ ଥକ୍କାପଣ ଭାବି ବ୍ୟାୟାମ୍ ଜାରି ରଖିବା ବିପଦଜନକ ହୋଇପାରେ । ଛାତିରେ ଯନ୍ତ୍ରଣା, ଭାରିଲାଗିବା, ହାତ, କାନ୍ଧ, ପାଟି, ପିଠି ଏବଂ ବେକରେ ଯନ୍ତ୍ରଣା, ହଠାତ୍ ନିଶ୍ୱାସ ନେବା କଷ୍ଟକର ହେବା, ମୁଣ୍ଡ ବୁଲାଇବା ଏବଂ ଦୁର୍ବଳ ଲାଗିବା, ଥଣ୍ଡା ଝାଳ ବାହାରିବା, ବାନ୍ତି ହେବା ଏବଂ ଅନିୟମିତ ହୃଦସ୍ପନ୍ଦନ ହେବା ହାର୍ଟ ଆଟାକର ଲକ୍ଷଣ ହୋଇଥାଏ । ଯଦି ଏହି ସବୁ ଲକ୍ଷଣ ଦେଖାଦେଉଛି ତେବେ ୱାର୍କଆଉଟ୍ କରିବା ବନ୍ଦ କରନ୍ତୁ ଏବଂ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ । ତେଣୁ ଏହି ଲକ୍ଷଣଗୁଡିକୁ ଅଣଦେଖା କରନ୍ତୁ ନାହିଁ ।



# ଛଠ୍ ପୂଜା ପାଇଁ ସ୍ୱତନ୍ତ୍ର ଗୀତରେ ତମନ୍ନା

ଅଭିନେତ୍ରୀ ତମନ୍ନା ଭାଟିଆ ତାଙ୍କ ଆଗାମୀ ଫିଲ୍ମ 'ଦି ୱାନ୍' ପାଇଁ ଏକ ସ୍ୱତନ୍ତ୍ର ଛଠ୍ ପୂଜା ଗୀତରେ ନଜର ଆସିବେ। 'ଛଠୀ ମୈୟା' ନାମକ ଏହି ଗୀତରେ ଛଠ୍ ପୂଜାର ପରମ୍ପରା, ଆସ୍ଥା ଓ ଲୋକକଥାକୁ ପ୍ରମୁଖତା ଦିଆଯାଇଛି। ଫିଲ୍ମର କାହାଣୀ ସହ ଏହି ପର୍ବର ଗଭୀର ସମ୍ପର୍କ ରହିଥିବାରୁ ତମନ୍ନା ଏହାକୁ କେବଳ ଏକ ଗୀତ ଭାବେ ନେଇନଥିଲେ। ଗୀତର ସୁଟିଂ ଆରମ୍ଭ ପୂର୍ବରୁ ତମନ୍ନା ଛଠ୍ ପୂଜାର ମହତ୍ତ୍ୱ ଓ ଏହା ସହ ଜଡ଼ିତ ପରମ୍ପରା ବିଷୟରେ ଜାଣିଥିଲେ। ବିଶେଷକରି ବିହାର ଓ ପାଟନାରେ ଛଠ ପର୍ବ କିଭଳି ପାଳନ କରାଯାଏ, ତାହା ବୁଝିବାକୁ ସେ ସମୟ ଦେଇଥିଲେ। ପର୍ବ ପ୍ରତି ଲୋକଙ୍କ ଗଭୀର ଆସ୍ଥା ତାଙ୍କୁ ପ୍ରଭାବିତ କରିଥିବା ସେ କହିଛନ୍ତି।

'ଦି ୱାନ୍'ର 'ଛଠୀ ମୈୟା' ଗୀତରେ ଦେଖିବାକୁ ମିଳିବ ଅଭିନେତ୍ରୀଙ୍କ ଭିନ୍ନ ଅବତାର। ତମନ୍ନାଙ୍କ କହିବା ଅନୁସାରେ, ସେ ସବୁବେଳେ ଛଠ୍ ପୂଜାକୁ ଶ୍ରଦ୍ଧାର ସହ ଦେଖିଆସିଛନ୍ତି। ତେଣୁ ଏହି ଗୀତରେ ଅଭିନୟ କରିବା ପୂର୍ବରୁ ପର୍ବର ଭାବନା ଓ ଆଧ୍ୟାତ୍ମିକତାକୁ ନିକଟରୁ ବୁଝିବା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଛଠୀ ମୈୟାଙ୍କ ସହ ଜଡ଼ିତ ଆସ୍ଥାକୁ ସେ ଗଭୀର ଭାବେ ଅନୁଭବ କରିଥିବା କହିଛନ୍ତି।

'ଛଠୀ ମୈୟା' ଗୀତଟି ଫିଲ୍ମର ଲୋକକଥା ଓ ଫ୍ୟାଣ୍ଟାସି ଦୁନିଆକୁ ମଧ୍ୟ ଆହୁରି ଖୋଲିବ। ଗୀତରେ ଛଠ୍ ପୂଜାର ପରମ୍ପରା ଓ ଲୋକଙ୍କ ଭାବନାକୁ ସିନେମାଟିକ୍ ଢଙ୍ଗରେ ପ୍ରଦର୍ଶନ କରାଯାଇଛି। ଏହାକୁ ବିଶାଳ ମିଶ୍ର ଗାଇବା ସହ କମ୍ପୋଜ୍ କରିଛନ୍ତି ଏବଂ ଗୀତର ଲିରିକ୍ସ ଲେଖିଛନ୍ତି କୌଶଳ କିଶୋର। ଚିନ୍ନି ପ୍ରକାଶ ଗୀତର କୋରିଓଗ୍ରାଫି କରିଛନ୍ତି।

'ଦି ୱାନ୍'ରେ ତମନ୍ନାଙ୍କ ସହ ସିଦ୍ଧାର୍ଥ ମାଲହୋତ୍ରା ମୁଖ୍ୟ ଭୂମିକାରେ ଅଛନ୍ତି। ଫିଲ୍ମଟି ଭାରତୀୟ ଲୋକକଥାକୁ ଫ୍ୟାଣ୍ଟାସି, ରହସ୍ୟ, ରୋମାନ୍ସ ଓ ଆଡଭେଞ୍ଚର ସହ ଯୋଡ଼ି ଏକ ବଡ଼ ସିନେମାଟିକ୍ ଅନୁଭୂତି ଦେବାକୁ ଚେଷ୍ଟା କରିଛି। ଦୀପକ ମିଶ୍ର ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ ଫିଲ୍ମଟି ସେପ୍ଟେମ୍ବର ୨୫, ୨୦୨୬ରେ ସିନେମାଘରକୁ ଆସିବ।



# ପତଳା ହେବାର ସହଜ ଉପାୟ



ସୁସ୍ଥ ରହିବାକୁ ଚାହୁଁଥିଲେ ପ୍ରଥମେ ନିଜର ଓଜନ ଉପରେ ଧ୍ୟାନ ଦେବା ଜରୁରୀ । ଓଜନ ବଢ଼ିବାରୁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖିବାକୁ ମିଳୁଛି । ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ଫିଟ୍ ରହିବାକୁ ଭଲ ପାଉଥିବାବେଳେ ଆଉ କିଛି ଲୋକ ଫାଷ୍ଟଫୁଡ୍ ଖାଇ ମୋଟା ହେଉଛନ୍ତି । ଏବେ ମୋଟାପଣ ବେସ୍ ବଢ଼ିଚାଲିଛି । ଅଧିକାଂଶ ଲୋକ ମୋଟାପଣକୁ ନେଇ ବହୁତ ଚିନ୍ତାରେ ମଧ୍ୟ ରହୁଛନ୍ତି । ଯଦି ଆପଣ ଅଧିକରୁ ଅଧିକ ମୋଟା ହେବାକୁ ଲାଗନ୍ତି ତେବେ ଆପଣ କୌଣସି କାର୍ଯ୍ୟ କରିବାକୁ ସକ୍ଷମ ହୋଇପାରିବେ ନାହିଁ ।


ନିଜର ଓଜନ କମ୍ କରିବା ପାଇଁ ଲୋକେମାନେ ବହୁତ କିଛି କାର୍ଯ୍ୟ କରିଥାନ୍ତି । ଯେମିତିକି କେହି କେହି ଜିମ୍ ଯାଇ ନିଜର ଓଜନ କମକ କରିବା ବଦଳରେ ଆଉ କେହି ମର୍ଣ୍ଣିଂ ୱାକ୍ ଏବଂ ସାଇକେଲ୍ ରେସ୍ କରିଥାନ୍ତି । ଏହା କରିବା ସତ୍ତ୍ୱେବି ଓଜନ୍ କମ୍ ହୋଇନଥାଏ ।

ଓଜନ ବଢ଼ିବାରେ ବହୁତ ବାଟ ରହିଛି ହେଲେ ଓଜନ କମ୍ କରିବାକୁ ହେଲେ ଅନେକ କଷ୍ଟ କରିବାକୁ ପଡିଥାଏ । ଏହା ସହ ଓଜନ ବଢ଼ିବାରେ ଅନେକ କାରଣ ମଧ୍ୟ ଅଛି ଯାହା ହେଉଛି- ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ଖାଇବା, ଅଧିକ ତେଲ ଜିନିଷ ଖାଦ୍ୟ ଖାଇବା ଏବଂ ମଇଦା ଜାତୀୟ ଜିନିଷ ଖାଇବା ଫଳରେ ଓଜନ ଦିନକୁ ଦିନ ବଢ଼ିବାକୁ ଲାଗିଥାଏ । ଲୋକେମାନେ ଏହା ଜାଣିବି ସଚେତନ ହେଉ ନାହାଁନ୍ତି, ଯାହା ଫଳରେ ଅନେକ ସମସ୍ୟାରେ ସମ୍ମୁଖୀନ୍ ହେଉଛନ୍ତି । ଯଦି ଆପଣ ଏହି ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଛନ୍ତି ତେବେ ଆପଣ ଘରୋଇ ଉପଚାର ମାଧ୍ୟମରେ ଆପଣଙ୍କ ଓଜନ କମ୍ କରିପାରିବେ । ତେବେ ଆସନ୍ତୁ ସେହି ସବୁ ଜିନିଷ ସମ୍ପର୍କରେ ଜାଣିବା ।

**ଅଶ୍ୱଗନ୍ଧା :** ଅଶ୍ୱଗନ୍ଧା ମେଦବହୁଳତା ହ୍ରାସ କରିବା ପାଇଁ ଖୁବ୍ ପ୍ରଭାବଶାଳୀ । ଏହାକୁ ସେବନ କରିବା ଦ୍ୱାରା ମେଟାବୋଲିଜିମ ବୃଦ୍ଧି ପାଏ । ଅଶ୍ୱଗନ୍ଧାରେ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହା ମେଟାବୋଲିଜିମକୁ ବଢାଇଥାଏ । ଏହା ଶରୀରକୁ ଧୀରେ ଧୀରେ ଚର୍ବି ହ୍ରାସ କରିବାରେ ସାହାଯ୍ୟ କରେ। ଏଥିପାଇଁ ଆପଣ ଅଶ୍ୱଗନ୍ଧା ପାଣି ପିଇପାରିବେ।

**ମେଥି :** ମେଥି ଦାନା ସାଧାରଣତଃ ସମସ୍ତଙ୍କ ଘରେ ମିଳିଥାଏ । ମେଥି ଓଜନ ହ୍ରାସ କରିବା ପାଇଁ ପ୍ରଭାବଶାଳୀ । ଏହା ରକ୍ତ ଶର୍କରାକୁ ମଧ୍ୟ କମ କରି ଓଜନକୁ ହ୍ରାସ କରିଥାଏ । ଆପଣ ସକାଳେ ଖାଲି ପେଟରେ ମେଥି ପାଣି ପିଇପାରିବେ ଏବଂ ଭିଜା ମେଥି ଦାନା ଚୋବାଇ ଖାଇପାରିବେ ।

**ଡାଲଚିନି :** ଡାଲଚିନି ସ୍ୱାଦକୁ କେବଳ ବଢାଇ ନଥାଏ ବରଂ ସ୍ୱାସ୍ଥ୍ୟ ଉପକାରୀ ମଧ୍ୟ । ଡାଲଚିନିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୂର ମାତ୍ରାରେ ଥାଏ । ଯାହା ଆମକୁ ଅନେକ ଲାଭ ପ୍ରଦାନ କରିଥାଏ । ଡାଲଚିନି ଓଜନ ହ୍ରାସ କରିବାରେ ସାହାଯ୍ୟ କରିପାରେ ବୋଲି ପ୍ରମାଣିତ ହୋଇ ଆସୁଅଛି । ରକ୍ତ ଶର୍କରା ସ୍ତରକୁ ସ୍ଥିର କରିବାରେ ଡାଲଚିନି ବିଶେଷ ପ୍ରଭାବଶାଳୀ । ଏହା ଭୋକ ହ୍ରାସ କରି ଓଜନକୁ ନିୟନ୍ତ୍ରଣ କରେ । ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ଆପଣ ଡାଲଚିନି ଚା' କିମ୍ବା ଡାଲଚିନି ପାଣି ପିଇପାରିବେ।




# କିପରି କଟିବ ଆଜିର ଦିନ

୧୦ ସେପ୍ଟେମ୍ବର ୨୦୨୬

**ମେଷ:** ପାରିବାରିକ ଜୀବନରେ କେତୋଟି ଘଟଣାକୁ ବାଦ୍‌ଦେଲେ ପ୍ରାୟତଃ ଅସୁବିଧା ରହିବନି। ଅନ୍ୟ କଥାକୁ ଗୁରୁତ୍ୱ ନଦେଇ ଆତ୍ମନିର୍ଭରଶୀଳ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ବୃଷ:** କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। ବୃହସ୍ପତିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଶତ୍ରୁ ହ୍ରାସ ପାଇବେ। ଭୁଲ୍ ବୁଝାମଣାରୁ ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ମିଥୁନ:** ସାମାଜିକ ସ୍ତରରେ ପ୍ରତିଷ୍ଠାଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମ ଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ। ମହିଳାମାନେ କର୍ମତତ୍ପର ହେବେ।

**କର୍କଟ:** କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ଆଲୋଚନା କ୍ଷେତ୍ରରେ ଅପରାହ୍ନ ସମୟରେ ଟେନସନ୍ କିଛି ମାତ୍ରାରେ କମିଯିବ। ପର ଉପରେ ନିର୍ଭର ହେବା ପାଇଁ ବାଧ ହେବାକୁ ପଡ଼ିପାରେ।

**ସିଂହ:** ଆକସ୍ମିକ ଭାବରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାର ଅବସର ପାଇବେନି। ବ୍ୟବସାୟିକ କ୍ଷେତ୍ରରେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା:** ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଦିନଟି ସଭାସମିତି, ଆଧ୍ୟାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ତୁଳା:** ବନ୍ଧୁଙ୍କ ସହାନୁଭୂତିରୁ ବିବାଦୀୟ ଘଟଣାର ସମାଧାନ ହେବ। ଆର୍ଥିକ ସମସ୍ୟାର ସମାଧାନ ହୋଇଯିବ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହୋଇନପାରେ।

**ବିଛା:** ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବାରୁ ବ୍ୟବସାୟରେ ମନାନ୍ତର ଦେଖାଦେବ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ପୁରସ୍କୃତ ମଧ୍ୟ ହୋଇପାରନ୍ତି। ଜମିଜମା କାରଣକୁ ନେଇ କୌଣସି ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ:** ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡିପାରନ୍ତି। ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି ।

**ମକର:** ହାତ ପାଆନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ଘରେ ଆମୋଦ ପ୍ରମୋଦର ବାତାବରଣ ସୃଷ୍ଟି ହୋଇପାରେ। ଦୂରଯାତ୍ରାରେ ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବାର ଆଶଙ୍କା ରହିଛି।

**କୁମ୍ଭ:** ଶିକ୍ଷା, ସନ୍ତାନ ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା, ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ମୀନ:** ବିଭିନ୍ନ ସମସ୍ୟାକୁ ସାମ୍ନା କରି ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଭ୍ରମଣ ଯୋଗ ରହିଛି।

### ଡିଆଇଇଟି ଖୋର୍ଦ୍ଧାରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ

# ‘ଉଲ୍ଲାସ’କୁ ବ୍ୟାପକ କରିବାକୁ ଆହ୍ୱାନ

ଖୋର୍ଦ୍ଧା,୯।୯(ନିପ୍ର): ଶିକ୍ଷା କେବଳ ବିଦ୍ୟାଳୟର ଚାରିକାନ୍ଥ ମଧ୍ୟରେ ସୀମିତ ନୁହେଁ ଏହା ଜୀବନସାରା ଚାଲୁଥିବା ଏକ ଯାତ୍ରା। ଏହି ବାର୍ତ୍ତା ସହ ଡିଆଇଇଟି, ଖୋର୍ଦ୍ଧା ପରିସରରେ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଜିଲ୍ଲାସ୍ତରରେ ପାଳିତ ହୋଇଛି। ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ‘ଉଲ୍ଲାସ’ ମାଧ୍ୟମରେ ନିରକ୍ଷରତାର ଅନ୍ଧକାରରୁ ଜ୍ଞାନର ଆଲୋକ ଆଡ଼କୁ ଆସୁଥିବା ନବସାକ୍ଷରମାନଙ୍କ ସଫଳତା ଏହି ଆୟୋଜନର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଦିବସର ଆରମ୍ଭ ହୋଇଥିଲା ସଚେତନତା ରାଲିରୁ।



ଡିଆଇଇଟିର ଗୁରୁଛାତ୍ରଛାତ୍ରୀ ଓ ଶିକ୍ଷକ-ପ୍ରଶିକ୍ଷକମାନେ ହାତରେ ବିଭିନ୍ନ ସ୍ଲୋଗାନ ଓ ପ୍ଲାକାର୍ଡ ଧରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ସାକ୍ଷରତାର ଗୁରୁତ୍ୱ ନେଇ ଜନସଚେତନତା ସୃଷ୍ଟି କରିଥିଲେ। ରାଲିକୁ ଡିଆଇଇଟିର ବରିଷ୍ଠ ପ୍ରଶିକ୍ଷିକା ଦୀପ୍ତିପ୍ରଭା ଦାସ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ. ପ୍ରଜ୍ଞାପାରମିତା ଜେନା ଅଧ୍ୟକ୍ଷତା କରି ଖୋର୍ଦ୍ଧା ଜିଲ୍ଲାରେ ‘ଉଲ୍ଲାସ’ କାର୍ଯ୍ୟକ୍ରମର ସଫଳତା ଉପରେ ଆଲୋକପାତ କରିଥିଲେ। ନବସାକ୍ଷରମାନଙ୍କୁ ଉଦ୍‌ବୋଧନ ଦେଇ ସେ କହିଥିଲେ ଯେ, ସାକ୍ଷରତା ହିଁ ବ୍ୟକ୍ତିକୁ ସଶକ୍ତ କରେ ଏବଂ ଦେଶକୁ ପ୍ରଗତିର ପଥରେ ଆଗେଇ ନିଏ। ସାକ୍ଷରତାର ଅର୍ଥ କେବଳ ପଢ଼ିବା ଓ ଲେଖିବା ନୁହେଁ, ବରଂ ଜୀବନକୁ ବୁଝିବା, ନିଜ ନିଷ୍ପତ୍ତି ନିଜେ ନେବା ଏବଂ ନିରନ୍ତର ଶିଖିବା। ଏହି ଚିନ୍ତାଧାରାକୁ ନେଇ ଡିଆଇଇଟି ଛାତ୍ରଛାତ୍ରୀମାନେ ‘ଜୀବନବ୍ୟାପୀ ଶିକ୍ଷା’ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରିଥିଲେ। ଏହା ସହ ଶିକ୍ଷାର କୌଣସି ବୟସ ନାହିଁ–‘ଉଲ୍ଲାସ’ ମାଧ୍ୟମରେ ଜୀବନବ୍ୟାପୀ ଶିକ୍ଷା ବିଷୟବସ୍ତୁ ଉପରେ ଛାତ୍ରଛାତ୍ରୀମାନେ ଏକ ନାଟକ ପରିବେଷଣ କରିଥିଲେ। ନିରକ୍ଷରତା କିପରି ଜୀବନର ସୁଯୋଗକୁ ସୀମିତ କରେ ଏବଂ ସାକ୍ଷରତା କିପରି ଆତ୍ମବିଶ୍ୱାସ ଓ ସମ୍ଭାବନାର ନୂଆ ଦ୍ୱାର ଖୋଲିଦିଏ, ନାଟକ ମାଧ୍ୟମରେ ତାହାକୁ ଜୀବନ୍ତ ଭାବେ ଉପସ୍ଥାପନ କରାଯାଇଥିଲା। ଉଦ୍ୟାପନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ ଯୋଗଦେଇ ‘ଉଲ୍ଲାସ’ର ସଫଳତା ପଛରେ ରହିଥିବା ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷକ ଓ ସ୍ୱେଚ୍ଛାସେବୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରି ସମାଜର ଅଧିକ ଲୋକଙ୍କୁ ଜୀବନବ୍ୟାପୀ ଶିକ୍ଷାର ସୁଯୋଗ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

## ସିଏଚ୍‌ଏସ୍‌ଇ ଓ ପରଖ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କର୍ମଶାଳା




ଭୁବନେଶ୍ୱର,୯।୯(ନିପ୍ର): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ), ଓଡ଼ିଶା ଏବଂ ପରଖ ନୂଆଦିଲ୍ଲୀର ମିଳିତ ଆନୁକୂଲ୍ୟରେ ‘ପ୍ରଶ୍ନପତ୍ର ପ୍ରସ୍ତୁତି, ସେକେଣ୍ଡାରୀ ଏଚ୍‌ପିସି ଏବଂ ପରଖ ଟ୍ୟାକ୍ସୋନୋମି’ ଶୀର୍ଷକ ଚାରିଦିନିଆ ରାଜ୍ୟସ୍ତରୀୟ ଦକ୍ଷତା ବୃଦ୍ଧି କର୍ମଶାଳା ରାଜଧାନୀ କଲେଜ ସମ୍ମିଳନୀ କକ୍ଷରେ ଆରମ୍ଭ ହୋଇଛି। ଏହା ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ଏଥିରେ ଉଚ୍ଚ ମାଧ୍ୟମିକ ସ୍ତରରେ ଶିକ୍ଷାଦାନ କରୁଥିବା ରାଜ୍ୟର ପ୍ରାୟ ୧୦୦ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଛନ୍ତି।

ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିବା ଏହି ଉଦ୍‌ଘାଟନୀ ଅଧିବେଶନରେ ସିଏଚ୍‌ଏସ୍‌ଇ ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ଅଧ୍ୟକ୍ଷତା କରି ଦକ୍ଷତାଭିତ୍ତିକ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଡିଏଚ୍‌ଏସ୍‌ଇ ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ଶିକ୍ଷାର ମାନ ବୃଦ୍ଧି ନେଇ ଦିଗଦର୍ଶନ ଦେଇଥିଲେ। ଏହି ଅବସର ବସରରେ ଏନ୍‌ସିଇଆର୍‌ଟି ପରଖର ମୁଖ୍ୟ ପ୍ରଫେସର ଇନ୍ଦ୍ରାଣୀ ଭାଦୁଡ଼ୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ପ୍ରତିଭାଗୀମାନଙ୍କୁ ସମ୍ବୋଧନ କରି କର୍ମଶାଳାର ମହତ୍ତ୍ୱ ଓ ନୂତନ ମୂଲ୍ୟାୟନ ପଦ୍ଧତିର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସଚିବ ତଥା ସହ ସଂଯୋଜକ ଡ. ଯଶୋବନ୍ତ ସାମଲ ସ୍ୱାଗତ ଭାଷଣ ଦେଇଥିବା ବେ ବେଳେ ସିଏଚ୍‌ଏସ୍‌ଇ ସଚିବ ଶୁଭ୍ରବାଳା ବେହେରା ପରୀକ୍ଷା ସଂସ୍କାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜଧାନୀ କଲେଜ ଅଧ୍ୟକ୍ଷ ଡ. ସରୋଜକାନ୍ତ ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ପରଲୋକ

କାକଟପୁର,୯।୯(ନି.ପ୍ର): କାକଟପୁର ବ୍ଲକ୍ କୁଣ୍ଢେଇ ଗ୍ରାମପଞ୍ଚାୟତର ପାଟପୁର ନାନକେରାସାହିର ବାସିନ୍ଦା ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ମୁଦୁଲିଙ୍କର (୭୭) ବର୍ଷ ବୟସରେ ପରଲୋକ ହୋଇ ଯାଇଛି। ସ୍ୱର୍ଗତ ମୁଦୁଲି ଦୀର୍ଘବର୍ଷ ଧରି ନିଳକଣ୍ଠପୁର ଗ୍ରାମରେ ଶିକ୍ଷକତା କରିବା ସହ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ଜଣେ ଆଦର୍ଶ, ଶୃଙ୍ଖଳିତ ଓ ଛାତ୍ରବତ୍ସଳ ଶିକ୍ଷକ ଭାବେ ସେ ଅଞ୍ଚଳରେ ବେଶ୍ ପରିଚିତ। ଶିକ୍ଷକତା ବ୍ୟତୀତ ସେ ସବୁବେଳେ ଲୋକମାନଙ୍କ ସେବା କରିବାକୁ ଆଗେଇ ଆସୁଥିଲେ। ଅସହାୟ ଓ ଆବଶ୍ୟକତାରେ ଥିବା ଲୋକଙ୍କୁ ନିଜ ସାଧ ଅନୁସାରେ ସହଯୋଗ କରିବା ତାଙ୍କର ସ୍ୱଭାବ ଥିଲା। ତାଙ୍କ ସରଳତା, ମିଷ୍ଟଭାଷୀ ବ୍ୟବହାର ଓ ସେବା ମନୋଭାବ ପାଇଁ ସେ ଅଞ୍ଚଳବାସୀଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ। ତାଙ୍କ ବିୟୋଗରେ ପରିବାର, ଆତ୍ମୀୟସ୍ୱଜନ, ପୂର୍ବତନ ଛାତ୍ରଛାତ୍ରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ମନୋରଞ୍ଜନ , ଚିତ୍ତରଞ୍ଜନ , ନିରଞ୍ଜନ, ପୁତ୍ରବଧୂ ତାପସ୍ୱିନୀ ରୋଜାଲିନି ,ପାୟଲ ନାତି ରିୟାନ, ଚିରଞ୍ଜୀବୀ , ପ୍ରତୀକ , ନାତୁଣୀ ସାନଭିସାଧିକା ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ପାଟପୁର ନାନକେରାସାହି ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।




## ଭଡାଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

କଣ୍ଟିଲୋ,୯।୯(ନି.ପ୍ର): କଣ୍ଟିଲୋ ହାଟ ମୁଣ୍ଡ ପାଟଣା ସାହିର ନୀଳମଣି ବେହେରାଙ୍କ ଘରେ ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ଦିନ ଧରି ଭଡ଼ାରେ ରହୁଥିବା ଜଣେ ମହିଳା ଗତ ସୋମବାର ଦିନ ମଧ୍ୟାହ୍ନ ସମୟରେ ଘର ଭିତରେ କେହି ନଥିବା ସୁଯୋଗରେ ବେକରେ ରସି ବାନ୍ଧି ଝୁଲନ୍ତା ଅବସ୍ଥାରେ ଆତ୍ମହତ୍ୟା କରିଥିବାର ଜଣାପଡିଛି। ସୂଚନାଯୋଗ୍ୟ ମୃତ୍ୟୁବରଣ କରିଥିବା ମହିଳା ଜଣକ ହେଲେ ବାଣପୁର ପଞ୍ଚାୟତ ଅଧୀନ ନୃସିଂହପୁର ପାଟଣା(ଟାଙ୍ଗୁପଡା) ଗ୍ରାମର ପ୍ରତାପ କୁମାର ସାମଲଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ସାମଲ (୩୨)। ସ୍ଥାନୀୟ କୁଞ୍ଜବିହାରୀ ନୋଡାଲ ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଶୁଭଶ୍ରୀ (ଚିନୁ)୧୪ ବର୍ଷ ଗୀତାଞ୍ଜଳିଙ୍କ ଏକମାତ୍ର ଝିଅ। ଝିଅର ପାଠପଢ଼ା ଓ ଟିଉସନର ସୁବିଧା ପାଇଁ କଣ୍ଟିଲୋରେ ଭଡ଼ାରେ ରହୁଥିବାବେଳେ ସ୍ୱାମୀ ପ୍ରତାପ କଟକରେ ରହି କାର୍ଯ୍ୟ କରନ୍ତି। ଛୁଟି ମିଳିଲେ ପ୍ରତାପ ମଝିରେ ମଝିରେ ଆସି ପରିବାର କଥା ବୁଝି କର୍ମ କ୍ଷେତ୍ରକୁ ଚାଲିଯାନ୍ତି। ପତ୍ନୀଙ୍କ ମୃତ୍ୟୁ ଖବର ପାଇବା ପରେ ପ୍ରତାପ ସୋମବାର ଆସି କଣ୍ଟିଲୋ ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଖଣ୍ଡପଡା ଏସଡିପିଓ ସରୋଜ ସାହୁ, ଫତେଗଡ ଥାନା ଅଧିକାରୀ ଅଜୟ କୁମାର ସାହୁ ଓ ସ୍ଥାନୀୟ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡା ଆସି ରାତିରେ ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ମଙ୍ଗଳବାର ଦିନ ୧୦ ଟା ସମୟରେ ନୟାଗଡରୁ ଆସିଥିବା ସାଇଣ୍ଟିଫିକ୍ ଟିମ୍ ସହ ଫତେଗଡ ଥାନା ଅଧିକାରୀ ଅଜୟ ସାହୁ ଏବଂ ସ୍ଥାନୀୟ ଫାଣ୍ଡି ସହକାରୀ ଅଧିକାରୀ ମନୋରଞ୍ଜନ ପଣ୍ଡା ଉପସ୍ଥିତ ରହି ତାଲା ଭାଙ୍ଗି ତଦନ୍ତ କରିବା ସହ ଶବକୁ ପୋଷ୍ଟମର୍ଟମ ପାଇଁ ଖଣ୍ଡପଡା ପଠାଇ ଦେଇଥିଲେ। ପ୍ରତାପଙ୍କ ଅଭିଯୋଗକୁ ଭିତ୍ତି କରି ଖଣ୍ଡପଡା ଥାନା କେସ ନଂ ୨୭୬/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଥିବାର ଜଣାପଡିଛି।

## ମନୋଜ ପିସିସି ସେବା ଦଳର ସାଧାରଣ ସମ୍ପାଦକ

ନୟାଗଡ଼,୯।୯(ନି.ପ୍ର): ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର ସାଧାରଣ ସମ୍ପାଦକ ଭାବେ ନୟାଗଡ଼ ନିର୍ବାଚନ ମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ମନୋଜ କୁମାର ସାହୁ ନିଯୁକ୍ତ ହୋଇଛନ୍ତି। ସେହିପରି ଦିଗାମ୍ବର ବେହେରାଙ୍କୁ ନୟାଗଡ଼ ଜିଲ୍ଲା ସଭାପତି ଏବଂ ନବକିଶୋର ସାଥୁଆଙ୍କୁ ଜଏଣ୍ଟ ସେକ୍ରେଟାରୀ ଭାବରେ ନିଯୁକ୍ତି ଦେଇଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବା ଦଳର ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଅଖିଳ ଭାରତୀୟ କଂଗ୍ରେସ ସେବାଦଳର ମୂଖ୍ୟ ସଂଗଠକ ଶ୍ରୀନିବାସ ବିଭିଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ସେବା ଦଳର ସମସ୍ତ ବରିଷ୍ଟ ନେତା ଏବଂ ସମସ୍ତ ସହଯୋଗୀ ଓ ଶୁଭେଚ୍ଛୁଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।



## ଅନ୍ତର୍ଜାତୀୟ ସାକ୍ଷରତା ଦିବସ

ବୋଲଗଡ଼,୯।୯(ନି.ପ୍ର): ବୋଲଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପିଏମଶ୍ରୀ ବାମନ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଡ଼. ରତିକାନ୍ତ ମିଶ୍ର ଯୋଗଦେଇ ଶିକ୍ଷା ବିକାଶର ଚାବିକାଠି ବୋଲି ମତ ଦେଇଥିଲେ। ଶିକ୍ଷା ବିନା ସବୁ ଅନ୍ଧାର ବୋଲି ପ୍ରକାଶ କରି ସମସ୍ତେ ସକ୍ଷର ହେବାକୁ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିସଭ୍ୟା ନିର୍ମଳା ପ୍ରଧାନ ପ୍ରାକ୍ତନ ଏବିଇଓ ପଦ୍ମ ଚରଣ ବେହେରା, ଏବିଇଓ ନିରଞ୍ଜନ ନାୟକ, ଶିକ୍ଷୟତ୍ରୀ ରାନୁମା ପ୍ରଧାନ, ପ୍ରାକ୍ତନ ଖେଳ ଶିକ୍ଷକ ଜୟରାମ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରଛାତ୍ରୀ ମାନେ ପ୍ଲାକାର୍ଡ ଧରି ଓ ବହୁ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

## ନୀରବ ସେବକଙ୍କ ମହାନ ସେବା



ଅନିଦ୍ରା ରହି କାକଟପୁର, ନୟାହାଟ ଓ ଅସ୍ତରଙ୍ଗ ଅଞ୍ଚଳର ଶହ ଶହ ଗାଈଙ୍କ ବେକରେ ନିଜ ଖର୍ଚ୍ଚରେ ରେଡିୟମ ବେଲ୍ଟ ଲଗାଇଛନ୍ତି। ଏହି ରେଡିୟମ ଦୂରରୁ ଗାଡି ଆଲୁଅରେ ଚମକିବ, ଚାଳକ ଆଗରୁ ସତର୍କ ହେବେ, ଦୁର୍ଘଟଣା କମିବ। ଗୋଟେ ଛୋଟ

ଅସ୍ତରଙ୍ଗ,୯।୯(ନି.ପ୍ର): ପୁରୀ ଜିଲ୍ଲା କାକଟପୁର, ନୟାହାଟ, ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କି ଗ୍ରାମାଞ୍ଚଳ ରାସ୍ତା, ଦିନ ହେଉ କି ରାତି, ଶହ ଶହ ବୁଲା ଗାଈ ଗୋରୁ ଓ ଷଣ୍ଢ ରାସ୍ତା ମଝିରେ ଶୋଇ ରହୁଛନ୍ତି। ଫଳରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟୁଛି। ଗୋମାତା ମରୁଛି, ଗାଡି ଚାଳକ ମଧ୍ୟ ଗୁରୁତର ଆହତ ହେଉଛନ୍ତି। ଏହି ସମସ୍ୟା ସମସ୍ତେ ଦେଖୁଛନ୍ତି, ହେଲେ କେହି ସମାଧାନ କରୁନାହାନ୍ତି। ଏହି ସମୟରେ ଆଗେଇ ଆସିଲା ସେବକ ସଂଗଠନ। ସଂଗଠନର ସଭାପତି ଆଲୋକ ଜେନାଙ୍କ ନେତୃତ୍ୱରେ ସଦସ୍ୟ ଶୁକ ଭୋଇ, ପାପୁନ ମଲ୍ଲିକ, ମିଲୁ ପାତ୍ର, ରାକେଶ ପାତ୍ର, ସ୍ୱାଧୀନ, ନିହାର, କିସାନ ମଲ୍ଲିକ, ବାଇନ, ଜୀବନ ବେହେରା ପ୍ରମୁଖ ସୋମବାର ଓ ମଙ୍ଗଳବାର ଦୁଇ ରାତି ରେଡିୟମ ଗୋଟେ ଜୀବନ ବଞ୍ଚାଇପାରେ, ଏହି ଚିନ୍ତା କେତେ ମହାନ। ସବକ ସଂଗଠନର ଇତିହାସ ସେବାର ଇତିହାସ। କେଉଁଠି ଗରିବ ରୋଗୀ ଅର୍ଥ ଅଭାବରୁ ଚିକିତ୍ସା କରିପାରୁନି ବୋଲି ଖବର ପାଇଲେ, ଏହି ଯୁବକମାନେ ସିଧା ତା ପରିବାର ପାଖରେ ପହଞ୍ଚି ଯଥାସମ୍ଭବ ଅର୍ଥ ସାହାଯ୍ୟ କରନ୍ତି। କେବେ ରକ୍ତଦାନ ଶିବିର, କେବେ ଅସହାୟରେ ଲୋକଙ୍କୁ ସାହାଯ୍ୟ। ଆଜି ଯେତେବେଳେ ଯୁବପିଢି ମୋବାଇଲ ଓ ନିଶାରେ ବ୍ୟସ୍ତ, ଏହି ଯୁବକମାନେ ମାନବ ସେବାକୁ ହିଁ ମାଧବ ସେବା ମନେ କରି କାମ କରୁଛନ୍ତି। ଏଭଳି ନିସ୍ୱାର୍ଥପର ସେବା ନିଶ୍ଚୟ ପ୍ରଶଂସନୀୟ। ସେବକ ସଂଗଠନର ଏହି କାର୍ଯ୍ୟ ଅନ୍ୟ ଯୁବକଙ୍କ ପାଇଁ ପ୍ରେରଣା। ପ୍ରଶାସନ ମଧ୍ୟ ଏହି ଯୁବକଙ୍କୁ ସହଯୋଗ କରିବା ଉଚିତ।

## ସ୍ୱପ୍ନମଞ୍ଜରୀଙ୍କୁ ଗ୍ରୀସରେ ସମ୍ମାନ



ପିପିଲି,୯।୯(ନି.ପ୍ର): ବିଦେଶ ମାଟିରେ ଓଡ଼ିଆ କଳାର ଚାହିଦା। ପିପିଲିର ବୋହୂଙ୍କ ହାତ ତିଆରି ତାଳପତ୍ର ପଟ୍ଟଚିତ୍ର ଗ୍ରୀସରେ ପାଇଛି ସ୍ୱତନ୍ତ୍ର ସ୍ଥାନ। ପୁରୀଜିଲ୍ଲା ପିପିଲି ଏନ୍‌ଏସି ଅଞ୍ଚଳର ବୋହୂ ସ୍ୱପ୍ନମଞ୍ଜରୀ ନାୟକ ୨୦୧୯ ମସିହାରେ ତାଳପତ୍ର ପଟ୍ଟଚିତ୍ର କାରୁକାର୍ଯ୍ୟରେ ରାଷ୍ଟ୍ରପତିଙ୍କଠାରୁ ଜାତୀୟ ପୁରସ୍କାର ପାଇଥିବାବେଳେ, ଏବେ ସେ ଗ୍ରୀସ ଯାତ୍ରା କରିଛନ୍ତି। ଗ୍ରୀସରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲାବେଳେ, ସେଠାରେ ସେ ତାଳପତ୍ର ପଟ୍ଟଚିତ୍ର ତିଆରି କରିବା ସହ ପ୍ରଦର୍ଶିତ କରିଛନ୍ତି। ସେ ପୁରୀଜିଲ୍ଲା ରଘୁରାଜପୁର ପ୍ରସିଦ୍ଧ ପଟ୍ଟଚିତ୍ର ଗୁରୁ ମାଗା ନାୟକଙ୍କ ଝିଅ। ପିଲାଟି ଦିନରୁ ସ୍ୱପ୍ନମଞ୍ଜରୀ ନିଜ ପିତା ମାଗା ନାୟକଙ୍କ ଠାରୁ ଏହି ଶିକ୍ଷା ନେଉଥିଲେ, ଆଉ ଆଜି ତାହା ବିଦେଶ ମାଟିରେ କମାଲ ଦେଖାଉଛି।

## ଏସଏସଇପିଡି ବିଭାଗର କମିଶନର–ସହ–ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ଡକ୍ଟର ବୃନ୍ଦା ଡି



ଭୁବନେଶ୍ୱର,୯।୯(ନି.ପ୍ର): ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଡକ୍ଟର ବୃନ୍ଦା ଡି, ଆଇଏଏସ୍, ବୁଧବାର ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗର କମିଶନର–ସହ–ସଚିବ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ, ଏସଏସଇପିଡି ବିଭାଗର ସୁଶ୍ରୀ ରଜନୀ ଜାନି, ସ୍ୱତନ୍ତ୍ର ସଚିବ ସୁଶ୍ରୀ ଜୟଶ୍ରୀ ତ୍ରିପାଠୀ, ଆର୍ଥିକ ପରାମର୍ଶଦାତା–ସହ–ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଦୀପକ ରାଉତରାୟ, ସୋନିଆ ବେହେରା ଓ ଭାସ୍କର ରାଇତୋ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଡକ୍ଟର ବୃନ୍ଦା ଡିଙ୍କୁ ସ୍ୱାଗତ କରିଥିଲେ। ଡକ୍ଟର ବୃନ୍ଦା ଡି ଭିନ୍ନକ୍ଷମ ବ୍ୟକ୍ତି ଏବଂ ବରିଷ୍ଠ ନାଗରିକଙ୍କ ସାମାଜିକ ସୁରକ୍ଷା, ମର୍ଯ୍ୟାଦା, ଅନ୍ତର୍ଭୁକ୍ତିକରଣ ଏବଂ ସଶକ୍ତିକରଣ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆହୁରି ଆଗକୁ ବଢ଼ାଇବା ପାଇଁ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ନିରନ୍ତର ସହଯୋଗ ଏବଂ ସାମୂହିକ ସମର୍ଥନ କାମନା କରିଥିଲେ। ପରବର୍ତ୍ତୀ ସମୟରେ ସେ ବରିଷ୍ଠ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କର ସମସ୍ତ ସ୍ତରରେ ଅଧିକ ସାଂଗଠନିକ ସମନ୍ୱୟ ଏବଂ କଲ୍ୟାଣକାରୀ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର ଦକ୍ଷ, ସ୍ୱଚ୍ଛ ଏବଂ ସମୟସୀମାବଦ୍ଧ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ସୁଗମ ପ୍ରଶାସନିକ ପ୍ରକ୍ରିୟାଗୁଡ଼ିକୁ ମଜବୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

## ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ



ଖଣ୍ଡପଡ଼ା,୯।୯(ନି.ପ୍ର): ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବ୍ଲକସ୍ତରୀୟ ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଖଣ୍ଡପଡା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରୁ ଛାତ୍ର ଛାତ୍ରୀମାନେ ହାତରେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସମାଜର ପ୍ରତ୍ୟେକ ନାଗରିକଙ୍କୁ ସ୍ୱାକ୍ଷର କରାଇବା ସହ ଶିକ୍ଷାର ମହତ୍ୱ ସଂପର୍କରେ ସମସ୍ତଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବିଆରସିସି ନାରାୟଣ ଦାଶ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ କଳିଙ୍ଗ ଚନ୍ଦ୍ର ନାୟକ, ପ୍ରଦୀପ୍ତ କୁମାର ସାହୁ, ବିଆରସିସି ନାରାୟଣ ଦାଶ, ବରିଷ୍ଠ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ବିଆରଟି ପ୍ରଶାନ୍ତ ବେହେରା, କ୍ରୀଡା ଶିକ୍ଷୟିତ୍ରୀ ସଞ୍ଜୁବାଳା ନାଥଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

## ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ



ଚିଲିକା,୯।୯(ନି.ପ୍ର): ବୁଧବାର ଦିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ପଞ୍ଚୁଗାଁଠାରେ ତୋରସିଂହ ଗ୍ରାମପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ଡ଼ାଃ ବିଭୁତିଭୂଷଣ ହରିଚନ୍ଦନଙ୍କ ଉପସ୍ଥିତିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ପୁରୀ ସାଂସଦ ଡ଼ାଃ ସମ୍ବିତ ପାତ୍ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ତୋରସିଂହ ଗ୍ରାମପଞ୍ଚାୟତର ସାମଗ୍ରିକ ବିକାଶ ସହ ପଞ୍ଚାୟତବାସୀଙ୍କ ଜୀବନମାନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ଆଗାମୀ ଦିନରେ ମଧ ନିରନ୍ତର ପ୍ରୟାସ ଜାରି ରହିବବୋଲି ଉଭୟ ଆଇନ ମନ୍ତ୍ରୀ ଓ ସାଂସଦ କହିଥିଲେ। ଏହି ଅବସରରେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଦୁଷ୍ମନ୍ତ ହରିଚନ୍ଦନ, ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଜିଲ୍ଲା ପରିଷଦ ସଭ୍ୟାଙ୍କ ପ୍ରତିନିଧି ତପନ ପ୍ରଧାନ, ବାଣପୁର ବ୍ଲକ ଦାୟୀତ୍ୱରେ ଥିବା ବିଡିଓ ପୁନମ ମହାପାତ୍ର, ସିଦ୍ଧେଶ୍ୱରୀ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଲଲାଟ କେଶରୀ ପ୍ରଧାନ ଆଦି ଉପସ୍ଥିତ ଥିଲେ।

## ପଲିଥିନ୍ ଓ ପ୍ଲାଷ୍ଟିକ ଜିନିଷ ଉପରେ ଜୋରଦାର ଚଢଉ



ନୟାଗଡ଼,୯।୯(ନି.ପ୍ର): ନୟାଗଡ଼ ମ୍ୟୁନିସିପାଲଟି ତରଫରୁ ନୟାଗଡ଼ ସହରର ବିଭିନ୍ନ ଦୋକାନ ଉପରେ ଜୋରଦାର ଚଢଉ କରାଯାଇ ପ୍ଲାଷ୍ଟିକ ଜିନିଷ ଓ ପଲିଥିନ ଜବତ ହେବା ସହିତ ୧୩,୪୦୦/– ଟଙ୍କା ଜରିମାନା ଆଦାୟ କରାଯାଇଛି। ଯାହାକି ଏପରି ନୟାଗଡ଼ ସହରରେ ଚଢଉ ଦେଖି ଦୋକାନୀମାନେ ଛାନିଆ ହୋଇପଡିଛନ୍ତି। ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶକ୍ରମେ କାର୍ଯ୍ୟକାରୀକରଣ ଦଳର ୧୦ ଜଣିଆ ଟିମ ଚଢଉରେ ସାମିଲ ହୋଇଛନ୍ତି। ସନ୍ଧ୍ୟାସୁଦ୍ଧା ୧୯ କେ.ଜି. ପଲିଥିନ୍ ଓ କିଛି ପ୍ଲାଷ୍ଟିକ ସାମଗ୍ରୀ ଜବତ ହେବା ସହିତ ଜରିମାନା ଆଦାୟ କରାଯାଇଛି। ଖଣ୍ଡପଡା ରାସ୍ତା, ପିଟିଏସ୍ ଛକ ସହିତ ପ୍ରାୟ ୩୭ ଟି ଦୋକାନ ଉପରେ ଚଢଉ କରାଯାଇଛି। ଏହି କାର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରହିବ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଚଢଉ ଟିମରେ ନାରାୟଣ ନାୟକ, ଅଜିତ କୁମାର ମଲ୍ଲିକ, ଦୀପକ କୁମାର ଜେନା, ହଜରତ ଅଲ୍ଲି ଖାଁଛ, କୁମାର ଚନ୍ଦ୍ର ମିଶ୍ର, ବିଭୁତି ଭୂଷଣ ସାହୁ ଓ ପରିମଳ ସଂସ୍ଥାର କର୍ମଚାରୀମାନେ ସାମିଲ ଥିଲେ। ଅଧିକାଂଶ ଦୋକାନରେ ପଲିଥିନର ବହୁଳ ବ୍ୟବହାର ଯୋଗୁଁ ଏହା ସମସ୍ତଙ୍କର ଚିନ୍ତାର କାରଣ ପାଲଟିଥିବା ବେଳେ ଏଥିଯୋଗୁଁ ପରିବେଶ ଦୂଷିତ ସହିତ ବିଭିନ୍ନ ରୋଗ ସଂକ୍ରମଣ ହେବାର ଆଶଙ୍କା ରହିଥିବାରୁ ଏପରି ଚଢାଉ କରାଯାଉଥିବା ଜଣାପଡିଛି।

## ଆଦର୍ଶ ଶିକ୍ଷକ ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧନା



ଖଣ୍ଡପଡ଼ା/କଣ୍ଟିଲୋ,୯।୯ (ନି.ପ୍ର): ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳନ ଅବସରରେ ନୟାଗଡ ରୋଟାରୀ କ୍ଲବ ପକ୍ଷରୁ ଖଣ୍ଡପଡ଼ା ବ୍ଲକସ୍ତରରୁ ଆଦର୍ଶ ଶିକ୍ଷକ ଭାବେ ଚିତ୍ତରଞ୍ଜନ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି। ଶିକ୍ଷାଦାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନେସନ ବିଲଡର ଆୱାର୍ଡ– ୨୦୨୬ରେ ଶିକ୍ଷକ ଶ୍ରୀଯୁକ୍ତ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିବାବେଳେ ଏବେ ସେ ଖଣ୍ଡପଡ଼ା ବ୍ଲକର ରାଣୀଛେଲି ପଞ୍ଚାୟତ ଅଧୀନ କଳପଙ୍ଗୀ ମ.ଇ ବିଦ୍ୟାଳୟରେ ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ଜଣାଯାଇଛି। ରୋଟାରୀ କ୍ଲବର ସଭାପତି ବାସୁଦେବ ସାହୁ, ସଂପାଦକ ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ପରିଷଦ ସଭାପତି ଇଂ ଦେବାଶିଷ ପଟ୍ଟନାୟକ, ସାକ୍ଷରତା କମିଟି ଅଧ୍ୟକ୍ଷା ବସିରାନ ବିବି ପ୍ରମୁଖଙ୍କ ଉପସ୍ଥିତିରେ ଶିକ୍ଷକ ଶ୍ରୀଯୁକ୍ତ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିବା ଜଣାପଡିଛି।

## ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ ନିମନ୍ତେ ପଞ୍ଜୀକୃତ ବ୍ୟବସ୍ଥା

ଖୋର୍ଦ୍ଧା,୯।୯(ନି.ପ୍ର): ଓଡ଼ିଶା ସରକାର, ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସରକାରଙ୍କର ବିଭିନ୍ନ ଜନ କଲ୍ୟାଣ କାରୀ ଯୋଜନା ତଥା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଅଗ୍ରଣୀ ଯୋଜନା ରବ୍ୟାପକ ପ୍ରଚାର ଓ ପ୍ରସାର ସହ ସମସ୍ତ ଜନସାଧାରଣ ଏବଂ ତଦ୍ ସହିତ ଯୋଜନାର ଉଦ୍ଦିଷ୍ଟ ହିତାଧିକାରୀମାନେ ଯୋଜନାର ସୁଫଳ ନେଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାର ଜିଲ୍ଲାର ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକ ମାନଙ୍କ ଏକ ଡାଟା ବେଶ୍ ପ୍ରସ୍ତୁତ କରିବାକୁ ଯାଉଛନ୍ତି। ଏହା ଦ୍ୱାରା ସମସ୍ତ ସରକାରୀ ଯୋଜନାର, ତଥ୍ୟ, ସୂଚନା, ଯୋଜନାର ସଂପୃକ୍ତ ହୋଇ ପାରିବ। ହିତାଧିକାରୀଙ୍କ ମାନଙ୍କ ସବିଶେଷ ତଥ୍ୟ ସୁଚାରୁ ରୂପେ, କମ୍ ସମୟ ମଧ୍ୟରେ ବିସ୍ତାରିତ ଓ ପ୍ରସାରଣ କରାଯାଇ ପାରିବ। ଏହି ପରିପ୍ରେକ୍ଷୀରେ ଖୋରଧା ଜିଲ୍ଲାର ୬ ଗୋଟି ବ୍ଲକରେ ଯଥା ଖୋରଧା, ବେଗୁନିଆ, ବୋଲଗଡ଼, ଟାଙ୍ଗୀ, ଚିଲିକା, ବାଣପୁର ବ୍ଲକରେ ଏବଂ ଜିଲ୍ଲା ସଦର ମହକୁମାରେ ସାମଗ୍ରୀ ସ୍ରଷ୍ଟା ଏବଂ ସୋସିଆଲ ମିଡ଼ିଆ ପ୍ରଭାବକମାନଙ୍କୁ ଅନୁରୋଧ କରାଯାଇଅଛି। ସେମାନଙ୍କର ବିସ୍ତୃତ ସୂଚନା ଏବଂ ଦରଖାସ୍ତ ତଥା ଆବଶ୍ୟକ ପ୍ରମାଣ ପତ୍ର, ମୋବାଇଲ ନମ୍ବର, ଇ ମେଲ୍ ଠିକଣା ସହ ତା ୧୦.୦୯.୨୦୨୬ ରିଖ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, ଖୋରଧା ଠାରେ କିମ୍ବା କାର୍ଯ୍ୟାଳୟ ଆଇ ମେଲ୍ dipro khordha 1@ gmail.comରେ ଅପରାହ୍ନ ୫ ଘଟିକା ସୁଦ୍ଧା ଦାଖଲ କରିବା ପାଇଁ ଜଣାଇ ଦିଆଗଲା।

## କଲେଜର ବିଭିନ୍ନ ଦାବି ନେଇ ଛାତ୍ରଙ୍କ ବିକ୍ଷୋଭ



ନିମାପଡ଼ା,୯।୯(ନି.ପ୍ର): ନିମାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ କରିବା ନିମନ୍ତେ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବୀଗୁଡିକ ମଧ୍ୟରେ ବିଭିନ୍ନ ସମୟରେ କଲେଜ ପରିସରରେ ଅଣ ଛାତ୍ରଙ୍କ ଅବାଧ ପ୍ରବେଶ ଯୋଗୁଁ ଛାତ୍ରଛାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯିବା, ନିୟମିତ ଭାବେ ପାଣି ଆସୁନଥିବା ବେଳେ ଶୌଚାଳୟ ଗୁଡିକ ଅପରିଷ୍କାର ଓ ଅସ୍ୱାସ୍ଥ୍ୟକର ଅବସ୍ଥାରେ ରହିଛି। ସେଗୁଡ଼ିକୁ ନିୟମିତ ସଫେଇ କରାଯିବା ସହିତ ଜଳ ଯୋଗାଣ ବ୍ୟବସ୍ଥା କରାଯିବା, କଲେଜ ପରିସରରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ୧୪ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଅନେକ ଲାଇଟ୍ ଅଚଳ ରହିବାରୁ ପରିସର ଅନ୍ଧାର ରହୁଛି। ଅଚଳ ଲାଇଟ୍ ଗୁଡିକୁ ତୁରନ୍ତ ମରାମତି କରାଯାଇ ସଚଳ କରାଯିବା। ଉକ୍ତ ଦାବୀଗୁଡିକର ତୁରନ୍ତ ସମାଧାନ ପାଇଁ ପ୍ରାୟ ୫୦ ରୁ ଉର୍ଦ୍ଧ୍ୱ ଛାତ୍ର ଫାଟକକୁ ବନ୍ଦ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷ ପହଞ୍ଚି ଦାବୀଗୁଡିକ ପୂରଣ କରାଯିବ ବୋଲି ଛାତ୍ରଙ୍କୁ ପ୍ରତିଶୃତି ଦେବା ପରେ ବିକ୍ଷୋଭ ପ୍ରତ୍ୟାହୃତ ହୋଇଥିଲା।

**ଅନୁଚିନ୍ତା**

ଜ୍ଞାନ ଭଲ ଦିନର ଆଭୂଷଣ, ବିପତ୍ତିର ସହାୟତା, ଏବଂ ବୁଢ଼ା ଅବସ୍ଥାର ଧନ ଅଟେ ।

## ସମ୍ପାଦକୀୟ

# ଭାରତର ସେମିକନ ସେକ୍ଟର

ଭାରତ ମୋବାଇଲ ଫୋନ ପରେ ସେମିକଣ୍ଡକ୍ଟର ସେକ୍ଟରରେ ବଡ଼ ନିର୍ମାତା ହେବାକୁ ଯାଉଛି । ସେମିକନ ୨.୦ ଯୋଜନାରେ ୧.୨୭ ଲକ୍ଷ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପାଇଁ ଅଧିସୂଚନା ଜାରି ଜାରିହୋଇଛି। ଏହି ରାଶିରେ ସେମିକଣ୍ଡକ୍ଟର ସେକ୍ଟର ସହ ଜଡ଼ିତ ନିବେଶକଙ୍କୁ ନିର୍ଦ୍ଧାରିତ ନିୟମ ଅନୁଯାୟୀ ମିଳିବ ଆର୍ଥିକ ସହାୟତା । ଏହା ପୂର୍ବରୁ ସେମିକନ ୧.୦ ଯୋଜନାରେ ଏହି ସେକ୍ଟରର କମ୍ପାନୀଗୁଡ଼ିକୁ ଭାରତରେ ନିର୍ମାଣ ଆରମ୍ଭ କରିବାପାଇଁ ୭୭,୦୦୦ କୋଟି ଟଙ୍କାର ପ୍ରାବଧାନ କରାଯାଇଥିଲା ଏବଂ ୨୦୨୨ରେ ଆରମ୍ଭ ହୋଇଥିଲା ନିର୍ମାଣ କାର୍ଯ୍ୟ । ବର୍ତ୍ତମାନ ସୁଦ୍ଧା ଦେଶରେ ତିନିଟି କମ୍ପାନୀ ବିଭିନ୍ନ ପ୍ରକାର ଚିପ୍ ନିର୍ମାଣ ଆରମ୍ଭ କରି ସାରିଛନ୍ତି । ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ



ଅଶ୍ୱିନୀ ବୈଷ୍ଣବଙ୍କ ଅନୁଯାୟୀ, ଆଗାମୀ ଗୋଟିଏ ବର୍ଷରେ ଭାରତ ନିଜ ଆବଶ୍ୟକତାର ୧୦ ପ୍ରତିଶତ ଚିପ୍ ନିର୍ମାଣ ଘରୋଇ କ୍ଷେତ୍ରରେ କରିବ । ୱାଶିଂ ମେସିନରୁ ନେଇ କେତେକ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ବ୍ୟବହାର କରାଯାଉଥିବା ଚିପ୍ର ନିର୍ମାଣ ଭାରତରେ ଆରମ୍ଭ ହୋଇଯାଇଛି । ଗତ ଚାରିବର୍ଷରେ ୮୫,୦୦୦ ଇଞ୍ଜିନିୟରଙ୍କୁ ସେମିକନ ସେକ୍ଟରରେ ପ୍ରଶିକ୍ଷିତ କରାଯାଇଛି । ଭାରତ ଯେପରି ଭାବେ ସେମିକନ ସେକ୍ଟରରେ ଉତ୍ପାଦନରେ ଆଗକୁ ବଢୁଛି ତାକୁ ଦୃଷ୍ଟିରେ ରଖି ଆଗାମୀ କିଛି ବର୍ଷରେ ୧ ଲକ୍ଷ ଇଞ୍ଜିନିୟରଙ୍କର ଆବଶ୍ୟକ ହେବ। ଚିପ୍ ନିର୍ମାଣ ପାଇଁ ଦେଶରେ ପୂରା ଇକୋସିଷ୍ଟମ ପ୍ରସ୍ତୁତ କରିବାକୁ ହେବ ଯେଉଁଥିରେ ସାମିଲ ହେବ କେମିକାଲ ଓ ଗ୍ୟାସ ନିର୍ମାଣରୁ ଆରମ୍ଭକରି ବିଭିନ୍ନ ପ୍ରକାର ପାର୍ଟସ୍ । ଏହି ସବୁକୁ ମିଶାଇଦେଲେ ସେମିକଣ୍ଡକ୍ଟର ସେକ୍ଟରରେ ପ୍ରତିବର୍ଷ ସୃଷ୍ଟି ହେବ ୫୦-୬୦ ହଜାର ପ୍ରତ୍ୟକ୍ଷ ରୋଜଗାର । ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଅନୁଯାୟୀ, ସେମିକନ ୨.୦ ଯୋଜନାରେ ୬ଟି ସେକ୍ଟରରେ ମିଳିବ ସରକାରୀ ସହାୟତା। ୬ ବର୍ଷ ରହିବ ସେମିକନ ୨.୦ର ଅବଧି । ଏଥିପାଇଁ ୧୨ କମ୍ପାନୀ ଭାରତରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । ୨୦୩୨ ସୁଦ୍ଧା ବିଶ୍ୱରେ ସେମିକଣ୍ଡକ୍ଟର ନିର୍ମାଣ ପାଇଁ ୧୦ ଲକ୍ଷ ଇଞ୍ଜିନିୟରଙ୍କର ଆବଶ୍ୟକତା ପଡ଼ିବ । ଆଶା କରିବା ଯେ, ଏହାର ବଡ଼ ସପ୍ଲାୟର ହେବ ଭାରତ ।

# ଇଭି ବିକ୍ରି ବଢୁଛି

ଦେଶରେ ଇଲେକ୍ଟ୍ରିକ ବାହନ(ଇଭି)ର ବିକ୍ରି ବଢ଼ି ବଢ଼ି ଚାଲିଛି। ଗତ ଜୁଲାଇରେ ଇଭି ବିକ୍ରିରେ ସୃଷ୍ଟି ହୋଇଥିଲା ଏକ ନୂଆ ମାସିକ ରେକର୍ଡ଼ । ଦେଶରେ ଜୁଲାଇରେ ୩,୨୭,୯୦୧ ଇଭି ବିକ୍ରି ହୋଇଥିଲା। ଗତ ବର୍ଷ ଜୁଲାଇ ତୁଳନାରେ ଏହା ୬୬ ପ୍ରତିଶତ ଅଧିକ । ଫେଡ଼େରେସନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏସନ (ଫାଡ଼ା) ଅନୁଯାୟୀ, ଏବେ ବିକ୍ରି ହେଉଥିବା ପ୍ରାୟ ପ୍ରତି ଆଠଟି ବାହନ ମଧ୍ୟରୁ ଗୋଟିଏ ହେଉଛି ଇଭି । ୨୦୨୬ ଜୁନ୍ରେ ମଧ୍ୟ ଇଭି ବିକ୍ରି ଆଶାଜନକ ରହିଥିଲା । ଜୁନ୍ରେ ବିକ୍ରି ହୋଇଥିଲା ୩,୦୬,୨୨୦ ଇଭି ଏବଂ ବାର୍ଷିକ ଆଧାରରେ ୬୩ ପ୍ରତିଶତ ବୃଦ୍ଧି ହୋଇଥିଲା । ଜୁଲାଇରେ ଇଭି ବିକ୍ରିରେ ସବୁଠାରୁ ଅଧିକ ଯୋଗଦାନ ରହିଥିଲା ଦୁଇଚକିଆ



ଯାନର । ୨,୦୪,୩୬୨ ଦୁଇଚକିଆ ଇଭି ବିକ୍ରି ହୋଇଥିଲା । ଗତ ବର୍ଷ ଜୁଲାଇରେ ବିକ୍ରି ହୋଇଥିବା ୧,୦୮,୫୧୬ ଦୁଇଚକିଆ ଇଭି ତୁଳନାରେ ଏହା ୮୮.୩୨ ପ୍ରତିଶତ ଅଧିକ । ଇଲେକ୍ଟ୍ରିକ ଯାତ୍ରୀ ବାହନର ଖୁଚୁରା ବିକ୍ରି ମଧ୍ୟ ଜୁଲାଇରେ ୮୩.୧୩ ପ୍ରତିଶତ ବୃଦ୍ଧି ପାଇ ୩୨,୯୨୮ରେ ପହଞ୍ଚିଥିଲା । ୨୦୨୫ ଜୁଲାଇରେ କିନ୍ତୁ ବିକ୍ରି ହୋଇଥିଲା ୧୭,୯୮୧ ଇଲେକ୍ଟ୍ରିକ ଯାତ୍ରୀ ବାହାନ । ଇଲେକ୍ଟ୍ରିକ ବାଣିଜ୍ୟିକ ବାହନର ଖୁଚୁରା ବିକ୍ରି ୨୦୨୫ ଜୁଲାଇରେ ଥିଲା ୧,୩୨୪ । କିନ୍ତୁ ୨୦୨୬ ଜୁଲାଇରେ ଏହାର ବିକ୍ରି ୧୬୮.୬ ପ୍ରତିଶତ ବୃଦ୍ଧି ପାଇ ପହଞ୍ଚିଥିଲା ୩,୫୫୬ରେ । ସେହିପରି ତିନିଚକିଆ ଇଭିର ବିକ୍ରି ମଧ୍ୟ ୨୦୨୫ ଜୁଲାଇ ତୁଳନାରେ ୨୦୨୬ ଜୁଲାଇରେ ଅଧିକ ରହିଥିଲା । ପରିବେଶ ସୁରକ୍ଷାରେ ଇଭିର ଯୋଗଦାନ ରହୁଥିବାବେଳେ ଇଭି ବିକ୍ରି ବୃଦ୍ଧି ଏକ ଭଲ ବାର୍ତ୍ତା ଦେଉଛି । ଆଗାମୀ ଦିନଗୁଡ଼ିକରେ ବିକ୍ରି ମଧ୍ୟ ଜାରି ରହିବ ବୋଲି ଆଶା କରିବା ।

# ଦୟାର ଫଳ

ସମ୍ରାଟ ଜୟଶଙ୍କର ପ୍ରଥମେ ବହୁତ ଗରିବ ଥିଲେ। ସିଏ ସେ ଯେତେବେଳେ ଏକ ସାଧାରଣ ସୈନିକ ଥିଲେ, ବନ୍ଧୁକ ନେଇ ଘୋଡ଼ା ଉପରେ ବସି ଜଙ୍ଗଲ ଭିତରକୁ ଶିକାର କରିବା ପାଇଁ ଗଲେ । ସେଦିନ ତାଙ୍କୁ ବହୁତ ଦୂର ଯିବା ପରେ ମଧ୍ୟ କୌଣସି ଶିକାର ମିଳି ନଥିଲା। ବହୁ ରାସ୍ତା ଅତିକ୍ରମ କରିବା ପରେ ତାଙ୍କୁ ଗୋଟିଏମାଆ ହରିଣ ତାର ଛୋଟ ଛୁଆ ସହ ବୁଲୁଥିବା ଦେଖାଗଲା। ଜୟଶଙ୍କର ତାଙ୍କ ପଛରେ ଘୋଡ଼ାରେ ଦୌଡ଼ିବାରେ ଲାଗିଲେ ମାଆ ହରିଣଟି ତାଙ୍କ ଡରରେ ଦୌଡ଼ି ଦୌଡ଼ି ଏକ ବୁଦାମୂଳରେ ଲୁଚି ଗଲା। କିନ୍ତୁ ପିଲାଟି ଦୌଡ଼ି ନପାରି ଧରା ପଡ଼ିଯାଇଥିଲା। ଜୟଶଙ୍କର ସେହି ଛୁଆର ଗୋଡ଼ ବାନ୍ଧି ଘୋଡ଼ା ଉପରେ ଲଦି ଲେଉଟା ଯାତ୍ରା ଆରମ୍ଭ କଲେ। ତାର ପିଲାମାନକୁ ଶିକାରିଟି ବାନ୍ଧି ନେଇ ଯାଉଛି । ସେ ତତ୍କ୍ଷଣାତ୍ ତାଙ୍କ ପଛେ ପଛେ ଦୌଡ଼ିବାରେ ଲାଗିଲା, କିଛି ବାଟ ଗଲାପରେ ଜୟଶଙ୍କର ପଛକୁ ଦେଖିଲେ ଯେ ହରିଣଟି ତାଙ୍କ ପଛରେ ବିକଳ ହୋଇ ଦୌଡୁଛି, ତାଙ୍କ ମନରେ ଦୟା ଜାଗ୍ରତ ହେଲା, ଜୟଶଙ୍କର ସଙ୍ଗେ ସଙ୍ଗେ ହରିଣ ଛୁଆର ଗୋଡ଼ ଖାଲି ଘୋଡ଼ା ଉପରୁ ଓହ୍ଲାଇ ଦେଲା। ହରିଣଟିପ୍ରସନ୍ନ ହୋଇ ପିଲାକ ନେଇ ଜଙ୍ଗଲ ଭିତରକୁ ଚାଲିଗଲା। ସେଦିନ ରାତିରେ ଘରକୁ ଫେରି ଯେତେବେଳେ ସେ ଶୋଇଲେ, ଏକ ସ୍ୱପ୍ନ ଦେଖିଲେ 'ତାଙ୍କୁ ଦେବଦୂତ କହୁଛନ୍ତି ଯେ– ତୁମେ ଯେଉଁ ହରିଣଟିକୁ ଦୟା କଲ, ସେଥିରେ ପ୍ରସନ୍ନ ହୋଇ ପରମାତ୍ମା ତୁମର ନାଁ ସମ୍ରାଟ ହେବା ପାଇଁ ଲେଖିଛନ୍ତି, ତୁମେ ଦିନେ ନା ଦିନେ ସମ୍ରାଟ ହେବ । ସେହି ସ୍ୱପ୍ନଟି ତାଙ୍କର ସତ୍ୟ ହେଲା, ସେ ଜଣେ ସେଦିନରୁ ଜଣେ ସମ୍ରାଟରେ ହେଲେ, 'ଯିଏ ପ୍ରାଣୀ ଉପରେ ଦୟାକରେ ଭଗବାନ ତା ଉପରେ ଦୟା କରନ୍ତି ।

# ସହରାଞ୍ଚଳ ବିକାଶର ନୂଆ ଅଧ୍ୟାୟ



**ଡ. କୃଷ୍ଣଚନ୍ଦ୍ର ମହାପାତ୍ର**
**ମନ୍ତ୍ରୀ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା**

ଓଡ଼ିଶାର ବିକାଶର ଅର୍ଥ, କେବଳ ବଡ଼ବଡ଼ ସହରଗୁଡ଼ିକର ବିକାଶ ନୁହେଁ। ମୋ' ଦୃଷ୍ଟିରେ ଓଡ଼ିଶା ସେତେବେଳେ ହିଁ ସମୃଦ୍ଧ ହେବ, ଯେତେବେଳେ ରାଜ୍ୟର ପ୍ରତ୍ୟେକ ଅଞ୍ଚଳ, ପ୍ରତ୍ୟେକ ସହର ଏବଂ ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ର ନିଜ ନିଜ ସାମର୍ଥ୍ୟ ଅନୁଯାୟୀ ଆଗକୁ ବଢ଼ିବ। ଆଜି ଓଡ଼ିଶାର ଅନେକ ଅଞ୍ଚଳ ଦ୍ରୁତ ଗତିରେ ସହରୀକରଣ ଆଡ଼କୁ ଅଗ୍ରସର ହେଉଛନ୍ତି। ଜନସଂଖ୍ୟା ବଢୁଛି, ବ୍ୟବସାୟ ବଢୁଛି, ନୂଆ ଜୀବିକାର ସୁଯୋଗ ସୃଷ୍ଟି ହେଉଛି ଏବଂ ଲୋକଙ୍କ ଆଶା–ଆକାଂକ୍ଷା ମଧ୍ୟ ବଢୁଛି।

ଏହି ପରିବର୍ତ୍ତିତ ପରିସ୍ଥିତିରେ ସ୍ଥାନୀୟ ଲୋକଙ୍କ ଏକ ପ୍ରମୁଖ ଦାବି ଥିଲା–ସେମାନଙ୍କ ଅଞ୍ଚଳକୁ ଉପଯୁକ୍ତ ସହରୀୟ ପ୍ରଶାସନିକ ମାନ୍ୟତା ମିଳୁ ଓ ମୌଳିକ ସହରୀୟ ସୁବିଧାର ବିକାଶ ହେଉ। ଲୋକଙ୍କ ଏହି ଆକାଂକ୍ଷାକୁ ଆମ ସରକାର କେବଳ ଏକ ଦାବି ଭାବେ ଦେଖିନାହିଁ ଏହାକୁ ଏକ ବିକାଶମୂଳକ ଆବଶ୍ୟକତା ଭାବେ ଗ୍ରହଣ କରିଛି।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆମ ଲୋକସରକାର ଜନସାଧାରଣଙ୍କ ଦାବି ଓ ଆକାଂକ୍ଷାକୁ ସମ୍ମାନ ଦେଇ ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ କରିଛି। ମୋ' ପାଇଁ ଏହା କେବଳ ଏକ ପ୍ରଶାସନିକ ନିଷ୍ପତ୍ତି ନୁହେଁ ଏହା ହେଉଛି ଲୋକଙ୍କ ସ୍ୱର ପ୍ରତି ସରକାରର ସମ୍ମାନ ଏବଂ ତୃଣମୂଳ ସ୍ତରରେ ସହରୀୟ ବିକାଶକୁ ଆହୁରି ସୁଦୃଢ଼ କରିବାର ଏକ ପ୍ରତିବଦ୍ଧତା ।

ଏହି ୨୮ଟି ନୂଆ NAC ହେଉଛି– ପାଲଲହଡ଼ା, ଲୋଇସିଂହା, ସିମୁଳିଆ, ବସ୍ତା, ସୋହେଲା, ତିହିଡ଼ି, ଧୂଷୁରୀ, ସାଲେପୁର, ବଡ଼ମ୍ବା, ନରସିଂହପୁର, ଗଁଦିଆ, ଜଗନ୍ନାଥପ୍ରସାଦ,

> **୨୮ ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ: ଲୋକଙ୍କ ଦାବି, ଲୋକସରକାରର ନିଷ୍ପତ୍ତି ଓ ସମୃଦ୍ଧ ଓଡ଼ିଶାର ସଂକଳ୍ପ**

ପାତ୍ରପୁର, ଚଣ୍ଡିଖୋଲ, ନର୍ଲା, ଜୟପାଟଣା, ଟାଙ୍ଗୀ, ବୋରିଗୁମ୍ମା, କପ୍ତିପଦା, ଯଶିପୁର, ରାସଗୋବିନ୍ଦପୁର, ବେତନଟୀ, ବାଙ୍ଗିରିପୋଷି, ଚିତ୍ରଡ଼ା, ବିଷମକଟକ, ବାମରା, ରେଙ୍ଗାଲି ଓ ବୀରମହାରାଜପୁର।

ଏହି ନୂଆ NACଗୁଡ଼ିକ ନିଜ ନିଜ ଅଞ୍ଚଳର ସହରାଞ୍ଚଳ ବିକାଶର ନୂଆ କେନ୍ଦ୍ର ଭାବେ ଉଭା ହେବାକୁ ଯାଉଛନ୍ତି । ଏହା ସହିତ ଏକ ନୂଆ ଦାୟିତ୍ୱ ମଧ୍ୟ ଆସିଛି–ଲୋକଙ୍କ ଆଶାକୁ ବାସ୍ତବ ରୂପ ଦେବାର ଦାୟିତ୍ୱ। କେବଳ NAC ଘୋଷଣା କରିଦେଲେ ଆମର ଦାୟିତ୍ୱ ଶେଷ ହୁଏ ନାହିଁ । ଏହି ନୂଆ ନଗରଗୁଡ଼ିକୁ ଆବଶ୍ୟକ ଭିତ୍ତିଭୂମି, ଉନ୍ନତ ନାଗରିକ ସୁବିଧା ଓ ଭଲ ଜୀବନଯାପନର ପରିବେଶ ଯୋଗାଇଦେବା ଆମର ପରବର୍ତ୍ତୀ ଲକ୍ଷ୍ୟ। ଏଥି ପାଇଁ ଆମେ ଘୋଷଣା କରିବା ସହିତ ପ୍ରତ୍ୟେକ NAC ପାଇଁ ୨ କୋଟି ୭୫ ଲକ୍ଷ ହିସାବରେ ମୋଟ ୮୫ କୋଟି ୩୮ ଲକ୍ଷ ଟଙ୍କା ତତକ୍ଷାଣ ପ୍ରଦାନ କରିଥିଲୁ।

ଏହି ଲକ୍ଷ୍ୟକୁ ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ନୂଆ NAC ପାଇଁ ୨୦ କୋଟି ଟଙ୍କା ଲେଖାଏଁ ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ଘୋଷଣା କରିଛନ୍ତି । ୨୮ଟି NAC ପାଇଁ ଏହାର ମୋଟ ପରିମାଣ ୫୬୦ କୋଟି ଟଙ୍କା। ଏହି ପଦକ୍ଷେପ ଆମର ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ–ନୂଆ ସହରାଞ୍ଚଳଗୁଡ଼ିକ କେବଳ ନାମରେ NAC ହୋଇ ରହିବ ନାହିଁ ସେଠାରେ ଦୃଶ୍ୟମାନ ଓ ସ୍ଥାୟୀ ବିକାଶ ହେବ ।

ରାସ୍ତା, ଡ୍ରେନେଜ୍, ଷ୍ଟ୍ରିଟ୍ ଲାଇଟ୍, ବଜାର, ପାର୍କ, ଜନସାଧାରଣଙ୍କ ପାଇଁ ଆବଶ୍ୟକ ସୁବିଧା, ପରିମଳ ଓ ଅନ୍ୟାନ୍ୟ ମୌଳିକ ଭିତ୍ତିଭୂମି–ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ଏହି ପ୍ୟାକେଜରେ ଅର୍ଥକୁ ପ୍ରାଥମିକତା ଦିଆଯାଇ ବ୍ୟବହାର କରାଯିବ। ଆମର ଉଦ୍ଦେଶ୍ୟ ହେଉଛି ଲୋକଙ୍କ ଦୈନନ୍ଦିନ ଜୀବନରେ ବିକାଶର ପ୍ରଭାବ ସ୍ପଷ୍ଟ ଭାବେ ଅନୁଭୂତ ହେବା ।

ଏହା ସହିତ ନୂଆ NACଗୁଡ଼ିକ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାର ନିୟମିତ ଅର୍ଥ ଓ ସୁବିଧା ପାଇବାର ଅବସର ମଧ୍ୟ ପାଇବେ। ଆବାସ, ପାନୀୟ ଜଳ, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ରାସ୍ତା, ଆଲୋକୀକରଣ, ଜୀବିକା ଓ ଅନ୍ୟାନ୍ୟ ନଗରୀୟ ସେବା କ୍ଷେତ୍ରରେ ବିଭିନ୍ନ ଯୋଜନାର ସମନ୍ୱୟ ମାଧ୍ୟମରେ ଏହି ଅଞ୍ଚଳଗୁଡ଼ିକର ବିକାଶକୁ ଆହୁରି ଗତି ଦିଆଯାଇପାରିବ।

ମୁଁ ସବୁବେଳେ ବିଶ୍ୱାସ କରେ, ସହରାଞ୍ଚଳ ବିକାଶର ଅର୍ଥ କେବଳ ଭିତ୍ତିଭୂମି ନିର୍ମାଣ ନୁହେଁ ଲୋକଙ୍କ ଜୀବନମାନରେ ପରିବର୍ତ୍ତନ ଆଣିବା ହିଁ ଏହାର ପ୍ରକୃତ ଲକ୍ଷ୍ୟ । ଏକ ଭଲ ସହର ସେହି ସହର, ଯେଉଁଠାରେ ଲୋକ ସୁରକ୍ଷିତ ଭାବେ ଚଳପ୍ରଚଳ କରିପାରନ୍ତି, ସ୍ୱଚ୍ଛ ପରିବେଶ ପାଆନ୍ତି, ଆବଶ୍ୟକ ନାଗରିକ ସେବା ସହଜରେ ପାଆନ୍ତି ଏବଂ ନିଜ ଜୀବିକା ଓ ଉନ୍ନତି ପାଇଁ ସୁଯୋଗ ପାଆନ୍ତି ।

ତେଣୁ ଏହି ୨୮ଟି ନୂଆ NACର ବିକାଶରେ ଆମର ଦୃଷ୍ଟିକୋଣ ମଧ୍ୟ ସମନ୍ୱିତ। ଆମେ ଏଠାରେ ଯୋଜନାବଦ୍ଧ ନଗରୀକରଣ, ଭଲ ରାସ୍ତା ଓ ଡ୍ରେନେଜ୍, ସ୍ୱଚ୍ଛତା, ବର୍ଜ୍ୟବସ୍ତୁ ପରିଚାଳନା, ସୁନ୍ଦର ସାର୍ବଜନୀନ ସ୍ଥାନ, ସୁଗମ ନାଗରିକ ସେବା ଏବଂ ଭବିଷ୍ୟତର ଆବଶ୍ୟକତାକୁ ମନେରଖି ନଗରୀୟ ଭିତ୍ତିଭୂମି ଗଠନ କରିବାକୁ ଚାହୁଁଛୁ ।

ଏହି ନୂଆ NACଗୁଡ଼ିକର ଆଉ ଏକ ବଡ଼ ସମ୍ଭାବନା ରହିଛି, ଏଗୁଡ଼ିକ କେବଳ ପ୍ରଶାସନିକ କେନ୍ଦ୍ର ନୁହେଁ, ନିଜ ନିଜ ଅଞ୍ଚଳର ଆର୍ଥିକ ବିକାଶର ଇଞ୍ଜିନ ହୋଇପାରିବ। ସ୍ଥାନୀୟ ବଜାର, କ୍ଷୁଦ୍ର ବ୍ୟବସାୟ, MSME, ଉଦ୍ୟମିତା, କୃଷିଜାତ ସାମଗ୍ରୀର ବିପଣନ, ପର୍ଯ୍ୟଟନ ଓ ସେବା କ୍ଷେତ୍ରକୁ ପ୍ରୋତ୍ସାହନ ଦେଇ ସ୍ଥାନୀୟ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରିବ। ଏହା ଦ୍ୱାରା ଯୁବପିଢ଼ି ପାଇଁ ସ୍ଥାନୀୟ ସ୍ତରରେ ନୂଆ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ।

ଆମର ଲକ୍ଷ୍ୟ ହେଉଛି ବିକାଶକୁ ଭୁବନେଶ୍ୱର, କଟକ କିମ୍ବା ଅନ୍ୟ ବଡ଼ ସହରରେ ସୀମିତ ନ ରଖି ରାଜ୍ୟର ପ୍ରତ୍ୟେକ ଉଦୀୟମାନ ନଗର କେନ୍ଦ୍ରକୁ ବିକାଶର ଅଂଶୀଦାର କରିବା । ଶକ୍ତିଶାଳୀ, ଛୋଟ ଓ ମଧ୍ୟମ ସହର ହିଁ ଏକ ସନ୍ତୁଳିତ ଓ ସମାବେଶୀ ଓଡ଼ିଶାର ଭିତ୍ତି ହୋଇପାରିବ ।

ଏହି ଦାୟିତ୍ୱ କେବଳ ସରକାରର ନୁହେଁ । ନୂଆ NACର ଜନପ୍ରତିନିଧି, ଅଧିକାରୀ, ସ୍ଥାନୀୟ ସଂଗଠନ, ଯୁବପିଢ଼ି ଓ ସାଧାରଣ ନାଗରିକ–ସମସ୍ତଙ୍କ ସହଭାଗିତା ହିଁ ଏହି ନୂଆ ସହରୀୟ ଯାତ୍ରାକୁ ସଫଳ କରିବ। ଆମେ ଏମିତି ଏକ ସହରୀୟ ଶାସନ ବ୍ୟବସ୍ଥା ଚାହୁଁଛୁ, ଯେଉଁଠାରେ ପ୍ରଶାସନ ଲୋକଙ୍କ ନିକଟରେ ରହିବ ଏବଂ ଲୋକଙ୍କ ଆବଶ୍ୟକତା ହିଁ ବିକାଶର ପ୍ରାଥମିକତା ହେବ।

୨୮ଟି ନୂଆ NAC ଗଠନ ହେଉଛି ଏହି ଲୋକମୁଖୀ ଚିନ୍ତାଧାରାର ଏକ ଦୃଢ଼ ପ୍ରତିଫଳନ। ଜନସାଧାରଣ ଦାବି କରିଥିଲେ, ଆମ ଲୋକସରକାର ସେହି ଦାବିକୁ ଶୁଣିଛି। ସରକାର ନିଷ୍ପତ୍ତି ନେଇଛି ଏବଂ ଏବେ ସେହି ନିଷ୍ପତ୍ତିକୁ ବିକାଶରେ ପରିଣତ କରିବାର ସମୟ ଆସିଛି । ଏହିଠାରେ କହିରଖେ ଯେ ପୂର୍ବ ସରକାର କେବଳ ଘୋଷଣାରେ ସୀମିତ ଥିଲେ, କିନ୍ତୁ ଆମ ସରକାର ଲୋକଙ୍କ ନାର୍ଯ୍ୟ ଦାବିକୁ ଗ୍ରହଣ କରି ତା'ର ବାସ୍ତବ ରୂପାୟନ ଦେଇଛନ୍ତି।

ମୋର ବିଶ୍ୱାସ, ଆଜି ଯେଉଁ ୨୮ଟି ଅଞ୍ଚଳ ନୂଆ NAC ଭାବେ ନୂଆ ଯାତ୍ରା ଆରମ୍ଭ କରିଛି, ଆଗାମୀ ଦିନରେ ସେଗୁଡ଼ିକ ନିଜ ନିଜ ଅଞ୍ଚଳର ବିକାଶ, ଜୀବିକା ଓ ସମୃଦ୍ଧିର ନୂଆ କେନ୍ଦ୍ର ଭାବେ ପରିଚିତ ହେବ। ଏହି ଯାତ୍ରାରେ ୨୦ କୋଟିର ସ୍ୱତନ୍ତ୍ର ପ୍ୟାକେଜ୍ ଏକ ଆରମ୍ଭ ମାତ୍ର ନିୟମିତ ସରକାରୀ ଯୋଜନା, ସ୍ଥାନୀୟ ସମ୍ପଦର ସୁବିନିଯୋଗ ଓ ଲୋକଙ୍କ ସକ୍ରିୟ ସହଯୋଗ ଏହି ବିକାଶକୁ ଆହୁରି ସୁଦୃଢ଼ କରିବ ।

ଜନତାଙ୍କ ଦାବିରୁ ନିଷ୍ପତ୍ତି, ନିଷ୍ପତ୍ତିରୁ ବିକାଶ ଏବଂ ବିକାଶରୁ ସମୃଦ୍ଧି–ଏହା ହିଁ ଆମ ଲୋକସରକାରର ସଂକଳ୍ପ। ୨୮ଟି ନୂଆ ବିଜ୍ଞପିତ ଅଞ୍ଚଳ ପରିଷଦ ସଂକଳ୍ପର ଏକ ନୂଆ ଅଧ୍ୟାୟ।

ଆମର ଲକ୍ଷ୍ୟ ସ୍ପଷ୍ଟ–ପ୍ରତ୍ୟେକ ଅଞ୍ଚଳର ସନ୍ତୁଳିତ ବିକାଶ, ପ୍ରତ୍ୟେକ ନାଗରିକଙ୍କ ପାଇଁ ଉନ୍ନତ ନାଗରିକ ସେବା ଏବଂ ଏକ ସମୃଦ୍ଧ, ସୁନ୍ଦର ଓ ସଶକ୍ତ ଓଡ଼ିଶା ।

# ବାଘାଯତୀନଙ୍କ ବଳିଦାନ ଦିବସ

**ଅଲେଖ ଚନ୍ଦ୍ର ସାମଲ**



୧୮୩୯ ମସିହା ଡିସେମ୍ବର ୮ ତାରିଖ, ଆଜିର ବଙ୍ଗଳାଦେଶ ଅନ୍ତର୍ଗତ କୁଷ୍ଟିଆ ଜିଲ୍ଲାର କୟା ନାମକ ଛୋଟ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ବାଘାଯତୀନ। ପାଞ୍ଚ ବର୍ଷ ବୟସରେ ବାପାଙ୍କ ମୃତ୍ୟୁ ପରେ ମା'ଙ୍କ ସହ ମାମୁ ଘରେ ରହି ବାଲ୍ୟ ଶିକ୍ଷାଲାଭ କରିଥିଲେ। ନଦିଆ ଜିଲ୍ଲାର ସରକାରୀ ଓକିଲ ଥିଲେ ତାଙ୍କୁ ମାମୁ ବସନ୍ତ କୁମାର ଚାଟାର୍ଜୀ। ମାମୁଙ୍କ ଦ୍ୱାରା ସେ ବିଶେଷ ପ୍ରଭାବିତ ହୋଇଥିଲେ। ମାମୁଙ୍କ ଗୃହରକ୍ଷୀ ଫିରୋଜ୍ ଖାଁଙ୍କଠୁ ଯତୀନ ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷା କରିଥିଲେ। ପିଲାଦିନୁ ମା'ଙ୍କଠୁ ସେ ଦେଶାତ୍ମବୋଧ କାହାଣୀ ଶୁଣୁଥିଲେ। ଇଂରେଜମାନଙ୍କ ପ୍ରତି ସେବେଠୁ ଘୃଣାଭାବ ଜାତ ହୋଇସାରିଥିଲା ତାଙ୍କ ମନରେ। ସାମାଜିକ ବୈଷମ୍ୟକୁ ସେ ଦୃଢ଼ ବିରୋଧ କରୁଥିଲେ। ୧୮୯୯ ମସିହାରେ ଯତୀନ ଏଣ୍ଟ୍ରାସ୍ ପାସ୍ କରି ଉଚ୍ଚଶିକ୍ଷା ପାଇଁ କଲିକତାରେ ରହିଲେ। ସେଠାରେ ଚିନ୍ତାନାୟକମାନଙ୍କ ସ୍ପର୍ଶରେ ଆସି ଇଂରେଜ ବିରୁଦ୍ଧରେ ଲଢ଼େଇ କରିବାକୁ ଅଣ୍ଟା ଭିଡ଼ିଲେ।

୧୯୦୦ ମସିହାରେ ଯତୀନ ଉମାପଦ ବାନାର୍ଜୀଙ୍କ ଝିଅ ହିନ୍ଦୁବାଳାଙ୍କୁ ବିବାହ କରିଥିଲେ। ୧୯୦୩ ମସିହାରେ ଯୋଗେନ୍ଦ୍ର ବିଦ୍ୟାଭୂଷଣଙ୍କ ଘରେ ବିପ୍ଳବୀ ଅରବିନ୍ଦ ଘୋଷଙ୍କ ସହିତ ଯତୀନଙ୍କର ସାକ୍ଷାତ ହେଲା। ଏହାପରେ ସେ ଦେଶର ମୁକ୍ତି ଆନ୍ଦୋଳନରେ ଗଭୀର ମନୋନିବେଶ କଲେ। ୧୯୦୫ ମସିହା ବଙ୍ଗଭଙ୍ଗ ଆନ୍ଦୋଳନରେ ସେ ପ୍ରତ୍ୟେକ୍ଷ ସାମିଲ ହୋଇଥିଲେ। ବାଘାଯତୀନ ଗଦର ନାମକ ଏକ ପତ୍ରିକା ପ୍ରକାଶ କରି ସ୍ୱାଧୀନତା ସଂଗ୍ରାମକୁ ତ୍ୱରାନ୍ୱିତ କରିବାକୁ ଆପ୍ରାଣ ଉଦ୍ୟମ କରିଥିଲେ। ଇଂରେଜମାନଙ୍କ ସମସ୍ତ ଉଦ୍ୟମ ସେ ପଣ୍ଡ କରି ଦେଉଥିଲେ। ଦେଶ ପାଇଁ ବିପ୍ଳବୀ ଭାବେ ପ୍ରାଣବଳି ଦେବାର ସୌଭାଗ୍ୟ ଆଉ ଆସିବ ନାହିଁ ବୋଲି ସେ ବାରମ୍ବାର ବିପ୍ଳବୀମାନଙ୍କୁ କହୁଥିଲେ। ଦେଶର ମୁକ୍ତି ପାଇଁ ଯୁଦ୍ଧ ସମୟରେ ଇଂରେଜମାନଙ୍କ ଗୁଳିରେ ସେ ଗୁରୁତର ଆହତ ହେଲେ। ତାଙ୍କୁ କାବୁକରି ବ୍ରିଟିଶ ସୈନ୍ୟମାନେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେପ୍ଟେମ୍ବର ୧୦ ତାରିଖ ପ୍ରତ୍ୟୁଷରୁ ବାଘାଯତୀନ ଇହଲୀଳା ସମ୍ବରଣ କଲେ। ଏହି ମହାନାୟକଙ୍କ ଦେଶପ୍ରେମ ଓ ପ୍ରାଣବଳି ଯୁଗ ଯୁଗକୁ ସମଗ୍ର ଓଡ଼ିଶା ତଥା ଭାରତ ଇତିହାସର ପୃଷ୍ଠାମଣ୍ଡନ କରିବ ତାହା ନିଃସନ୍ଦେହ ।

ମୋ: ୯୪୩୭୨୫୬୭୧୨୩

# ଓଡ଼ିଶାର ବନ୍ୟା ସମସ୍ୟା ରିଲିଫରୁ ଦୀର୍ଘସ୍ଥାୟୀ ପ୍ରସ୍ତୁତି ଆଡ଼କୁ ଯିବାର ସମୟ

**ଦୁର୍ଗା ଚରଣ ସ୍ୱାଇଁ**

ବନ୍ୟା ଓଡ଼ିଶା ପାଇଁ ନୂଆ ଘଟଣା ନୁହେଁ। ଦୀର୍ଘ ସମୁଦ୍ରତଟ, ଅନେକ ନଦୀ ଏବଂ ପ୍ରବଳ ବର୍ଷା ଓ ବାତ୍ୟାପ୍ରବଣ ବିସ୍ତୃତ ଅଞ୍ଚଳ ଯୋଗୁଁ ରାଜ୍ୟ ଦୀର୍ଘଦିନ ଧରି ବନ୍ୟା ବିପଦର ସମ୍ମୁଖୀନ ହୋଇଆସିଛି। ବର୍ଷ ବର୍ଷ ଧରି ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଢ଼ି ତୋଳିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ସ୍ଥାନାନ୍ତରଣ, ବାତ୍ୟା ଆଶ୍ରୟସ୍ଥଳୀ, ଉଦ୍ଧାରକାରୀ ଦଳ ଏବଂ ରିଲିଫ୍ କାର୍ଯ୍ୟ ଅନେକ ଜୀବନ ରକ୍ଷା କରିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଓଡ଼ିଶାର ପଦକ୍ଷେପକୁ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବେ ମଧ୍ୟ ଦେଖାଯାଏ।

କିନ୍ତୁ ସମସ୍ୟାର ପ୍ରକୃତି ଏବେ ବଦଳୁଛି। ଚଳିତ ବର୍ଷ ବାରମ୍ବାର ଘଟିଥିବା ବନ୍ୟା ଦେଖାଇ ଦେଇଛି ଯେ ବିପର୍ଯ୍ୟୟ ପରିଚାଳନା କେବଳ ସ୍ଥାନାନ୍ତରଣ ଓ ରିଲିଫରେ ସୀମିତ ରହିପାରିବ ନାହିଁ। ଅତ୍ୟଧିକ ଜଳ ସହ କିପରି ନିରାପଦ ଭାବେ ବଞ୍ଚିହେବ, ଓଡ଼ିଶାକୁ ଏବେ ସେଥିପାଇଁ ଅଧିକ ଗମ୍ଭୀରତାର ସହ ଚିନ୍ତା କରିବାକୁ ହେବ। ସାମ୍ପ୍ରତିକ ବନ୍ୟାରେ ଅନେକ ନଦୀ ପ୍ରଣାଳୀ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ହଜାର ହଜାର ଲୋକଙ୍କୁ ପ୍ରଭାବିତ ଗାଁଗୁଡ଼ିକରୁ ସ୍ଥାନାନ୍ତର କରାଯାଇଛି।

ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଯାଜପୁର ଓ ମୟୂରଭଞ୍ଜର କେତେକ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା, ବୈତରଣୀ, ସାଳନ୍ଦୀ ଓ ବୁଢ଼ାବଳଙ୍ଗ ନଦୀ ସମ୍ପ୍ରତି ପରିସ୍ଥିତିକୁ ପ୍ରଭାବିତ କରିଛି। ବନ୍ୟାପ୍ରବଣ ଗାଁରେ ବସବାସ କରୁଥିବା ଲୋକଙ୍କ ପାଇଁ ବାରମ୍ବାର ବନ୍ୟାର ଅର୍ଥ ହେଉଛି ବାରମ୍ବାର କ୍ଷତି। ଘରଦ୍ୱାର କ୍ଷତିଗ୍ରସ୍ତ ହୁଏ, ରାସ୍ତା ଅଚଳ ହୋଇଯାଏ ଓ ଚାଷଜମି ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହେ। ଗୃହପାଳିତ ପଶୁ ହାନି ହୋଇପାରେ ଏବଂ ସ୍କୁଲ୍ ବନ୍ଦ ରଖିବାକୁ ପଡ଼ିପାରେ। ପାଣି ହ୍ରାସ ପାଇବା ପରେ ମଧ୍ୟ ଲୋକମାନଙ୍କୁ କ୍ଷତିଗ୍ରସ୍ତ ରାସ୍ତା, ଦୂଷିତ ପାଣି ଓ ରୋଗବ୍ୟାଧିର ଆଶଙ୍କା ସହ ମୁକାବିଲା କରିବାକୁ ପଡ଼େ ।

ସମସ୍ୟା କେବଳ ଗ୍ରାମୀଣ ଓଡ଼ିଶାରେ ସୀମିତ ନୁହେଁଛ ସହରୀ ବନ୍ୟା ମଧ୍ୟ ଏକ ସମାନ ଗମ୍ଭୀର ଚିନ୍ତାର ବିଷୟ ହୋଇଉଠୁଛି। ନିକଟରେ ପ୍ରବଳ ବର୍ଷା ପରେ ରାଉରକେଲାରେ ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟଧିକ ଜଳର ଚାପ ସମ୍ଭାଳି ନ ପାରିବାରୁ ଗୁରୁତର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସହରର ଭୂତଳ ସ୍ୱେରେଜ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା ଏବଂ ବର୍ଷାଜଳ ଓଲଟା ଦିଗକୁ ଫେରିଆସିଥିଲା। ବିଭିନ୍ନ ଡ୍ରେନେଜ୍ ବ୍ୟବସ୍ଥା ହଠାତ୍ ବଢ଼ିଯାଇଥିବା ବର୍ଷାଜଳର ପରିମାଣକୁ ସମ୍ଭାଳି ନ ପାରିବାରୁ ଅନେକ ସ୍ଥାନରେ ପାଣି ଜମି ରହିଥିଲା।

ଭୁବନେଶ୍ୱର ମଧ୍ୟ ପ୍ରବଳ ବର୍ଷା ପରେ ଗୁରୁତର ଜଳବନ୍ଦୀର ସମ୍ମୁଖୀନ ହୋଇଛି। ଦ୍ରୁତ ଗତିରେ ବଢୁଥିବା ରାଜଧାନୀ ସହର ପାଇଁ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ରାସ୍ତା, ଘର, କାର୍ଯ୍ୟାଳୟ ଓ ବଜାରରେ ଘଣ୍ଟା ଘଣ୍ଟା ଧରି ବର୍ଷାଜଳ ଜମି ରହିଲେ ସହରର ସାଧାରଣ ଜୀବନ ଓ କାର୍ଯ୍ୟକଳାପ ସ୍ୱାଭାବିକ ରହିପାରେ ନାହିଁ। ସହରୀକରଣ ମଧ୍ୟ ଏହି ସମସ୍ୟାର ଏକ କାରଣ। ସହର ବିସ୍ତାରିତ ହେବା ସହ ପ୍ରାକୃତିକ ଜଳନିଷ୍କାସନ ପଥ ଓ ଜଳାଭୂମିଗୁଡ଼ିକ ଚାପରେ ପଡୁଛି! ଖୋଲା ଜମିର ସ୍ଥାନ ନେଉଛି ଘର, ରାସ୍ତା ଓ କଂକ୍ରିଟ୍ର ଆବରଣ। ପୂର୍ବରୁ ଯେଉଁ ବର୍ଷାଜଳ ମାଟିରେ ଶୋଷିତ ହେଉଥିଲା, ଏବେ ତାହା ଦ୍ରୁତ ଗତିରେ ଡ୍ରେନରୁ ପ୍ରବାହିତ ହେଉଛି। ଡ୍ରେନ୍ଗୁଡ଼ିକ ଛୋଟ ହେଲେ, ଅବରୋଧିତ ହେଲେ କିମ୍ବା ପରସ୍ପର ସହ ଠିକ୍ ଭାବେ ସଂଯୁକ୍ତ ନ ଥିଲେ ରାସ୍ତା ଓ ନିମ୍ନାଞ୍ଚଳରେ ପାଣି ଜମିଯାଏ। ଏହାର ଅର୍ଥ ବିକାଶକୁ ବନ୍ଦ କରିଦେବା ନୁହେଁ। ଓଡ଼ିଶାକୁ ଉନ୍ନତ ରାସ୍ତା, ଆବାସ, ଶିଳ୍ପ ଏବଂ ସହରୀ ଭିତ୍ତିଭୂମି ଆବଶ୍ୟକ। କିନ୍ତୁ ବିକାଶର ଯୋଜନା ଓ କାର୍ଯ୍ୟାନ୍ୱୟନ ସମୟରେ ପ୍ରାକୃତିକ ଜଳପ୍ରବାହକୁ ସମ୍ମାନ କରିବାକୁ ହେବ! ଜଳଭୂମି, ପୋଖରୀ ଓ ପ୍ରାକୃତିକ ଜଳ ନିଷ୍କାସନ ପଥର ସୁରକ୍ଷା ଏଥିପାଇଁ ଏକ ମୁଖ୍ୟ ପଦକ୍ଷେପ। ଏଗୁଡ଼ିକ ନିର୍ମାଣ ପାଇଁ ଅପେକ୍ଷା କରିଥିବା ଖାଲି ଜମି ନୁହେଁ। ପ୍ରବଳ ବର୍ଷା ସମୟରେ ଏଗୁଡ଼ିକ ପ୍ରାକୃତିକ ଜଳଧାରଣ କ୍ଷେତ୍ର ଭାବେ କାମ କରେ। ସ୍ୱଳ୍ପକାଳରେ ସେଗୁଡ଼ିକୁ ନଷ୍ଟ କରି ସହରକୁ ଅଧିକ ବିକଶିତ ଦେଖାଇହେବ, କିନ୍ତୁ ଦୀର୍ଘକାଳରେ ଏହା ବନ୍ୟା ସମସ୍ୟାକୁ ଆହୁରି ଗମ୍ଭୀର କରିପାରେ । ଡ୍ରେନେଜ୍ ଯୋଜନାକୁ ମଧ୍ୟ ଏକ ନୂଆ ଦୃଷ୍ଟିକୋଣ ଆବଶ୍ୟକ। ଡ୍ରେନଗୁଡ଼ିକୁ ପୃଥକ ପୃଥକ ପ୍ରକଳ୍ପ ଭାବେ ଦେଖିବା ପରିବର୍ତ୍ତେ ସହରଗୁଡ଼ିକୁ ସମନ୍ୱିତ ଡ୍ରେନେଜ୍ ନେଟୱର୍କ ବିକଶିତ କରିବାକୁ ହେବ। ରାସ୍ତା, ବର୍ଷାଜଳ ନିଷ୍କାସନ ଡ୍ରେନ୍, ସ୍ୱେରେଜ୍ ବ୍ୟବସ୍ଥା, କେନାଲ୍ ଏବଂ ପ୍ରାକୃତିକ ଜଳାଶୟ ପରସ୍ପର ସହ ସମନ୍ୱିତ ଭାବେ କାମ କରିବା ଦରକାର।

ସ୍ଥାନୀୟ ସ୍ତରରେ ବନ୍ୟା ପୂର୍ବାନୁମାନ ବ୍ୟବସ୍ଥାକୁ ମଧ୍ୟ ଆହୁରି ସୁଦୃଢ଼ କରିବା ଆବଶ୍ୟକ। କେବଳ 'ପ୍ରବଳ ବର୍ଷା ହେବ' ବୋଲି ସାଧାରଣ ସତର୍କ ସୂଚନା ଦେବା ଯଥେଷ୍ଟ ନୁହେଁ। କେଉଁ ଗାଁ କିମ୍ବା କେଉଁ ରାସ୍ତାରେ ବନ୍ୟା ହେବାର ସମ୍ଭାବନା ରହିଛି, କେବେ ପାଣି ପହଞ୍ଚିପାରେ ଏବଂ ଲୋକମାନେ କେଉଁଠାକୁ ଯିବେ –ସେ ସୂଚନା ସେମାନଙ୍କ ପାଖରେ ସମୟରେ ପହଞ୍ଚିବା ଦରକାର।

ପ୍ରଯୁକ୍ତି ଏଥିରେ ସହାୟକ ହୋଇପାରେ। ଉପଗ୍ରହ ଚିତ୍ର, ପାଣିପାଗ ପୂର୍ବାନୁମାନ, ନଦୀ ଜଳସ୍ତର ମାପିବା ସେନ୍ସର ଏବଂ ମୋବାଇଲ୍ ସତର୍କ ସୂଚନା ମୂଲ୍ୟବାନ ତଥ୍ୟ ଯୋଗାଇପାରେ। କିନ୍ତୁ ଏହି ପ୍ରଯୁକ୍ତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ମଧ୍ୟ ସେତିକି ଜରୁରୀ। ଯେଉଁ ସତର୍କ ସୂଚନା ସମୟରେ ଜଣେ ଚାଷୀ, ମତ୍ସ୍ୟଜୀବୀ କିମ୍ବା ବସ୍ତିବାସୀଙ୍କ ପାଖରେ ପହଞ୍ଚିପାରେ ନାହିଁ, ତାହାର ମୂଲ୍ୟ ବହୁତ କମ୍।

ବନ୍ୟା ପରିଚାଳନାର ଦାୟିତ୍ୱ କେବଳ ସରକାରଙ୍କର ହୋଇପାରେ ନାହିଁ। ନାଗରିକଙ୍କର ମଧ୍ୟ ଏଥିରେ ଭୂମିକା ରହିଛି। ଡ୍ରେନରେ ପ୍ଲାଷ୍ଟିକ୍ ଓ ଆବର୍ଜନା ପକାଇବା, ପ୍ରାକୃତିକ ଜଳପଥ ଉପରେ ବେଆଇନ ନିର୍ମାଣ କରିବା ଏବଂ ସତର୍କ ସୂଚନାକୁ ଅଣଦେଖା କରିବା ଏକ କଠିନ ପରିସ୍ଥିତିକୁ ଆହୁରି ଖରାପ କରିପାରେ। ଏପଟେ ସରକାରଙ୍କୁ ଜରୁରୀକାଳୀନ ରିଲିଫ୍ର ସୀମା ଛାଡ଼ି ଆଗକୁ ଦେଖିବାକୁ ହେବ। ରିଲିଫ୍ ଆବଶ୍ୟକ, କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ।

ଓଡ଼ିଶାକୁ ଦୀର୍ଘମିଆଦୀ ଭାବେ ବନ୍ୟା–ସହନଶୀଳ ଗାଁ ଓ ସହର ଗଢ଼ିବା ପାଇଁ ଏକ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ। ବନ୍ୟାପ୍ରବଣ ଅଞ୍ଚଳରେ ଘରଗୁଡ଼ିକୁ ବନ୍ୟାର ଚାପ ସହିପାରିବା ଭଳି ଡିଜାଇନ୍ କରାଯାଇପାରେ। ସ୍ଥାନୀୟ ବନ୍ୟାର ଧାରା ଓ ଇତିହାସକୁ ବିଚାରରେ ରଖି ରାସ୍ତା ଓ ସେତୁ ନିର୍ମାଣ କରାଯାଇପାରେ। ସ୍କୁଲ୍ ଓ ସରକାରୀ କୋଠାଗୁଡ଼ିକୁ ଆବଶ୍ୟକ ସମୟରେ ନିରାପଦ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ। ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଓ ଯୋଗାଯୋଗ ଭିତ୍ତିଭୂମିକୁ ବନ୍ୟାଜଳରୁ ସୁରକ୍ଷିତ ରଖାଯାଇପାରେ।

କୃଷି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ୟାପ୍ରବଣ ଅଞ୍ଚଳର ଚାଷୀମାନଙ୍କୁ ଫସଲ ଚୟନ, ଫସଲ ବୀମା ଏବଂ ବିକଳ୍ପ ଆୟର ଉତ୍ସ ସମ୍ପର୍କରେ ଅଧିକ ଓ ଭଲ ସୂଚନା ଦରକାର। ଯେଉଁଠାରେ ବନ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ, ସେଠାରେ ଯୋଜନାବଦ୍ଧ ପଦକ୍ଷେପ ମାଧ୍ୟମରେ ସମୁଦାୟର ଆର୍ଥିକ କ୍ଷତି କମାଇବାକୁ ହେବ। ବିପର୍ଯ୍ୟୟ ଘଟିଲେ ଓଡ଼ିଶା ପ୍ରଭାବଶାଳୀ ଭାବେ ମୁକାବିଲା କରିପାରେ ବୋଲି ପ୍ରମାଣ କରିଛି। ପରବର୍ତ୍ତୀ ଚ୍ୟାଲେଞ୍ଜ ହେଉଛି – ବିପର୍ଯ୍ୟୟ ଘଟିବା ପରେ କ୍ଷତି କମାଇବା ନୁହେଁ, ବରଂ ପ୍ରଥମ ସ୍ଥାନରେ ହିଁ କ୍ଷତିକୁ ଯଥାସମ୍ଭବ କମାଇବା। ତେଣୁ ୨୦୨୬ର ବାରମ୍ବାର ବନ୍ୟାକୁ କେବଳ ଆଉ ଏକ ମୌସୁମୀ ଘଟଣା ଭାବେ ଦେଖିଲେ ଚଳିବ ନାହିଁ। ଏହାକୁ ଏକ ସତର୍କ ସଙ୍କେତ ଏବଂ ଏକ ସୁଯୋଗ ଭାବେ ଦେଖିବା ଦରକାର।

ପ୍ରଶ୍ନ ଏବେ ଏହା ନୁହେଁ ଯେ ବନ୍ୟା ପରେ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରିପାରିବ କି ନାହିଁ। ଓଡ଼ିଶା ତାହା କରିପାରେ। ବଡ଼ ପ୍ରଶ୍ନ ହେଉଛି – ଓଡ଼ିଶା ଏପରି ଗାଁ ଓ ସହର ଗଢ଼ିପାରିବ କି, ଯେଉଁଠାରେ ପ୍ରଥମେ ହିଁ କମ୍ ଲୋକଙ୍କୁ ଉଦ୍ଧାର କରିବାର ଆବଶ୍ୟକତା ପଡ଼ିବ। ଏଥିପାଇଁ ଉନ୍ନତ ଯୋଜନା, ଅଧିକ ସୁଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ଜଳାଶୟର ସୁରକ୍ଷା ଏବଂ ଅଧିକ ଜନସଚେତନତା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଚିନ୍ତାଧାରାରେ ପରିବର୍ତ୍ତନ–ପ୍ରତ୍ୟେକ ବନ୍ୟା ସହ ଲଢ଼ିବା ପରିବର୍ତ୍ତେ ଜଳ ସହ ସୁରକ୍ଷିତ ଭାବେ ବଞ୍ଚିପାରୁଥିବା ଏକ ପ୍ରସ୍ତୁତ ରାଜ୍ୟ ଗଢ଼ିବା। ବିପର୍ଯ୍ୟୟ ସମୟରେ ଜୀବନ ବଞ୍ଚାଇବାରେ ଓଡ଼ିଶା ନିଜକୁ ଆହୁରି ସକ୍ଷମ କରିଛି। ଏବେ ତାହାର ପରବର୍ତ୍ତୀ ସଫଳତା ହେଉଛି–ପରବର୍ତ୍ତୀ ବନ୍ୟା ଆସିବା ପୂର୍ବରୁ ଲୋକଙ୍କ ଜୀବିକା, ଘରବାଡ଼ି ଓ ସହରଗୁଡ଼ିକୁ ସୁରକ୍ଷିତ କରିବା।

ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ଲେଖା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ମତ । ଏହା 'ପ୍ରତିଦିନ'ର ମତ ନୁହେଁ ।

# ୧.୪୦ କୋଟି ଟଙ୍କାର ଜମି ଠକେଇ: ଜଣେ ଗିରଫ



ବ୍ରହ୍ମପୁର,୯।୯(ନି.ପ୍ର): ଜମି ଠକେଇ ମାମଲାରେ ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ଅଭିଯୁକ୍ତ ଭୁବନେଶ୍ୱର ପଶ୍ଚିମ ବିନ୍ଦୁ ସାଗର ରୋଡ୍ ଅଞ୍ଚଳର ସୁରଜ୍ କୁମାର ମିଶ୍ର (୫୧)ଙ୍କୁ ଗିରଫ କରିଛି । ପୋଲିସ ସୂଚନା ଅନୁଯାୟୀ ବ୍ରହ୍ମପୁର ଶାସ୍ତ୍ରୀନଗରର ଲଳିତ ମୋହନ ମଙ୍ଗରାଜ ବ୍ରହ୍ମପୁର ତହସିଲ ଅନ୍ତର୍ଗତ ଶଙ୍କରପୁର ମୌଜାର ଖାତା ନଂ ୧୫୩ ଅଧୀନରେ ଥିବା ବିଭିନ୍ନ ପ୍ଲଟର ମୋଟ ୪.୧୧୨୦ ଏକର ଜମି କିଣିବାକୁ ଚାହୁଁଥିଲେ । ଏହି ଜମି ପାଇଁ ସେ ଜମିର ପାୱାର ଅଫ୍ ଆଟର୍ଣ୍ଣି ଧାରକ କିଶୋର ଚନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ ଗୀତାଞ୍ଜଳି ମିଶ୍ରଙ୍କ ସହ ବିକ୍ରୟ ଚୁକ୍ତି କରିଥିଲେ । ଜମିର ମୋଟ ମୂଲ୍ୟ ୨.୭୭ କୋଟି ଧାର୍ଯ୍ୟ ହୋଇଥିବା ବେଳେ ସେ ଅଗ୍ରୀମ ନଗଦ ୧.୪୦ କୋଟି ପ୍ରଦାନ କରିଥିଲେ । ଏହା ସହିତ ଆଇନ୍‌ଗତ ଉତ୍ତରାଧିକାରୀ ପ୍ରମାଣପତ୍ର ଖର୍ଚ୍ଚ ବାବଦରେ କିଶୋରଙ୍କ ପୁଅ ତଥା ଅଭିଯୁକ୍ତ ସୁରଜ କୁମାର ମିଶ୍ର ଗତ ବର୍ଷ ଫେବ୍ରୁଆରୀରେ ଅନ୍‌ଲାଇନ୍ ମାଧ୍ୟମରେ ଆଉ ୬୦ ହଜାର ନେଇଥିଲେ । ତେବେ ମୋଟ ୧,୪୦,୬୦,୦୦୦ ନେବା ପରେ ମଧ୍ୟ ଅଭିଯୁକ୍ତମାନେ ଜମିର ବିକ୍ରୟ ଦଲିଲ କରିନଥିଲେ କିମ୍ବା ଟଙ୍କା ଫେରସ୍ତ କରିନଥିଲେ । ବରଂ ଅଭିଯୋଗ ଅନୁସାରେ ସେହି ଜମିକୁ ଗୋପନରେ ତୃତୀୟ ପକ୍ଷକୁ ବିକ୍ରି କରିଦେଇଥିଲେ । ଟଙ୍କା ଫେରସ୍ତ ଦାବି କରିବାରୁ ଅଭିଯୋଗକାରୀଙ୍କୁ ଜୀବନରେ ମାରିଦେବାର ଧମକ ଦେଇଥିଲେ । ଏ ସଂକ୍ରାନ୍ତରେ ଟାଉନ୍‌ଥାନାରେ ଅଭିଯୋଗ ପରେ ଟାଉନ୍ ଥାନା ପୋଲିସ ତଦନ୍ତ କରି ପୋଲିସ ବିକ୍ରୟ ଚୁକ୍ତିପତ୍ର, ଆଫିଡେଭିଟ୍ ଏବଂ ଅନ୍‌ଲାଇନ୍ ଟ୍ରାଞ୍ଜାକ୍ସନ୍ ସମ୍ପର୍କିତ ଦଲିଲ ଜବତ କରିବା ସହ ବିଭିନ୍ନ ସାକ୍ଷୀଙ୍କ ବୟାନ ରେକର୍ଡ଼ କରିଥିଲା । ଏହି ମାମଲାରେ ସୁରଜଙ୍କୁ ବିଏନ୍ଏସ୍ ଧାରା ୩୫(୩) ଅନୁଯାୟୀ ନୋଟିସ ଦିଆଯାଇ କିନ୍ତୁ ଛାଡ଼ି ଦିଆଯାଇଥିଲା । ପରେ ଅଭିଯୁକ୍ତ ହ୍ୱାଟ୍‌ସଆପ୍ କଲ୍ ମାଧ୍ୟମରେ ଅଭିଯୋଗକାରୀଙ୍କୁ ମାମଲା ପ୍ରତ୍ୟାହାର କରିବାକୁ ଧମକ ଦେଇଥିଲେ । ନୋଟିସ୍‌ରୁ ସର୍ତ୍ତ ଉଲଘଂନ କରିଥିବାରୁ ପୋଲିସ ଅଭିଯୁକ୍ତ ସୁରଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ମାମଲାରେ ସମ୍ପୃକ୍ତ ଅନ୍ୟ ସହ ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଠକେଇ ହୋଇଥିବା ଟଙ୍କା ଉଦ୍ଧାର ପାଇଁ ପୋଲିସର ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

# ବ୍ରହ୍ମପୁର-ପୁରୀ ରେଳଚଳାଚଳ ଦାବି ନେଇ ପଥପ୍ରାନ୍ତ ସଭା




ବ୍ରହ୍ମପୁର,୯।୯(ନି.ପ୍ର): ସ୍ଥାନୀୟ ରେଳ ଷ୍ଟେସନ୍ ସମ୍ମୁଖରେ ବ୍ରହ୍ମପୁର ନାଗରିକ ମଞ୍ଚ ର ପ୍ରତିଷ୍ଠାତା ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ଠାରୁ ପୁରୀକୁ ସିଧାସଳଖ ସକାଳୁଆ ରେଳ ଚଳାଚଳ ଦାବି ସହ ଦୀର୍ଘ ବର୍ଷ ଧରିଥିବା ଆର୍.ଏମ୍.ଏସ୍. ପୋଷ୍ଟ ଅଫିସ୍‌କୁ ସ୍ଥାନାନ୍ତରିତ ନିର୍ଦ୍ଦେଶକୁ ବାତିଲ କରିବା ଦାବି ନେଇ ଷ୍ଟେସନ୍ ସମ୍ମୁଖରେ ଏହି ପ୍ରଥପ୍ରାନ୍ତ ସଭା ହୋଇଥିଲା । ଶ୍ରୀ ମହାରଣା ପୂର୍ବତଟ ରେଳପଥ ଓ ଭାରତର ରେଳ ବିଭାଗ ବ୍ରହ୍ମପୁର ଠାରୁ ପୁରୀକୁ ସିଧାସଳଖ ରେଳ ଚଳାଚଳ କରିବା ଦାବି ପ୍ରତି ବୈମାତୃକ ମନୋଭାବକୁ ଦୃଢ଼ ନିନ୍ଦା କରି କହିଛନ୍ତି ନୟାଗଡ଼, ଢେଙ୍କାନାଳ, ପାରାଦୀପ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍ ପ୍ରଭୃତି ଷ୍ଟେସନରୁ ପୁରୀକୁ ସିଧାସଳଖ ରେଳ ଚଳାଚଳ କରୁଥିବା ବେଳେ କାହିଁକି ବ୍ରହ୍ମପୁରରୁ ପୁରୀକୁ ସିଧାସଳଖ ରେଳ ଚଳାଚଳ କରିବ ନାହିଁ ବୋଲି ଶ୍ରୀ ମହାରଣା ଅତୀତରେ ବିଭାଗ ଯେଉଁ ସ୍ପଷ୍ଟୀକରଣ ଦେଇଥିଲେ ତାହା ଆଦୌ ଗ୍ରହଣୀୟ ନୁହେଁ । କିଛି ମାସ ତଳେ ମାନ୍ୟବର ରେଳମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ବ୍ରହ୍ମପୁର-ସୁରାଟକୁ ଅମୃତ ଭାରତ ରେଳ ଶୁଭାରମ୍ଭ ବେଳେ ଆମର ଦାବିକୁ ଘୋଷଣା କରିଥିଲେ ବ୍ରହ୍ମପୁରରୁ ପୁରୀକୁ ରେଳ ଅତିଶୀଘ୍ର ଚଳାଚଳ କରିବ । ଅନୁରୋଧ ରେଳମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେଇ ଘୋଷଣାର ମର୍ଯ୍ୟାଦା ରକ୍ଷା କରନ୍ତୁ । ଦୀର୍ଘ ୧୦ ବର୍ଷ ଧରି ଦାବି କରି ଆସୁଅଛି ଯେ ୧୦.୧୧.୨୦୨୬ ସୁଦ୍ଧା ପୂରଣ ନହେଲେ ସହର ସମେତ ବିଭିନ୍ନ ଅଞ୍ଚଳବାସୀ ଓ ବିଭିନ୍ନ ସଂଘକୁ ନେଇ ମହାଆନ୍ଦୋଳନ ତିନିଦିନ ବ୍ରହ୍ମପୁର ଠାରେ ଦୁଇ ଦିନ ୧୧.୧୧.୨୬ ରୁ ୧୩.୧୧.୨୦୨୬ ଏବଂ ଭୁବନେଶ୍ୱର ରେଳ କାର୍ଯ୍ୟାଳୟ ସମ୍ମୁଖରେ ୨୮.୧୧.୨୦୨୬ରେ ଗଣ ଆନ୍ଦୋଳନ କରାଯିବ । ଏଥିରେ ବିଭିନ୍ନ ରାଜନୈତିକ ଦଳମାନଙ୍କୁ ମଧ୍ୟ ସାମିଲ କରି ବ୍ରହ୍ମପୁରବାସୀଙ୍କ ଦୀର୍ଘ ଦିନର ଦାବିକୁ ସାକାର କରିବାକୁ ଆୟୋଜନ କରାଯିବ ବୋଲି ଶ୍ରୀ ମହାରଣା ଚେତାବନୀ ଦେଇଛନ୍ତି । ଉକ୍ତ ପଥପ୍ରାନ୍ତ ସଭାରେ ଉପସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ବସନ୍ତ କୁମାର ଶତପଥୀ ଏବଂ ଯୁଗ୍ମ ସମ୍ପାଦକ ସୀମାଞ୍ଚଳ ପତି ପ୍ରମୁଖ ଉପସ୍ଥିତଥିଲେ ।

# ନାବାଳିକା ବଳାତ୍କାରୀଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର,୯।୯(ନି.ପ୍ର): ନାବାଳିକା ଛାତ୍ରୀ ବଳାତ୍କାର ମାମଲାରେ ଫାଷ୍ଟ୍ରାକ୍ ପୋକ୍ସ କୋର୍ଟ ଅଭିଯୁକ୍ତ ରମ୍ଭା ଥାନା ଅଞ୍ଚଳର ବୃନ୍ଦାବନ ପ୍ରଧାନ (୩୩)କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲ ଦଣ୍ଡ ସହ ୭୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ଜୋରିମାନା ଅନାଦାୟ ଅତିରିକ୍ତ ୯ ମାସ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରାଯାଇଛି । ସେହିପରି ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ରାଶି ଦେବାକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବଙ୍କୁ ପୋକ୍ସ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ଉକ୍ତ ଥାନା ଅଞ୍ଚଳରେ ରହୁଥିବା ୮ ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ଅଭିଯୁକ୍ତ ବୃନ୍ଦାବନ ୩ ଦିନ ଧରି ନିଜ ଘରେ ରଖି ଶାରିରୀକ ସମ୍ପର୍କ ରଖିଥିଲା । ପରେ ଛାତ୍ରୀଙ୍କୁ ଅଭିଯୁକ୍ତ ଘରୁ ତଡ଼ି ଦେଇଥିଲା । ପୀଡ଼ିତା ଘରକୁ ଫେରି ଘଟଣା ସମ୍ପର୍କରେ ମା'ଙ୍କୁ କହିବା ପରେ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ମାମଲାର ଶୁଣାଣି ବେଳେ ୧୪ ଜଣ ସାଧୀଙ୍କ ବୟାନ୍ ରେକର୍ଡ଼ କରାଯାଇଥିଲା । ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିବା ଉକ୍ତ ଅଭିଯୁକ୍ତକୁ ଆଜି କୋର୍ଟରେ ହାଜର କରାଯାଇଥିଲା । ସାକ୍ଷ୍ୟ ପ୍ରମାଣକୁ ଭିତି କରି ଜଜ୍ ରୋହିଲାଲ୍ ପଣ୍ଡା ଆଜି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ଼ା. ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ଗୋ ଚାଲାଣ ବେଳେ ଫାଟିଲା ପିକ୍‌ଅପ୍ ଟାୟାର

# ୩ ବଳଦ ମୃତ, ଗୋ-ମାଫିଆ ଓ ଚାଳକ ଫେରାର



ଜଗନ୍ନାଥପ୍ରସାଦ,୯।୯(ନି.ପ୍ର): ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ମଧ୍ୟରାତ୍ରିରେ ବେଆଇନ ଗୋ-ଚାଲାଣ ବେଳେ ଏକ ବଡ଼ ଦୁର୍ଘଟଣା ଘଟିଛି । ବୁଗୁଡ଼ା-ମାଣିତରା ପଥ ଦେଇ ଜଗନ୍ନାଥପ୍ରସାଦ ଆଡ଼କୁ ଆସୁଥିବା ଗୋରୁ ବୋଝେଇ ପିକଅପ ଭ୍ୟାନ (ଓଡି୩୩ଏମ୍ ୦୪୦୧ )ର ଚକାଜିରାବାଡ଼ି ଗ୍ରାମ ନିକଟରେ ଫାଟିଯିବା ଫଳରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତାରେ ପ୍ରାୟ ୫୦ ମିଟର ଯାଏଁ ଘୋଷାରି ହୋଇଯାଇଥିଲା । ଗାଡ଼ି ଭିତରେ ଅତି ନୃଶଂସ ଭାବେ ଉପର ତଳ କରି ଭର୍ତ୍ତି ହୋଇଥିବା ୧୪ଟି ଗୋରୁ ଓ ଷଣ୍ଢଙ୍କୁ ଆର୍ତ୍ତଚିତ୍କାର କରିଥିଲେ । ସ୍ଥାନୀୟ ଲୋକେ ଏବଂ ଦମକଳ ବାହିନୀ ସେଠାରେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।ଗାଡ଼ି ଭିତରେ ଶ୍ୱାସ ରୁଦ୍ଧ ହୋଇ ୩ଟି ବଳଦଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୋରୁମାନେ ଗୁରୁତର ହୋଇଛନ୍ତି । ଦୁର୍ଘଟଣା ପରେ ଗୋ-ମାଫିଆ ଓ ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଏହି ସମ୍ବେଦନଶୀଳ ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶ୍ରୀ ହରୀଶ ବି.ସି ନିଜେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତର ସମୀକ୍ଷା କରିବା ସହ ସ୍ଥାନୀୟ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ସହ ଆଲୋଚନା କରିଛନ୍ତି । ଅନ୍ୟପଟେ ପୋଲିସ ଏହି ମାମଲାରେ କେସ୍ ନମ୍ବର ୩୪୮/୨୬ ପ୍ରକାରେ ଦଫା ୨୬,୩୦୩(୨), ୩୨୫,୩(୫), ୧୧(୧)(ଏ)(କେ)ରୁଜୁ କରି ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରିଛି ।

## ବୈଠକରେ ହଙ୍ଗାମା ଥାନାରେ ଏତଲା


ଆସିକା,୯।୯(ନି.ପ୍ର): ଜିଲ୍ଲା ଆସିକା ବ୍ଲକର ଅଷ୍ଟମ ସାଧାରଣ ପଞ୍ଚାୟତ ସମିତି ବୈଠକରେ ପ୍ରବଳ ହୋହଲ୍ଲା ଓ ପାଟିତୁଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଛି। ବର୍ଷେ ପରେ ବୈଠକ ହେବାରୁ ଉନ୍ନୟନ କାର୍ଯ୍ୟ ଠପ ହୋଇଥିବା ନେଇ ତୀବ୍ର ବିରୋଧ ହୋଇଥିଲା। ଏହି ବୈଠକରେ ବ୍ଲକ ଅଧକ୍ଷା, ବ୍ଲକ ଉପାଧକ୍ଷା, ଆସିକା ବିଧାୟକ ସରୋଜ ପାଢ଼ୀ, ବିଡିଓ, ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ ଏବଂ ପୋଲିସ, ସମସ୍ତ ଜିଲ୍ଲା ପରିଷଦ, ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ବୈଠକ ମଧ୍ୟରେ ହରଡାପଦର ଗ୍ରାମ ପଞ୍ଚାୟତର ସରପଞ୍ଚ ଜୟନ୍ତୀ ବେହେରାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ହରଡାପଦର ସରପଞ୍ଚ ଜୟନ୍ତୀ ବେହେରା ଏବଂ ସମିତି ସଭ୍ୟ ତ୍ରିନାଥ ବେହେରା ଆସିକା ଥାନାରେ ଏତଲା ଦେଇଛନ୍ତି। ଉକ୍ତ ଏତଲାରେ ଅନ୍ୟ ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲ୍ଲା ପରିଷଦ ସଦସ୍ୟମାନଙ୍କର ହସ୍ତାକ୍ଷର ରହିଥିବା ସୂଚନା ମିଳିଛି। ସମସ୍ତ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ମହିଳା ସରପଞ୍ଚଙ୍କୁ ଧମକ ଦେବା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ହସ୍ତକ୍ଷେପ କରି ଶାନ୍ତ କରିଥିଲା। ପୋଲିସ ଏତଲାକୁ ଭିତ୍ତି କରି ତଦନ୍ତ ଆରମ୍ଭ କରିଛି।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲ୍ଲାପାଳ କୀର୍ତ୍ତି ଭାସନ. ଭି



ଭଞ୍ଜନଗର,୯।୯(ନି.ପ୍ର): ଗଞ୍ଜାମ ଜିଲାପାଳ କୀର୍ତ୍ତି ଭାସନ ଭି ସୋମବାର ଭଞ୍ଜନଗର ଗସ୍ତରେ ଆସି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ସେ ଉନ୍ନୟନ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଗୁଡିକ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। କାର୍ଯ୍ୟ ଶେଷ କରିବାରେ ବିଳମ୍ବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ପରୋକ୍ଷରେ ସୂଚାଇ ଦେଇଥିଲେ। ପ୍ରଥମେ ଜିଲାପାଳ ଭଞ୍ଜନଗର ସିଟି ସ୍କୁଲ ପରିସରରେ ହୋଇଥିବା ଗଞ୍ଜାମ ଲକ୍ଷ୍ୟ ନିକେତନ କେନ୍ଦ୍ର ପରିଦର୍ଶନ କରିଥିଲେ।ସେଠାରେ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରି ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହାପରେ ଡିହପଡ଼ାଳସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ, ଗ୍ରାମପଞ୍ଚାୟତ କାର୍ଯ୍ୟ ସାଧନା କେନ୍ଦ୍ର, ଗ୍ରାମୀଣ ବଜାର ଗୃହ, ଗାଲେରୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ଭଞ୍ଜନଗର ହାତିବନ୍ଧ ସ୍ମାର୍ଟ ପାର୍କ ପରିଦର୍ଶନ କରିଥିଲେ। ଏଥିସହ ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନରେ ହୋଇଥିବା କାଫେକୁ ଜିଲାପାଳ ୨ଟି ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଉପ ଜିଲାପାଳ ଉମାଶଙ୍କର ବେହେରା, ବିଡିଓ ଭାରତୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ବୈଭବଲକ୍ଷ୍ମୀ ଗଓଣି ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁଉଦ୍ୟାନ ଠାରେ ଥିବା ମିଶନଶକ୍ତି କାଫେର ପରିଚାଳନା ଦାୟିତ୍ୱରେ ଥିବା ଶଙ୍କର ବ୍ୟବସାୟରୁ ମିଳୁଥିବା ଲାଭାସଂ ରୁ ଦୁଇଟି ହୁଇଲ ଚେୟାର ଜିଲ୍ଲାପାଳ ଙ୍କୁ ପ୍ରଦାନ କରିଛନ୍ତି।

# ଗଣେଶ ପୂଜା ଓ ପାର୍ବଣ ଋତୁ ପାଇଁ କଟକଣା ଜାରି



ଛତ୍ରପୁର,୯।୯(ନି.ପ୍ର): ଚଳିତବର୍ଷ ଗଣେଶ ପୂଜା ଓ ପାର୍ବଣ ଉତ୍ସବ ପାଳନ ପାଇଁ ଗଞ୍ଜାମ ପୋଲିସ ପ୍ରଶାସନ କେତେକ କଟକଣା ଜାରି କରିଛନ୍ତି । ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ୍ ବି.ସି.ଙ୍କ ନିର୍ଦ୍ଦେଶରେ ଲାଗୁ ହୋଇଥିବା କେତେକ କଟକଣା ଓ ନିୟମାବଳୀ ସମ୍ବନ୍ଧରେ ଜନସାଧାରଣରେ ଅବଗତ ହେବା ନିମନ୍ତେ ବୁଧବାର ଏକ ବୈଠକ ଡକା ଯାଇଥିଲା । ଛତ୍ରପୁର ଆଦର୍ଶ ଥାନା ର ସମ୍ମିଳନୀ ଗୃହରେ ଛତ୍ରପୁର ସହରାଞ୍ଚଳ ଏବଂ ଆଖ ପାଖ ଅଞ୍ଚଳରେ ଗଣେଷ ପୂଜା, ଏବଂ ଦଶହରା ପାର୍ବଣ ସମୟରେ ଉଦ୍ଦିଷ୍ଟ ଶୃଙ୍ଖଳିତ ନିୟମ ଗୁଡ଼ିକ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଛତ୍ରପୁର ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ, ଏସଡିପିଓ ଚନ୍ଦନ ଘଡ଼େଇ ସାର୍, ଛତ୍ରପୁର ପୌର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ ପ୍ରମୁଖ ଯୋଗଦେଇ ଲାଗୁ ହୋଇଥିବା ନିୟମ ଧାରା ଓ କଟକଣା ଉପରେ ଆଲୋକପାତ କରି କହି ଏହି ପଦକ୍ଷେପକୁ ସାଧୁବାଦ ଜଣାଇଥିଲେ । ଏହି ବୈଠକରେ ସମସ୍ତ ଡି.ଜେ. ଅପରେଟର ଓ ମାଲିକ, ପୂଜା କମିଟି ର ସଦସ୍ୟ ବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ବିଭିନ୍ନ ପ୍ରକାରର ନିୟମ ଧାରା କାନୁନ୍‌କୁ ଉଲଂଘନ କଲେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗଞ୍ଜାମ ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି । ଗଞ୍ଜାମ ପୋଲିସ ଜିଲ୍ଲାରେ ବିଭିନ୍ନ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ତଥା ପୁରପଲ୍ଲୀରେ ଗଣେଷପୂଜା ତଥା ପାର୍ବଣ ଉତ୍ସବ ପାଳନରେ ଅନେକ ଗୁଡ଼ିଏ ଗାଇଡ୍ ଲାଇନ୍ ଜାରୀ କରାଯାଇଛି । ପୂଜା ମଣ୍ଡପରେ ଶୃଙ୍ଖଳିତ ବ୍ୟବସ୍ଥାପନା କରିବାକୁ ପୂଜା କମିଟୀ ର ଆୟୋଜକ ତଥା କମିଟୀ ଉପରେ ଦାୟିତ୍ୱ ନ୍ୟସ୍ତ କରିବାକୁ କୁହାଯାଇଛି । ପୂଜାମଣ୍ଡପରେ ଭକ୍ତଙ୍କ ଦର୍ଶନ ନିମନ୍ତେ ଧାଡ଼ି ଦର୍ଶନ ବ୍ୟବସ୍ଥା ପାଇଁ ଆବଶ୍ୟକ ସଂଖ୍ୟାରେ ସ୍ୱେଚ୍ଛାସେବୀ ନିୟୋଜିତ କରିବା ଆବଶ୍ୟକ, ଶବ୍ଦ ଧ୍ୱନିରେ ସୀମିତ ରହିବା ସାଂଗକୁ ରାତି ୧୦ ଘଣ୍ଟା ଠାରୁ ସକାଳ ୬ ଟା ମଧ୍ୟରେ ଶବ୍ଦ ଧ୍ୱନି ପ୍ରଦୂଷଣ କରିବା ନିଷେଧ କରାଯାଇଛି । ପୂଜା ମଣ୍ଡପ ପକ୍ଷରୁ ମୂର୍ତ୍ତି ବିସର୍ଜନ କରିବାକୁ ହେଲେ ଶୃଙ୍ଖଳିତ ଭାବେ ବର୍ଣ୍ଣାଢ୍ୟ ଶୋଭାଯାତ୍ରା / ପଟୁଆରରେ ନେଇ ଆତସବାଜି, ବାଜା, ବାଣ ଉପରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ସହ ଶବ୍ଦ ଧ୍ୱନି ପ୍ରଦୂଷଣରେ ସୀମିତ ରହିବା ଆବଶ୍ୟକ ବୋଲି କୁହାଯାଇଛି ଛ ପରିତ୍ୟକ୍ତ ଜଳାଶୟରେ ବିସର୍ଜନ କରିବା ସାଂଗକୁ ସ୍ଥାନୀୟ ପୌର କର୍ତ୍ତୃପକ୍ଷ ଅବା ପଞ୍ଚାୟତ ସମିତି କର୍ତ୍ତୃପକ୍ଷଙ୍କ ଅନୁମତିରେ ଭସାଣୀ କରିବା ଆବଶ୍ୟକ ବୋଲି କୁହାଯାଇଛି । ଏଥି ସାଂଗକୁ ଗଣେଷପୂଜା ତଥା ଦଶହରା ପାର୍ବଣ ଉତ୍ସବ ପରେ ଭସାଣୀ ଯାତ୍ରାରେ ପୂଜା କମିଟି ଉପରେ ହିଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।


# ଆଇନଶୃଙ୍ଖଳା ପରିସ୍ଥିତି ନେଇ ଲୋକଙ୍କ ସହ ଆଲୋଚନା କଲେ ଗଞ୍ଜାମ ଏସ୍‌ପି



ହିଞ୍ଜିଳିକାଟୁ,୯।୯(ନି.ପ୍ର): ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଅଗ୍ରପୂଜ୍ୟ ଗଣେଶ ପୂଜା ଠାରୁ ଆରମ୍ଭ କରି ବିଶ୍ୱକର୍ମା ପୂଜା, ଶାରଦୀୟ ଦୁର୍ଗାପୂଜା ଓ କାଳୀପୂଜାକୁ ଶାନ୍ତି ଶୃଙ୍ଖଳାର ସହ ସଂପନ୍ନ କରିବା ଲାଗି ହିଞ୍ଜିଳି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ ବିସିଙ୍କ ନିର୍ଦ୍ଦେଶ ପ୍ରକାରେ ଶାରଦୀୟ ପାର୍ବଣରେ କୌଣସି ପ୍ରକାରର ବିଶୃଙ୍ଖଳା ପରିସ୍ଥିତି ନଉପୁଜିବା ଲାଗି ପୁଲିସ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ବର୍ତ୍ତମାନ ଠାରୁ ସହରର ବିଭିନ୍ନ ସ୍ଥାନରେ ସାଧା ପୋଷାକଧାରୀ ପୋଲିସ ମୁତୟନ କରାଯିବା ସହ ଅସାମଜିକ ବ୍ୟକ୍ତି ବିଶେଷଙ୍କ ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ହିଞ୍ଜିଳି ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ତତ୍ତ୍ୱାବଧାନରେ ଗଞ୍ଜାମ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ହରିସ୍ ବିସି, ଆସିକା ପୋଲିସ ଉପଖଣ୍ଡ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ ଓ ପୋଲିସ ଫୋର୍ସ ହିଞ୍ଜିଳିକାଟୁ ପୌରାଞ୍ଚଳ ସମେତ ନିକଟବର୍ତ୍ତୀ ଅଞ୍ଚଳରେ ଗଞ୍ଜାମ ଏସପି ସହରର ଆଇନଶୃଙ୍ଖଳା ପରିସ୍ଥିତି, ଟ୍ରାଫିକ ନିୟନ୍ତ୍ରଣ ବୁଲି ଦେଖିବା ସହ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ମାଲିକ ଓ ସାଧାରଣ ଲୋକଙ୍କ ସହ ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ସହରର ସମସ୍ତ ପ୍ରବେଶ ପଥ ଗୁଡିକରେ ରୋଡ ବ୍ଲକିଂ ଠାରୁ ଆରମ୍ଭ କରି ହେଲମେଟ୍ ତନଖୀ, ଗାଡି ଚାଳନା ପ୍ରମାଣପତ୍ର ସହ ଗାଡିର ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ କରାଯିବ। ପାର୍ବଣ ସମୟରେ ଜେଲ କିମ୍ବା ବାହାରେ ଥାଇ କୌଣସି ଅସାମାଜିକ ବ୍ୟକ୍ତି ଫୋନ୍ ମାଧ୍ୟମରେ ଚାନ୍ଦା କିମ୍ବା ଦାଦାବଟି ମାଗିଲେ ଜନସାଧାରଣ ଭୟଭୀତ ନହୋଇ ସ୍ଥାନୀୟ ପୋଲିସକୁ ସୂଚନା ଦେବା ପାଇଁ ଥାନା ଆଇଆଇସି ଶ୍ରୀ ସେଠି ନିବେଦନ କରିଛନ୍ତି । ଏପରିକି ସୂଚନା ଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ପ୍ରତିଶୃତି ଦିଆଯାଇଛି । ଆବଶ୍ୟକ ସ୍ଥଳେ ଥାନା ଫୋନ୍ ନମ୍ବର ୯୪୩୮୯୧୬୭୩୨ ସହ ଯୋଗଯୋଗ କରିବାକୁ ହିଞ୍ଜିଳି ପୋଲିସ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଆଗାମୀ ଦିନରେ ହିଞ୍ଜିଳି ଥାନା ଅଞ୍ଚଳରେ ପ୍ରତ୍ୟହ ସନ୍ଧ୍ୟା ସମୟରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ଥାନା ଆଇଆଇସି ଶ୍ରୀ ସେଠି କହିଛନ୍ତି।

## ଚିକିତ୍ସାଳୟର ବିଭିନ୍ନ ସମସ୍ୟା ନେଇ ରୋଗୀ କଲ୍ୟାଣ ସମିତି ବୈଠକ

# ତୁରନ୍ତ ସମାଧାନ ପାଇଁ ବିଧାୟକଙ୍କ ପ୍ରତିଶ୍ରୁତି



ପାରଳାଖେମୁଣ୍ଡି,୯।୯(ନି.ପ୍ର): ଗଜପତି ଜିଲ୍ଲା ଜିଲ୍ଲାର କାଶୀନଗର ବ୍ଲକ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି) ପରିସରରେ ବୁଧବାର ରୋଗୀ କଲ୍ୟାଣ ସମିତି (ଆରୋଗ୍ୟ କଲ୍ୟାଣ ସମିତି)ର ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଉନ୍ନତମାନର ଚିକିତ୍ସା ଓ ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ସହିତ ଚିକିତ୍ସାଳୟର ବିଭିନ୍ନ ସମସ୍ୟା, ଭିତ୍ତିଭୂମିର ବିକାଶ ଓ ରୋଗୀଙ୍କ ସୁବିଧା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ସେବାକୁ ଅଧିକ ସୁଦୃଢ଼ ଓ ଗୁଣାତ୍ମକ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚିକିତ୍ସାଳୟରେ ଉପଲବ୍ଧ ବିଭିନ୍ନ ସୁବିଧା, ଆବଶ୍ୟକ ଭିତ୍ତିଭୂମି, ଚିକିତ୍ସା ଉପକରଣ, ପରିମଳ ବ୍ୟବସ୍ଥା ଓ ରୋଗୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା।ରୋଗୀମାନେ ଯେପରି ଚିକିତ୍ସାଳୟକୁ ଆସି ହଇରାଣ ନ ହୋଇ ସୁବିଧାଜନକ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ଏହି ଅବସରରେ ଚିକିତ୍ସାଳୟରେ ରହିଥିବା ଏକ୍ସ-ରେ ସମ୍ବନ୍ଧୀୟ ଉପକରଣର ମରାମତି କରିବା କିମ୍ବା ଆବଶ୍ୟକ ହେଲେ ନୂତନ ଉପକରଣ ସ୍ଥାପନ କରିବା ପାଇଁ ମେଡିକାଲ ଅଫିସରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ଏହା ଫଳରେ ରୋଗୀମାନେ ଚିକିତ୍ସା ପାଇଁ ଅନ୍ୟତ୍ର ଯିବାରୁ ମୁକ୍ତି ପାଇବା ସହିତ ଚିକିତ୍ସାଳୟରେ ହିଁ ଆବଶ୍ୟକ ପରୀକ୍ଷା ସୁବିଧା ପାଇପାରିବେ ବୋଲି ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଚିକିତ୍ସାଳୟର ବିଭିନ୍ନ ସମସ୍ୟା ଓ ରୋଗୀମାନଙ୍କ ସମସ୍ୟା ସମ୍ପର୍କରେ ବିସ୍ତୃତ ଭାବେ ଶୁଣିଥିଲେ। ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିସହିତ ବୈଠକ ସମୟରେ ଫୋନ୍ ଯୋଗେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରି ଚିକିତ୍ସାଳୟର ଆବଶ୍ୟକ ସମସ୍ୟାଗୁଡ଼ିକର ଶୀଘ୍ର ସମାଧାନ ଓ କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

ଏହି ବୈଠକରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀଙ୍କ ସମେତ ଗଜପତି ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, କାଶୀନଗର ବ୍ଲକ ଉପାଧ୍ୟକ୍ଷ ରଘୁରାମ ସାହୁ, ଡା. ସଂଗ୍ରାମ ଶେଖରୀ ନାୟକ (ଏମ୍‌ଓ-ଆଇଆଇସି), ଡା. ସଚ୍ଚିକାନ୍ତ ମହାପାତ୍ର (ଏମ୍‌ଓ, ଆୟୁଷ), ସବିତା କୁମାରୀ ନାୟକ (ବିପିଏମ୍), ଶିବ ପ୍ରସାଦ ପାଣିଗ୍ରାହୀ (ଏସ୍ଟିଏସ୍)ଙ୍କ ସମେତ ସମ୍ପୃକ୍ତ ଅଧିକାରୀ ଓ ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ଉପସ୍ଥିତ ଥିଲେ। ବୈଠକ ଶେଷରେ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଆହୁରି ଉନ୍ନତ ଓ ସୁବିଧାଜନକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସମସ୍ତଙ୍କ ସହଯୋଗ ଓ ସମନ୍ୱୟ ଜାରି ରହିବ ବୋଲି ମତ ପ୍ରକାଶ ପାଇଥିଲା।

## NOTICE

By virtue of an affidavit sworn before the Executive Magistrate Anugola on dated 05.08.2026, I, Mamata Nayak, D/o-Birabar Nayak, Address At-Bhagamunda, PO-Paiksahi,Ps-Thakurgarh, Dist-Anugola, Odisha, PIN-759125, declare that I have changed my name from Babita Nayak to Mamata Nayak. Henceforth, I shall be known as Mamata Nayak for all purposes.

**Mamata Nayak**

## AFFIDAVIT

By virtue of an affidavit No. 74AA 540842, dtd 03.07.2026 sworn before the Executive Magistrate,Tentulikhunti, I, Deba Jani, 41yrs, S/o- Munda Jani, Vill-Ghumardora, Po-Kantagam, Ps-Tentulikhunti, Dist-Nabarangpur, declare that the actual name of my son is Prafulla Jani but in his Aadhar Card No. 4939 0917 7717 it has been wrongly entered as Karfula Jani. Hence, this affidavit is to be produced before the concerned Aadhar authority for necessary correction of his name as Prafulla Jani.

**Deba Jani**
Deponent

## NOTICE

By virtue of an affidavit sworn before the Executive Magistrate Anugola on dated 04.08.2026, I Nidra Devi, W/o-Nilamani Sethi, Address At/PO-Jarasingha, Ps-Anugola Sadar, Dist-Anugola, Odisha, PIN-759143, declare that I have changed my name from Indra Dei to Nidra Devi. Henceforth, I shall be known as Nidra Devi for all purposes.

**Nidra Devi**

## NOTICE

By virtue of an affidavit sworn before the Executive Magistrate, Anugola on dated 11.08.2026, I, Padaka Behera, S/o-Bauri Behera, Address At/PO-Badajorada, Ps-Bikrampur, Dist-Anugola, Odisha, PIN-759103 declare that I have changed my name from Paduka Behera to Padaka Behera. Henceforth, I shall be known as Padaka Behera for all purposes.

**Padaka Behera**

## NOTICE

By virtue of an affidavit sworn before the Executive Magistrate Anugola on dated 10.08.2026, I, Sonali Mukhi, D/o-Dibakar Gochhayat, Address At-Chheliapada, PO-Khalari,Ps-Sadar Anugola, Dist-Anugola, Odisha, PIN-759132, declare that I have changed my name from Tuni Gochhayat to Sonali Mukhi. Henceforth, I shall be known as Sonali Mukhi for all purposes.

**Sonali Mukhi**

## NOTICE

By virtue of an affidavit sworn before the EXECUTIVE MAGISTRATE BHADRAK on Affidavit No-10536, Dated 09TH Sep 2026, I, Mrs. MEENA DEVI, W/o-MOTI MANDAL, Address AT-OGALPUR, PO-MADHABNAGAR, P/S-BHADRAK RURAL, DIST-BHADRAK, Pin-756181, Odisha, I have changed my name from MINA MANDAL to "MEENA DEVI " Henceforth, I shall be known as MEENA DEVI " for all purposes.

**MEENA DEVI**

## AFFIDAVIT

By virtue of an affidavit sworn before Executive Magistrate, Umerkote, No.7614, dated. 08.09.26 PITAMBAR BHATRA, S/o. Padan Bhatra, At. Sindhiguda, Po. Banuaguda, PS. Jhorigam, Dist. Nabarangpur, Pin. 764076 my daughter from ARCHITA BHATRA (old name) declare that I have changed the name of to HARSITA BHATRA (new name) Henceforth, he/she shall be known as HARSITA BHATRA for all purposes.

**PITAMBAR BHATRA**

## AFFIDAVIT

By virtue of an affidavit C.F. No.543, Dt.28.08.2026, sworn before the Executive Magistrate, Barpali, I, Lochan Rana, 35 yrs, S/o-Late Dambodar Rana, At/Po-Satalma, Ps/Tahasil-Barpali, Dist-Bargarh, declare that the actual name of my minor daughter is Kritika Rana but in her Aadhar Card No. 6672 0677 0863 her name has been wrongly mentioned as Babi Rana. Kritika Rana and Babi Rana being one and same person this affidavit is to be produced before the concerned Aadhar authority for necessary correction of her name as Kritika Rana.

**Lochan Rana**
Deponent

## AFFIDAVIT

By virtue of an Affidavit No.674, dtd.-05.09.2026. sworn before the Executive Magistrate, Bargarh. I, Durga Shankar Bhosagar, aged about 25 years, S/o Murali Bhosagar, resident of Village/ P.o. Adgaon, P.S./ Dist.Bargarh, PIN-768040 (Odisha), declare that my name has been recorded as Durga Shankar Bhosagar in certain documents and as Durga Bhosagar in other documents. Both the names belong to the one and same person i.e. myself. Henceforth, the names Durga Bhosagar and Durga Shankar Bhosagar shall be treated as referring to the same individual for Aadhar & all legal and official purposes.

**Durga Shankar Bhosagar**
Deponent

## AFFIDAVIT

I, Mohammad Wasim, aged about 38 years, son of M. D Anwar, resident of At-Baypass Road, Barbil, Dist-Kendujhar, Odisha - 758035, do hereby solemnly declare and affirm by this affidavit number 76AA 478543 dated 09/09/2026 as under : That my father's name is wrongly mentioned in my passport as Mohammad Anwar Shaikh instead of M. D Anwar. That my father's correct name is M. D Anwar, and henceforth **M. D ANWAR** shall be used for all official and future purposes .

## AFFIDAVIT

I, Satyabrata Panda, age - 73 years, S/o- Late Kalu Panda , resident of Plot No.GA-439, Sailashree Vihar, Chandrasekharpur, Bhubaneswar, Pin-751021, Odisha, declared by this affidavit No: 495, Dated 09.09.2026 that now onwards I Shall be known as Satyabrat Panda for all future Purposes.

## ପାତ୍ରୀ ଆବଶ୍ୟକ

ରୋଷେଇ କରିବା, ଲେଡିସ୍ ଡ୍ରେସ୍ ଦୋକାନ ସମ୍ଭାଳିବା ସହିତ ଜଣେ ପୁରୁଷ ବ୍ୟକ୍ତିଙ୍କ ଯତ୍ନ ନେବା ପାଇଁ ୩୫ ବର୍ଷରୁ କମ୍ ବୟସର ଅବିବାହିତା କିମ୍ବା ବିଧବା ମହିଳା ଆବଶ୍ୟକ। ରହିବା ଓ ଖାଇବା ମାଗଣା। କାମ ଓ ଯୋଗ୍ୟତା ଦେଖି ଦରମା ଦିଆଯିବା।

**ଯୋଗାଯୋଗ: ରମେଶ ବାବୁ**
**ମୋ: ୯୧୨୪୪ ୦୨୧୪୬**

## ନାମ ସଂଶୋଧନ ପାଇଁ ବିଜ୍ଞପ୍ତି

ମୁଁ, ଶ୍ରୀମତୀ କୁମାରୀ ହନ୍ତାଳ, ସ୍ୱାମୀ-ସ୍ୱର୍ଗତଃ ଡମ୍ବୁରୁ ହନ୍ତାଳ, ପିତା-ଶ୍ରୀ ରୁବେନ ଗରଡ଼ା, ବାସିନ୍ଦା-ପୁରୁଣା ଥାନା ଲାଇନ୍, ପୋଷ୍ଟ -ବାଲିମେଳା, ଥାନା- ଓର୍କେଲ, ଜିଲ୍ଲା- ମାଲକାନଗିରି, ଓଡ଼ିଶା, ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଛି ଯେ, ମୋର ଭୋଟର ପରିଚୟପତ୍ର ନମ୍ବର WBY୧୮୩୩୦୩୦ ରେ, ସ୍ୱାମୀ ଡମ୍ବୁରୁ ହନ୍ତାଳଙ୍କ ପତ୍ନୀ ଭାବେ ମୋର ନାମ କୁମାରୀ ହନ୍ତାଳ ଭାବେ ଲିପିବଦ୍ଧ ଅଛି। ମୋର ଆଧାର କାର୍ଡ ନମ୍ବର XXXX XXXX ୫୨୧୧ ରେ, ପିତା ରୁବେନ ଗରଡ଼ାଙ୍କ କନ୍ୟା ଭାବେ ମୋର ନାମ ଝିମାଇ ଗରଡ଼ା ଭାବେ ଲିପିବଦ୍ଧ ଅଛି। ମୋର ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଞ୍ଚୟ ଖାତା ନମ୍ବର ୩୫୦୯୨୭୬୨୪୫୧, ଓର୍କେଲ ଶାଖାରେ ମଧ୍ୟ ମୋର ନାମ ଲିପିବଦ୍ଧ ଅଛି। ''କୁମାରୀ ହନ୍ତାଳ'' ଓ ''ଝିମାଇ ଗରଡ଼ା'' ଏକ ଏବଂ ଅଭିନ୍ନ ବ୍ୟକ୍ତି, ଅର୍ଥାତ୍ ଉଭୟ ନାମ ମୋର ହିଁ ଅଟେ।

ଉପରୋକ୍ତ ନାମ ସମ୍ବନ୍ଧୀୟ ସତ୍ୟପାଠଟି ୦୧.୦୯.୨୦୨୬ ତାରିଖରେ ମାଲକାନଗିରିର ଅତିରିକ୍ତ ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଶପଥପୂର୍ବକ କରାଯାଇଛି। ଏଣିକି ସମସ୍ତ ପ୍ରକାର କାର୍ଯ୍ୟରେ ମୁଁ ''କୁମାରୀ ହନ୍ତାଳ'' ନାମରେ ପରିଚିତ ହେବି। ଏହି ନାମ ସଂଶୋଧନ ସମ୍ପର୍କରେ କାହାରି କୌଣସି ଆପତ୍ତି ଥିଲେ, ଏହି ବିଜ୍ଞପ୍ତି ପ୍ରକାଶନର ୭ (ସାତ) ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ସହିତ ଯୋଗାଯୋଗ କରିପାରିବେ।

ଶ୍ରୀମତୀ କୁମାରୀ ହନ୍ତାଳ
ପୁରୁଣା ଥାନା ଲାଇନ୍,
ପୋଷ୍ଟ-ବାଲିମେଳା,
ଜିଲ୍ଲା-ମାଲକାନଗିରି, ଓଡ଼ିଶା

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA, DIST: KALAHANDI-766026, ODISHA,**
**E-mail: sgmel_uihep@ohpcltd.com/sgmeluihep@gmail.com**
ODISHA HYDRO POWER CORPORATION LTD.
(A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, Janpath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102,
E-Mail: ohpc.co@gmail.com/md@ohpcitd.com
WEB: www.ohpcitd.com, CIN: U401010R1995SGC003963

**NOTICE INVITING TENDER No. UIHEP-24/2026-27 DATED 08.09.2026**

Sealed Tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from the Reputed Manufacturers or its Channel Partners/ Authorized dealer for supply of the following materials / providing services as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
|---|---|---|---|---|---|
| Supply of hardware consumable materials for Maintenance Division, UIHEP, Mukhiguda. | 4,720/- (inclusive of GST) | 6,737/- | From 12.09.2026 to 25.09.2026 upto 12:00 Hrs. | 25.09.2026 (upto 13:00 Hrs.) | 25.09.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

**Sd/- C&P Head**
**UIHEP, Mukhiguda**

**CAPTION NO.: 32001/842/2627**

GOVERNMENT OF ODISHA
OFFICE OF THE SUPERINTENDING ENGINEER PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL:eeplbrb@gmail.com, Tel-06842-2532102
INVITATION FOR BID (IFB)/NOTICE INVITING TENDER (NIT)
e-Procurement Tender Call Notice
Bid Identification No.:-SE-R&B-PLB-08/2026-27,DATE:-02.09.2026

Letter No. 5268 Date. 02.09.2026

The Superintending Engineer, Phulbani (R&B) Division, Phulbani on behalf of Governor of Odisha invites percentage rate bid in Single Cover system in ONLINE MODE for the construction of works detailed in the table below from "MV", "HT", "D" and "C" Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender. | : | 03 (Three) Numbers |
| 3. | Estimated Cost put to Tender. (T.S Amount) | : | Rs.4.06 Lakhs to Rs. 8.52 Lakhs |
| 4. | E.M.D. | : | Rs.4,100/- to Rs. 8,600/- |
| 5. | Period of completion | : | 01 (One) & 2 (Two) Calendar Months. |
| 6. | Class of Contractor or Eligibility of the bidders | : | "MV", "HT", "D" and "C" Class Contractors (Orissa P.W.D. or equivalent class of other licensing authority) |
| 7. | Tender Cost or Cost of participation in online Bid | : | Rs. 2,000/- to Rs. 4,000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 10.09.2026 at 10:00 AM to 22.09.2026 up to 05:00 PM |
| 9. | Clarification regarding bidding online | : | From 10.09.2026 at 10:00 AM to 19.09.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 23.09.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

**Sd/-Superintending Engineer**
**Phulbani (R&B) Division, Phulbani**

**CAPTION NO.: 34001/768/2627**

**E-mail: eemijharsuguda@gmail.com**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JHARSUGUDA.**
**'e' Procurement Notice**
**Bid Identification No. SE MID JSD 02/2026-27**
**eemijharsuguda@gmail.com**

**No. 1850 // MID // date. 08.09.2026**

The Superintending Engineer, M.I. Division, Jharsuguda on behalf of Governor of Odisha invites percentage rate bids through e-procurement to be received in online mode only for the works as detailed in the table below.

| | |
|---|---|
| 1. Name of the works: | Civil Construction work |
| 2. Total No. of works: | 05 (Five) Nos. |
| 3. Estimated Cost: (Detail list of work annexed) | Rs.4.60 Lakh to Rs.26.97 Lakh |
| 4. Class of Contractor: | As mentioned against work |
| 5. Period of completion: | As mentioned against work |
| 6. Date & time of Availability of Bid Document in the Portal: | 11.09.2026 to 21.09.2026 during office hours |
| 7. Last date/Time for receipt of Bid in the Portal: | 21.09.2026 during office hours |
| 8. Date/Time of Opening of Bid: | 22.09.2026 at 10.00 AM at Office of the S.E., MI Divn. Jharsuguda. |
| 9. Name & Address of the Officer Inviting the Bid: | Superintending Engineer, M.I Division, Jharsuguda |
| 10. Mode of Payment of Bid Cost & Bid Security: | Online |

**Caption No: 32001/852/2627**

**Sd/-**
**Superintending Engineer**
**MI Division, Jharsuguda.**

## ସିଜୁକଳା ପ୍ରାଥମିକ ବିଦ୍ୟାଳୟରେ ଖସିଲା ସ୍ଲାବ

# ଅଳ୍ପକେ ବର୍ତ୍ତିଲେ ୪୦ ଆଦିବାସୀ ଛାତ୍ରଛାତ୍ରୀ, ଉଚ୍ଚସ୍ତରୀୟ ତଦନ୍ତ ଦାବି




ରାଇରଙ୍ଗପୁର,୯।୯(ନି.ପ୍ର): ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ହାଳଦା ଗ୍ରାମପଞ୍ଚାୟତର ସିଜୁକଳା ପ୍ରାଥମିକ ବିଦ୍ୟାଳୟରେ ବିଗତ ଗୁରୁବାର ରାତ୍ରୀରେ ଏକ ଅଘଟଣ ଘଟିଛିଛ ଲଗାଣ ବର୍ଷା ଯୋଗୁଁ ବିଦ୍ୟାଳୟର ଏକ ଶ୍ରେଣୀଗୃହର ସ୍ଲାବ ଅର୍ଦ୍ଧରାତ୍ରିରେ ହଠାତ ଖସିପଡ଼ିଥିବା ଜଣାପଡ଼ିଛି। ଘଟଣା ସମୟରେ ପ୍ରାୟ ୪୦ ଜଣ ଆଦିବାସୀ ଛାତ୍ରଛାତ୍ରୀ ନିକଟସ୍ଥ ଅନ୍ୟ ଏକ କ୍ଲାସରୁମ୍ରେ ଶୋଇଥିଲେ। ଫଳରେ ବଡ଼ ଧରଣର ଅଘଟଣରୁ ଛାତ୍ରଛାତ୍ରୀମାନେ ଅଳ୍ପକେ ରକ୍ଷା ପାଇଥିବା କୁହାଯାଉଛି। ଘଟଣା ପରେ ସ୍ଥାନୀୟ ସ୍ତରର କିଛି ଅଧିକାରୀ ଓ ରାଇରଙ୍ଗପୁର ଥାନା ଅଧିକାରୀ ବିଦ୍ୟାଳୟକୁ ଯାଇ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡ଼ିଛି। ତେବେ ଘଟଣା ପରେ ଏପର୍ଯ୍ୟନ୍ତ ଜିଲ୍ଲା କିମ୍ବା ଉପଖଣ୍ଡ ସ୍ତରର ବରିଷ୍ଠ ଅଧିକାରୀ, ଆଦିବାସୀ କଲ୍ୟାଣ ବିଭାଗ, ପିଏ ଆଇଟିଡିଏର ଅଧିକାରୀ କିମ୍ବା ସମ୍ପୃକ୍ତ ଜନପ୍ରତିନିଧିମାନେ ବିଦ୍ୟାଳୟ ଓ ଛାତ୍ରାବାସ ପରିଦର୍ଶନ କରିନଥିବା ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସମ୍ବେଦନଶୀଳ ଘଟଣା ପରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ବିଦ୍ୟାଳୟ ଭିତ୍ତିଭୂମିର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠିଛି। ଘଟଣାର ପ୍ରକୃତ କାରଣ, ନିର୍ମାଣକାର୍ଯ୍ୟର ଗୁଣବତ୍ତା ଓ ଦାୟିତ୍ୱ ନିର୍ଦ୍ଧାରଣ ପାଇଁ ନିରପେକ୍ଷ ଓ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ସୂଚନା ପାଇ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ସିଜୁକଳା ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସମ୍ପର୍କରେ ଅବସ୍ଥା ଅନୁଧ୍ୟାନ କରିବା ସହ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଦାୟିତ୍ୱ ନିର୍ଦ୍ଧାରଣ ସହ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ, ଏହି ଘଟଣାକୁ କେବଳ ଏକ ଦୁର୍ଘଟଣା ଭାବେ ନଦେଖି ବିଦ୍ୟାଳୟର ଭିତ୍ତିଭୂମି, ନିର୍ମାଣ ମାନଦଣ୍ଡ ଓ ଛାତ୍ରାବାସର ସୁରକ୍ଷା ବ୍ୟବସ୍ଥାର ସମଗ୍ର ଯାଞ୍ଚ କରାଯିବା ଆବଶ୍ୟକ, ଏବଂ ଅବିଳମ୍ବେ ନୂତନ ଛାତ୍ରାବାସ ଗହ ନିର୍ମାଣ କରିବାର ଆବଶ୍ୟକତା ରହୁଛି।

# ବନ୍ୟା ଦୁର୍ଗତଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ନେତ୍ରୀ ସୁଜାତା ବାରିକ



କେନ୍ଦ୍ରାପଡା,୯।୯(ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଆଳି, ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ବ୍ଲକର ବନ୍ୟା ଦୁର୍ଗତ ଅଞ୍ଚଳବାସୀଙ୍କର ଏକ ପ୍ରତିନିଧି ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକ୍ଙ୍କ ନେତୃତ୍ୱରେ ସଚିବାଳୟରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ବନ୍ୟା ଦୁର୍ଗତଙ୍କ ଦୁରାବସ୍ଥା ସମ୍ପର୍କରେ ଅବଗତ କରିଛନ୍ତି। କେନ୍ଦ୍ରାପଡ଼ାର ବନ୍ୟା ପରିସ୍ଥିତିର ଭୟାବହତା ଉପଲବ୍ଧି କରି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଜିଲ୍ଲାର ବନ୍ୟା ଦୁର୍ଗତଙ୍କୁ ସବୁ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ଏହି ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ କେନ୍ଦ୍ରାପଡ଼ା ଜିଲ୍ଲାର ଏହିସବୁ କ୍ଷତିଗ୍ରସ୍ତ ଅଞ୍ଚଳକୁ ବନ୍ୟାଞ୍ଚଳ ଘୋଷଣା କରିବା, ଉଜୁଡି ଯାଇଥିବା ଧାନ ଓ ପନିପରିବା ଫସଲ ପାଇଁ ଉପଯୁକ୍ତ କ୍ଷତିପୂରଣ ଦେବା ସହିତ କ୍ଷତିଗ୍ରସ୍ତ ଘର ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ପ୍ରତିନିଧି ଦଳ ଦାବି କରିଥିଲେ । କ୍ଷତିଗ୍ରସ୍ତ ଚାଷୀଙ୍କ ଋଣ ଛାଡ଼ କରିବା ସହିତ ଆଗାମୀ ରବି ଋତୁ ପାଇଁ ବିନା ସୁଧରେ କୃଷି ଋଣ ଯୋଗାଇଦେବା ଓ ମାଗଣାରେ ପନିପରିବା ମଞ୍ଜି, ସାର ଓ କୀଟନାଶକ ଯୋଗାଇ ଦେବାକୁ ଏହି ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । କ୍ଷତିଗ୍ରସ୍ତ ହୋଇଥିବା କୂଅ, ପୋଖରୀ, ନଳକୂଅର ପୁନରୁଦ୍ଧାର କରିବା ସହିତ ଉଠା ଜଳସେଚନ ପଏଣ୍ଟଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବା, ଓ ସର୍ବନିମ୍ନ ଏକ ବର୍ଷ ପାଇଁ କୃଷି କ୍ଷେତ୍ରରେ ବ୍ୟବହୃତ ଉଠା ଜଳସେଚନ ପାଇଁ ପଏଣ୍ଟର ବିଜୁଳି ବିଲ୍ ଛାଡ଼ କରିବା, ପ୍ରତି କ୍ଷତିଗ୍ରସ୍ତ ପରିବାରକୁ ଆଗାମୀ ବର୍ଷ ଅମଳ ଋତୁ ପର୍ଯ୍ୟନ୍ତ ମୁଣ୍ଡପିଛା ଦିନକୁ ୧କେଜି ଚାଉଳ ଓ ନାବାଳକଙ୍କ ପାଇଁ ଅଧକେଜି ଚାଉଳ ପ୍ରଦାନ କରିବା ସହିତ କ୍ଷତିଗ୍ରସ୍ତ ପରବାରକୁ ମାସିକ ୨ ହଜାର ଟଙ୍କା ସୁରକ୍ଷା ଭତ୍ତା ପ୍ରଦାନ କରିବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସବୁ ଚାଷବାସ ଓ ସ୍କୁଲ୍ ଘର କ୍ଷତିଗ୍ରସ୍ତ ହୋଇଥିବା ଯୋଗୁଁ ସ୍କୁଲ୍ କଲେଜ ପିଲାଙ୍କୁ ବହିପତ୍ର ଓ ସ୍କୁଲ୍ କଲେଜ ୟୁନିଫର୍ମ ଯୋଗାଇ ଦେବାକୁ ଦାବି କରାଯାଇଛି। ପ୍ରତିବର୍ଷ ବ୍ରାହ୍ମଣୀ, ଖରସୁଆଁ ଓ କାଣିନଦୀର ବନ୍ୟାରେ କେନ୍ଦ୍ରାପଡ଼ାର ଏହି ଅଞ୍ଚଳ ଓ ଲୁଣା, ଚିତ୍ରୋତ୍ପଳା ନଦୀର ବନ୍ୟାରେ ପାଟକୁରା, ମାର୍ଶାଘାଇ, ମହାକାଳପଡ଼ା, ଗରଦପୁର କ୍ଷତିଗ୍ରସ୍ତ ହେଉଥିବା ଯୋଗୁଁ ବନ୍ୟାର ସ୍ଥାୟୀ ପ୍ରତିକାର କରିବା ପାଇଁ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ପାଖରେ ଦାବି କରିଥିଲେ। ଏଠାରେ ଉଲ୍ଲେଖଥାଉକି, କେନ୍ଦ୍ରାପଡ଼ା ଏକ ବାଦନ ପ୍ରବଣ ଜିଲ୍ଲା ହୋଇଥିବା ଯୋଗୁଁ ବନ୍ୟା କ୍ଷତିଗ୍ରସ୍ତ ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ନ ହେଲେ ବିକଳ୍ପ ଜୀବିକା ଅନ୍ୱେଷଣରେ ଏହି ଜିଲ୍ଲାର ଯୁବକମାନେ ବାହାର ରାଜ୍ୟକୁ କାମଧନ୍ଦା ଅନ୍ୱେଷଣରେ ଚାଲିଯିବାର ଆଶଙ୍କା ଅଛି ବୋଲି ଦାବି କରି ଏହି ପ୍ରତିନିଧି ଦଳ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ବରିଷ୍ଠ ବିଜେପି ନେତ୍ରୀ ସୁଜାତା ବାରିକଙ୍କ ନେତୃତ୍ୱରେ ସର୍ବଶ୍ରୀ ସହଦେବ ସିଂହ, ସୁବାଷ ପାତ୍ର, ସନ୍ତୋଷ ସ୍ୱାଇଁ, ସୁଶାନ୍ତ ଦାସ, ଅଶୋକ ସେଠୀ ଓ ତୁଷାର ସାହୁ ପ୍ରମୁଖ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସ୍ମାରକପତ୍ରଟିକୁ ଗ୍ରହଣ କରି ବନ୍ୟା କ୍ଷତିଗ୍ରସ୍ତ କେନ୍ଦ୍ରାପଡ଼ା ବାସୀଙ୍କୁ ସବୁପ୍ରକାର ସହାୟତା ଯୋଗାଇ ଦେବା ସହିତ ଜୀବନ ଜୀବିକାର ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ପଞ୍ଜୀକରଣ ଅବଧି ଶେଷ ସୁଦ୍ଧା ୭୫୪୩ ଚାଷୀ ପଞ୍ଜୀକୃତ

ଧାମନଗର,୯।୯(ନି.ପ୍ର): ଚଳିତ ୨୦୨୬-୨୭ ବିପଣନ ବର୍ଷ ପାଇଁ ସରିଛି ଚାଷୀ ପଞ୍ଜୀକରଣ। ଚାଷୀ ଓ ବିଭିନ୍ନ ମହଲରୁ ଅନୁରୋଧ କ୍ରମେ ସରାକରଙ୍କ ପକ୍ଷରୁ ପ୍ରଥମେ ସରଳୀକରଣ ଓ ପରେ ଏକ ସପ୍ତାହ ଅବଧି ବୃଦ୍ଧି ପରେ ଧାମନଗର ବ୍ଲକ ଅନ୍ତର୍ଗତ ୧୨ ଟି ସମବାୟ ସମିତିରେ ମୋଟ ୭୫୪୩ ଜଣ ଚାଷୀ ସରକାରୀ ମଣ୍ଡିରେ ଧାନ ବିକ୍ରୟ ନିମନ୍ତେ ପଞ୍ଜିକୃତ ହୋଇଛନ୍ତି। ଏଥର ଗତ ୨୦୨୫-୨୬ ବର୍ଷ ଅପେକ୍ଷା ୧୪୬୨ ଜଣ ଚାଷୀ ଅଧିକ ପଞ୍ଜୀକୃତ ହୋଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଧାମନଗର ବ୍ଲକ ଅଞ୍ଚଳର ୧୨ ଟି ସମବାୟ ସମିତି ଓ ୩ ଟି ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଗତ ୨୦୨୪-୨୫ ରେ ୫୨୯୮ ଜଣ ଚାଷୀ ଓ ୨୦୨୫-୨୬ ରେ ୫୦୮୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ବେଳେ ଏଥର ୧୨ ଟି ସମିତି ଅଧିନରେ ୧୪୬୨ ଜଣ ଅଧିକ ଚାଷୀ ଅର୍ଥାତ ୭୫୪୩ ଜଣ ପଞ୍ଜୀକୃତ ହୋଇଛନ୍ତି। ଚଳିତ ବର୍ଷ ବରଗଡା ସମବାୟ ସମିତିରେ ୫୬୧ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଚୁଡ଼ାକୁଟି ସମିତିରେ ୧୦୨୩ ଜଣ, ଧାମନଗରରେ ୧୨୬୮ ଜଣ, ଦଳାଙ୍ଗରେ ୬୪୦, ଶ୍ରୀ ଜଗନ୍ନାଥରେ ୬୯୩, କୋଠାରରେ ୧୦୦୨, କରଦାରେ ୪୮୬ ଜଣ, କଟସାହିରେ ୬୩୩ ଜଣ, ଦୋବଲରେ ୨୧୧ ଜଣ, ଧୂଷୁରୀରେ ୩୦୦ ଜଣ, ବମକୁରାରେ ୩୨୩ ଜଣ ଓ ପାଳସାହି ସେବା ସମବାୟ ସମିତିରେ ୩୯୪ ଜଣଙ୍କୁ ମିଶାଇ ମୋଟ ୭୫୪୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଜିଲ୍ଲାର ତିହିଡ଼ି ବ୍ଲକରେ ୧୧୩୧୩ ଜଣ, ଚାନ୍ଦବାଲିରେ ୧୨୬୫୧, ବନ୍ତରେ ୧୪୮୪୩, ଭଣ୍ଡାରିପୋଖରୀରେ ୧୨୫୫୭, ଭଦ୍ରକରେ ୧୬୨୫୨ ଜଣ ଓ ବାସୁଦେବପୁରରେ ୧୯୫୯୩ ଜଣ ଚାଷୀ ସରକାରୀ ମଣ୍ଡିରେ ଧାନବିକ୍ରି କରିବାକୁ ପଞ୍ଜୀକୃତ ହୋଇଛନ୍ତି । ଏଥର ପ୍ରଥମାବସ୍ଥାରେ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଧାନକ୍ରୟ କାର୍ଯ୍ୟକ୍ରମରୁ ବାଦ ଦିଆଯାଇଥିବା ବେଳେ ଶେଷ ପର୍ଯ୍ୟାୟରେ ତିହିଡ଼ିର ଗୋଟିଏ, ବନ୍ତର ଦୁଇଟି ଭଣ୍ଡାରି ପୋଖରୀରେ ୫ଟି ସମିତିକୁ ଧାନକ୍ରୟ ପାଇଁ ଅନୁମତି ପାଇଥିବା ବେଳେ ଭଦ୍ରକର ୫ ଟି ଓ ବାସୁଦେବପୁରରେ ୪ ଟି ସମିତିକୁ ଚଳିତ ଖରଫ ଧାନ କିଣିବାକୁ ଅନୁମତି ମିଳିବା ପରେ ସେମାନେ ଚାଷୀ ପଞ୍ଜୀକରଣ କରିଛନ୍ତି।

## ବନ୍ୟାରେ ଖବରକାଗଜ ବିକ୍ରେତାଙ୍କ ମୃତ୍ୟୁ

# ନୂଆଗାଁ-ଆମଦାବେଡା ବ୍ରିଜ ଉଚ୍ଚ କରାଯିବା ପାଇଁ ଦାବି



ରାଇରଙ୍ଗପୁର/ବିଜାତଳା, ୯।୯(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବିଜାତଳା ବ୍ଲକ ଅନ୍ତର୍ଗତ ନୂଆଗାଁ-ଆମଦାବେଡା ପୋଲ ଏବେ ଅତ୍ୟନ୍ତ ବିପଦସଙ୍କୁଳ ଅବସ୍ଥାରେ। ବର୍ଷା ଋତୁରେ ସାମାନ୍ୟ ବର୍ଷା ହେଲେ ମଧ୍ୟ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏଥିସହ ପୋଲଟି ଦୀର୍ଘଦିନ ଧରି ମରାମତି ଅଭାବରୁ ଦୁର୍ବଳ ଓ ଜରାଜୀର୍ଣ୍ଣ ହୋଇ ପଡ଼ିଥିବା ଅଭିଯୋଗ ହେଉଛି। ନିକଟରେ ଏହି ପୋଲ ଉପରେ ବନ୍ୟାଜଳର ପ୍ରଖର ସ୍ରୋତରେ ଭାସିଯାଇ ଜଣାଶୁଣା ଖବରକାଗଜ ବିକ୍ରେତା ସୃଷ୍ଟିଧର ଗିରି (୬୫)ଙ୍କ ମୃତ୍ୟୁ ଘଟିଛି। ବହୁତ ଖୋଜାଖୋଜି ପରେ ପୋଲ ତଳେ ପଥର ଓ ଗଛବୁଦା ମଧ୍ୟରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ଦୁଃଖଦ ଘଟଣା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ପ୍ରତିବର୍ଷ ବର୍ଷା ଓ ବନ୍ୟା ସମୟରେ ଏହି ପୋଲ ଉପରେ ପାଣି ଚାଲୁଥିବାରୁ ଲୋକମାନେ ଜୀବନକୁ ବିପଦରେ ପକାଇ ଯାତାୟାତ କରୁଛନ୍ତିଛ ଏହି ରାସ୍ତା ଉପରେ ନିର୍ଭରଶୀଳ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ ଓ ସାଧାରଣ ଲୋକେ ବର୍ଷାଦିନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଭବିଷ୍ୟତରେ ଏଭଳି ଅଘଟଣ ଯେପରି ନଘଟେ, ସେଥିପାଇଁ ପ୍ରଶାସନ ତୁରନ୍ତ ନୂଆଗାଁ-ଆମଦାବେଡା ପୋଲର ସ୍ଥିତି ଅନୁଧ୍ୟାନ କରିବା ସହ ପୋଲକୁ ଉଚ୍ଚ କରିବା ଏବଂ ଆବଶ୍ୟକ ସ୍ଥଳେ ନୂତନ ଭାବେ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଅରାଜକତାକୁ ବରଦାସ୍ତ କରାଯିବନି: କନ୍ଧମାଳ ମିଳିତ ମଞ୍ଚ



ଦାରିଙ୍ଗବାଡି,୯।୯(ନିପ୍ର): କନ୍ଧମାଳ ଜିଲ୍ଲା ମିଳିତ ମଞ୍ଚ ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଶାଖା ପକ୍ଷରୁ ନେତୃତ୍ୱସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ତଥା ପୂର୍ବତନ ବାଚସ୍ପତି ସାଲୁଗା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଆମୀର ଚାନ୍ଦ ନାୟକ, ସମ୍ପାଦକ ପ୍ରଶାନ୍ତ ନାୟକ, ସକ୍ରୀୟ ସଦସ୍ୟ ରମାକାନ୍ତ ବଳିଆରସିଂ, କୁଇକୁକ ସମିତି ସଭାପତି ଘନେଶ୍ୱର ପ୍ରଧାନ, ନାଗେଶ୍ୱର ପ୍ରଧାନ ପ୍ରମୁଖଙ୍କ ସମେତ ୮ ପଞ୍ଚାୟତର ନେତୃବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ।

କନ୍ଧମାଳ ଜିଲ୍ଲା ଓ ଏହାର ମୂଳନିବାସୀଙ୍କ ସାମାଜିକ, ଅର୍ଥନୈତିକ ଏବଂ ରାଜୈତିକ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। କନ୍ଧମାଳ ଲୋକଙ୍କ ପ୍ରତି ସରକାରଙ୍କ ଚରମ ଅବହେଳା ଓ ପ୍ରତ୍ୟେକ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ଏହି ମିଳିତ ମଞ୍ଚ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମତ ପ୍ରକାଶ ପାଇଛି। କନ୍ଧମାଳ ଏକ ଶାନ୍ତି ପ୍ରିୟ ଜିଲ୍ଲା, ଏଠାରେ ଆଦିବାସୀ ଦଳିତ ଓ ପଛୁଆ ବର୍ଗର ଲୋକେ ଆବାହମାନ କାଳରୁ ବାସ କରି ଆସୁଛନ୍ତି। ଏଣୁ କୁହାଯାଏ କନ୍ଧମାଳରେ କନ୍ଧ ରାଜାକୁ ପାଣ ମନ୍ତ୍ରୀ। ହେଲେ ଅରାଜକତା ସୃଷ୍ଟି କରୁଥିବା କିଛି ବାହ୍ୟ ଶକ୍ତି, ମୁଷ୍ଟିମେୟ ଗୋଷ୍ଠୀ ଓ ରାଜନୈତିକ ଦଳଙ୍କ ପ୍ରତି ସତର୍କ ରହିବାକୁ ମଞ୍ଚ ପକ୍ଷରୁ ସଚେତନ କରାଯାଇଛି। ଆହୁରି ମଧ୍ୟ କନ୍ଧମାଳବାସୀ ସାମ୍ପ୍ରଦାୟିକ ଭଳି ଭୁଲକୁ ପୁଣି ଆପଣାଇବେ ନାହିଁ। ସଭିଏଁ ଏକାଠି ହୋଇ ନ୍ୟାୟ ପାଇଁ ମିଳିତ ମଞ୍ଚ ଆଧାରରେ ସରକାରଙ୍କ ନିକଟରେ ଦାବି ଉଠାଇବେ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରଦ୍ଧାଞ୍ଜଳି ଦିବସରେ ଉତ୍ତେଜନାମୂଳକ ମନ୍ତବ୍ୟ ଦେବା, କନ୍ଧମାଳ ଭେଷଜ ମହାବିଦ୍ୟାଳୟ ହସ୍ପିଟାଲ ନାମ ପରିବର୍ତ୍ତନ କରିବା, ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ ନ କରାଯିବାକୁ ସଂଗଠନ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଉକ୍ତ ବୈଠକରେ ଅଞ୍ଚଳ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ ନାୟକ ବୈଠକକୁ ସଂଯୋଜନା କରିଥିବାବେଳେ ବିପିନ ବସ୍ତରାଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ନିଶା କାରବାର ବିରୋଧରେ ଗର୍ଜିଲେ ଗ୍ରାମବାସୀ

ଯାଜପୁର,୯।୯(ନି.ପ୍ର): ବେଆଇନ ନିଶା କାରବାର ବିରୋଧରେ ଗର୍ଜିଲେ ଗ୍ରାମବାସୀ। ଦାନଗଦି ଫାଣ୍ଡି ଘେରିଲେ ମହିଳା କାର୍ଯ୍ୟାନୁଷ୍ଠାନ ନହେଲେ ଏସ୍ପି ଅଫିସ୍ ଘେରାଉ ଚେତାବନୀ। ଗାଁରେ କାୟା ମେଲାଉଛି ବେଆଇନ ନିଶା କାରବାର, ନଷ୍ଟ ହେଉଛି ଯୁବପିଢ଼ିଙ୍କ ଭବିଷ୍ୟତଛ ଏହାକୁ ବିରୋଧ କରି ରାଜରାସ୍ତାକୁ ଓହ୍ଲାଇଛନ୍ତି ଗ୍ରାମବାସୀ। ଦାନଗଦି ଫାଣ୍ଡି ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତ ନୂଆଗାଁରେ ଚାଲିଥିବା ବେଆଇନ ନିଶା ବ୍ୟବସାୟ ବିରୋଧରେ ଗ୍ରାମର ଶତାଧିକ ମହିଳା ଓ ଗ୍ରାମବାସୀ ଏକତ୍ରିତ ହୋଇ ଦାନଗଦି ଫାଣ୍ଡି ଘେରାଉ କରିଛନ୍ତି।



ସୂଚନା ଅନୁସାରେ, ନୂଆଗାଁ ଗ୍ରାମରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ବିଭିନ୍ନ ପ୍ରକାର ନିଶା ଦ୍ରବ୍ୟର ଖୋଲାଖୋଲି କାରବାର ଚାଲିଆସୁଛି। ଏହାକୁ ବନ୍ଦ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସ୍ଥାନୀୟ ଫାଣ୍ଡିରେ ବାରମ୍ବାର ଲିଖିତ ଓ ମୌଖିକ ଅଭିଯୋଗ କରାଯାଇଥିଲା। ତଥାପି ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଠୋସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା। ପ୍ରଶାସନର ଏଭଳି ନିଷ୍କ୍ରିୟତା ପ୍ରତିବାଦରେ ଗ୍ରାମର ବହୁ ସଂଖ୍ୟକ ମହିଳା ଏବଂ ପୁରୁଷ ଫାଣ୍ଡିରେ ପହଞ୍ଚି ଉତ୍ତେଜନା ପ୍ରକାଶ କରିବା ସହ ଘେରାଉ କରିଥିଲେ। ପରିସ୍ଥିତିକୁ ଦେଖି ଫାଣ୍ଡି ଅଧିକାରୀ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଆଗାମୀ ଦିନରେ ଗ୍ରାମରେ ନିଶା କାରବାର କରୁଥିବା ଅସାମାଜିକ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପଟେ, ଯଦି ଅବିଳମ୍ବେ ଗ୍ରାମରୁ ନିଶା କାରବାର ସମ୍ପୂର୍ଣ୍ଣ ରୂପେ ବନ୍ଦ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରି ସିଧାସଳଖ ଜିଲ୍ଲା ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପୌରପାଳିକାରେ ଟେଣ୍ଡର ଅନିୟମିତତା ଅଭିଯୋଗ

# କାର୍ଯ୍ୟାଦେଶ ରଦ୍ଦ କରି ପୁନଃ ଟେଣ୍ଡର ପାଇଁ ଠିକାଦାରଙ୍କ ଦାବି



ବାରିପଦା,୯।୯(ନି.ପ୍ର): ବାରିପଦା ପୌରପାଳିକା ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଓ ପାତରଅନ୍ତର କରାଯାଇଥିବା ନେଇ ସ୍ଥାନୀୟ ଠିକାଦାର ମାନଙ୍କ ପକ୍ଷରୁ ଲିଖିତ ଅଭିଯୋଗ ଜିଲ୍ଲାପାଳଙ୍କ ଠାରେ ଦାୟର କରାଯାଇଛି। ଅଭିଯୋଗ ଅନୁଯାୟୀ, ଗତ ଅଗଷ୍ଟ ମାସ ୧୮ ତାରିଖରେ ବିଜ୍ଞପ୍ତି ସଂଖ୍ୟା ୧୩୭୦ ଜରିଆରେ ପୌର ପ୍ରଶାସନ ପକ୍ଷରୁ ଏକାଧିକ ଉନ୍ନୟନ ପ୍ରକଳ୍ପ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିବା ଠିକାଦାର ମାନେ ଯଥାରୀତି କାଗଜପତ୍ର ଦାଖଲ କରିଥିଲେ ହେଁ, ନିର୍ଦ୍ଧାରିତ ନିୟମାବଳୀକୁ ଉଲ୍ଲଂଘନ କରି କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟରେ ଅନ୍ୟାୟ ଭାବେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ବିଶେଷ କରି ୧୫ ନମ୍ବର ୱାର୍ଡ଼ର ପାଇଲଟ ସାହି ସ୍କୁଲ ନିକଟସ୍ଥ ସନତ ଜେନାଙ୍କ ଘରଠାରୁ ଗୋପୀନାଥ ଗିରିଙ୍କ ଘର ପର୍ଯ୍ୟନ୍ତ ଗାର୍ଡ ୱାଲ ସହ ସିସି ରୋଡ ନିର୍ମାଣ, ୨୬ ନମ୍ବର ୱାର୍ଡ଼ର ତପନ ବାବୁଙ୍କ ଘରଠାରୁ ଅରୁଣ କୁମାର ମିଶ୍ରଙ୍କ ଘର ପର୍ଯ୍ୟନ୍ତ ଗାର୍ଡ ୱାଲ ନିର୍ମାଣ ଏବଂ ୯ ନମ୍ବର ୱାର୍ଡ଼ର ସ୍ମାର୍ଟ ପାର୍କ ଭିତରେ କମ୍ପାଉଣ୍ଡ ୱାଲ ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡରରେ ସ୍ୱଚ୍ଛତା ଅବଲମ୍ବନ କରାଯାଇ ନାହିଁ ବୋଲି ଦର୍ଶାଯାଇଛି। ଏହି ସମସ୍ତ କାର୍ଯ୍ୟରେ ଯୋଗ୍ୟ ବିବେଚିତ ଅନ୍ୟାନ୍ୟ ଠିକାଦାର ମାନଙ୍କ ଆବେଦନକୁ କୌଣସି ଯଥାର୍ଥ କାରଣ ନଦର୍ଶାଇ ପ୍ରତ୍ୟାଖ୍ୟାନ କରାଯାଇଛି ଏବଂ ମାତ୍ର କେତେଜଣ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଅହେତୁକ ଅନୁକମ୍ପା ଦେଖାଇ ଟେଣ୍ଡର ପ୍ରକ୍ରିୟାର ଖୋଲାଖୋଲି ଉଲ୍ଲଂଘନ କରାଯାଇଛି ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ପୌରପାଳିକାର ଚେୟାରମ୍ୟାନଙ୍କ ନିର୍ଦ୍ଦେଶରେ ଏହି ଟେଣ୍ଡର ପ୍ରକ୍ରିୟା ପରିଚାଳିତ ହୋଇଥିବା ବେଳେ ଟେଣ୍ଡର କମିଟିର ମୁଖ୍ୟ ତଥା ନିର୍ବାହୀ ଅଧିକାରୀ, ପୌରଯନ୍ତ୍ରୀ, ତହସିଲଦାର ଏବଂ ସହକାରୀ ଜିଏସଟି କମିଶନରଙ୍କ ସମେତ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସ୍ଥାନୀୟ ଠିକାଦାର ପ୍ରଦୀପ କୁମାର ମହାନ୍ତ, ଜୟନ୍ତ ଲେଙ୍କା, ଅଭିଷେକ ମଣ୍ଡଳ, ପ୍ରସନ୍ନ କୁମାର ବେହେରା, ରାଜେନ୍ଦ୍ର ପ୍ରଧାନ ଏବଂ ଅମର କୁମାର ପଟ୍ଟନାୟକ ପ୍ରମୁଖ ଏହି ବେଆଇନ କାର୍ଯ୍ୟାଦେଶକୁ ତୁରନ୍ତ ବାତିଲ କରିବା ସହିତ ସରକାରୀ ନିୟମାନୁଯାୟୀ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ପୁନଃ ଟେଣ୍ଡର ପ୍ରକ୍ରିୟା ସମ୍ପାଦନ କରିବାକୁ ଦାବି କରିଛନ୍ତି।

## ପୌରାଞ୍ଚଳରେ ପଲିଥିନ ବିରୋଧୀ ଅଭିଯାନ

କେନ୍ଦ୍ରାପଡ଼ା,୯।୯(ନି.ପ୍ର): ବେଆଇନ ପଲିଥିନ ଏବଂ ନିଷିଦ୍ଧ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ର ବ୍ୟବହାର ଉପରେ ରୋକ ଲଗାଇବା ଓ ପରିବେଶ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ଆଜି ଏକ ବ୍ୟାପକ ଚଢାଉ ଅଭିଯାନ କରାଯାଇଥିଲା। ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ଟିମ୍ ପକ୍ଷରୁ ଦୋକାନ, ବ୍ୟବସାୟିକ ପ୍ରତିଷ୍ଠାନ ଓ ବିଭିନ୍ନ ବଜାର ଅଞ୍ଚଳରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ବେଆଇନ ଭାବେ ବ୍ୟବହାର ଓ ବିକ୍ରି ହେଉଥିବା ପଲିଥିନ ଚିହ୍ନଟ କରାଯାଇ ଜବତ କରାଯାଇଥିଲା। ଏହି ଅଭିଯାନରେ ବିଭିନ୍ନ ସ୍ଥାନରୁ ମୋଟ ପ୍ରାୟ ୧ କୁଇଣ୍ଟାଲ ପଲିଥିନ ଜବତ କରାଯାଇଥିବାବେଳେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟ ୧୯,୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପଲିଥିନ ଓ ଏକକ



ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ର ଅନିୟନ୍ତ୍ରିତ ବ୍ୟବହାର ଫଳରେ ପରିବେଶ ପ୍ରଦୂଷଣ, ନାଳ ଅବରୋଧ, ଜଳ ନିଷ୍କାସନରେ ସମସ୍ୟା ଏବଂ ସହରର ସ୍ୱଚ୍ଛତା ବ୍ୟବସ୍ଥା ପ୍ରଭାବିତ ହେଉଥିବାରୁ ଏହାର ବ୍ୟବହାର ରୋକିବା ଦିଗରେ ପୌର କର୍ତ୍ତୃପକ୍ଷ ପକ୍ଷରୁ ନିଷ୍ପତି ଗ୍ରହଣ କରାଯାଉଛି । ପଲିଥିନ ବ୍ୟବହାର ନକରି କପଡ଼ା, ଜୁଟ୍ ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ବ୍ୟାଗ୍ ବ୍ୟବହାର କରିବାକୁ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ପୌର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ନିଷିଦ୍ଧ ପଲିଥିନ ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ର ବ୍ୟବହାର, ବିକ୍ରି କିମ୍ବା ମହଜୁଦ ବିରୋଧରେ ଆଗାମୀ ଦିନରେ ମଧ୍ୟ ଏଭଳି ଯାଞ୍ଚ ଓ ଚଢାଉ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସୂଚନା ରହିଛି ।ଏକ ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ୍ମୁକ୍ତ କେନ୍ଦ୍ରାପଡ଼ା ଗଠନରେ ସମସ୍ତଙ୍କ ସହଯୋଗ ନିମନ୍ତେ ପୌର କର୍ତ୍ତୃପକ୍ଷ ଅନୁରୋଧ କରିଛନ୍ତି।

## ଇମ୍ଫା ପକ୍ଷରୁ ଗଛ ଲଗାନ୍ତୁ, ଜୀବନ ବଞ୍ଚାନ୍ତୁ କାର୍ଯ୍ୟକ୍ରମ

ଦାନଗଦି/କଳିଙ୍ଗନଗର, ୯।୯(ନି.ପ୍ର): ଦେଶର ଅଗ୍ରଣୀ ଫେରୋକ୍ରୋମ ନିର୍ମାତା ଇମ୍ଫାର କଳିଙ୍ଗ ନଗର ଶାଖା ତରଫରୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ କକ୍ଷ, କଳିଙ୍ଗ ନଗର ଦ୍ୱାରା ନିର୍ଦ୍ଧାରିତ ଗୋଟିଏ ଗଛ ଲଗାନ୍ତୁ, ଗୋଟିଏ ଜୀବନ ବଞ୍ଚାନ୍ତୁ ଶୀର୍ଷକ କାର୍ଯ୍ୟକ୍ରମ ସ୍ଥାନୀୟ ମାନତିରା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଡିପି ଗ୍ରାମର କେ.ଏନ. ବ୍ରହ୍ମଚାରି ସରକାରୀ ଉପ୍ରା ବିଦ୍ୟାଳୟଠାରେ ପାଳିତ ହୋଇ ଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଶୀତଳ କୁମାର ଶାଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଇମ୍ଫାର ଡି.ଜି.ଏମ. ଶ୍ରୀ ବାସୁଦେବ ମୁଣ୍ଡା ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଇମ୍ଫା, କଳିଙ୍ଗ ନଗରର ପରିବେଶ ବିଭାଗର ମୁଖ୍ୟ ଶ୍ରୀ ହିମାଂଶୁ ଶେଖର ପାତ୍ର ଯୋଗ ଦେଇଥିଲେ ଛ ଏହି କାର୍ଯ୍ୟକ୍ରମରେ ଅତିଥି ମାନେ ବୃକ୍ଷ ହିଁ ଜୀବନ ଓ ବୃକ୍ଷ ରୋପଣର ମୁଳ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ସମସ୍ତଙ୍କୁ ବୁଝାଇଥିଲେ ଏବଂ ପରିଶେଷରେ ଗୋଟିଏ ଗଛ ଲଗାନ୍ତୁ, ଗୋଟିଏ ଜୀବନ ବଞ୍ଚାନ୍ତୁ ଶୀର୍ଷକ ଡ୍ରଇଙ୍ଗ ଏବଂ କୁଇଜ କମ୍ପିଟିସନ ହେବା ସହ, ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ ଏବଂ ଲେମ୍ବୁ, ଆମ୍ବ, ପିଜୁଳି, ବଉଳ ଇତ୍ୟାଦି ଫଳଗଛର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଡ୍ରଇଙ୍ଗ କମ୍ପିଟିସନର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ




କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ସମ୍ବନ୍ଧୀୟ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଶ୍ରୀମତୀ ସଙ୍ଘମିତ୍ରା ଓଝା ଏବଂ ଶ୍ରୀମତୀ ପୁଷ୍ପାଞ୍ଜଳି ବେହେରାଙ୍କ ସହ ୭୦ରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମକୁ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନର ମ୍ୟାନେଜର ଶ୍ରୀ ଆଶିଷ ଦାସ, ପ୍ରୋଗ୍ରାମ ଅଫିସର ଶ୍ରୀମତୀ ସୁପ୍ରଭା ପ୍ରଧାନ, ଶ୍ରୀମତୀ ଅଞ୍ଜନା ଭୋଇ, ସୁଶ୍ରୀ ବର୍ଷାରାଣୀ ବାରିକ, ସୁଶ୍ରୀ ସୁଶ୍ରୀତା ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ଠାକୁରମୁଣ୍ଡା,୯।୯(ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ମହୁଲଡିହା ଥାନା ସାତକୋଶିଆ ଗ୍ରାମ ପଞ୍ଚାୟତର ଘୁଲୁଘୁଲିଆ ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୫ ଟା ସମୟରେ ଘର ପାଖ ପୋଖରୀରେ ବୁଡ଼ି ଏକ ଶିଶୁକନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁ ଜଣକ ଘୁଲୁଘୁଲିଆ ଗ୍ରାମ ଜାଗାଇ ସାହିର ଶ୍ୟାମସୁନ୍ଦର ଜାମୁଦାଙ୍କ ଏକ ମାତ୍ର ଝିଅ ରଶ୍ମିତା ଜାମୁଦା (୧ ବର୍ଷ)। ଘଟଣାରୁ ପ୍ରକାଶ ଯେ, ଘର ନିକଟରେ ଥିବା ପୋଖରୀ କୂଳରେ ସାହିର ପିଲାମାନଙ୍କ ସହ ରଶ୍ମିତା ଖେଳୁଥିଲା। ହଠାତ ଛୁଆର ମା ରଶ୍ମିତାର ପାଟି ଶୁଣି ନ ପାରି ପୋଖରୀ କୂଳକୁ ଆସି ଦେଖନ୍ତି ତ ତାଙ୍କ ଝିଅ ପାଣିରେ ପଡ଼ି ଉବୁଟୁବୁ ହେଉଛି। ପରିବାର ଲୋକେ ତାକୁ ପାଣିରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା କରି ଶିଶୁଟିକୁ ମୃତ ଘୋଷଣା କରିଥିଲେ। ସନ୍ଧ୍ୟାରେ ମହୁଲଡିହା ଥାନାରେ ଅଭିଯୋଗ ପରେ ମହୁଲଡିହା ଥାନା ପୁଲିସ କେଶ ନଂ ୨୦/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରଶ୍ମିତା ର ମୃତ ଦେହ ଜବତ କରିଥିଲା। ବୁଧବାର ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି ପୁଲିସ।

## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ

# ଜବରଦଖଲ ଉଚ୍ଛେଦ ଓ ଜରୁରୀକାଳୀନ ସେବା ଉପରେ ଗୁରୁତ୍ୱ



ଭଦ୍ରକ,୯।୯(ନି.ପ୍ର): ଭଦ୍ରକ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଭଦ୍ରକ କଲେକ୍ଟୋରେଟ୍ ସ୍ଥିତ ସଦଭାବନା ସଭାଗୃହରେ ୫୨ତମ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା, ଦୁର୍ଘଟଣା ହ୍ରାସ, ଟ୍ରାଫିକ୍ ନିୟମର କଡ଼ାକଡ଼ି ପାଳନ ଏବଂ ବିଭିନ୍ନ ସଡ଼କ ସୁରକ୍ଷା ପଦକ୍ଷେପର ସମୀକ୍ଷା କରାଯାଇଥିଲା। ଭଦ୍ରକ ଜିଲ୍ଲା ରାଜପଥ ସୁରକ୍ଷା ଟାସ୍କଫୋର୍ସର ତୃତୀୟ ବୈଠକରେ ଦ୍ୱିତୀୟ ବୈଠକର ନିଷ୍ପତ୍ତିଗୁଡ଼ିକର ଅଗ୍ରଗତି ଓ ବର୍ତ୍ତମାନ ସ୍ଥିତି ସମୀକ୍ଷା କରାଯାଇଥିଲା। ବୈଠକରେ ତ୍ରିଶାଳପୁର ଫ୍ଲାଏଓଭରର ଗର୍ତ୍ତ ମରାମତି ସହ ସର୍ଭିସ୍ ରୋଡକୁ ଯାତାୟାତ ଉପଯୋଗୀ କରିବା, ଏନ୍‌ଏଚ୍-୧୬ କଡ଼ରେ ଚିହ୍ନଟ ହୋଇଥିବା ୭୯୬ଟି ଜବରଦଖଲ ମଧ୍ୟରୁ ବକେୟା ୪୬୩ଟି ଜବରଦଖଲ ଉଚ୍ଛେଦ ଏବଂ ଉଚ୍ଛେଦ ହୋଇଥିବା ସ୍ଥାନରେ ସ୍ଥାୟୀ ସୀମା ଖୁଣ୍ଟ ସ୍ଥାପନ ନେଇ ଆଲୋଚନା ହୋଇଥିଲା। ଏଥିସହ ଏନ୍‌ଏଚରେ ପାଟ୍ରୋଲିଂ, ଦୁର୍ଘଟଣା ପରବର୍ତ୍ତୀ ଜରୁରୀକାଳୀନ ପ୍ରତିକ୍ରିୟା, ଉଦ୍ଧାର କାର୍ଯ୍ୟ ଏବଂ ଅନଧିକୃତ ଭାବେ ପାର୍କିଂ ହୋଇଥିବା ଯାନବାହନକୁ କ୍ରେନ୍ ମାଧ୍ୟମରେ ହଟାଇବା ପାଇଁ ସମନ୍ୱିତ ଏସଓପି ପ୍ରସ୍ତୁତ କରାଯାଇଥିବା ସହ ଏନ୍‌ଏଚ୍‌ଏଆଇର ଟୋଲ୍ ଫ୍ରି ନମ୍ବର ୧୦୩୩ ସମ୍ପର୍କରେ ମଧ୍ୟ ସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆରଡ଼ି ଛକଠାରେ ଅବଶିଷ୍ଟ ପ୍ରାୟ ୧୦ ମିଟର ଡ୍ରେନ୍ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରି ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜପଥ ନିର୍ମାଣ କାର୍ଯ୍ୟ ସମୟସୀମା ମଧ୍ୟରେ ସମ୍ପାଦନ ସହ କାର୍ଯ୍ୟସ୍ଥଳରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ବାସୁଦେବପୁର ହସ୍ପିଟାଲ, ତହସିଲ ଓ ପୌର କାର୍ଯ୍ୟାଳୟ ନିକଟସ୍ଥ ବସ୍ ରହଣୀ ସ୍ଥଳଗୁଡ଼ିକୁ ସ୍ଥାନାନ୍ତର କରି ଯାତାୟାତକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରସ୍ତାବ ଦାଖଲ ହୋଇଥିବା ଏବଂ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସୂଚନା ଦିଆଯାଇଛି। ବୈଠକରେ ଏସପି ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର, ଆର୍ ଆଣ୍ଡ୍ ବି, ଆର୍ଡି ବିଭାଗର ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାର ପ୍ରମୁଖ ଉପସ୍ଥିତ ଥିଲେ।

## ତହସିଲ ପକ୍ଷରୁ ୬୯ ଜଣ ଦାବିଦାରଙ୍କୁ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ

ଠାକୁରମୁଣ୍ଡା,୯।୯(ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଠାକୁରମୁଣ୍ଡା ତହସିଲ ପକ୍ଷରୁ ୮ ତାରିଖ ମଙ୍ଗଳବାର ଦିନ ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ବିଧାୟକ



ପଦ୍ମ ଚରଣ ହାଇବୁରୁ ଯୋଗ ଦେଇ ଠାକୁରମୁଣ୍ଡା ବ୍ଲକ ଅଧିନସ୍ଥ ସାଲେଇବେଡା ପଞ୍ଚାୟତର ଖପରଖାଇ ଗ୍ରାମର ୩୫ ଜଣ ଏବଂ କାଶୀବେଡା ଗ୍ରାମର ୩୪ ଜଣ ଏହି ପରି ସମୁଦାୟ ୬୯ ଜଣ ଦାବିଦାରଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ଶିରୋନାମା ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଠାକୁରମୁଣ୍ଡା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାକେଶ ରଞ୍ଜନ ଦାସ ମଞ୍ଚ ସଞ୍ଚାଳନ ଦାୟୀତ୍ୱ ନିର୍ବାହ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସମ୍ବିତ କୁମାର କର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ଉମାକାନ୍ତ ବେହେରା, ଠାକୁରମୁଣ୍ଡା ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ସ୍ୱେଚ୍ଛାସେବୀ ସଂଗଠନ ପ୍ରଦାନ ର ବ୍ଲକ କୋଅର୍ଡିନେଟର ପ୍ରଫୁଲ୍ଲ କୁମାର ମହାନ୍ତ ପ୍ରମୁଖ ଯୋଗଦାନ କରିଥିଲେ।

# ଲକ୍ଷେଶ୍ୱର ମହାଦେବ ପୀଠର ବିକାଶ ଦାବି




ଫୁଲନଖରା, ୯।୯(ନି.ପ୍ର): କଟକ-ଭୁବନେଶ୍ୱର ଦ୍ୱୈତନଗରୀର ମଧ୍ୟସ୍ଥଳୀ ତଥା ଫୁଲନଖରା ଛକ ନିକଟରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମହାଦେବଙ୍କ ପୀଠର ସାମଗ୍ରିକ ଉନ୍ନତି ଏବଂ ଭକ୍ତମାନଙ୍କ ସୁବିଧା ପାଇଁ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ସହ ଜାତୀୟ ରାଜପଥରୁ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ସ୍ଥାୟୀ ନିର୍ମାଣ କରାଯିବାକୁ ଦାବି ଉଠିଛି। ଏନେଇ ଅଞ୍ଚଳବାସୀ ଓ ସହଯୋଗ-ଓଡ଼ିଶା ସାମାଜିକ ସଂଗଠନ ପକ୍ଷରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ଅନୁରୋଧ କରାଯାଇଛି। ଦୀର୍ଘ ପ୍ରାୟ ସାତ ଶହ ବର୍ଷର ପୁରାତନ ଏହି ଶୈବପୀଠ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର ଅନ୍ୟତମ କେନ୍ଦ୍ର ଭାବେ ପରିଚିତ। ପ୍ରଭୁ ଲକ୍ଷେଶ୍ୱର ମହାଦେବ ପାତାଳଫୁଟା ଶିବଲିଙ୍ଗ ଭାବେ ଭକ୍ତମାନଙ୍କ ମଧ୍ୟରେ ବିଶେଷ ପୂଜ୍ୟତା ଲାଭ କରିଛନ୍ତି। ଏଠାରେ ଭକ୍ତିଭାବରେ କରାଯାଇଥିବା ମାନସିକ ପୂରଣ ହୁଏ ବୋଲି ଭକ୍ତମାନଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ରହିଛି। ଫଳରେ କଟକ, ଭୁବନେଶ୍ୱର ସମେତ ବିଭିନ୍ନ ଦୂରଦୂରାନ୍ତରୁ ପ୍ରତିବର୍ଷ ଶହଶହ ଶ୍ରଦ୍ଧାଳୁ ଏଠାକୁ ଆସି ପୂଜାର୍ଚ୍ଚନା କରିଥାନ୍ତି। ଏହି ପୁରାତନ ପୀଠ ପରିସରରେ ପ୍ରାୟ ୫୦ ବର୍ଷ ଧରି ପ୍ରଭୁ ଶ୍ରୀରାମ, ମାତା ସୀତା, ଭ୍ରାତା ଲକ୍ଷ୍ମଣ ଏବଂ ଭକ୍ତ ହନୁମାନଙ୍କ ମନ୍ଦିର ମଧ୍ୟ ପ୍ରତିଷ୍ଠିତ ହୋଇ ପୂଜା ପାଇଆସୁଛି। ସେହିପରି ମା' ଦୁର୍ଗାଦେବୀଙ୍କ ମନ୍ଦିର ମଧ୍ୟ ଏହି ପରିସରରେ ରହିଛି। ଫଳରେ ଏହି ପବିତ୍ର ପୀଠରେ ହରି ଓ ହରଙ୍କ ଦର୍ଶନର ସୁଯୋଗ ପାଇ ଭକ୍ତମାନଙ୍କ ଭିଡ଼ ଲାଗିରହିଥାଏ। ପବିତ୍ର ମହାଶିବରାତ୍ରି, ଶୀତଳଷଷ୍ଠୀ, ପଣାସଂକ୍ରାନ୍ତି, ମାଘବେଢ଼ା, ଦୋଳ ମହୋତ୍ସବ, ଶ୍ରୀରାମ ନବମୀ, ହନୁମାନ ଜୟନ୍ତୀ, ସୀତା ନବମୀ, ଦୁର୍ଗାପୂଜା, ସଂକୀର୍ତ୍ତନ ସମାରୋହ ଏବଂ ବିଭିନ୍ନ ମହାଯଜ୍ଞ ଭଳି ଧାର୍ମିକ କାର୍ଯ୍ୟକ୍ରମ ପ୍ରତିବର୍ଷ ଏଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଶହଶହ ଭକ୍ତ ଓ ଯାତ୍ରୀଙ୍କ ସମାଗମ ହେଉଥିଲେ ମଧ୍ୟ ସେମାନଙ୍କ ବିଶ୍ରାମ ପାଇଁ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇନଥିବା ଦୁଃଖର ବିଷୟ ବୋଲି ଅଞ୍ଚଳବାସୀ କହିଛନ୍ତି। ଏହି ପ୍ରସିଦ୍ଧ ଧାର୍ମିକ ପୀଠର ଗୁରୁତ୍ୱକୁ ଦୃଷ୍ଟିରେ ରଖି ମନ୍ଦିର ପରିସରରେ ଏକ ଆଧୁନିକ ଯାତ୍ରୀ ବିଶ୍ରାମାଗାର, ଭୋଜନ ମଣ୍ଡପ, ମନ୍ଦିରର ମୁଖଶାଳାର ଉନ୍ନତି, ଗାଡ଼ି ପାର୍କିଂ ବ୍ୟବସ୍ଥା, ସାଧୁସନ୍ଥଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମାଗାର, ପୂଜକମାନଙ୍କ ପାଇଁ ବିଶ୍ରାମ ସୁବିଧା, ପାର୍କ ନିର୍ମାଣ ସହ ବିଭିନ୍ନ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ହାତକୁ ନେବା ପାଇଁ ଦାବି କରାଯାଇଛି। ସେହିପରି ଜାତୀୟ ରାଜପଥରୁ ମନ୍ଦିରକୁ ଯାଇଥିବା ରାସ୍ତାର ସ୍ଥାୟୀ ନିର୍ମାଣ ହେଲେ ଭକ୍ତ ଓ ଯାତ୍ରୀମାନଙ୍କ ଯାତାୟାତ ବହୁଗୁଣରେ ସୁଗମ ହୋଇପାରିବ। ଏନେଇ ସହଯୋଗ-ଓଡ଼ିଶା ସାମାଜିକ ସଂଗଠନର କର୍ମକର୍ତ୍ତା ତଥା ଅଞ୍ଚଳବାସୀ ରାଜ୍ୟର ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ପ୍ରସିଦ୍ଧ ଶୈବପୀଠର ବିକାଶ ଦିଗରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଅଞ୍ଚଳବାସୀ ଦୃଢ଼ ଆଶା ଓ ବିଶ୍ୱାସ ରଖିଛନ୍ତି। ଏହି ଦାବିପତ୍ରରେ ସହଯୋଗ ଓଡ଼ିଶାର ସଭାପତି ଗଣେଶ ପ୍ରସାଦ ଦାଶ, ସ୍ତମ୍ଭକାର ତଥା ଆଧାତ୍ମିକ ପ୍ରବକ୍ତା ଇଂ. ସନ୍ୟାସୀ ପଣ୍ଡା, ଉପସଭାପତି ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ବରିଷ୍ଠ ସାମ୍ବାଦିକ ଲଳିତ କୁମାର ଦାଶ ଏବଂ ଆଇନଜୀବୀ ଅନ୍ନପୂର୍ଣ୍ଣା ସାହୁଙ୍କ ସମେତ ସଂଗଠନର ଅନ୍ୟ କର୍ମକର୍ତ୍ତାମାନେ ସାମିଲ ରହିଛନ୍ତି।

## ବାଲିକୁଦା ପଞ୍ଚାୟତ ସମିତିର ଦଶମ ଅଧିବେଶନ

# ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ



ବାଲିକୁଦା, ୯।୯(ନି.ପ୍ର): ବାଲିକୁଦା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଦଶମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧକ୍ଷ୍ୟ ଆଇନୀଜୀବୀ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଜଗତସିଂହପୁର ସାଂସଦ ଡ଼ଃ ବିଭୁ ପ୍ରସାଦ ତରାଇ ପ୍ରଦୀପ ପ୍ରଜ୍ୱଳନ କରି ଦଶମ ସାଧାରଣ ପରିଷଦ ବୈଠକକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ସାରଦା ପ୍ରସନ୍ନ ଜେନା, ବ୍ଲକ ଉପାଧାକ୍ଷା ପ୍ରିୟମ୍ବଦା ପଲାଉରୀ, ବିଡ଼ିଓ, ଅତିରିକ୍ତ ବିଡିଓ, ଅତିରିକ୍ତ ତହସିଲଦାର, ସମସ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ, ସମସ୍ତ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ପ୍ରମୁଖ ଯୋଗଦେଇଥିଲେ । ବାଲିକୁଦା ଅଞ୍ଚଳରେ ଲୋକମାନେ ମୁଖ୍ୟତଃ ଧାନ. ମୀନ ଉପରେ ନିର୍ଭର କରି ଚଳନ୍ତି। ପ୍ରତି ପଞ୍ଚାୟତରେ ବ୍ୟାପକ ଷଣ୍ଢ ଧାନ ଫସଲ ନଷ୍ଟ କରିଦେବା ଦ୍ୱାରା ଚାଷୀର ମେରୁଦଣ୍ଡ ସମ୍ପୂର୍ଣ ଭାଙ୍ଗି ପଡିଛି । ସାରର ଅହେତୁକ ଦର ବୃଦ୍ଧି, କଳାବଜାରୀ ରୋକିବାରେ ସରକାର ବିଫଳ ହୋଇଛନ୍ତି । ଆବାସ ଦୁର୍ନୀତି, ବିଭିନ୍ନ ପଞ୍ଚାୟତରେ ମୃତ୍ୟୁ ବରଣ କରିଥିବା ଲୋକଙ୍କ ନାମ ଆବାସ ହିତାଧିକାରୀ ଲିଷ୍ଟି ରେ କିପରି ସାମିଲ କରାଗଲା । ତଦନ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଶିକ୍ଷା ସ୍ୱାସ୍ଥ୍ୟ, ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଲୋକ ପ୍ରତିନିଧିମାନେ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲୋଚନା କରାଯାଇଥିଲା।

# ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

ନିଶ୍ଚିନ୍ତକୋଇଲି, ୯।୯(ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ମହମ୍ମଦପୁର ପଂଚାୟତ କଲ୍ୟାଣ ମଣ୍ଡପ ଠାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ପ୍ରତିଭା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ସେଠୀ ମୁଖ୍ୟ ଅତିଥି ରୁପେ ଯୋଗଦାନ କରି ସମୁଦାୟ ୮୨ ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ବଣ୍ଟନ କରିଥିଲେ । ସେଥିରୁ ୧୯ ଜଣ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୬ ଜଣଙ୍କୁ ବିଧବା ଭତ୍ତା, ୫୩ ଜଣ ହିତାଧିକାରୀଙ୍କୁ ଅକ୍ଷମତା ଭତ୍ତା, ୨ ଜଣଙ୍କୁ ଅବିବାହିତ ଭତ୍ତା ଓ ୨ ଜଣଙ୍କୁ ସ୍ୱାମୀ ପରିତ୍ୟକ୍ତା ଭତ୍ତା ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନିଲ କୁମାର ପାତ୍ର, ଏବିଡିଓ ଅଶୋକ କୁମାର ମହାନ୍ତି, ପ୍ରାକ୍ତନ ସରପଞ୍ଚ ସରୋଜ କୁମାର ବେହେରା, ପଞ୍ଚାୟତ ସଭାପତି ସାରଦା ପ୍ରସାଦ ନାୟକ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦିପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । କୌଣସି ଯୋଗ୍ୟ ହିତାଧିକାରୀ ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ବିଧାୟକ ଶ୍ରୀ ସେଠୀ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।



# ସାରଳା ସଂସ୍କୃତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ବାଲିକୁଦା, ୯।୯(ନି.ପ୍ର): ବାଲିକୁଦା ବ୍ଲକ ମୁଳୁଗାଁ କରମଙ୍ଗ ସ୍ଥିତ ସାରଳା ସଂସ୍କୃତ ସ୍ନାତକ ମହାବିଦ୍ୟାଳୟର ୩୪ ତମ ପ୍ରତିଷ୍ଠା ଦିବସ ଓ ପ୍ରତିଷ୍ଠାତା ନରେନ୍ଦ୍ର ନାଥ ମହାନ୍ତିଙ୍କର ଦ୍ୱିତୀୟ ଶ୍ରାଦ୍ଧଉତ୍ସବ ଏବଂ ଗୁରୁ ପୂଜନ ଉତ୍ସବ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ମହାସମାରୋହରେ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ୍ୟ ଡ଼ଃ ଅଜୟ କୁମାର ମୁଦୁଲିଙ୍କ ସଭାପତିତ୍ୱରେ ନିମନ୍ତ୍ରିତ ଅତିଥିମାନେ ମାଟିର ମହାକବି ସାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିସାରିବା ପରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ନରେନ୍ଦ୍ର ନାଥ ମହାନ୍ତିଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଗୀତା ମିଶନ ଆନ୍ତର୍ଜାତିକ ଅଧକ୍ଷ୍ୟ ଡ଼ଃ ସ୍ୱାମୀ ଚିଦାନନ୍ଦ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥିଭାବେ ଶାନ୍ତି ନିକେତନ ବିଶ୍ୱ ଭାରତୀ ବିଦ୍ୟାଳୟ ଅଧକ୍ଷ୍ୟ ପ୍ରଫେସର ବୈଷ୍ଣବ ଚରଣ ସାମଲ, ମୁଖ୍ୟ ବକ୍ତା ପ୍ରଫେସର ଡ଼ଃ ପ୍ରଭାବତୀ ପଣ୍ଡା, ଚୈତନ୍ୟ କୁମାର ରାଉତ, ବିଶିଷ୍ଟ ଅତିଥିଭାବେ ଉତ୍କଳ ଗ୍ରାମ୍ୟ ସ୍ୱରାଜ ସଭାପତି କଳିଙ୍ଗରତ୍ନ ବ୍ରହ୍ମାନନ୍ଦ ମହାନ୍ତି, ସମ୍ମାନିତ ଅତିଥିଭାବେ ସ୍ତମ୍ଭକାର ଅଧାପିକା ମୀରା ବେଉରା, ଶିକ୍ଷାବିତ ନିରଞ୍ଜନ ପଣ୍ଡା, କୈଳାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ବୁଦ୍ଧିଜୀବୀ ପରିଷଦ ସଭାପତି ପଦ୍ମଚରଣ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାବାଜୀ ଚରଣ ଭୋଳ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ସମିତି ସାଧାରଣ ବୈଠକ

ଓଡ଼ାପଡ଼ା/ହିନ୍ଦୋଳ, ୯।୯(ନି.ପ୍ର): ଓଡ଼ାପଡ଼ା ପଞ୍ଚାୟତ ସମିତିର ଦ୍ୱାଦଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଅଛି। ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷ ଅମିତାଭ ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପାଢ଼ୀ, ବିଧାୟିକାଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସାଂସଦଙ୍କ ପ୍ରତିନିଧି ତପନ କୁମାର ମହାପାତ୍ର, ଜିଲ୍ଲା ପରିଷଦ ସଭ୍ୟ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଭିନ୍ନ ପଞ୍ଚାୟତରେ ଥିବା ସମସ୍ୟା ସଂପର୍କରେ ଜନ ପ୍ରତିନିଧି ମାନେ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଯାହା ସବୁ କାର୍ଯ୍ୟ କରାଯାଉଛି ତାହା ତୁରନ୍ତ ଶେଷ କରିବା ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନଶୁଣାଣିରେ ଜମି ଜାଲିଆତି ଅଭିଯୋଗ

ଟାଙ୍ଗୀଚୌଦ୍ୱାର, ୯।୯(ନି.ପ୍ର): ଜିଲ୍ଲାପାଳଙ୍କ ନିକଟରେ ଏକ ଗୁରୁତ୍ୱପୂର୍ଣ ଜମି ଜମା ସମ୍ବନ୍ଧିତ ସମୁହ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଟାଙ୍ଗୀ ଚୌଦ୍ୱାର ବ୍ଲକ ଅନ୍ତର୍ଗତ କନ୍ହେଇପୁର ମୌଜାରେ ଥିବା ମଣ୍ଡଳ ଜମିଦାର ଓ ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ କିଛି ଦଲାଲ ବିକ୍ରିକରି ମୋଟା ଅଙ୍କର ମୁନାଫା ହାସଲ କରିଛନ୍ତି। ବିକ୍ରିବଟା ହୋଇଥିବା ଏହି ସବୁ ଜମି ଫର୍ଜି ପରିଚୟରେ ହୋଇଥିବା ଭଳି ସାଙ୍ଘାତିକ ଅଭିଯୋଗ କରାଯାଇଛି। କିଛି ଜମିକୁ ଅବୈଧ ଦଖଲ ଦେଇ ଲାଭବାନ ହୋଇଥିବା କହିଛନ୍ତି ଅଭିଯୋଗ କାରୀ।ଏହି ଅଭିଯୋଗଟି କ୍ରମିକ ନମ୍ବର ୧୬୦ରେ ପଞ୍ଜୀକୃତ ହୋଇଥିବା ବେଳେ ହରିହର ମହାନ୍ତିଙ୍କ ନାମରେ ରହିଛି ପ୍ରାପ୍ତି ସ୍ୱୀକାର ପତ୍ର ବା ରସିଦ। ଶତାଧିକ ଲୋକଙ୍କ ସ୍ୱାକ୍ଷର ଥାଇ ଅଭିଯୋଗ ପତ୍ରଟି ସେପ୍ଟେମ୍ବର ୭ତାରିଖରେ ହୋଇଥିବା ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ପ୍ରଦାନ କରାଯାଇଛି। ନିଜେ ଜିଲ୍ଲାପାଳ ୧୫ଦିନ ମଧ୍ୟରେ ତଦନ୍ତକରି ରିପୋର୍ଟ ପ୍ରଦାନ କରିବା ପାଇଁ ତହସିଲଦାରଙ୍କୁ ସୁପାରିଶ କରିଛନ୍ତି।

# ନାବାଳିକାଙ୍କୁ ଆକ୍ରମଣ ଅଭିଯୋଗ

ଜଗତସିଂହପୁର, ୯।୯(ନି.ପ୍ର): ଗତକାଲି ତିର୍ତ୍ତୋଲ ଥାନା ଅଧିନ ରସୁଲପୁର ସ୍ଥିତ ଅବଦୁଲରହିମ ହାଇସ୍କୁଲର ୭ମ ଶ୍ରେଣୀର ଛାତ୍ର ଶେଖ ଇଜାଜ ଉଦିନ (୧୩) ବର୍ଷଙ୍କୁ ତାର ସହପାଠୀ ନୱାଜ (ଚିକୁ) ମରଣାତ୍ମକ ଆକ୍ରମଣ କରିଥିଲା। ସେକ ଇଜାଜ ଉଦିନକୁ ଡାକ୍ତରୀ ଚିକିତ୍ସା କରିବା ପରେ ତାର ମା ଅନୱାରି ବେଗମ ସ୍ୱାମୀ ଅରିଫ ଉଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷାଅଧିକାରୀ ଓ ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ ପତ୍ର ଯୋଗେ ଅବଗତ କରାଇଥିଲେ। ଏତଦଭିନ୍ନ ଆକ୍ରମଣ କରି ନୱାଜର ମା ରହିମା ଖାତୁନଙ୍କୁ ମଧ୍ୟ ଜଣାଇଥିଲେ। ଏହି ଘଟଣାରେ ଉତ୍ୟକ୍ତ ହୋଇ ରହିମା ଖାତୁନ ସ୍ୱାମୀ ଶେଖ ସମସେର ଅଲ୍ଲୀ ତାଙ୍କ ପୁଅ ନୱାଜ ଓ ଝିଅ ରୁବି ଏବଂ ଶେଖ ରିଆନ ମିଳିତ ଭାବେ ଶେଖ ଇଜାଜଙ୍କ ଘରେ ପଶି ଇଜାଜ ଓ ତା ଭଉଣୀ (୧୭) ବର୍ଷୀୟା ଆଜମେରି ଖାତୁନଙ୍କ ଉପରେ ଆକ୍ରମଣ କରିବା ସହିତ ଆଜମେରିଙ୍କୁ ଦୁର୍ବ୍ୟବହାର କରିଥିଲେ। ଘରୁ ଉଠାଇ ନେବାର ମଧ୍ୟ ଧମକ ଦେଇଥିବା ବିଷୟରେ ତିର୍ତ୍ତୋଲ ଥାନାରେ ଏତଲା କରାଯାଇଛି। ତିର୍ତ୍ତୋଲ ଥାନା କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି।

# ବ୍ରାଉନସୁଗାର ମାୟାରେ ଯୁବ ପିଢ଼ି!

ନିଆଳି, ୯।୯(ନି.ପ୍ର): କଟକ ଜିଲ୍ଲା ନିଆଳି ଥାନା ଅଧୀନ ଦେବୀ କନ୍ଦଳ ଦ୍ୱୀପାଞ୍ଚଳରେ ଏବେ ବଢି ଚାଲିଛି ବ୍ରାଉନସୁଗାର କାରବାର। ଉପକୂଳ ଜିଲ୍ଲା କଟକ, ପୁରୀ ଓ ଜଗତସିଂହପୁର ଓ ଖୋର୍ଦ୍ଧା ଚାରୋଟି ଜିଲ୍ଲାକୁ ସଂଯୋଗ ହୋଇଛି ଏହି ଦ୍ୱୀପାଞ୍ଚଳ। ଭୁବନେଶ୍ୱର, କଟକ ଓ ଜଗତସିଂହପୁରରୁ ବ୍ରାଉନସୁଗାର ବେପାରୀମାନେ ଆସି ଦ୍ୱୀପାଞ୍ଚଳରେ କିଛି ଛୋଟ ବେପାରୀମାନଙ୍କ ସହାୟତାରେ ବେପାର ଚଳାଇଛନ୍ତି। ଯୁବପିଢି ଏବେ ବ୍ରାଉନସୁଗର ମାୟାରେ ବାୟା ହୋଇ ସର୍ବସ୍ୱାନ୍ତ ହୋଇପଡିଲେଣି। ଏପରିକି ବ୍ରାଉନସୁଗର ନିଶା ପାଇଁ କିଛି ଯୁବକ ସାଇକେଲ, ଡାଳ, ଡ଼େକଚି,ଟିଭି, ମନ୍ଦିର ମୂର୍ତ୍ତି,ଦାନ ବାକ୍ସ,କାଠ ବାକ୍ସ, କବାଟ, ଝରକା, , ବାଇକ ଚୋରି କରିବା ସହ ମହିଳାଙ୍କ ବେକରୁ ଚେନ୍ ଛିଣ୍ଡାଇବାକୁ ପଛାଉ ନାହାନ୍ତି।

# ନୂତନ ଉପନଗରପାଳ ହେଲେ ଅନିତା

ତାଳଚେର, ୯।୯(ନି.ପ୍ର): ଓଡ଼ିଶା ମ୍ୟୁନିସ୍ ପାଲିଟ୍ ମାନୁଆଲର ସେକସନ ୯୧ ଓ ୯୨ ଅନୁଯାୟୀ ତାଳଚେର ପୌରପରିଷଦ କାଉନସିଲ ପକ୍ଷରୁ ୨୧ନଂ ୱାର୍ଡ଼ର କାଉନସିଲର ଅନିତା ବିଶ୍ୱାଳଙ୍କୁ ଉପନଗରପାଳ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ପୂର୍ବରୁ ଥିବା ଉପନଗରପାଳଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଅଣାଯାଇ ଥିଲା ଓ ପରବର୍ତ୍ତୀ ସମୟରେ ନିର୍ବାଚନ କରାଯାଇଥିଲା। ମାତ୍ର କୌଣସି କାରଣରୁ ଏହାକୁ ନେଇ କୋର୍ଟରେ କେସ ହୋଇଥିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଜି କାଉନସିଲମାନେ ଖୁସିବ୍ୟକ୍ତ କରିବା ସହ ନବ ନିର୍ବାଚିତ ଶ୍ରୀମତୀ ବିଶ୍ୱାଳଙ୍କୁ ସ୍ୱଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ହେରୋଇନ ଜବତ, ଯୁବକ ଗିରଫ୍

ଜଗତସିଂହପୁର, ୯।୯(ନି.ପ୍ର): ଜଗତସିଂହପୁର ଥାନା ଅନ୍ତର୍ଗତ ଆଳିପିଙ୍ଗଳ ବଜାରରୁ ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା। ଯାଞ୍ଚ ପରେ ତାଙ୍କ ପାଖରୁ ୪୪ ଗ୍ରାମର ହେରୋଇନ୍, ଏକ ଆଣ୍ଡ୍ରଏଡ ଫୋନ, ନଗଦ ୧୨,୬୦୦ ଟଙ୍କା ଏବଂ ଏକ ଟିଭିଏସ୍ ଲୁନା (ନଂ- ଓଡ଼ି-୨୧-ପି-୧୮୨୭) ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ଜଗତସିଂହପୁର ଥାନା ଖମଙ୍ଗ ଗ୍ରାମର ଯୋଗେନ୍ଦ୍ର ନାଥ ଦୀର୍ଘ ଦିନ ଧରି ଆଳିପିଙ୍ଗଳ ଅଞ୍ଚଳରେ ହେରୋଇନ୍ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା। ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ଯୋଗେନ୍ଦ୍ରଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଗ୍ରାହକଙ୍କୁ ବିକ୍ରି କରିବା ପାଇଁ ସେ ଆଜି ହେରୋଇନ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ୍-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏଏସ୍ଆଇ କ୍ଷୀରୋଦ କୁମାର ସାହୁ, କନଷ୍ଟେବଲ ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା। ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ। ଆଳିପିଙ୍ଗଳ ବଜାର ଠାରେ ଆଜି ସେ ଗ୍ରାହକଙ୍କୁ ହେରୋଇନ ବିକ୍ରି କରୁଥିବା ବେଳେ ଗ୍ରାହକ ବେଶରେ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍ ଡି ପି ଏସ୍ ଆକ୍ଟ ୧୯୮୫ ଅନୁସାରେ ଜିଲ୍ଲା ଭ୍ରାମ୍ୟମାଣ ସଂସ୍ଥାର କେସ୍ ସଂଖ୍ୟା ୧୫୬୨୦୨୬-୨୭ ରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

## ବେଆଇନ ବାଲି ଚୋରା ଚାଲାଣ

# ଘାଟ ବନ୍ଦ କରିବାକୁ ଗ୍ରାମବାସୀଙ୍କ ଦାବି

କଣ୍ଟାପଡା, ୯।୯(ନି.ପ୍ର): ଦିନକୁ ଦିନ ବଢି ଚାଲିଛି ବେଧଡକ ବାଲି ଚୋରା ଚାଲାଣ। କଟକ ଜିଲ୍ଲା କଣ୍ଟାପଡ଼ା ତହସିଲ ସ୍ଥିତ ଗୋବିନ୍ଦପୁର ଥାନା ଅନ୍ତର୍ଗତ ପୋସ୍ତଳ ପଞ୍ଚାୟତ ଅଣ୍ଡେଇସାହି ଠାରେ ଅହରାତ୍ର ଚାଲିଛି ଏହି ବେଆଇନି କାରବାର। ମାଫିଆ ମାନେ ବନ୍ୟା ପାଣି ନଦୀରୁ ଛାଡ଼ିଗଲା ପରେ ଦିନ ସମୟରେ ପାଞ୍ଚରୁ ଛଅ ଟ୍ରାକ୍ଟର ପୁରାଇ ନଦୀରେ ଗଡା ନିର୍ମାଣ କରି ସ୍ଥାନୀୟ ଶ୍ରମିକ ସାହାଯ୍ୟରେ ଚାଲୁଛି ଲୋଡିଙ୍ଗ। ବଡ଼ବିଲ ସ୍କୁଲ୍ ପଡ଼ିଆରେ ବାଲି ଗଦା କରି ରାତି ୧୧ ଘଟିକା ସମୟରେ ମାଫିଆ ମାନେ ଆଖପାଖ ଅଞ୍ଚଳର ହାଇୱା ମାଲିକଙ୍କୁ ଯୋଗାଯୋଗ କରି ବାଲି ଉତ୍ତୋଳନ କରୁଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ନିକଟରେ ଗୋବିନ୍ଦପୁର ଥାନା ପୋଲିସ ଥାଇ ମଧ୍ୟ ବେଆଇନ୍ ବାଲି ଉତ୍ତୋଳନକୁ ରୋକିବାରେ ସକ୍ଷମ ହେଇପାରୁନାହିଁ। ଗତ କିଛି ଦିନ ତଳେ ଉକ୍ତ ଅଞ୍ଚଳରୁ ଦୁଇ ଚାରୋଟି ଗାଡ଼ି ଲୋକଦେଖାଣିଆ ଭାବେ ଧରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗତ ମଙ୍ଗଳବାର ରାତି ଅଧରେ ପୋଲିସ ଓ ବାଲି ଗାଡ଼ି ଡ୍ରାଇଭରଙ୍କ ମଧ୍ୟରେ ଲୁଚକାଳି ଖେଳ ଚାଲିଥିଲା। ଚଞ୍ଚକତା କରି ଡ୍ରାଇଭର ରାସ୍ତା ମଝିରେ ବାଲି ଢାଳି ଗ୍ରାମବାସୀଙ୍କ ନିମନ୍ତେ ନିର୍ମାଣ କରାଯାଇଥିବା ପାଣି ପାଇପ୍ ଫଟାଇ ଦ୍ରୁତ ଗତିରେ ପଳାଇଥିଲା। ଯାହା ଫଳରେ ବୁଧୁବାର ପିଇବା ପାଣିରୁ ବଞ୍ଚିତ ହୋଇଥିଲେ ଗ୍ରାମବାସୀ ବୋଲି ଅଭିଯୋଗ କରିଛନ୍ତି ବ୍ରାହ୍ମଣବାଟି ସରପଞ୍ଚ ସଂଜୟ ରାଉତରାୟ। ଏନେଇ ସେ ଖଣି ବିଭାଗ ଅଧିକାରୀଙ୍କୁ ଜଣାଇଛନ୍ତି। ଚୋରା ବାଲି ଘାଟ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୃଷକମୋର୍ଚ୍ଚା ସଭାପତିଙ୍କ ଅଭିଯୋଗ ଶୁଣାଣି



ବାଙ୍କୀ,୯।୯(ନି.ପ୍ର): ବାଙ୍କୀର ବରିଷ୍ଠ ବିଜେପି ନେତା ତଥା ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀଙ୍କ ଅଧକ୍ଷତାରେ ବାଙ୍କୀ ବିକାଶମଞ୍ଚ କାର୍ଯ୍ୟାଳୟ ଠାରେ ଏକ ଜନଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ଘଟିକା ଠାରୁ ଦିବା ୨ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଅଭିଯୋଗ ମଧ୍ୟରେ ବିଭିନ୍ନ ଯୋଜନାଭିତ୍ତିକ ଭତ୍ତା, ଆବାସ ଯୋଜନା ଅନୀୟମିତତା, ରାସନ୍ କାର୍ଡ ନୂତନ ଓ ସଂଯୋଗୀକରଣ, ବାରାହା ଆକ୍ରମଣକାରୀଙ୍କୁ ସରକାରୀ ସୁବିଧା ଓ ସାହାଯ୍ୟ, ଜମିଜମା ବିବାଦ ଆଦି ୫୦ଗୋଟି ଅଭିଯୋଗ ଶୁଣାଣି ହୋଇଥିଲା। ବାଙ୍କୀର ବିଭିନ୍ନ ଅଞ୍ଚଳର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶ୍ରୀ ପାଢୀ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି କହିଥିଲେ ।

# ସମାଜସେବୀଙ୍କ ପରଲୋକ

ବାଙ୍କୀ,୯।୯(ନି.ପ୍ର): ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଁସର ଗ୍ରାମର ଯୁବସମାଜସେବୀ ତଥା ଖୋର୍ଦ୍ଧା କୁମାରବସ୍ତ ଉଚ୍ଚବିଦ୍ୟାଳୟର ଶିକ୍ଷକ ପ୍ରତାପ ରାଉତଙ୍କ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ପରଲୋକ ଘଟିଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଗ୍ରାମରେ ପରିକ୍ରମା କରି ଶୂନ୍ୟ ଆଶ୍ରମ ନିକଟସ୍ଥ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କର ସମସ୍ତ ଅଙ୍ଗ ପ୍ରତ୍ୟେଙ୍ଗକୁ ଦାନ କରିବେ ବୋଲି ସେ ଇଚ୍ଛା ପ୍ରକାଶ କରିଥିଲେ। ତଦାନୁସାରେ ତାଙ୍କର ସମସ୍ତ ଅଙ୍ଗପ୍ରତ୍ୟେଙ୍ଗକୁ ଡାକ୍ତରଖାନାରେ କଢାଯାଇ ରଖାଯାଇଥିଲା। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ଯୁବନେତା ଅବିନାସ ପଟ୍ଟନାୟକ, ବିଜେପି ରାଜ୍ୟ କୃଷକମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ମୋହନ ପାଢୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଏନ୍.ଏ.ସି ଅଧକ୍ଷା ମାଣିକ ସାହୁ, ବାଙ୍କୀ ଡମପଡ଼ା ବ୍ଲକ ଅଧକ୍ଷ ପ୍ରଣବ କିଶୋର ପଟେଲ, ଏନ୍.ଏ.ସି ଉପାଧକ୍ଷ ସନ୍ତୋଷ କୁମାର ରଣା, ପ୍ରେସ୍ କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଯୁବନେତା ଭାଗୀରଥି ପାଣିଙ୍କ ସମେତ ବହୁ ନେତୃସ୍ଥାନୀୟ ବ୍ୟକ୍ତି ତାଙ୍କ ଶବଧାରାରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।


# ପାଲା ଗାୟକ ସମ୍ମିଳନୀ

ଜଗତସିଂହପୁର, ୯।୯(ନି.ପ୍ର): ଜଗସିଂହପୁର ଜିଲ୍ଲା ଧର୍ମ ଜାଗରଣ ସମନ୍ୱୟ ଦ୍ୱାରା ଏକ ସପ୍ତାହବ୍ୟାପି ରାଷ୍ଟ୍ରୀୟ ସନ୍ଥ ବେଦାନ୍ତ କେଶରୀ ବ୍ରହ୍ମଲୀନ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ୫ମ ଦିବସରେ ନରୁଆ ଶାଗବାରିଆ ସ୍ଥିତ ଉତ୍କଳ ବିପନ୍ନ ସହାୟତା ସମିତି କାର୍ଯ୍ୟାଳୟ ଠାରେ ଜିଲ୍ଲା ପାଲା ଗାୟକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ପ୍ରଦୀପ ଲେଙ୍କା ଓ ଜିଲ୍ଲା ସଂସ୍କୃତି ପ୍ରମୂଖ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁ ନନା)ଙ୍କ ସଂଯୋଜନାରେ ଉତ୍କଳ ପ୍ରାନ୍ତ ସଂସ୍କୃତି ପ୍ରମୂଖ ଡଃ ଶ୍ରୁତି ସାଗର ମହାରାଜଙ୍କ ମାର୍ଗଦର୍ଶନରେ ଜିଲ୍ଲା ପାଲା ଗାୟକ ସଭାପତି ଅଭିମନ୍ୟୁ ନାୟକ , ବରିଷ୍ଠ ଗାୟକ ନାରାୟଣ ମହାରଣା, କୈଳାସ ଚନ୍ଦ୍ର ଜେନା, ପ୍ରଭାତ କୁମାର ରଥଶର୍ମା, ବିଜୟ କୁମାର ଦାଶ, ପ୍ରସନ୍ନ ପଟ୍ଟନାୟକ, ଚନ୍ଦ୍ରକାନ୍ତ ପଣ୍ଡା, ବିଭୂତି ଭୂଷଣ ପ୍ରଧାନ, ପ୍ରବୋଧ କୁମାର ରଥ, ଓ ଭାରତୀ ମିଶ୍ର ପ୍ରଭୃତି ଜିଲ୍ଲା ଅନେକ ବରିଷ୍ଠ ଅଭିଜ୍ଞ ପାଲାଗାୟକ ବୃନ୍ଦ ଏଥିରେ ଯୋଗ ଦେଇଥିଲେ। ଧର୍ମ ଜାଗରଣ ତରଫରୁ ଜିଲ୍ଲାର ସମସ୍ତ ସଦସ୍ୟଙ୍କ ଦ୍ୱାରା ଉପସ୍ଥିତ ଗାୟକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ବାଙ୍କୀର ବିଭିନ୍ନ ଧର୍ମଧାରା' ଉପରେ ଆଲୋଚନାଚକ୍ର

ବାଙ୍କୀ, ୯।୯(ନି.ପ୍ର): ଆଜି ବାଙ୍କୀ ମହୋତ୍ସବ ଆନୁକୂଲ୍ୟରେ 'ବାଙ୍କୀର ବିଭିନ୍ନ ଧର୍ମଧାରା' ଉପରେ ଆଲୋଚନାଚକ୍ର ବାଙ୍କୀ ରାଣୀ ଶୁକଦେଈ ମହିଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ହିମାଳୟା ସାହୁ ପ୍ରଥମ, ସୁଦକ୍ଷା ମହାରଣା ଦ୍ୱିତୀୟ ଓ ପ୍ରିତିପ୍ରଜ୍ଞା ସାମନ୍ତରାୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ବାଙ୍କୀ ମହୋତ୍ସବ ପାଳନ ଅବସରରେ ପୁରସ୍କୃତ କରାଯିବ। ବାଙ୍କୀ ମହୋତ୍ସବର ସାଧାରଣ ସଂପାଦକ ଡକ୍ଟର ଗଣେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବାଙ୍କୀ ଉପଜିଲ୍ଲାପାଳ ମନୋସ୍ୱିନୀ ଦାସ ଉଦଘାଟନ କରିଥିବା ବେଳେ ବାଙ୍କୀ ଏନ୍.ଏ.ସି ଅଧକ୍ଷା ମାଣିକ ସାହୁ ମୁଖ୍ୟଅତିଥି, ରାଣୀଶୁକଦେଈ ମହିଳା ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋସ୍ନାରାଣୀ ପଟ୍ଟନାୟକ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବାଙ୍କୀ ମହୋତ୍ସବର ଉପସଭାପତି ସନାତନ ବେହେରା ଯୋଗେଦେଇଥିଲେ । ବିଚାରକ ଭାବେ କବି କୌଶିକ ନାୟକ ଓ ରବିନାରାୟଣ ମଙ୍ଗରାଜ ଯୋଗଦାନ କରି ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ।

# କୁଜଙ୍ଗକୁ ଏନ୍ଏସି ଘୋଷଣା ପାଇଁ ଦସ୍ତଖତ ଅଭିଯାନ




କୁଜଙ୍ଗ, ୯।୯(ନି.ପ୍ର): ଜଗତସିଂହପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଓ ବ୍ୟବସାୟୀକ ଅଂଚଳ କୁଜଙ୍ଗକୁ ତୁରନ୍ତ ଏନ୍ଏସି ଘୋଷଣା କରିବାକୁ ରାଜ୍ୟ ସରକାରଙ୍କ ପାଖରେ ଦାବି ଜୋର ଧରିଛି । ବିଜୁ ଜନତା ଦଳ ସରକାରଙ୍କ ଅମଳରେ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୁଜଙ୍ଗକୁ ଏନ୍ଏସି ଘୋଷଣା କରିଥିଲେ ।ହେଲେ ବିଜେପି ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିଭିନ୍ନ ଅଂଚଳକୁ ନୂଆ ଏନ୍ଏସି ଘୋଷଣା କରିଥିଲେ ମଧ୍ୟ କୁଜଙ୍ଗକୁ ବାଦ ଦେଇଛନ୍ତି। ସେଥି ପାଇଁ କୁଜଙ୍ଗବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ କୁଜଙ୍ଗ କୁହୁଳୁଛି ଓ ଆନ୍ଦୋଳନ ଦୁର୍ବାର ହେବ ବୋଲି ଆଜି ଦସ୍ତଖତ ଅଭିଯାନ ଶିବିରରେ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଘୋଷଣା ହୋଇଛି। ମଞ୍ଚ ଆବାହକ ଡକ୍ଟର ରଘୁନାଥ ସାହୁଙ୍କ ସଂଯୋଜନାରେ ଦୀର୍ଘ ୭ଦିନ ହେବାକୁ ଥିବା ଏହି ଦସ୍ତଖତ ଅଭିଯାନ ଶିବିରକୁ ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀ ଉଦଘାଟନ କରିଥିଲେ। ମଞ୍ଚ ବରିଷ୍ଠ ଉପଦେଷ୍ଟା ପୀତାମ୍ବର ତରାଇ ଦସ୍ତଖତ ଅଭିଯାନକୁ ଶୁଭାରମ୍ଭ କରି ଅନୁଷ୍ଠିତ ସଭାରେ କହିଥିଲେ ଯେ , କୁଜଙ୍ଗ ଜମି ଉପରେ ଶିଳ୍ପ ସହର ଠିଆ ହେଇଛି। ଏଠାରେ ଶତାଧିକ ସରକାରୀ ଓ ବେସରକାରୀ ଅନୁଷ୍ଠାନ କାର୍ଯ୍ୟ କରୁଛି। କୁଜଙ୍ଗକୁ ବିଚାର ବିଭାଗୀୟ ଜିଲ୍ଲା ମାନ୍ୟତା ମିଳିଥିବା ବେଳେ ଏନ୍ଏସି ଘୋଷଣା ନହେବା ଦୁର୍ଭାଗ୍ୟ ବୋଲି କହିଥିଲେ । ଯଦି ସରକାର ପୂର୍ବ ଘୋଷଣା ଅନୁଯାୟୀ କୁଜଙ୍ଗକୁ ଏନ୍ଏସି ମାନ୍ୟତା ପ୍ରଦାନ ନକରନ୍ତି କୁଜଙ୍ଗ ବନ୍ଦ ସମେତ ଅର୍ଥନୈତିକ ଅବରୋଧ ହେବ ବୋଲି ଘୋଷଣା କରିଥିଲେ। କୁଜଙ୍ଗ ଓକିଲ ସଂଘ ସମ୍ପାଦକ ରଂଜିତ ବିଶ୍ୱାଳ, ବରିଷ୍ଠ ଆଇନଜୀବୀ ରମେଶ ଦାସ, ଶିକ୍ଷାବିତ ସରୋଜ କୁମାର ବେହେରା, ଓକିଲ ସଂଘ ସହ ସମ୍ପାଦିକା ପ୍ରିୟମ୍ବଦା ପାଣି, କୁଜଙ୍ଗ ଆଥଲେଟିକ କ୍ଲବ ସଭାପତି ଦିଲୀପ କୁମାର ସାହୁ, ସମ୍ପାଦକ ରଜନୀକାନ୍ତ ଗୁରୁ, ବିଶ୍ୱନାଥ ମଲିକ, ବଣିକ ସଂଘ ପକ୍ଷରୁ ବିକ୍ରମ ନାରାୟଣ ଦାସ, ବୁନୁ ବାରିକ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ବିଜୟ ଖଟେଇ, ଗୀତା ଦାସ, ନବୀନ ପ୍ରଧାନ, ବିଭୁତି ଜେନା, ହୃଷିକେଶ ନାଥ, ଚନ୍ଦ୍ରମଣି ସ୍ୱାଇଁ, ବିବେକାନନ୍ଦ ଦାସ, ଶରତ ଜେନା ପ୍ରମୁଖ ଉପସ୍ଥିତି ଥିଲେ।

# ମଦ ବନ୍ଦ ଦାବି ନେଇ ମହିଳା ଥାନାର ଦ୍ୱାରସ୍ଥ

ବିନିକା, ୯।୯(ନି.ପ୍ର): ଗାଁରେ ଖୁଲମଖୁଲା ମଦ ବିକ୍ରି ହେଉଛି। ଦେଶୀ, ବିଦେଶୀ, ବେଇଆନ ରନ୍ଧା ମଦ ଠୁଁ ଆରମ୍ଭ କରି କଫ ସିରଫ,ନିଶା ବଟିକାର ପେଣ୍ଠସ୍ଥଳୀ ପାଲଟିଛି ଗ୍ରାମ। ଗ୍ରାମରେ ସମ୍ପୂର୍ଣ୍ଣ ଭାବେ ମଦ ବିକ୍ରି ବନ୍ଦ ନେଇ ଗ୍ରାମର ଶତାଧିକ ମହିଳା ବିନିକା ଥାନା ଓ ଅବକାରୀ ବିଭାଗର ଦ୍ୱାରସ୍ଥ ହୋଇଥିବା ଦେଖିବାକୁ ମିଳିଛି। ବିନିକା ଥାନା ଠାରୁ ୬କିମି ଗୁଲୁଣ୍ଡା ଗ୍ରାମରେ ଦୀର୍ଘ ବର୍ଷ ହେଲା ଏହି ବିଭିନ୍ନ ସ୍ଥାନରେ ବେଶ ଦି ପଇସା ରୋଜଗାର କରିବା ନେଇ କେତେକ ଖଳ ପ୍ରକୃତିର ଲୋକ ସ୍ଥାନୀୟ ଅବକାରୀ ବିଭାଗ ସହିତ ଭିତିରିଆ ସମ୍ପର୍କ ସ୍ଥାପନ କରି ହାତଗୁଁଛା ଦେଇ ମଦ ବିକ୍ରି କରୁଥିବା ଜଣାପଡ଼ିଛି। ମହିଳାମାନେ ସେମାନଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗୁଲୁଣ୍ଡା ଗାଁର ଚତୁରପାଶ୍ୱରେ ମଦ ବିକ୍ରି ହେଉଛି। ଯେଉଁଥିପାଇଁ ଗାଁର ଯୁବ ପିଢି ଅର୍ଥାତ ଛୋଟରୁ ବଡ଼ ସମସ୍ତେ ନିଶାଖାଇ ବର୍ବାଦ ହେବା ସହ ଭୁଲ ରାସ୍ତାରେ ଯାଉଥିବା ଦେଖିବାକୁ ମିଳୁଛି। ଏପରିକି ନିଶା ଖାଇ ଅନେକ ଜଣଙ୍କ ଜୀବନ ବି ଚାଲି ଯାଉଥିବା ଅଭିଯୋଗ ହୋଇଛି। । ଏଥିପାଇଁ ଗାଁର ମହିଳା ମାନେ ଆଜି ବେଆଇନ ଦେଶୀ, ବିଦେଶୀ ମଦ,ନିଶା ବଟିକା ଏବଂ କଫ ସିରଫ ବନ୍ଦ ଦାବିରେ ବିନିକା ଥାନାର ଦ୍ୱାରସ୍ତ ହୋଇ ଲିଖିତ ଅଭିଯୋଗ କରିଛନ୍ତି।

## ବ୍ୟବସାୟୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟିଲେ

# ବିଧାୟକ, ଥଇଥାନ ଓ ବିକଳ୍ପ ବ୍ୟବସ୍ଥା ପାଇଁ ଦାବି



ପାଟଣା,୯।୯(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ତୁରୁମୁଙ୍ଗା ବଜାରରେ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟକୁ ନେଇ ଦୋକାନ ଉଚ୍ଛେଦ ହେଉଥିବାରୁ ବ୍ୟବସାୟୀମାନଙ୍କ ଜୀବିକାରେ ସମସ୍ୟା ଦେଖାଦେଇଛି। ଏହି ସମସ୍ୟା ନେଇ ତୁରୁମୁଙ୍ଗା ବଜାର କମିଟିର ସଦସ୍ୟ ଓ ବ୍ୟବସାୟୀମାନେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକଙ୍କୁ ଭେଟି ସମସ୍ୟା ସଂପର୍କରେ ଅବଗତ କରାଇଥିଲେ। ତୁରୁମୁଙ୍ଗା ବଜାରରେ ଏନ୍‌ଏଚ୍‌ଆଇ ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଚାଲିଥିବା ବେଳେ ଭବିଷ୍ୟତରେ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରାୟ ୪ ଫୁଟ୍ ଓସାର ଜାଗା ରହିବ ବୋଲି ଜଣାପଡ଼ିଛି। ଏଥିସହିତ ତୁରୁମୁଙ୍ଗା ବଜାରରେ ଏକ ଓଭରବ୍ରିଜ୍ ନିର୍ମାଣ ହେବାର ଯୋଜନା ରହିଥିବାରୁ ଏହାକୁ ନେଇ ଅନେକ ବ୍ୟବସାୟୀଙ୍କ ଦୋକାନ ପ୍ରଭାବିତ ହେଉଛି। ବ୍ୟବସାୟୀମାନେ ଉଚ୍ଛେଦକୁ ବିରୋଧ କରୁନଥିବା ବେଳେ ଦୀଘର୍ବର୍ଷ ଧରି ଏହି ବଜାରରେ ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ପରିବାରଗୁଡ଼ିକ ପାଇଁ ବିକଳ୍ପ ସ୍ଥାନ କିମ୍ବା ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ବ୍ୟବସାୟୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ବିଧାୟକ ଅଖିଳ ଚନ୍ଦ୍ର ନାୟକ ବ୍ୟବସାୟୀ ଓ ଅଂଚଳବାସୀଙ୍କୁ ସାଙ୍ଗରେ ନେଇ କେନ୍ଦୁଝର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଥିଲା। ବିଧାୟକ ଅଖିଳ ଚନ୍ଦ୍ର ନାୟକ କହିଛନ୍ତି, ''ଜନସାଧାରଣଙ୍କ ସମସ୍ୟା ମୋର ସମସ୍ୟା। ଲୋକଙ୍କ ସୁଖଦୁଃଖରେ ସଦାର୍ସବଦା ସାଥୀ ହୋଇ ରହିବି। ତୁରୁମୁଙ୍ଗା ବଜାରର ବ୍ୟବସାୟୀମାନଙ୍କ ଜୀବିକା ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଉଦ୍ୟମ କରିବି।'' ବିଧାୟକଙ୍କ ଏହି ପଦକ୍ଷେପକୁ ତୁରୁମୁଙ୍ଗା ବଜାର କମିଟିର ସଭାପତି ତପନ କୁମାର ସାହୁ, ସମ୍ପାଦକ ଶ୍ରବଣ କୁମାର ସାହୁଙ୍କ ସମେତ ସଲିଲ କୁମାର ସାହୁ, ଶୁଭଲ କୁମାର ସାହୁ, ପାଣ୍ଡବ ପାତ୍ର, ଗଗନ ବିହାରୀ ସାହୁ ଓ ଅନ୍ୟ ବ୍ୟବସାୟୀମାନେ ସ୍ୱାଗତ କରିବା ସହ ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

## ଗରିବ ଏସ୍‌ଟି/ଏସ୍‌ସି ଛାତ୍ରଛାତ୍ରୀଙ୍କୁ ମିଳିନି ୫ବର୍ଷର ଷ୍ଟାଇପେଣ୍ଡ ଟଙ୍କା

# ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ

ଆନନ୍ଦପୁର,୯।୯(ନି.ପ୍ର): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ମଦନପୁର ପଂଚାୟତ ବାମ୍ଭିଡି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏସ୍‌ଟି/ଏସ୍‌ସି ଛାତ୍ରଛାତ୍ରୀଙ୍କୁ ଦୀର୍ଘ ୫ବର୍ଷ ଧରି ଷ୍ଟାଇପେଣ୍ଡ ଟଙ୍କା ଦିଆଯାଇନଥିବା ନେଇ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ଜେନାଙ୍କ ବିରୁଦ୍ଧରେ ଅଭିଯୋଗ ହୋଇଛି। ଏନେଇ ଗ୍ରାମବାସୀ ଓ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି କରିଛନ୍ତି। ଘଟଣା ସଂପର୍କରେ ଘଷିପୁରା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପଚାରିବାରୁ, ଘଟଣାଟି ସତ ବୋଲି



କହିବା ସହ ଏହି ବିଷୟରେ ଜାଣିବା ପରେ ସଂପୃକ୍ତ ଶିକ୍ଷକଙ୍କୁ ଶୀଘ୍ର ଛାତ୍ରଛାତ୍ରୀଙ୍କ ଟଙ୍କା ପ୍ରଦାନ କରିବାକୁ କହିଥିବା ସୂଚନା ମିଳିଛି। ତେବେ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଟଙ୍କା ପ୍ରଦାନ ପାଇଁ ଶିକ୍ଷକଙ୍କୁ ପ୍ରାୟ ଦେଢ଼ ମାସ ସମୟ ଦିଆଯାଇଥିଲା, କିନ୍ତୁ ଦୁଇ ମାସରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନିଜ ଷ୍ଟାଇପେଣ୍ଡ ଟଙ୍କା ପାଇନଥିବା ଅଭିଯୋଗ ହୋଇଛି। ଏପଟେ ସଂପୃକ୍ତ ଶିକ୍ଷକ ଉମାକାନ୍ତ ଜେନା ପ୍ରମୋଶନ୍ ହୋଇ ତେଲକୋଇ ବ୍ଲକ୍‌କୁ ବଦଳି ହୋଇଥିବା ସୂଚନା ମିଳିଛି। ତେବେ ପ୍ରଶ୍ନ ଉଠୁଛି ଗରିବ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ଟଙ୍କା ଏତେ ବର୍ଷ ଧରି କାହିଁକି ଦିଆଯାଇନଥିଲା ? ଟଙ୍କା ପ୍ରଦାନରେ ବିଳମ୍ବ ପଛରେ କାହାର ଦାୟିତ୍ୱ ରହିଛି ? ଏବଂ ଏହି ଘଟଣାରେ ଆଉ କେହି ସହଯୋଗ କରିଥିଲେ କି ? ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବା ସହ ଯଦି କେହି ଦୋଷୀ ପ୍ରମାଣିତ ହୁଅନ୍ତି, ତେବେ ତାଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟାନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ବକେୟା ଷ୍ଟାଇପେଣ୍ଡ ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ଦାବି ହୋଇଛି।

# ଚମ୍ପୁଆ ସେକ୍ସନରେ ୪୦ ହାତୀଙ୍କ ଉପଦ୍ରବ



ଚମ୍ପୁଆ,୯।୯(ନି.ପ୍ର): ଚମ୍ପୁଆ ରେଞ୍ଜ ଅଂଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଜଙ୍ଗଲରୁ ବାହାରି ହାତୀପଲ ଗାଁ ଓ ଜନବସତି ମୁହାଁ ହେଉଥିବାରୁ ଲୋକଙ୍କ ମଧ୍ୟରେ ବିପଦ ଆଶଙ୍କା ବଢ଼ିଛି। ରିମୁଲିରୁ ଚମ୍ପୁଆ ଜାତୀୟ ରାଜପଥରେ ସକାଳ ଓ ସଂନ୍ଧ୍ୟା ବେଳେ ହାତୀପଲ ଠିଆହୋଇ ରହୁଛନ୍ତି। ବର୍ତ୍ତମାନ ଚମ୍ପୁଆ ଅଂଚଳରେ ପ୍ରାୟ ୪୦ଟି ହାତୀ ଥିବା ଜଣାପଡ଼ିଛି। ଏହି ହାତୀପଲ ଦୁଇଟି ଦଳରେ ବିଭକ୍ତ ହୋଇ ବିଭିନ୍ନ ଜଙ୍ଗଲ ଅଂଚଳରେ ଘୁରି ବୁଲୁଛନ୍ତି। ଏଥିମଧ୍ୟରୁ ଗୋଟିଏ ଦଳରେ ୨୫ଟି ହାତୀ ରହିଛନ୍ତି। ଏହି ଦଳରେ ୧୦ଟି ଛୁଆ ହାତୀ, ୩ଟି ଅଣ୍ଡିରା ହାତୀ ଓ ୧୨ଟି ମାଈ ହାତୀ ଥିବା ସୂଚନା ମିଳିଛି। ରଜିଆ, ପତଳା ଓ କୃଷ୍ଣପୁର ଜଙ୍ଗଲ ଅଂଚଳରେ ହାତୀପଲ ଚଳପ୍ରଚଳ କରୁଥିବା ବେଳେ କେତେବେଳେ ଜନବସତି ଓ ମୁଖ୍ୟ ବଜାର ଆଡ଼କୁ ମଧ୍ୟ ଚାଲିଆସୁଛନ୍ତି। ଫଳରେ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡୁଛନ୍ତି। ରାସ୍ତା ଉପରେ ହାତୀ ଚଳପ୍ରଚଳ କରିବା ସମୟରେ ଗାଡ଼ିମୋଟର ଅଟକି ଯାଉଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହେଉଛି। କେବଳ ଜଙ୍ଗଲ କିମ୍ବା ଚାଷଜମି ନୁହେଁ, ଜନବସତି ଭିତରକୁ ପଶି ହାତୀ ବିଭିନ୍ନ ଘର ଭାଙ୍ଗୁଥିବା ଦେଖାଯାଉଛି। ଏପରିକି ଗାଡ଼ି ନିକଟରେ ହାତୀ ଠିଆ ହୋଇ ଗାଡ଼ିର କାଚ ଭାଙ୍ଗି ଦେଇଥିବା ଘଟଣା ମଧ୍ୟ ସ୍ଥାନୀୟଙ୍କ ଚିନ୍ତା ବଢ଼ାଇଛି। ହାତୀଙ୍କ ଚଳପ୍ରଚଳ ଯୋଗୁଁ ଚାଷୀଙ୍କ ଫସଲ ନଷ୍ଟ ହେଉଥିବା ବେଳେ ଜନଜୀବନ ମଧ୍ୟ ପ୍ରଭାବିତ ହେଉଛି। ହାତୀପଲକୁ ଜନବସତି ଠାରୁ ଦୂରରେ ରଖିବା ପାଇଁ ବନ ବିଭାଗ ରିତିମତ ଚେଷ୍ଟା ଚଳାଇଛନ୍ତି।

# ଏଡ୍‌ସ ଓ ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ ସଚେତନତା କାର୍ଯ୍ୟକ୍ରମ

 କରଞ୍ଜିଆ,୯।୯(ନି.ପ୍ର): କରଞ୍ଜିଆ ବ୍ଲକ ଅନ୍ତର୍ଗତ କଦାଡିହା ସ୍ଥିତ ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ୟୁନିଟର ପରାମର୍ଶଦାତା ଅଧ୍ୟାପକ ଜନ୍ମେଜୟ ଶତପଥୀଙ୍କ ତତ୍ୱାବଧାନ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ବେହେରାଙ୍କ ସଭାପତିତ୍ୱରେ ସାପ କାମୁଡା ଜନିତ ମୃତ୍ୟୁ ହ୍ରାସ ତଥା ଏଡ଼ସରୁ ମୁକ୍ତି ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟର ସମ୍ବନ୍ଧିତ ପରାମର୍ଶ ପରୀକ୍ଷା କେନ୍ଦ୍ର ପରାମର୍ଶଦାତା ଦୀପକ ଦତ୍ତ ଯୋଗ ଦେଇ ମହାମାରୀ ଏଡ଼ସର ଭୟାବହତା ସଂପର୍କରେ ସୂଚନା ଦେବା ସହିତ ଏଥିରୁ ମୁକ୍ତି ପାଇବା ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ। ଅତିଥି ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ବିଭୁତି ଭୂଷଣ ମହାନ୍ତ, ରସାୟନ ବିଜ୍ଞାନ ଡେମୋନଷ୍ଟ୍ରେଟର ତପନ




ଶତପଥୀ, ପ୍ରାଣୀବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ଡେମୋନଷ୍ଟ୍ରେଟର ପଦ୍ମଲୋଚନ ମହାନ୍ତ ଏଡ଼ସ ସଂପର୍କରେ ଅନେକ ଗୁରୁତ୍ୱପୂର୍ଣ ତଥ୍ୟ ପ୍ରଦାନ କରିବା ସହିତ ସତର୍କତା ଅବଲମ୍ବନ ମାଧ୍ୟମରେ ଏଡ଼ସ ଠାରୁ ମୁକ୍ତି ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହାପରେ ସମ୍ମାନିତ ଅତିଥି କୁଳିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମାନଭଞ୍ଜନ ବେହେରା ସାପ ଠାରୁ ନିଜକୁ ସୁରକ୍ଷିତ ରଖିବା ସହିତ ସାପ କାମୁଡା ପରେ ଅନ୍ଧ ବିଶ୍ୱାସରୁ ଦୁରେଇ ରହି ତୁରନ୍ତ ରୋଗୀକୁ ଡାକ୍ତରଖାନାରେ ପହଁଚାଇ ଉପଯୁକ୍ତ ଚିକିତ୍ସା କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ଓଡ଼ିଆ ଅଧ୍ୟାପକ ରଞ୍ଜନ କୁମାର ବେହେରା ସାପ କାମୁଡାରୁ ସତର୍କ ହେବା ଦିଗରେ ଅନେକ ଉପାଦେୟ ତଥ୍ୟ ସମବେତ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମଚାରୀଙ୍କ ମଧ୍ୟରେ ପଦ୍ମାବତୀ ମହାନ୍ତ, ଖଗେଶ୍ୱର ମହାନ୍ତ, କ୍ଷେତ୍ର ମୋହନ ମହାନ୍ତ, କାଞ୍ଚନ କୁମାର ବାରିକ ପ୍ରମୁଖ ସମବେତ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଧ୍ୟାପକ ଜନ୍ମେଜୟ ଶତପଥି କାର୍ଯ୍ୟକ୍ରମରେ ସହଯୋଗ କରିଥିବା କର୍ମଚାରୀ,ୟୁଥ ରେଡ଼କ୍ରସର ସ୍ୱେଚ୍ଛାସେବୀ ତଥା ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିଆରଓ ବାୟାକୁମୁଟିଆରେ ଫିନାଇଲ ପ୍ରସ୍ତୁତି ଶିବିର

କେନ୍ଦୁଝର,୯।୯(ନି.ପ୍ର): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ବାୟାକୁମୁଟିଆ ଠାରେ ଥିବା ଭିଆରଓ ଅନୁଷ୍ଠାନରେ ଫିନାଇଲ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରେ ଥିବା ବେକାର ମହିଳା ଓ ଯୁବତୀ ମାନଙ୍କୁ ଆତ୍ମ ନିଯୁକ୍ତି ଶିକ୍ଷା ପ୍ରଦାନ କରି ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହିତ ପରିବାର ପ୍ରତିପୋଷଣ ଦିଗରେ ବିଶେଷ ଖଟୁଆଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ତାଲିମ ସମୟରେ ଫିନାଇଲ ପ୍ରସ୍ତୁତିର ଆବଶ୍ୟକ ସାମଗ୍ରୀ, ପ୍ରସ୍ତୁତି ପ୍ରଣାଳୀ, ସୁରକ୍ଷା ବ୍ୟବସ୍ଥା ଓ ପ୍ରୟୋଗିକ କୌଶଳ ବିଷୟରେ ଅଂଶଗ୍ରହଣକାରୀ ମାନଙ୍କୁ ହାତକଳାରେ ଶିକ୍ଷା ଦିଆଯାଇଥିଲା। ଏହି ତାଲିମ ଯୁବତୀ ମାନଙ୍କ ମଧରେ ଦକ୍ଷତା, ଆତ୍ମବିଶ୍ୱାସ ଓ ଉଦ୍ୟମିତାର



ଅବଦାନ ରଖିଥିବା ବାୟାକୁମୁଟିଆସ୍ଥିତ ଭିଆରଓ (ଗ୍ରାମ ପୁନଃ ନିର୍ମାଣ ସଂସ୍ଥା) ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ୧୪ ଗ୍ରାମରୁ ୪୦ଜଣ ମହିଳା ଓ ଯୁବ ଦକ୍ଷତା ତାଲିମ କେନ୍ଦ୍ରର ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଭିଆରଓ ବାୟାକୁମୁଟିଆର ସର୍କଲ କୋଡିନେଟର ମମରାରାଣୀ ଭାବନା ବୃଦ୍ଧି କରିବା ସହିତ ନିଜସ୍ୱ ଆୟର ସୁଯୋଗ ସୃଷ୍ଟି କରିବା ସହିତ ନିଜସ୍ୱ ଆୟର ସୁଯୋଗ ସୃଷ୍ଟି କରି ସ୍ୱାବଲମ୍ବୀ ହେବାପାଇଁ ଏକ ପ୍ରେରଣାଦାୟକ ପଦକ୍ଷେପ ନିଆଯାଇଥିଲା। ସର୍ବଶେଷରେ ଶକୁନ୍ତଳା ପ୍ରଧାନ କମ୍ୟୁନିଟ ଆନିମେଟର ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ଦୁର୍ଗା ପୂଜା ପାଇଁ ମାଟି ଅନୁକୂଳ



ରାମଚନ୍ଦ୍ରପୁର,୯।୯(ନି.ପ୍ର): ଘସିପୁରା ବ୍ଲକ ସାଇଁକୁଲ ସାର୍ବଜନୀନ ଶାରଦୀୟ ଦୂର୍ଗା ପୂଜା ପାଇଁ ରୀତିନୀତି ଅନୁସାରେ ମାଟି ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଣ୍ଡିତ ସୁରେନ୍ଦ୍ର ପଣ୍ଡା ଓ ଲକ୍ଷଣ ଦାସଙ୍କ ପୌରହିତରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଦୁର୍ଗା ମଣ୍ଡପ ଠାରୁ ଗାଁର ଶ୍ରଦ୍ଧାଳୁମାନେ ନାମ ସଂକୀର୍ତନ ଯାତ୍ରା କରି ପବିତ୍ର ମାଟି ଉଠା ଯାଇଥିଲା। ମୁଖ୍ୟ କର୍ତ୍ତା ଭାବେ ବ୍ରହ୍ମାନନ୍ଦ ପଟ୍ଟନାୟକ ପୂଜା କାର୍ଯ୍ୟ ତୁଲାଇ ଥିଲେ। କୁଳମଣି ପରିଡା, ଅଶୋକ ଘଡ଼େଇ, କଳାକାର ସାମଲ, ସନ୍ତୋଷ ସ୍ୱାଇଁ, ପ୍ରଦୀପ୍ତ ମହାନ୍ତି, ମହେନ୍ଦ୍ର ଚକ୍ର, ବସନ୍ତ ସାମଲ, ଚିତ୍ତରଞ୍ଜନ ପରିଡା, ରଞ୍ଜନ ବିଶ୍ୱାଳ, ସମେତ ବହୁ ଶ୍ରଦ୍ଧାଳୁ ଏବଂ ମା ଦୁର୍ଗା ବଣିକ ସଙ୍ଘର କର୍ମକର୍ତ୍ତାମାନେ ମାଟି ଉଠା କାର୍ଯ୍ୟରେ ସକ୍ରିୟ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର ଘଟଣା, ଅଭିଯୁକ୍ତ ଗିରଫ

ଆନନ୍ଦପୁର,୯।୯(ନି.ପ୍ର):ଆନନ୍ଦପୁର ଥାନା ଅଂଚଳର ୧୭ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ଜଣେ ୧୭ ବର୍ଷ ୧୦ ମାସ ବୟସର ନାବାଳକଙ୍କୁ ପୋଲିସ ଅଟକ ରଖିଛି। ଏନେଇ ଆନନ୍ଦପୁର ଥାନାରେ ମାମଲା ନମ୍ବର ୨୪୦/୨୬ ରୁଜୁ ହୋଇଛି। ସୂଚନାନୁଯାୟୀ, ଚଳିତ ବର୍ଷ ଜାନୁଆରୀ ମାସରେ ନାବାଳିକା ଜଣକ ନିଜ ଗାଁର ଅନ୍ୟମାନଙ୍କ ସହ ଧାନ କାଟିବା ପାଇଁ ଯାଜପୁର ଜିଲ୍ଲା କୋରେଇ ଥାନା ଅଧୀନ ତାରାକୋଟ ଅଂଚଳକୁ ଯାଇଥିଲେ। ସେଠାରେ ଜଣେ ନାବାଳକ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକା ବର୍ତ୍ତମାନ ପ୍ରାୟ ୮ ମାସର ଗର୍ଭବତୀ ଥିବା ପୋଲିସ ପକ୍ଷରୁ କୁହାଯାଇଛି। ପ୍ରଥମେ ଏହି ଘଟଣାକୁ ନେଇ କେନ୍ଦ୍ରାପଡ଼ା ଜିଲ୍ଲା କୁଦାନଗରୀ ଥାନାରେ ଶୂନ୍ୟ ଅଭିଯୋଗ ମାମଲା ରୁଜୁ ହୋଇଥିଲା। ତଦନ୍ତ ସମୟରେ ଘଟଣାଟି ଆନନ୍ଦପୁର ଥାନା ଅଧୀନର ବୋଲି ଜଣାପଡିବା ପରେ ସେ ତାରାକୋଟ ଅଂଚଳକୁ ଯାଇଥିଲେ। ଘଟଣାରେ ସଂପୃକ୍ତ ନାବାଳକଙ୍କୁ ପୋଲିସ ଅଟକ ରଖିଥିବା ବେଳେ ଆବଶ୍ୟକ ଆଇନଗତ ପ୍ରକ୍ରିୟା ଶେଷ ପରେ ତାଙ୍କୁ କେନ୍ଦୁଝରସ୍ଥିତ ପ୍ରଧାନ ନାବାଳକ ନ୍ୟାୟ ବୋର୍ଡ ନିକଟରେ ହାଜର କରାଯିବ ବୋଲି ଆନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।

# ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫରମର ବୁଲା ଗାଈ ଗୋରୁଙ୍କ ପାଇଁ ସାଜିଛି କାଳ

ରାମଚନ୍ଦ୍ରପୁର,୯।୯(ନି.ପ୍ର): ଦୀର୍ଘ ଦିନ ହେଲା ବିନା ତାରବାଡାରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି ବିଦ୍ୟୁତ ଟ୍ରାନ୍ସଫରମର। ଯଦ୍ୱାରା ଅନେକ ସମୟରେ ବୁଲା ଗାଈ ଗୋରୁଙ୍କ ଜୀବନ ହାନୀ ଘଟିବା ସହ ପଥଚାରୀଙ୍କ ପାଇଁ ସାଜଛି କାଳ। ଏପରି ବିପଦପୂର୍ଣ୍ଣ ବିଦ୍ୟୁତ ଟ୍ରାନ୍ସଫରମର ରାମଚନ୍ଦ୍ରପୁର ବିଦ୍ୟୁତ ସେକ୍ସନ ଅଧିନ ଅଲତି ସାହୁ ମାର୍କେଟ ଛକରେ ଦୀର୍ଘ ଦିନ ହେଲା ରହିଥିଲେ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଅଗୋଚରରେ ରହିଯାଇଛି। ସ୍ଥାନୀୟ ବ୍ୟବସାୟୀ ତଥା ଗ୍ରାମବାସୀ ଏ ଦିଗରେ ବିଦ୍ୟୁତ ବିଭାଗର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏଥିପ୍ରତି କାହାର ନିଘାନାହିଁ। ଟ୍ରାନ୍ସଫରମରଟି ରାସ୍ତାକଡରେ ଖୋଲା ମେଲାରେ ରହିଥିବାରୁ ସେହି ରାସ୍ତା ଦେଇ ଅନେକ ସମୟରେ ଯିବା ଆସିବା କରୁଥିବା ଲୋକଙ୍କ ପାଇଁ ତାହା ବିପଦ ସାଜିଛି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି ଟ୍ରାନ୍ସଫରମର ଚର୍ତୁପାଶ୍ୱରେ ତାରବାଡ ବ୍ୟବସ୍ଥା କରାଇବାକୁ ଦାବି କରାଯାଇଛି।

## ୬ ମାସ ପରେ ବି ମିଳିନ ଦୁଘର୍ଟଣା କରିଥିବା ବୋଲେରୋ

# ନ୍ୟାୟ ପାଇଁ ଆହତ ବ୍ୟକ୍ତି ହାଇକୋର୍ଟଙ୍କ ଦ୍ୱାରସ୍ଥ

ପାଟଣା,୯।୯(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତଗର୍ତ ତୁରୁମୁଙ୍ଗା ଥାନା ଅଧୀନ ଜାତୀୟ ରାଜପଥ-୪୯ର ଚେମେଣା ନିକଟସ୍ଥ ସରାସ ଛକ ନିକଟରେ ପ୍ରାୟ ୬ ମାସ ତଳେ ଘଟିଥିବା ସଡ଼କ ଦୁର୍ଘଟଣାରେ ଜଣେ



ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଥିଲେ। ସୂଚନା ଅନୁଯାୟୀ, କଇଣ୍ଡା ଗ୍ରାମର ଦୀପକ କୁମାର ସାହୁ ଓ ତୁରୁମୁଙ୍ଗା ଗ୍ରାମର ଅରୁଣ କୁମାର ସାହୁ ଏକ ବାଇକ୍ ଯୋଗେ ତୁରୁମୁଙ୍ଗାରୁ କେନ୍ଦୁଝର ଅଭିମୁଖେ ଯାଉଥିଲେ। ଏହି ସମୟରେ ଜାତୀୟ ରାଜପଥ-୪୯ର ସରାସ ଛକ ନିକଟରେ ଏକ ବୋଲେରୋ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ବୋଲେରୋଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ଅରୁଣ କୁମାର ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ଦୀପକ କୁମାର ସାହୁ ଗୁରୁତର ଆହତ ହୋଇଥିଲେ। ଦୀପକଙ୍କୁ ଭୁବନେଶ୍ୱରରେ ଚିକିତ୍ସା କରାଯାଇଥିବା ବେଳେ ବର୍ତ୍ତମାନ ସେ ଘରେ ଅଛନ୍ତି। ତେବେ ଦୁର୍ଘଟଣା ଯୋଗୁଁ ତାଙ୍କ ଦୁଇ ଗୋଡ଼ର ଚଳପ୍ରଚଳ ହେଉନଥିବା ପରିବାର ପକ୍ଷରୁ କୁହାଯାଇଛି। ତୁରୁମୁଙ୍ଗା ପୋଲିସ ବାଇକ୍‌ଟିକୁ ଜବତ କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ବୋଲେରୋଟି ଏପର୍ଯ୍ୟନ୍ତ ଜବତ ହୋଇନଥିବା ଅଭିଯୋଗ ହୋଇଛି। ଦୀପକ କୁମାର ସାହୁ ତୁରୁମୁଙ୍ଗା ଥାନାରେ ବୋଲେରୋ ନମ୍ବର (ମୋଡି-୦୯-ଇ-୨୯୫୯ )ସଂପର୍କରେ ପ୍ରମାଣ ସହ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ତେଣୁ ଘଟଣାର ସଠିକ୍ ତଦନ୍ତ ଓ ନ୍ୟାୟ ପାଇବା ପାଇଁ ଦୀପକ କୁମାର ସାହୁ ହାଇର୍କୋଟଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ନିରପେକ୍ଷ ତଦନ୍ତ ସହିତ ବୋଲେରୋକୁ ଚିହ୍ନଟ କରି ଜବତ କରିବା ସହ ଆଇନଗତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଦୀପକ କୁମାର ସାହୁ ତୁରୁମୁଙ୍ଗା ପଂଚାୟତ ଅନ୍ତର୍ଗତ କଇଣ୍ଡା ଗ୍ରାମର ବିଜେପି ବୁଥ୍ ସଭାପତି ଭାବେ କାର୍ଯ୍ୟରତ ଥିଲେ।

# ମନରେଗା ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର



କରଞ୍ଜିଆ,୯।୯(ନି.ପ୍ର): କରଞ୍ଜିଆ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଯୋଜନା (ମନରେଗା) ଅଧୀନରେ ୨୦୨୫ ଅକ୍ଟୋବର ୧ରୁ ୨୦୨୬ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କରାଯାଇଥିବା ବିଭିନ୍ନ ପ୍ରକଳ୍ପର ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏମଜିଏନଆରଇଜିଏସ୍ କମିଟିର ଅଧ୍ୟକ୍ଷ ତଥା ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ଶିବିରରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ନାୟକ ସ୍ୱାଗତ ଭାଷଣ ଦେଇ ବୈଠକର ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ବ୍ଲକ ଏପିଓ ସୁଭାଷ ଚନ୍ଦ୍ର ମିଶ୍ର ଗତ ଅବଧିରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପର ବିବରଣୀ ଉପସ୍ଥାପନ କରିଥିଲେ। ସମୀକ୍ଷା ସମୟରେ କେତେକ ପ୍ରକଳ୍ପରେ ଶ୍ରମିକଙ୍କୁ ମଜୁରୀ ପ୍ରଦାନରେ ବିଳମ୍ବ, କେତେକ କାର୍ଯ୍ୟରେ ଅନୁମୋଦନ ସଂପର୍କିତ ସମସ୍ୟା ଏବଂ କିଛି ପ୍ରକଳ୍ପର କାଗଜପତ୍ର ଠିକ୍ ଭାବେ ପ୍ରସ୍ତୁତ ହୋଇନଥିବା ଜଣାପଡ଼ିଥିଲା। ଧର୍ମେନ୍ଦ୍ର ମହାନ୍ତ ବିଭିନ୍ନ ପ୍ରକଳ୍ପରେ ଥିବା ତ୍ରୁଟି ଓ ସମସ୍ୟା ସଂପର୍କରେ କମିଟିକୁ ଅବଗତ କରିଥିଲେ। ଅଧାପନ୍ତରିଆ ଭାବେ ରହିଥିବା ପ୍ରକଳ୍ପଗୁଡ଼ିକୁ ଶୀଘ୍ର ସଂପୂର୍ଣ୍ଣ କରିବାକୁ ଉପଜିଲ୍ଲାପାଳ ଡ. ପରିଡ଼ା ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ,ସଦସ୍ୟ ଉମାଶଙ୍କର ଦାସ, ଶ୍ୟାମଳେନ୍ଦୁ ଦାସ ଓ କାଳିଚରଣ ମହାନ୍ତଙ୍କ ସମେତ ସହକାରୀ ଯନ୍ତ୍ରୀ ଇଂ. ଲୋକନାଥ ନାୟକ, ଏବିଡିଓ ଦଳେଇ ସିଂ, ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ, ଲୋକପ୍ରତିନିଧି ଓ ଶ୍ରମିକମାନେ ଯୋଗଦେଇଥିଲେ। ସଦସ୍ୟ ଶ୍ୟାମଳେନ୍ଦୁ ଦାସ ବୈଠକ ପୂର୍ବରୁ କମିଟିର ପୂର୍ବପ୍ରସ୍ତୁତି ବୈଠକ ଡାକିବାକୁ ପରାମର୍ଶ ଦେଇଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟରେ ଅନିୟମିତତା ହୋଇଥିବା ଦର୍ଶାଇବା ସହ ଗତ ବୈଠକରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦିଆଯାଇନଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଶେଷରେ ଏପିଓ ସୁଭାଷ ଚନ୍ଦ୍ର ମିଶ୍ର ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଶିବିର ପରିଚାଳନାରେ ସୁଭାଷ ଚନ୍ଦ୍ର ମିଶ୍ର, ଜିତେନ୍ଦ୍ର ସାହୁ, ରଞ୍ଜିତ ସାହୁ ଓ ଚିତ୍ତରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ଆଇଆର କାର୍ଯ୍ୟରେ ଅବହେଳା: ବ୍ଲକ ଶିକ୍ଷା ଅଧିକାରୀ ନିଲମ୍ବିତ



ହାଟଡିହି,୯।୯(ନି.ପ୍ର): ହାଟଡିହି ବ୍ଲକର ବ୍ଲକ ଶିକ୍ଷା ଅଧିକାରୀ (ବିଇଓ) ରାଜିବ ଦଳେଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏସ୍‌ଆଇଆର କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ନିଲମ୍ବନ ଆଦେଶ ଜାରି ହୋଇଥିବା ଜଣାପଡ଼ିଛି। ତେବେ ନିଲମ୍ବନର ପ୍ରକୃତ କାରଣ ସଂପର୍କରେ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ନିଲମ୍ବନ ଆଦେଶ ପାଇବା ପରେ ବିଇଓ ରାଜିବ ଦଳେଇ ଚିଠିଟି ନେଇ କାର୍ଯ୍ୟାଳୟ ଛାଡ଼ି ଚାଲିଯାଇଥିବାରୁ ତାଙ୍କର ମତାମତ ନିଆଯାଇ ପାରିନାହିଁ। ଏ ସଂପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରେ ସେ କହିଛନ୍ତି ଯେ ଗଣଶିକ୍ଷା ବିଭାଗ ପକ୍ଷରୁ ଚିଠି ନମ୍ବର ୨୩୨୭୦, ତାରିଖ ୭/୯/୨୦୨୬ ଅନୁଯାୟୀ ବିଇଓ ରାଜିବ ଦଳେଇଙ୍କୁ ଗଣଶିକ୍ଷା ବିଭାଗର କମିଶନର କମ ସେକ୍ରେଟାରୀ ତାଙ୍କୁ ନିଲମ୍ବିତ କରିଛନ୍ତି। ଶିକ୍ଷକମାନଙ୍କୁ ଡେପୁଟେସନ୍ ନାମରେ ନିୟମ ବହିର୍ଭୂତ ଭାବେ ବଦଳି କରାଯିବା, ଏସ୍.ଆଇ.ଆର. କାର୍ଯ୍ୟରେ ନିୟୋଜିତ ଶିକ୍ଷକମାନଙ୍କୁ ଇଚ୍ଛାମୁତାବକ ବଦଳି କରାଯିବା, ନିୟମିତ ଭାବେ କାର୍ଯ୍ୟାଳୟରେ ଉପସ୍ଥିତ ନରହିବା ଏବଂ ବିଦ୍ୟାଳୟ ତଦାରଖରେ ଅବହେଳା କରିବା ଭଳି ଅଭିଯୋଗ ତାଙ୍କ ବିରୋଧରେ ରହିଥିବା ଜଣାପଡ଼ିଛି। ଏପରିକି ଏସବୁ ଅଭିଯୋଗ ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ମଧ୍ୟ ପ୍ରକାଶ ପାଇଥିଲା। ତେବେ ଏସବୁ ଅଭିଯୋଗ ମଧ୍ୟରୁ କେଉଁ କାରଣକୁ ଆଧାର କରି ରାଜିବ ଦଳେଇଙ୍କୁ ନିଲମ୍ବିତ କରାଯାଇଛି, ତାହା ଏଯାବତ୍ ସ୍ପଷ୍ଟ ହୋଇନାହିଁ। ନିଲମ୍ବନ ଆଦେଶର ସଂପୂର୍ଣ୍ଣ ବିବରଣୀ ସାର୍ବଜନୀନ ହେଲେ ଏହାର ପ୍ରକୃତ କାରଣ ସ୍ପଷ୍ଟ ହେବ

# ଚାନ୍ଦା ମାଗୁଥିବା ବେଳେ ଆକ୍ରମଣ, ୨ ଗୁରୁତର



ରାମଚନ୍ଦ୍ରପୁର,୯।୯(ନି.ପ୍ର): ଘସିପୁରା ଥାନା ନାରଙ୍ଗପୁର ଗ୍ରାମରେ ଖୁଦୁରୁକୁଣୀ ପୂଜା ପାଇଁ ସାହି ଝିଅମାନେ ଚାନ୍ଦା ମାଗୁଥିବା ବେଳେ ସେହି ଗ୍ରାମର ଚିଣ୍ଟୁ ନାମକ ଜଣେ ଯୁବକ ଯୁବତୀ ମାନଙ୍କୁ ସଫଳ ଖାଇବା ପାଇଁ ଟଙ୍କା ମାଗିଥିଲା, ଟଙ୍କା ନଦେବାରୁ ଜଣେ ଯୁବତୀଙ୍କୁ ଆକ୍ରମଣ କରିଥିଲା।ତେବେ ବିନା ଦୋଷରେ ଝିଅକୁ ଆକ୍ରମଣ ସଂପର୍କରେ ପଚାରିବା ପାଇଁ ଯୁବତୀଙ୍କ ବାପା ପ୍ରଫୁଲ୍ଲ ଜେନା ଅଭିଯୁକ୍ତ ଯୁବକଙ୍କ ଘରକୁ ଯାଇଥିବା ବେଳେ ଓଲଟା ଯୁବକଙ୍କ ପରିବାର ପ୍ରଫୁଲ୍ଲଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲେ। ଘଟଣା ସଂପର୍କରେ ଘସିପୁରା ପୋଲିସ୍ ଖବର ପାଇଁ ଆହତ ମାନଙ୍କୁ ସ୍ଥାନିୟ କେଶଦୁରାପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଆକ୍ରମଣ ସଂପର୍କରେ ଅଧିକ ତଦନ୍ତ ଚଳାଇଥିବା ଜଣାପଡିଛି।

# ବ୍ଲକ ସ୍ତରୀୟ ସଂସ୍କୃତ ଦିବସ ସମାରୋହ

ହାଟଡିହି,୯।୯(ନି.ପ୍ର): ବରାହୀ ହାଇସ୍କୁଲ ବଞ୍ଝୋ ଠାରେ ବ୍ଲକ ସ୍ତରୀୟ ସଂସ୍କୃତ ଦିବସ ସମାରୋହ ପ୍ରଧାନଶିକ୍ଷୟତ୍ରୀ ଆଲମଣୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଓଡ଼ିଆ ବିଭାଗର ଅଧ୍ୟକ୍ଷ ଡ଼. ବସନ୍ତ କୁମାର ମିଶ୍ର, ମୁଖ୍ୟ ବକ୍ତା ଭାବେ ଓଡିଶା ସଂସ୍କୃତ ସଂଘର ଉପଦେଷ୍ଟା ଆଲୋକ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଓଷ୍ଟାର ଜିଲ୍ଲା ସଂପାଦକ ରଞ୍ଜନ କୁମାର ଘଡେଇ, ଓଷ୍ଟା ସଂଘର ବ୍ଲକ ସଭାପତି ନବଘନ ନାୟକ, ଓଷ୍ଟା ସଂଘର ବ୍ଲକ ସଂପାଦକ ଶିଶିର କୁମାର ବିଶ୍ୱାଳ, ବିଶିଷ୍ଟ ଶିକ୍ଷାବିତ ସନାତନ ଓଝା, ସଂସ୍କୃତ ସଂଘର ହାଟଡିହି ବ୍ଲକ ସଭାପତି ବିଦ୍ୟୁତ ଲତା ଦାସ, ହାଟଡିହି ବ୍ଲକ ସଂପାଦକ ଲକ୍ଷ୍ମୀକାନ୍ତ ମିଶ୍ର, ବିଦୁଭୂଷଣ ପୁହାଣ ପ୍ରମୁଖ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ଦେଇଥିଲେ। ସଂସ୍କୃତ ଭାଷା ହେଉଛି ଭାରତ ବର୍ଷର ସଂସ୍କୃତି, ଭାରତର ଅସ୍ମିତା, ସଂସ୍କୃତ ଭାଷା ହେଉଛି ଅନେକ ଭାଷାର ଜନନୀ। ସମାଜକୁ ଦିଗଦର୍ଶନ ଦେବାକୁ ହେଲେ କଳୁଷିତ ସମାଜକୁ ରକ୍ଷା କରିବାକୁ ହେଲେ ସଂସ୍କୃତ ପଢିବା ନିହାତି ଆବଶ୍ୟକ ବୋଲି ଅତିଥି ମାନେ ଆହ୍ୱାନ ଦେଇଥିଲେ। ଚଳିତ ବର୍ଷ ଶିକ୍ଷାଦାନରୁ ଅବସର ନେଇଥିବା ନରେନ୍ଦ୍ର ପ୍ରସାଦ ବେହେରା, ଲଛମନ ଦାସ, ନରେନ୍ଦ୍ର ପ୍ରସାଦ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଦୁଇଟି ସଂସ୍କୃତ ବିଦ୍ୟାଳୟ ସହିତ ୩୦ରୁ ଉର୍ଦ୍ଧ୍ୱ ଉଚ୍ଚ ବିଦ୍ୟାଳୟର ୬୪ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଗୀତା ଆବୃତ୍ତିରେ ଓରାଳି ହାଇସ୍କୁଲର ଶୁଭଲକ୍ଷ୍ମୀ ରାଉତ, ବଞ୍ଝୋ ବରାହୀ ହାଇସ୍କୁଲର କ୍ଷିତୀଶ ଚନ୍ଦ୍ର ଦାଶ, ଧନୁର୍ଜୟପୁର ହାଇସ୍କୁଲର ଆଦର୍ଶ କୁମାର ପଣ୍ଡା, ଶାସଙ୍ଗ ହାଇସ୍କୁଲର ଶିବାନୀ ବାରିକ, ସଂସ୍କୃତ ଗଳ୍ପ ଲିଖନରେ ସଢା ଉଚ୍ଚ ବିଦ୍ୟାଳୟର ରଞ୍ଜନ ପହି, ସୁଲଣ ହାଇସ୍କୁଲର ପୁନମ ପ୍ରିୟଦର୍ଶନୀ ଜେନା, ଶାସଙ୍ଗ ହାଇସ୍କୁଲର ଶୁଭଲକ୍ଷ୍ମୀ ମଣ୍ଡଳ, ବକ୍ତୃତାରେ ଓରାଳି ହାଇସ୍କୁଲର ଅମୁଲ୍ୟ କୁମାର ରାଉତ, ଢ଼ଅଁର ହାଇସ୍କୁଲର ଅଙ୍କିତା ନାଥ, ଶାସଙ୍ଗ ହାଇସ୍କୁଲର ଶୁଭସ୍ମିତା ସାହୁ, ସଂସ୍କୃତ ସଙ୍ଗୀତରେ ସଢା ହାଇସ୍କୁଲର ଶକ୍ତିସାଇ ସୌମ୍ୟ ରଞ୍ଜନ ଦାସ, ବଡ଼ରଂପାସ ହାଇସ୍କୁଲର ଇତିଶ୍ରୀ ସେନାପତି, ଶାସଙ୍ଗ ହାଇସ୍କୁଲର ଧନଞ୍ଜୟ ପତି, ଓରାଳି ହାଇସ୍କୁଲର ରୁପାଲୀ ଜେନା ପ୍ରମୁଖ କୃତକାର୍ଯ୍ୟ ହୋଇ ଜିଲ୍ଲା ସ୍ତରକୁ ମନୋନୀତ ହୋଇଥିଲେ। ଅତିଥି ମାନେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟତ୍ରୀ ଜୟଲକ୍ଷ୍ମୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁଶାନ୍ତ କୁମାର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଗୌରାଙ୍ଗ ପଣ୍ଡିତ ଧନ୍ୟବାଦ ଅର୍ପଣ କରିଥିଲେ।

# ସବୁଥିରୁ ବଞ୍ଚିତ ଚୈତନ୍ୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଲେ ବିଧାୟକ ପ୍ରତିନିଧି



ଚମ୍ପୁଆ,୯।୯(ନି.ପ୍ର): ନା ଅଛି ନିଜର ଘର, ନା ଅଛି ଆଧାର କାର୍ଡ। ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ ମଧ୍ୟ ମିଳିନାହିଁ। ବୟସ ୬୫ ଟପିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତାରୁ ବଂଚିତ ଚୈତନ୍ୟ। ଶାରୀରିକ ପରିଶ୍ରମ କରିବାକୁ ଅସମର୍ଥ ହୋଇ ଗାଁରେ ଏଠିସେଠି ମାଗିଯାଚି ଜୀବନ କାଟୁଛନ୍ତି ଏହି ଅସହାୟ ଚୈତନ୍ୟ ମୁଣ୍ଡା। ଚମ୍ପୁଆ ବ୍ଲକ ସଡ଼ଙ୍ଗୀ ପଂଚାୟତ ଅନ୍ତର୍ଗତ ଖୁଣ୍ଟାପଡ଼ା ଗ୍ରାମର ରୁଗୁଡ଼ି ସାହିରେ ଦେଖିବାକୁ ମିଳିଛି ଘଟଣା। ଚୈତନ୍ୟଙ୍କ ପିତା ଟସେ ମୁଣ୍ଡାଙ୍କର ବହୁବର୍ଷ ପୂର୍ବରୁ ଦେହାନ୍ତ ହୋଇଥିବା ବେଳେ ସେ ଅବିବାହିତ। ତାଙ୍କର କେହି ସାହାଭରସା ନାହାନ୍ତି। ଖବରପାଇ ପାଟଣା ବିଧାୟକଙ୍କ ଚଂପୁଆ ବ୍ଲକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ ଖୁଣ୍ଟାପଡ଼ା ଗ୍ରାମରେ ପହଁଚି ଚୈତନ୍ୟଙ୍କୁ ଭେଟିଥିଲେ। ତାଙ୍କର ପରିସ୍ଥିତି ସଂପର୍କରେ ଅବଗତ ହୋଇ ସ୍ଥିତି ପରଖିବା ସହ ଆଶ୍ୱାସନ ଦେଇତାଙ୍କୁ ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରିଥିଲେ। ଚୈତନ୍ୟଙ୍କ ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଡେପୁଟି ସବ୍‌କଲେକ୍ଟର ଚନ୍ଦନ ମଣ୍ଡଳ, ତହସିଲଦାର ସତ୍ୟବ୍ରତ ସାହୁ ଏବଂ ସଡ଼ଙ୍ଗୀ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ନାଏକଙ୍କୁ ତାଙ୍କ ସଂପର୍କରେ ଅବଗତ କରାଯାଇଥିବା ଜଣାପଡ଼ିଛି। ଖୁବଶୀଘ୍ର ଚୈତନ୍ୟଙ୍କ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିବା କୁହାଯାଇଛି।

# ନ୍ୟାଯ୍ୟ କ୍ଷତିପୂରଣ, ଥଇଥାନ ଓ ସ୍ଥାନୀୟ ନିଯୁକ୍ତି ଉପରେ ଗୁରୁତ୍ୱ




ସମ୍ବଲପୁର, ୯/୯(ନିପ୍ର): ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାରେ ଏନ୍‌ଏଲ୍‌ସି ପକ୍ଷରୁ କାର୍ଯ୍ୟକାରୀ ହେଉଥିବା କୋଇଲା ଖଣି ଓ ତାପଜ ବିଦ୍ୟୁତ୍ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ଲୋକଙ୍କ ପୁନର୍ବାସ, ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କିତ ପରାମର୍ଶଦାତା ସମିତର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଉତ୍ତରାଞ୍ଚଳ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକ ରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ବିଭିନ୍ନ ସମସ୍ୟା ଓ ନ୍ୟାଯ୍ୟ ଅଧିକାର ଉପରେ ଗୁରୁତ୍ୱ ଦେଇ ଥିଲେ।ବୈଠକ ରେ ଜମି ଅଧିଗ୍ରହଣ, ଉଚିତ ଓ ବର୍ଦ୍ଧିତ କ୍ଷତିପୂରଣ ପ୍ରଦାନ, ଥଇଥାନ ଓ ପୁନର୍ବାସ, ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଆତ୍ମନିଯୁକ୍ତି, ଦକ୍ଷତା ବିକାଶ ତାଲିମ, ପାରିପାର୍ଶ୍ୱିକ ଉନ୍ନୟନ ଏବଂ ପରିବେଶ ସୁରକ୍ଷା ଭଳି ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ପ୍ରକଳ୍ପ ପ୍ରଭାବିତଙ୍କୁ ନ୍ୟାଯ୍ୟ ତଥା ବର୍ଦ୍ଧିତ କ୍ଷତିପୂରଣ ଦେବା ଉପରେ ବୈଠକ ରେ ଗୁରୁତ୍ୱାରୋପ କରାଯାଇଥିଲା। ଘର ଓ ବିଭିନ୍ନ ସଂରଚନାର ମୂଲ୍ୟାୟନ ରେ ରହିଥିବା ତାରତମ୍ୟ, ମୂଲ୍ୟ ନିର୍ଦ୍ଧାରଣରେ ଥିବା ତ୍ରୁଟି, ପ୍ରାପ୍ୟ ଅର୍ଥ ପ୍ରଦାନରେ ଦେଖାଦେଉଥିବା ସମସ୍ୟା ଏବଂ ସୁଧ ହାର ସମ୍ପର୍କିତ ମାମଲା ଗୁଡ଼ିକର ସବିଶେଷ ସମୀକ୍ଷା କରା ଯାଇଥିଲା। ଏଥିସହ ନୀତି, ସ୍ୱତନ୍ତ୍ର ମାମଲା ଏବଂ ପଞ୍ଚମ ପର୍ଯ୍ୟାୟର ଥଇଥାନ ଓ ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ ହୋଇଥିଲା। ପ୍ରକଳ୍ପ ଅଞ୍ଚଳ ରେ ସାଧାରଣ ଲୋକଙ୍କ ଦୈନନ୍ଦିନ ଅଭିଯୋଗ ର ତ୍ୱରିତ ସମାଧାନ ପାଇଁ ଏକ ସ୍ୱତନ୍ତ୍ର ଉପକମିଟି ଗଠନ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ପ୍ରଭାବିତ ଲୋକେ ନିଜ ସମସ୍ୟା ଏହି ଉପକମିଟି ସମ୍ମୁଖ ରେ ଉପସ୍ଥାପନ କରିପାରିବେ। ଉପକମିଟି ରେ ଆଲୋଚନା ପରେ ସମସ୍ୟା ଗୁଡ଼ିକୁ ପରବର୍ତ୍ତୀ ବୈଠକ ରେ ଉପସ୍ଥାପନ କରାଯିବ।ଏନ୍‌ଏଲ୍‌ସି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସମୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସହ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ହ୍ରାସ ଏବଂ ଆଇନ ଶୃଙ୍ଖଳା ସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି, ଆତ୍ମନିଯୁକ୍ତି ଓ ଦକ୍ଷତା ବିକାଶ ତାଲିମର ସୁଯୋଗ ସୃଷ୍ଟି କରିବା ଉପରେ ସମିତି ପକ୍ଷରୁ ଗୁରୁତ୍ୱଦିଆଯାଇଥିଲା। ବୈଠକରେସାଂସଦଧର୍ମେନ୍ଦ୍ରପ୍ରଧାନକହିଥିଲେଯେ, ଏହିଅଞ୍ଚଳର ବହୁପରିବାର ପୂର୍ବରୁ ହୀରାକୁଦ ନଦୀବନ୍ଧ ନିର୍ମାଣ ସମୟ ରେ ବିସ୍ଥାପିତ ହୋଇଥିଲେ।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ




ରାୟଗଡ଼ା: ୯/୯(ନି.ପ୍ର): ରାୟଗଡ଼ା ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ଶୋଭାଯାତ୍ରା ଓ ସଭା ଆୟୋଜିତ ହୋଇଥିଲା।ରାୟଗଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ନାଥ କହଁର, ଡିଆଇପିଆରଓ ଦେବରାଜ ଟାକ୍ରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ, ଡିଇଓ ଭଜନଲାଲ ମାଝୀ, ଏଡିଇଓକମ୍‌ଜିଲ୍ଲା ନୋଡାଲ ଅଧିକାରୀ (ଉଲ୍ଲାସ) ଶାନ୍ତିଲତା ମୁନିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ।ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୨୦୦ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହୋଇ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ସାକ୍ଷରତାର ଗୁରୁତ୍ୱ ନେଇ ସଚେତନତା ସୃଷ୍ଟି କରିଥିଲେ।ପରେ ଅନୁଷ୍ଠିତ ସଭାରେ ୧୦୦ରୁ ଅଧିକ ଶିକ୍ଷକ, ଶିକ୍ଷାର୍ଥୀ, ଭଲ୍ୟୁଣ୍ଟିଅର ଟିର୍ଚ୍ଚ ଓ ଏସଏମସି ସଦସ୍ୟ ଯୋଗଦେଇଥିଲେ। ସାକ୍ଷରତା କେବଳ ପଢ଼ିବା ଓ ଲେଖିବା ନୁହେଁ, ବରଂ ସଶକ୍ତ ଓ ଦାୟିତ୍ୱବାନ ନାଗରିକ ଗଢ଼ିବାର ମୁଖ୍ୟ ମାଧ୍ୟମ ବୋଲି ଅତିଥିମାନେ କହିଥିଲେ।ସୂଚନାନୁସାରେ, ଚଳିତ ବର୍ଷ ନୂତନ ଭାରତ ସାକ୍ଷରତା କାର୍ଯ୍ୟକ୍ରମ (ଏନଆଇଏଲପି)/ଉଲ୍ଲାସ ଅଧୀନରେ ଜିଲ୍ଲାରେ ୪୦ ହଜାରରୁ ଅଧିକ ଶିକ୍ଷାର୍ଥୀ ଚିହ୍ନଟ ହୋଇଛନ୍ତି। ରାୟଗଡ଼ାକୁ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲାରେ ପରିଣତ କରିବା ପାଇଁ ପ୍ରଶାସନ, ଶିକ୍ଷକ, ଶିକ୍ଷାର୍ଥୀ, ସ୍ୱେଚ୍ଛାସେବୀ ଓ ସମାଜର ସମସ୍ତ ବର୍ଗଙ୍କ ସକ୍ରିୟ ସହଯୋଗ ପାଇଁ ଆହ୍ୱାନ କରାଯାଇଥିଲା।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.:22-KUR-TRD-OT-2026-27

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଘଣ୍ଟିଖାଲ ନିଥିପୁର ଏବଂ ନରାଜ ମାର୍ଥପୁର ଷ୍ଟେସନଗୁଡ଼ିକ ମଧ୍ୟରେ କି.ମି.439/23-25 ଠାରେ ଜଗୁଆଳୀ ଥିବା ଲେଭେଲ କ୍ରସିଙ୍ଗ୍ ନଂ.JB-14 ପରିବର୍ତ୍ତେ ରେଲୱେ କି.ମି.439/19-21 ଠାରେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ନିର୍ମାଣ ସମ୍ବନ୍ଧୀୟ OHE ରୂପାନ୍ତରଣ କାର୍ଯ୍ୟର ସମ୍ପାଦନ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 12,50,106.74, ଅମାନତ ରାଶି(ଟଙ୍କାରେ) : 25,000.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.09.2026 ରିଖ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.09.2026 ରିଖ 1300 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ www. ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-416/R/26-27



## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ETCECONIVBBS 2026031, ତା.03.09.2026ରିଖ

**କାର୍ଯ୍ୟର ନାମ :** ଉପ ମୁଖ୍ୟ ଯନ୍ତ୍ରୀ/ନିର୍ମାଣ/ଅନୁଗୁଳ ପରିସୀମା ଅଧୀନସ୍ଥ (i) ଲୁବୁରି-ତେନ୍ତୁଲୋଇ-ବୁଢ଼ାପଙ୍କ ନୂଆ ଲାଇନ୍ ପ୍ରକଳ୍ପ (112.5 କି.ମି), (ii) ଅନୁଗୁଳ-ସୁକିନ୍ଦା ରେଳ ଲାଇନ୍ (92.825 କି.ମି) ର ଦୋହରୀକରଣ ସମ୍ବନ୍ଧୀୟ ସମ୍ପୃକ୍ତ ବିଭାଗ/ମନ୍ତ୍ରଣାଳୟଗୁଡ଼ିକର ପ୍ରଚଳିତ ଅଧିନିୟମ/ନିୟମ ଅନୁଯାୟୀ ଘରୋଇ ଜମି/ସରକାରୀ ଜମି/ଅନୁମତିମୂଳକ ଅଧିକାରର ଅଧିଗ୍ରହଣ/ହସ୍ତାନ୍ତରଣ ଏବଂ ଜଙ୍ଗଲ ଜମିର ଡାଇଭର୍ସନ (Diversion) ନିମନ୍ତେ ପ୍ରସ୍ତାବର ପ୍ରସ୍ତୁତି ଏବଂ ଜମା କରିବା ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 460.82 ଲକ୍ଷ, ଅମାନତ ରାଶି (ଟଙ୍କାରେ) : 9,21,700.00। କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.09.2026 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ଼ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ) ଭୁବନେଶ୍ୱର

PR-188/CJ/26-27


# ପଞ୍ଚାୟତ ସମିତି ବୈଠକ




ରାୟଗଡା , ୯।୯(ନିପ୍ର) ମୁନିଗୁଡା ବ୍ଲକ କାର୍ଯ୍ୟାଳୟ ସଦଭାବନା ସଭା ଗୃହ ପରିସରରେ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁନିଗୁଡା ବ୍ଲକ ଅଧକ୍ଷା ଦୁଃଖିନୀ ନୁନ୍ଦୁକାଙ୍କ ସଭାପତିତ୍ୱ ଓ ବିଡ଼ିଓ କୃଷ୍ଣଚନ୍ଦ୍ର ଦଳପତିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ନୀଳମାଧ ହିକକା,ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା,ବ୍ଲକ ଉପାଧ୍ୟକ୍ଷ ଆଦର୍ଶ କୁସୁଲିଆ,ଜିଲ୍ଲା ପରିଷଦ ସଭ୍ୟା ମାଧବୀ କନ୍ଦପାଣି, ବ୍ଲକ ଏଇ ଭି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ରହି ବୈଠକର ଶୁଭାରମ୍ଭ କରିଥିଲେ। ପ୍ରଥମେ ପୂର୍ବ ବୈଠକର ବିବରଣୀ ପାଠ କରିଥିବା ବେଳେ ବିଡ଼ିଓ ଶ୍ରୀ ଦଳପତି ଏହି ବୈଠକର ମୁଖ୍ୟ ଉଦେଶ୍ୟ ଓ ଏହାର ଆଭିମୁଖ୍ୟ ଉପରେ ଉପସ୍ଥିତ ବିଭିନ୍ନ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟସଭ୍ୟା ଓ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ମାନଙ୍କୁ ବୁଝାଇଥିଲେ। ପରେ ବ୍ଲକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାର ଅଗ୍ରଗତିର ସମୀକ୍ଷା କରିଥିଲେ। ବୈଠକରେ ଶିକ୍ଷା,ସ୍ୱାସ୍ଥ୍ୟ, ଗ୍ରାମୀଣ ଗୃହ ନିର୍ମାଣ,ପେନସନ,ପିଡ଼ିଏସ ଉପରେ ଆଲୋଚନା କରିବା ସହ ପାନୀୟ ଜଳ ଯୋଗାଣ,କୃଷି, ଜଳସେଚନ,ଗ୍ରାମୀଣ ରାସ୍ତାର ଉନ୍ନତି,ବିଦ୍ୟୁତ ସେବା,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକୁ ନେଇ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜନପ୍ରତିନିଧି ମାନେ ନିଜ ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ଉଠାଇଥିବା ବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ବିଧାୟକ ଓ ଅନ୍ୟ ଜନପ୍ରତିନିଧି ମାନେ ପରାମର୍ଶ ଦେଇଥିଲେ। ଏଥିସହ ସରକାରୀ ଯୋଜନାର ସୁଫଳ ଯେପରି ପ୍ରତ୍ୟେକ ହିତାଧିକାରୀଙ୍କ ନିକଟରେ ଠିକ୍ ସମୟରେ ପହଞ୍ଚିବ,ସେଥିପାଇଁ ସମସ୍ତ ବିଭାଗ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ବିଭିନ୍ନ ବିଭାଗର ଚାଲିଥିବା କାର୍ଯ୍ୟର ସମୀକ୍ଷା ସହ ଲୋକଙ୍କ ଅଭିଯୋଗର ଶୀଘ୍ର ସମାଧାନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଆଗାମୀ ଦିନରେ ବ୍ଲକର ବିଭିନ୍ନ ଉର୍ଣ୍ଣୟନ କାର୍ଯ୍ୟ କିପରି ଠିକ ରୂପେ କାର୍ଯ୍ୟକାରୀ ହେବ ସେନେଇ ଉପସ୍ଥିତ ସମସ୍ତେ ଆଲୋଚନା କରିଥିଲେ

# ୪ ଲେନ୍ ସଡ଼କ ନିର୍ମାଣକୁ ମଞ୍ଜୁରି
## ୭୯୫.୯୬ କୋଟିର ପ୍ରକଳ୍ପ
### ଯୋଗାଯୋଗ, ଶିଳ୍ପ ଓ ବାଣିଜ୍ୟକୁ ମିଳିବ ନୂଆ ଗତି

ରାୟଗଡ଼ା ୯।୯(ନିପ୍ର): ରାୟଗଡ଼ା ଜିଲ୍ଲାର ସଡ଼କ ଯୋଗାଯୋଗ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ୧୧୩.୩୮୬ କିଲୋମିଟର ଦୈର୍ଘ୍ୟ ରାସ୍ତାକୁ ୪ଲେନ୍‌ରେ ଉନ୍ନୀତ କରିବା ପାଇଁ ଉଦ୍ଦିଷ୍ଟ ୭୯୫.୯୬ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଗଣମାଧ୍ୟମ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ପ୍ରକଳ୍ପ ଅଧୀନରେ ରାୟଗଡ଼ା-କେରେଡା ରୋଡ୍‌ର ୨୫.୧୬୬ କିମି ପାଇଁ ୧୮୬.୧୯ କୋଟି, କୋମତାଲପେଟାମୁନିଗୁଡ଼ାତୁମୁଡ଼ିବନ୍ଧ ଏସଏଚ୦୫ ର ୩୦ କିମି ପାଇଁ ୨୧୨.୧୧ କୋଟି,ଏସଏଚ୦୫ ର ଅନ୍ୟ ୩୨.୧୮ କିମି ପାଇଁ ୨୦୧.୪୮ କୋଟି ଏବଂ ଭବାନୀପାଟଣାମୁନିଗୁଡ଼ା ଏସଏଚ୦୬ର ୨୬.୦୪ କିମି ପାଇଁ ୧୯୬.୧୮ କୋଟି ଟଙ୍କା ବ୍ୟୟ ହେବ। ଏହି ରାସ୍ତାଗୁଡ଼ିକ ଦ୍ୱାରା ଅନେକ ଗ୍ରାମ ଓ ଗ୍ରାମପଞ୍ଚାୟତ ଉପକୃତ ହେବା ସହ ରାୟଗଡ଼ାର କଳାହାଣ୍ଡି, କନ୍ଧମାଳ ଓ ବିଶାଖାପାଟଣା ସହ ଯୋଗାଯୋଗ ଅଧିକ ସୁଦୃଢ଼ ହେବ। ରେଳ ଷ୍ଟେସନ, ଶିଳ୍ପାଞ୍ଚଳ ଓ ବିଶାଖାପାଟଣା ବନ୍ଦର ସହ ଯୋଗାଯୋଗ ବଢ଼ିବା ସହିତ କୃଷିଜାତ ସାମଗ୍ରୀ ପରିବହନ, ଶିଳ୍ପ ବାଣିଜ୍ୟ ଓ ପର୍ଯ୍ୟଟନର ବିକାଶକୁ ଗତି ମିଳିବ। ଏହା ଜିଲ୍ଲାର ଆର୍ଥିକ ଓ ଭିତ୍ତିଭୂମି ବିକାଶରେ ମାଇଲଖୁଣ୍ଟ ହେବ। ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଥିବାରୁ ଜିଲ୍ଲାପାଳ କୁଲକର୍ଣ୍ଣୀ ଜିଲ୍ଲାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉକ୍ତ ଗଣମାଧ୍ୟମ ସମ୍ମିଳନୀରେ ଅଧୀକ୍ଷଣ ଯନ୍ତ୍ରୀ ଏ. ମିଶ୍ର ଏବଂ ଦୁର୍ଗା ମାଧବ ପାଢୀଙ୍କ ସମେତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦେବରାଜ ଟାକ୍ରୀ ଉପସ୍ଥିତ ଥିଲେ।




# ହୀରାକୁଦ ମହାବିଦ୍ୟାଳୟରେ ନାରୀ ସୁରକ୍ଷା ସଚେତନତା




ହୀରାକୁଦ, ୯।୯(ନିପ୍ର): ହୀରାକୁଦ ମହା ବିଦ୍ୟାଳୟ ରେ ନାରୀ ସଶକ୍ତିକରଣ, ସୁରକ୍ଷା ଓ ସଚେତନତା ଉପରେ ଏକ କାର୍ଯ୍ୟକ୍ରମ ମଙ୍ଗଳବାର 'ଶକ୍ତିଶ୍ରୀ' ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମିଳିତ ଆନୁକୂଲ୍ୟ ରେ ଅନୁଷ୍ଠିତ ହୋଇଯାଇଛି।ମହାବିଦ୍ୟାଳୟ ର ଅଧକ୍ଷା ସୁମିତ୍ରା ପଣ୍ଡା ସ୍ୱାଗତ ଭାଷଣ ଦେଇ ଛାତ୍ରୀ ମାନେ ନିଜ ଅଧିକାର ଓ ସୁରକ୍ଷା ସମ୍ପର୍କ ରେ ସଚେତନ ହେବା ସହ ଆତ୍ମ ବିଶ୍ୱାସର ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି କହିଥିଲେ।ଇଂରାଜୀ ବିଭାଗର ମୁଖ୍ୟ ତଥା ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଭାପତି ସୀମାନ୍ତିକା ଦାସ ସଭା ପରିଚାଳନା କରି ଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଆତ୍ମନିର୍ଭରତା, ଆତ୍ମବିଶ୍ୱାସ ଓ ନେତୃତ୍ୱର ଭାବନା ବିକାଶ ସହ ନିଜ ଅଧିକାର ଓ ଦାୟିତ୍ୱ ସମ୍ପର୍କରେ ସଚେତନ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଶକ୍ତିଶ୍ରୀ ସଂଯୋଜିକା ତଥା ଇତିହାସ ବିଭାଗର ମୁଖ୍ୟ ରଶ୍ମିଲତା ମହାନନ୍ଦ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ। 'ପତଙ୍ଗ' ଏନ୍‌ଜିଓର ସଦସ୍ୟା ଅମିନା ବେଗମ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସୁରକ୍ଷିତ ପରିବେଶ, ଲିଙ୍ଗ ସମାନତା, ବ୍ୟକ୍ତିଗତ ସୀମା, ଅଧିକାର ଓ ସାମାଜିକ ଦାୟିତ୍ୱ ଉପରେ ଆଲୋଚନା କରିଥିଲେ।ଏହି ଅବସର ରେ ଡ. ମଞ୍ଜୁଲତା ପଣ୍ଡା ଓ ଡ. ସୌଦାମିନୀ ପ୍ରଧାନ ନାରୀ ସଶକ୍ତିକରଣ ଓ ସାମାଜିକ ସଚେତନତା ଉପରେ ମତ ରଖିଥିଲେ। ଡ. ସ୍ମିତିଶିଖା ଗୁରୁ ପ୍ରଶ୍ନୋତ୍ତର ଅଧିବେଶନ ପରିଚାଳନା କରିଥିଲେ। ଛାତ୍ରୀ ଛାତ୍ର ମାନେ ସକ୍ରିୟ ଭାବେ ଆଲୋଚନା ରେ ଭାଗ ନେଇ ଥିଲେ। ଅଧ୍ୟାପିକା ତୃପ୍ତିମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।


भारतीय कपास निगम लिमिटेड
THE COTTON CORPORATION OF INDIA LIMITED
(A Government of India Undertaking)
BRANCH OFFICE: PLOT NO. 138/2030/25/8,1ST FLOOR,NEAR SWAMI VIVEKANANDA VIDYA MANDIR,RING ROAD,RAYAGADA-765001, ODISHA

भारतीय कपास निगम लिमिटेड, शाखा कार्यालय: रायगडा, फसल वर्ष 2026-27 के लिए मुद्रण वस्तुओं की आपूर्ति के लिए प्रतिष्ठित मुद्रण आपूर्तिकर्ता से दो बोली (तकनीक एवं वित्तीय) निविदा आमंत्रित करता है। निविदा सामग्री अन्य विवरण की सीसीआई वेबसाइट www.cotcorp.org.in एवं www.eprocure.gov.in. पर प्राप्त किया जा सकता है। निविदा जमा करने के अंतिम समयावधि दिनांक 30.09.2026 को सुबह 10.30 बजे तक है।

For the Crop Year 2026-27, The Cotton Corporation of India Ltd., Branch Office: Rayagada, invites sealed Tenders in Two Bids (Technical and Financial) system from reputed Printing Suppliers for Supply of Printing items. Other details regarding the Tender can be obtained from CCI website www.cotcorp.org.in and Govt. portal www.eprocure.gov.in The last date for submission of tender is on or before 30.09.2026 till 10:30 AM.

उप महाप्रबंधक/Dy. General Manager



## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍-(୦୬୭୪)୨୩୯୩୫୨୪
ଏପିବିଏକ୍ସ : (୦୬୭୪)୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ: https://oshb.org
ପତ୍ରସଂଖ୍ୟା-୧୩୯ ତା: ୨୮-୦୮-୨୦୨୬

### ବିଜ୍ଞାପନ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଭୁବନେଶ୍ୱର ଡୁମୁଡୁମା ୪ର୍ଥ ପର୍ଯ୍ୟାୟ ଏଲ ଆଇଜି ହାଉସିଂ ପ୍ରକଳ୍ପରେ ଗୃହ ନଂ ଏଲଆଇଭି ୩୬୬ (LIV-366) ଟିକୁ ଶ୍ରୀ ବିପିନି ବିହାରୀ ବେହେରା, ପିତା ଆନନ୍ଦ ବେହେରା, ସା/ପୋ- ବାହାରଣା, ଥାନା- ନିମାପଡା , ଜିଲ୍ଲା -ପୁରୀଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଉକ୍ତ ଆବଣ୍ଟନ ଗ୍ରହୀତା ଶ୍ରୀବିପିନି ବିହାରୀ ବେହେରା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ସତ୍ୟଜିତ ବଳ,ପିତା-ଭଞ୍ଜ କିଶୋର ବଳ ସା-ଅରଣି ,ପୋ-ସଅଁରା,ଭାୟା - ନାଲିବର ଥାନା-ତ୍ରିତୋଲ ଜିଲ୍ଲା-ଜଗତସିଂହପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

Caption No: 13001 /1782/ 2627

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


# ସୁଟ୍‌କେସରେ ଗଞ୍ଜେଇ ଚାଲାଣ
## ଜଣେ ମହିଳା ଗିରଫ



ଡୁଙ୍ଗୁରିପାଲି ୯/୯ (ନି ପ୍ର )ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରେ ସୁଟକେସରେ ଗଞ୍ଜେଇ ଭର୍ତ୍ତି କରି ରାଜ୍ୟ ବାହାରକୁ ଚାଲାଣ କରିବା ଉଦ୍ୟମ ପଣ୍ଡ କରିଛି ଡୁଙ୍ଗୁରିପାଲି ପୋଲିସ। ଏହି ଘଟଣାରେ ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଥିବା ଜଣାପଡ଼ିଛି।ସୂଚନା ଅନୁସାରେ, ଡୁଙ୍ଗୁରିପାଲି ଅଞ୍ଚଳରୁ ସୁଟକେସ ଯୋଗେ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହାପରେ ପୋଲିସ ଚଢ଼ାଉ କରି ସୁଟକେସ ଯାଞ୍ଚ କରିବା ସମୟରେ ୧୫ କେଜି ଗଞ୍ଜେଇ ଜବତ କରିଥିଲା।ଘଟଣାରେ ସମ୍ପୃକ୍ତ ସୁନିତା ପଟେଲ ନାମକ ଭୋପାଲ ର ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ରାମପୁର ତହସିଲଦାର ଙ୍କର ଉପସ୍ଥିତ ରେ ଗଂଜେଇ ଓଜନ କରାଯାଇଥିଲା ଡୁଙ୍ଗୁରିପାଲି ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

# ଜି.ଉଦୟଗିରିରେ ଦୁର୍ଗାପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଜି.ଉଦୟଗିରି, ୦୯।୯ (ନିପ୍ର).ଚଳିତ ବର୍ଷ ଦୁର୍ଗା ପୂଜା ପାଇଁ ଜି.ଉଦୟଗିରି ସହର ରେ ଆଜି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି ପୂଜା କମିଟି ସଭାପତି ଅରୁଣ କୁମାର ଷଡ଼ଙ୍ଗୀ ଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ରୀତିନୀତି ରେ ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି ଏଥିରେ ଉପସଭାପତି ସଞ୍ଜୟ କୁମାର ଆଚାର୍ଯ୍ୟ, ସମ୍ପାଦକ ଭେଙ୍କଟେଶ୍ୱର ବେହେରା,ସହସମ୍ପାଦକ ପ୍ରଶାନ୍ତ ମୁନି ଓ କୋଷାଧକ୍ଷ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସହିତ କାର୍ଯ୍ୟ କାରିଣୀ ସଦସ୍ୟ ଭାବରେ ଲକ୍ଷ୍ମଣ ଆଚାର୍ଯ୍ୟ ,ବିପିନ କୁମାର ମଲ୍ଲିକ, ସୁରେଶ ମହାପାତ୍ର,ନିରଞ୍ଜନ ପଣ୍ଡା, ରଘୁନାଥ ପତି,ଭୋଳାଶଙ୍କର ସାମନ୍ତରାୟ,ପିଣ୍ଟୁ ତ୍ରିପାଠୀ,ପ୍ରତାପ କୁମାର ପଣ୍ଡା,ନାରାୟଣ ମହାରଣା, ବାଳକୃଷ୍ଣ ବେହେରା,ବିଶ୍ୱେଶ୍ୱର ସାହୁ,ସିଏଚ୍ ମହେଶ ପାତ୍ର ପ୍ରମୁଖ ରହିଥିବା ବେଳେ ଉପଦେଷ୍ଟା ମଣ୍ଡଳୀ ଭାବେ ଅନିଲ କୁମାର ପଟ୍ଟନାୟକ,ପତିତ ପାବନ ସାହୁ, ପ୍ରସାଦ ସାହୁ, ବି.ଦିଲୀପ କୁମାର ପାତ୍ର,ସୁରେନ୍ଦ୍ରଦାସ ପ୍ରମୁଖ ଉପସ୍ଥିତ ରହିଥିଲେ

# ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ଧାରଣା

ରାଉରକେଲା ୯/୯(ନିପ୍ର) ଇସ୍ପାତ କାରଖାନା ପ୍ରତିଷ୍ଠା ସମୟରେ ବିସ୍ଥାପିତ ହୋଇଥିବା ସ୍ଥାନୀୟ ୭୦ ମୌଜାର ଅଧିବାସୀମାନେ ବହୁଦିନ ହେବ ସେମାନଙ୍କ ସମସ୍ୟା ନେଇ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇଥିଲେ ମଧ ସେମାନଙ୍କ ସମସ୍ୟା ଲାଗି ରହିଥିବାରୁ, ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ସଭାପତି ଖାଡା କୁଜୁରଙ୍କ ନେତୃତ୍ୱରେ ଆଜି ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦିଆଯାଇଥିଲା। ଏଥିସହିତ ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀରଙ୍କୁ ସାକ୍ଷାତ କରିବା ସହ ସେମାନେ ସେମାନଙ୍କ ଦୁଃଖ ଜଣାଇଥିଲେ। ୭୦ ମୌଜା ବିସ୍ଥାପିତ ସଂଘର ସଭାପତି ଖାଡା କୁଜୁର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସେମାନେ ବିସ୍ଥାପିତ ସମସ୍ୟା ନେଇ ଏଡିଏମଙ୍କ ଦୌଡିବା ସହ ଦାବି ମଧ କରୁଛନ୍ତି, ଆର୍.ପି.ଡି.ସି. ମିଟିଙ୍ଗ ମଧ ୬ଟି ହୋଇସାରିଥିଲେ ମଧ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ହୋଇପାରି ନଥିବାରୁ, ବିସ୍ଥାପିତ ସଂଘ ପକ୍ଷରୁ ଦୁଃଖ ପ୍ରକାଶ କରାଯିବା ସହିତ ଏପରି ଅନ୍ୟାୟ ସେମାନଙ୍କ ପ୍ରତି ହେବା ଉଚିତ୍ ନୁହେଁ ବୋଲି କହିଥିଲେ। ୭୦ ମୌଜା ବିସ୍ଥାପିତ ସଂଘ ପକ୍ଷରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ପରେ, ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନାଃ ଦସ୍ତଗୀର୍ ସେମାନଙ୍କୁ ପ୍ରତିଶ୍ରୁତି ଦେଇ କହିଥିଲେ ଯେ, ଆସନ୍ତା ମାସରେ ଭୁବନେଶ୍ୱର ଠାରେ ହେବାକୁ ଥିବା ମିଟିଙ୍ଗରେ ଏ ବିଷୟ ନେଇ ଆଲୋଚନା ହେବ। ବରକାନିରେ ପ୍ରସ୍ତାବିତ ରାଉରକେଲା ଇସ୍ପାତ କାରଖାନାର ବର୍ଦ୍ଧିତ () ପ୍ରକଳ୍ପରେ ବିସ୍ଥାପିତଙ୍କୁ ନିଯୁକ୍ତି ଦେଇ ସେମାନଙ୍କ ସମସ୍ୟାର ସମାଧାନ କରାଯିବାକୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ସୁଶ୍ରୀ ଦୀନାଃ ଦସ୍ତଗୀର୍ ପ୍ରତିଶ୍ରୁତି ଦେଇଥିଲେ।



# ପ୍ରେସ କ୍ଲବର ସାଧାରଣ ବୈଠକ




ଲକ୍ଷ୍ମୀପୁର, ୯/୯(ନି ପ୍ର): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍?ର କାକିରିଗୁମା ଠାରେ ପ୍ରେସ କ୍ଲବ୍ ଲକ୍ଷ୍ମୀପୁରର ୧୦ମ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ଯୁଧିଷ୍ଠିର ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକକୁ ସମ୍ପାଦକ ପ୍ରଫୁଲ୍ଲ କୁମାର ଖୋସ୍ଲା ପରିଚାଳନା କରିଥିଲେ। ବୈଠକରେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା, ସାମ୍ବାଦିକଙ୍କ କଲ୍ୟାଣ ପାଣ୍ଠି ଗଠନ, ସଂଗଠନକୁ ଅଧିକ ସୁଦୃଢ଼ କରିବା ସହ ମାସିକ ସଦସ୍ୟ ଚାନ୍ଦା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। କୌଣସି ନିଷ୍ପତ୍ତି ବୈଠକ ମାଧ୍ୟମରେ ସର୍ବସମ୍ମତିରେ ଗ୍ରହଣ କରାଯିବା ଏବଂ କୌଣସି ଖବରର ସତ୍ୟତା ସ୍ପଷ୍ଟ ନହେବା ପର୍ଯ୍ୟନ୍ତ ତାହାକୁ ବିଶ୍ୱାସ କିମ୍ବା ପ୍ରସାରଣ ନକରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଲକ୍ଷ୍ମୀପୁରରେ ସ୍ଥାୟୀ ପ୍ରେସ କ୍ଲବ୍ ପ୍ରତିଷ୍ଠା ଓ ଏହାର ଆନୁଷ୍ଠାନିକ ଉଦ୍‌ଘାଟନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ଆସନ୍ତା ଦଶହରା ପରେ ପ୍ରେସ କ୍ଲବ୍‌ର ଆନୁଷ୍ଠାନିକ ଉଦ୍‌ଘାଟନ କରାଯିବାକୁ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା।ବୈଠକରେ ବରିଷ୍ଠ ସାମ୍ବାଦିକ ତଥା କ୍ଲବ୍‌ର ପରାମର୍ଶଦାତା ପ୍ରମୋଦ କୁମାର ଜେନା, କୋଷାଧ୍ୟକ୍ଷ ନୃସିଂହନାଥ ପଟ୍ଟନାୟକ ଓ ଲିଗାଲ୍ ଆଡଭାଇଜର ଅନନ୍ତ ପ୍ରସାଦ ନାୟକ ସଂଗଠନର ନିୟମାନୁଯାୟୀ କ୍ଲବ୍‌କୁ ପରିଚାଳନା କରିବା ସହ ଏକତା ଓ ଶୃଙ୍ଖଳା ବଜାୟ ରଖିବା ନେଇ ପରାମର୍ଶ ଦେଇଥିଲେ। ଏଥିରେ ଯୁଗ୍ମ ସମ୍ପାଦକ ରଞ୍ଜିତ କୁମାର ମହାନନ୍ଦିଆଙ୍କ ସମେତ ଯାଦବ ବାଘ, ଗିରି ଖରା, ବାବୁଲା ଦାଶ ଓ ମୋନାଜ ବିଷୋୟୀ ପ୍ରମୁଖ ସଦସ୍ୟ ଉପସ୍ଥିତ ରହି ସଂଗଠନକୁ ଆହୁରି ମଜବୁତ ଓ ସକ୍ରିୟ କରିବା ନେଇ ନିଜ ନିଜ ମତ ପ୍ରକାଶ କରିଥିଲେ।


## Government of Odisha 'e' Procurement Notice

Bid Identification No. : Online -Agl-20 of 2026-2027

1. Name of the Work : Building Works
2. Estimated Cost :Rs. 16.32 to 47.49Lakhs
3. Period of Completion :4 ( Four) Calendar Month
4. Date & time of availability of : From 22.09.2026 to 03.10.2026 upto 5.00P.M
5. Last Date /time for receipt of bids in the portal : 03.10.2026 upto 5.00P.M
6. Name & Address of the OIT : Executive Engineer, Rural Works Division, Anugola

Further details can be see from the Govt website www.tendwersorissa.gov.in

Sd/-
Executive Engineer
R.W. Division , Anugola

Caption No: 25001/1122/2627



## PUBLIC NOTICE

The General Public is hereby informed that my client is intending to purchase the below-mentioned schedule of property from its owner stated below, represented by all its legal heirs stated below having their permanent address Bhubaneswar, Odisha. If anybody is having any objection, claim, interest, dispute for the below intended sale transaction, he/she/they may contact the undersigned with the documentary proof substantiating his/her/their objections/claims/details of dispute/s within Ten (10) days from today failing which, my client will proceed to complete the sale transaction with the below owner as if there are no third party claims/objections/disputes in respect of the Schedule Property and thereafter no claims/objections/disputes will be entertained.

NAME OF THE VENDOR (OWNER)

**Mr. AJIT KUMAR SAHU,** Resident of Plot No.-43, Madhusudan Nagar, Bhubaneswar, PS- Kharvel Nagar, Dist- Khurdha, Odisha- 751022

**SCHEDULE OF THE PROPERTY**

All Land admeasuring 4791 SFT or Ac.0.110. Located at Dist.: Khurdha, Thana No. 64, Mouza: Bhubaneswar Sahar, Unit No. 22, Bhimpur, Mutation Khata No. 544/1401 "Sthitiban" Plot No. 1141, Kisam- Gharabari - 1.

**BOUNDED BY:** N : Plot No- 1141/2973, S : Road on Plot No.-1129, E : Plot No- 1141/3250/3475, W : Road on Plot No.-1071.

**SCHEDULE OF THE PROPERTY:** All Land admeasuring 1873 SFT or Ac.0.043. Located at Dist.: Khurdha, Thana No. 64, Mouza: Bhubaneswar Sahar, Unit No. 22, Bhimpur, Mutation Khata No. 544/1401 "Sthitiban" Plot No. 1141/3250/3475, Kisam- Gharabari- 1.

**BOUNDED BY:** N : Plot No- 1141/2973, S : Road on Plot No.-1129, E : Plot No- 1140, W : Plot No- 1141

**Total One Mouza, Two Khata, two Plots, Total Area Ac.0.153 Dec.**

If Any Claims Then Please Contact On
Phone: 9937098986, Email: zmishra@gmail.com


# ଗୁପ୍ତେଶ୍ୱର ପୀଠକୁ ସରକାରୀ ଯାନ ସେବା ଦାବି

ଜୟପୁର:୯/୯(ନି ପ୍ର):ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ଗୁପ୍ତେଶ୍ୱରଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିଥିବା ବେଳେ ଏଠାକାର ଯାତାୟାତ ବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରୁ ମତାମତ ପ୍ରକାଶ ପାଇଛି। ବିଶେଷକରି ପୀଠର ୫୦୦ ମିଟର ଦୂରରୁ ମନ୍ଦିର ପର୍ଯ୍ୟନ୍ତ ସାଧାରଣ ଭକ୍ତଙ୍କ ପାଇଁ ସରକାରୀ ଗାଡ଼ି ସେବା ଯୋଗାଇଦେବାକୁ କେତେକ ଭକ୍ତ ଦାବି କରିଛନ୍ତି। ବର୍ତ୍ତମାନ ପୀଠକୁ ଯାଉଥିବା ଚାରିଚକିଆ ଯାନଗୁଡ଼ିକୁ ପ୍ରାୟ ୫୦୦ ମିଟର ଦୂରରେ ଥିବା ନିର୍ଦ୍ଦିଷ୍ଟ ନୋଏଣ୍ଟ୍ରି ଜୋନ୍‌ରେ ଅଟକାଯାଉଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ଭିଡ଼ ପରିଚାଳନା ଲାଗି ଏହି ବ୍ୟବସ୍ଥା କରାଯାଇଥିବା ବେଳେ ନୋଏଣ୍ଟ୍ରି ସ୍ଥାନରୁ ପୀଠ ପର୍ଯ୍ୟନ୍ତ ପ୍ରାୟ ୫୦୦ ମିଟର ଚାଲି ଯିବାକୁ ପଡ଼ୁଛି। ଏହି ଦୂରତାକୁ ନେଇ କେତେକ ଭକ୍ତ ଓ ପର୍ଯ୍ୟଟକ ଯାତାୟାତ ସୁବିଧା ବୃଦ୍ଧି ପାଇଁ ମତ ଦେଇଛନ୍ତି।ସାଧାରଣ ଭକ୍ତଙ୍କ ମଧ୍ୟରୁ କେତେକଙ୍କ ମତରେ, ଚାରିଚକିଆ ଯାନକୁ ପୀଠ ପର୍ଯ୍ୟନ୍ତ ଯିବାକୁ ଅନୁମତି ନଦେବା ବ୍ୟବସ୍ଥା ଜାରି ରଖି, ଶୈବପୀଠ ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ଭଡ଼ା ବା ଟିକେଟ୍ ବ୍ୟବସ୍ଥାରେ ସରକାରୀ ଗାଡ଼ି ଚଳାଚଳ କରାଯିବା ଆବଶ୍ୟକ ବୋଲି ଦାବି ହୋଇଛି। ଏଥିରେ ବୃଦ୍ଧବୃଦ୍ଧା, ଦିବ୍ୟାଙ୍ଗ ଓ ଚାଲିବାରେ ଅସୁବିଧା ଥିବା ଭକ୍ତଙ୍କୁ ନିଶୁଳ୍କ ଯାତାୟାତ ସୁବିଧା ଦେବା ପାଇଁ ମଧ୍ୟ ଦାବି ଉଠିଛି। ଟିକେଟ୍ ଭିତ୍ତିକ ସେବା ହେଲେ ପ୍ରଶାସନ ପକ୍ଷରୁ ରାଜସ୍ୱ ଆଦାୟର ସୁଯୋଗ ରହିପାରିବ ବୋଲି ମଧ୍ୟ କେତେକ ଲୋକ ମତ ଦେଇଛନ୍ତି। ଗୁପ୍ତେଶ୍ୱର ପୀଠରେ ଶ୍ରାବଣ ମାସର କାଉଡ଼ିଆ ଯାତ୍ରା, କାର୍ତ୍ତିକ ମାସର ସୋମବାର ଗୁଡ଼ିକ ଏବଂ ମହାଶିବରାତ୍ରି ସମୟରେ ଭକ୍ତଙ୍କ ସମାଗମ ହୋଇଥାଏ। ଏହି ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ, ନୋଏଣ୍ଟ୍ରି ଜୋନ୍ ଓ ପାର୍କିଂ ଭଳି ବ୍ୟବସ୍ଥା କରାଯାଉଛି। ଅନ୍ୟ ସମୟରେ ମଧ୍ୟ ପୀଠକୁ ଭକ୍ତ ଓ ପର୍ଯ୍ୟଟକଙ୍କ ଆଗମନ ହେଉଥିବାରୁ ଯାତାୟାତ ବ୍ୟବସ୍ଥା ସମ୍ପର୍କରେ ସ୍ଥାୟୀ ପଦକ୍ଷେପ ନେବା ପାଇଁ କେତେକ ମହଲରୁ ଦାବି ହୋଇଛି।

# ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଦ୍ୱାରା ସିଏଲଆଇ ଏକ୍ସପୋ




ଭୁବନେଶ୍ୱର,୯।୯(ନିପ୍ର): ବେଦାନ୍ତ ଆଲୁମିନିୟମ ଦ୍ୱାରା କୋଲକାତାର ବିଶ୍ୱ ବଙ୍ଗଳା ସମ୍ମିଳନୀ କେନ୍ଦ୍ରରେ ଆୟୋଜିତ ଷଷ୍ଠ କୋଲ୍ ଲଗ୍ ଇଣ୍ଡିଆ (ସିଏଲଆଇ) ଏକ୍ସପୋ ୨୦୨୬ରେ ଏହାର ପ୍ରଯୁକ୍ତିବିଦ୍ୟା ଆଧାରିତ ଖଣି କାର୍ଯ୍ୟ ଏବଂ ଗୋଷ୍ଠୀ ବିକାଶ ପଦକ୍ଷେପ ପ୍ରଦର୍ଶନ କରିଛି। ବେଦାନ୍ତ ଆଲୁମିନିୟମ କୋଇଲା ଖଣି ଷ୍ଟଲକୁ ଭାରତୀୟ କୋଇଲା ଫୋରମ୍ ଅଧ୍ୟକ୍ଷ ତଥା ପୂର୍ବତନ ସଚିବ ଆଲୋକ ପର୍ତ୍ତି, କୋଇଲା ଉତ୍ପାଦକ ସଂଘ (ସିପିଏ) ଅଧ୍ୟକ୍ଷ କପିଲ ଧଗତ ଏବଂ ପିୟରଲେସ୍ ଗ୍ରୁପ୍ ଅଧ୍ୟକ୍ଷ ତଥା କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ)ର ପୂର୍ବତନ ଅଧ୍ୟକ୍ଷ ପାର୍ଥ ଏସ୍. ଭଟ୍ଟାଚାର୍ଯ୍ୟ ବେଦାନ୍ତ କର୍ମଚାରୀମାନଙ୍କ ସହିତ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶା ଏବଂ ଛତିଶଗଡ଼ରେ କମ୍ପାନୀର ପ୍ରମୁଖ କୋଇଲା ଖଣି ଯଥା କୁରାଲୋଇ, ଜାମଖାନି, ଘୋଗରପଲ୍ଲୀ, ରାଧିକାପୁର ଏବଂ ବରାର ଅନ୍ତର୍ଭୁକ୍ତ ଥିଲା। କାର୍ଯ୍ୟକ୍ରମ ବିଷୟରେ ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ସିଇଓ ଅମରେସ କୁମାର କହିଛନ୍ତି, ଟେକ୍ନୋଲୋଜି ସୁରକ୍ଷିତ, ଅଧିକ ଦକ୍ଷ ଏବଂ ଦାୟିତ୍ୱବାନ ଖନନ ପାଇଁ ଏକ ପ୍ରମୁଖ ସହାୟକ ଭାବରେ ଉଭା ହେଉଛି। ସିଏଲଆଇ ୨୦୨୬ ଏହି ପରିବର୍ତ୍ତନ ଉପରେ ଭାବ ବିନିମୟ ଓ ଆମର ଖଣି କାର୍ଯ୍ୟକଳାପ ଯାତ୍ରାକୁ ପ୍ରଦର୍ଶିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ପ୍ରଦାନ କରିଥିଲା। ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ପ୍ରୟାସକୁ ପ୍ରଶଂସା କରି ଭାରତୀୟ କୋଇଲା ଫୋରମର ଅଧ୍ୟକ୍ଷ ଶ୍ରୀ ପର୍ତ୍ତି କହିଛନ୍ତି, ପ୍ରଯୁକ୍ତି ଏବଂ ନବସୃଜନ ଭାରତର ଖଣି କ୍ଷେତ୍ରକୁ ଅଧିକ ଆକାର ଦେଉଛି। ପ୍ରଦର୍ଶନୀର ଏକ ପ୍ରମୁଖ ବିଶେଷତ୍ୱ ଥିଲା ବେଦାନ୍ତ ଆଲୁମିନିୟମ କୋଇଲା ଖଣିର ଆଧୁନିକ ଖନନ ପ୍ରତି ପ୍ରଯୁକ୍ତିବିଦ୍ୟା ପରିଚାଳିତ ଆଭିମୁଖ୍ୟ। ଏହି ଷ୍ଟଲରେ ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପ ମାଧ୍ୟମରେ ସମର୍ଥିତ ଏସ୍‌ଏଚଜି ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ହାତ ତିଆରି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଶିଳ୍ପ ଜଗତର ଅଗ୍ରଣୀ ବ୍ୟକ୍ତି, ବିଶେଷଜ୍ଞ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମେତ ୫୦୦ ରୁ ଅଧିକ ପରିଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

# ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲରେ ପରିବେଶ ସଚେତନତା ଅଭିଯାନ




ସମ୍ବଲପୁର, ୯/୯(ନିପ୍ର) ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ଲକ୍ଷ୍ୟରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ ଓ ଆଦିତ୍ୟ ବିର୍ଲା ପବ୍ଲିକ ସ୍କୁଲ, ସମ୍ବଲପୁରର ମିଳିତ ଆୟୋଜନ ରେ 'ପରିବେଶ ସଚେତନତା ଅଭିଯାନ ସପ୍ତାହ୨୦୨୬' ଚାଲିଛି। ସେପ୍ଟେମ୍ବର ୬ରୁ ୧୧ ପର୍ଯ୍ୟନ୍ତ ଆୟୋଜିତ ଏହି ଅଭିଯାନ ରେ ବିଭିନ୍ନ ସଚେତନତା ମୂଳକ କାର୍ଯ୍ୟକ୍ରମ ହେଉଛି। ଏହି ଅବସରରେ ୭ ତାରିଖରେ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ୪ଟି ବିଦ୍ୟାଳୟର ୧୯୪ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ପ୍ରଦୂଷଣ ନିୟନ୍ତ୍ରଣ, ସ୍ୱଚ୍ଛ ଓ ସବୁଜ ପରିବେଶ, ବନ୍ୟପ୍ରାଣୀ ସୁରକ୍ଷା, ସ୍ୱଚ୍ଛ ବାୟୁ ଓ ଓଜୋନ ସୁରକ୍ଷା ଭଳି ବିଷୟରେ ଚିତ୍ର ଆଙ୍କିଥିଲେ।୮ ତାରିଖରେ ସ୍କୁଲ ପରିସର ରେ ଆୟୋଜିତ କାର୍ଯ୍ୟକ୍ରମ ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଓ ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଦୀପ ପ୍ରଜ୍ୱଳନ, 'ଆଦିତ୍ୟ ବନ୍ଦନା' ଓ 'ମିଶନ୍ ଲାଇଫ୍' ଶପଥ ପାଠ ପରେ ଠୋସ ବର୍ଜ୍ୟ ପରିଚାଳନା ଉପରେ ସଚେତନତାମୂଳକ ଭିଡିଓ ପ୍ରଦର୍ଶିତ ହୋଇଥିଲା।ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସହକାରୀ ପରିବେଶ ଅଭିଯନ୍ତା ଇଂ. ରାକେଶ ପଣ୍ଡା ବର୍ଜ୍ୟ ପରିଚାଳନା ଓ ପରିବେଶ ସୁରକ୍ଷା ଉପରେ ସୂଚନାମୂଳକ ଉପସ୍ଥାପନା କରିଥିଲେ। ପ୍ଲାଷ୍ଟିକ୍ ର ବିଭିନ୍ନ ପ୍ରକାର ଚିହ୍ନଟ ସମ୍ପର୍କ ରେ 'ପ୍ଲାଷ୍ଟିକ୍ ଆଇଡେଣ୍ଟି ଫିକେସନ୍ କିଟ୍' ମାଧ୍ୟମ ରେ ପ୍ରଦର୍ଶନ କରା ଯାଇଥିଲା।ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପାଇଁ ଦୈନନ୍ଦିନ ଜୀବନ ରେ ସଚେତନ ଓ ଦାୟିତ୍ୱବାନ ଆଚରଣ ଆପଣାଇବାକୁ ଅତିଥିମାନେ ଆହ୍ୱାନ ଦେଇ ଥିଲେ। ପରେ ଛାତ୍ରଛାତ୍ରୀଙ୍କୁ ଉପହାର ଓ ପରିବେଶ ଅନୁକୂଳ ବ୍ୟାଗ୍ ପ୍ରଦାନ କରାଯାଇଥିଲା। ସ୍କୁଲ ପରିସରରେ ବୃକ୍ଷରୋପଣ କରାଯାଇ ଗଛର ଯତ୍ନ ନେବା ଓ ସବୁଜ ପରିବେଶ ଗଠନ ପାଇଁ ବାର୍ତ୍ତା ଦିଆଯାଇଥିଲା। ଛୋଟ ହାତ ବଡ଼ ପରିବର୍ତ୍ତନଆସନ୍ତୁ ସବୁଜ ହେବା, ଆମ ପୃଥିବୀକୁ ବଞ୍ଚାଇବା' ବାର୍ତ୍ତା ସହ ଅଭିଯାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନେଇ ନୂଆ ସଚେତନତା ସୃଷ୍ଟି କରିଛି।

# ଟସର ସିଲ୍କ ପାର୍କ କାର୍ଯ୍ୟକ୍ଷମ କେବେ?

## ଭୂତକୋଠି ପାଲଟିଛି କୋଠା, ଖତ ଖାଉଛି କୋଟି କୋଟି ଟଙ୍କାର ମେସିନ



ବଣାଇ,୯।୯ (ନିପ୍ର): ଟସର ଚାଷୀଙ୍କ ଆର୍ଥିକ ଉନ୍ନତି ସହ ଗ୍ରାମାଞ୍ଚଳରେ ରୋଜଗାର ସୃଷ୍ଟି ଏବଂ ଟସର ଉତ୍ପାଦକୁ ଏକ ନୂଆ ବଜାର ଦେବା ଲକ୍ଷ୍ୟରେ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା ଟସର ସିଲ୍କ ପାର୍କ। ହେଲେ ନିର୍ମାଣ ଶେଷ ହେବାର ୩ ବର୍ଷ ବିତିଯାଇଥିଲେ ବି ଏହା ଏ ପର୍ଯ୍ୟନ୍ତ ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ଚାଷୀଙ୍କ ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ଲହୁଣିପଡ଼ା ବ୍ଲକ ଖୁଣ୍ଟଗାଁରେ ପ୍ରାୟ ୫ ଏକର ଜମିରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ୩୨ କୋଟିରୁ ଅଧିକ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଟସର ଚାଷୀଙ୍କ ଉତ୍ପାଦ ସଂଗ୍ରହ, ପ୍ରକ୍ରିୟାକରଣ, ମୂଲ୍ୟବୃଦ୍ଧି ଓ ବଜାର ସୁବିଧା ଯୋଗାଇବା ସହ ଚାଷୀଙ୍କୁ ଉଚିତ ମୂଲ୍ୟ ଦେବା ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ଥିଲା। ପ୍ରକଳ୍ପ ପରିସରରେ ନର୍ସରି, ଗୋଦାମ, ତାଲିମ କେନ୍ଦ୍ର, ଉତ୍ପାଦନ କେନ୍ଦ୍ର ସମେତ ପ୍ରଦର୍ଶନୀ ଓ ବିକ୍ରୟ ବ୍ୟବସ୍ଥା କରାଯିବାର ଯୋଜନା ରହିଥିଲା। ଏପରିକି ବୟନିକା ଓ ଅନଲାଇନ୍ ମାଧ୍ୟମରେ ଟସର ଉତ୍ପାଦକୁ ବଜାର ସହ ଯୋଡ଼ିବାର ଲକ୍ଷ୍ୟ ମଧ୍ୟ ରଖାଯାଇଥିଲା। ମାତ୍ର ଏସବୁ ଯୋଜନା ଏବେ କାର୍ଯ୍ୟକାରୀ ହେବା ଅପେକ୍ଷାରେ ରହିଛି। ପ୍ରକଳ୍ପ ପରିସରରେ ଥିବା କୋଠାଗୁଡ଼ିକ ଦୀର୍ଘଦିନ ଧରି ବ୍ୟବହାର ନ ହୋଇ ପଡ଼ିରହିଥିବା ବେଳେ ଚାରିପଟେ ଗଛଲତା ମାଡ଼ିଯାଇଛି। କେତେକ କୋଠାର କାନ୍ଥରେ ଫାଟ ଦେଖାଦେଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହା ସହ ପ୍ରକଳ୍ପର ମୂଲ୍ୟବାନ ଯନ୍ତ୍ରପାତି ମଧ୍ୟ ବ୍ୟବହାର ନ ହୋଇ ପଡ଼ିରହିଥିବାରୁ ସରକାରୀ ଅର୍ଥର ସଦୁପଯୋଗ ନେଇ ପ୍ରଶ୍ନ ଉଠିଛି। ସୂଚନାଯୋଗ୍ୟ, ୨୦୨୧ରେ ପ୍ରକଳ୍ପ ନିର୍ମାଣ ଆରମ୍ଭ ହୋଇଥିଲା। କାମ ଶେଷ ହେବାର ପ୍ରାୟ ୩ ବର୍ଷ ପରେ ମଧ୍ୟ ପ୍ରକଳ୍ପଟି ସମ୍ପୂର୍ଣ୍ଣ ଭାବେ ହସ୍ତାନ୍ତର ହୋଇ ନ ଥିବା ଅଭିଯୋଗ ରହିଛି।

# ଶିକାର ବେଳେ ଗୁଳି ବାଜି ସାଙ୍ଗ ଆହତ

## ଜଣେ ଗିରଫ ଓ ୨ ବନ୍ଧୁକ ଜବତ



ବଣାଇ,୯।୯(ନିପ୍ର): ବାର୍ହାକୁ ଟାର୍ଗେଟ୍ କରି ଚଳାଇଥିବା ଗୁଳି ବାଜି ଜଣେ ଯୁବକ ଆହତ ହୋଇଛନ୍ତି। ଏହି ଘଟଣାରେ ଗୁରୁଣ୍ଡିଆ ପୋଲିସ ଜଣେ ଯୁବକକୁ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ରହିଛି। ଗିରଫ ଯୁବକଠାରୁ ଦୁଇଟି ବନ୍ଧୁକ ଓ ଗୋଟିଏ ମୋବାଇଲ ଜବତ ହୋଇଛି। ଗୁରୁଣ୍ଡିଆ ଥାନା ସୋଲ ପଞ୍ଚାୟତର ଟୁକୁଡ଼ା ଗ୍ରାମ ନିକଟସ୍ଥ ଡୁମଲା ଟୁଙ୍ଗୁରୀ ଜଙ୍ଗଲରେ ଏହି ଅଘଟଣ ଘଟିଛି।ଅଭିଯୋଗ ଅନୁଯାୟୀ, ଟୁକୁଡ଼ା ଗ୍ରାମର ସମୀର ଲାମ୍ବଗା (୨୫), ଅନିଲ ଡାଙ୍ଗ (୩୩) ଓ ଗୋବିନ୍ଦ କୁଜୁର (୨୦) ଗତ ୬ ତାରିଖରେ ବାର୍ହା ଶିକାର ଲାଗି ଜଙ୍ଗଲକୁ ଯାଇଥିଲେ। ସମୀର ଓ ଗୋବିନ୍ଦ ଗୋଟିଏ ପଟେ ରହିଥିବା ବେଳେ ଅନିଲ ବିପରୀତ ଦିଗରୁ ବାରହା ଘଉଡ଼ାଇ ଆଣୁଥିଲେ। ଏହି ସମୟରେ ସମୀରଙ୍କ ଦ୍ୱାରା ଚଳାଯାଇଥିବା ଗୁଳି ଅନିଲଙ୍କ ଡାହାଣ ଜଂଘରେ ବାଜିଥିଲା। ଆହତ ଅନିଲଙ୍କୁ ପ୍ରଥମେ ସୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ ରାଉରକେଲାର ଏକ ହସ୍ପିଟାଲକୁ ପଠାଯାଇଥିଲା। ଜଂଘରେ ଗୁଳି ବାଜିଥିବା ଜଣାପଡ଼ିବା ପରେ ହସ୍ପିଟାଲ ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ଗୁରୁଣ୍ଡିଆ ଥାନା ଅଧିକାରୀ ବିଜୟ କୁମାର ସିଂ ତଦନ୍ତ ଚଳାଇ ୭ ତାରିଖ ରାତିରେ ସମୀରଙ୍କ ଘରେ ପହଞ୍ଚି ପଚରାଉଚରା କରିଥିଲେ। ସେ ଘଟଣାକୁ ସ୍ୱୀକାର କରିଥିବା ପୋଲିସ ପକ୍ଷରୁ କୁହାଯାଇଛି। ତାଙ୍କ ନିକଟରୁ ଦୁଇଟି ବନ୍ଧୁକ ଓ ଗୋଟିଏ ମୋବାଇଲ ଜବତ କରାଯାଇଥିବା ବେଳେ ଗୋବିନ୍ଦ ଫେରାର ହୋଇଯାଇଛନ୍ତି।

# ଅନ୍ତର୍ଜାତୀୟ ସାକ୍ଷରତା ଦିବସ

## ଶ୍ରେଷ୍ଠ ପର୍ଯ୍ୟବେକ୍ଷକ ଭାବେ ସମ୍ମାନିତ ହେଲେ ଦୀପ୍ତିମୟୀ ସାହୁ



ହରଭଙ୍ଗା,୯।୯(ନିପ୍ର): ବୌଦ୍ଧଗଡ଼ ପୌର ପରିଷଦ ସ୍ଥିତ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ବୌଦ୍ଧ ଜିଲ୍ଲାକୁ ଶତ ପ୍ରତିଶତ ସାକ୍ଷର ଜିଲ୍ଲାରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ସମାଜସେବୀ ତଥା ଶିକ୍ଷାବିତ ଶ୍ୟାମସୁନ୍ଦର ମହାପାତ୍ର, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ସମାଜ ମଙ୍ଗଳ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ରୀନା ମହାନ୍ତି, ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ, ପ୍ରଧାନଶିକ୍ଷକ ପୂର୍ଣଚନ୍ଦ୍ର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ମାନର ସହ ବଂଚିବା ପାଇଁ ସାକ୍ଷରତା ଓ ଶିକ୍ଷା ନିହାତି ଆବଶ୍ୟକ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏବିଇଓ କାର୍ତ୍ତିକେଶ୍ୱର ନାୟକ, ଲକ୍ଷ୍ମୀ ମଲ୍ଲିକ, ସହ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପ୍ରବୀଣ କୁମାର ପ୍ରଧାନ ଅନ୍ୟତମ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି ଅବସରରେ ବୌଦ୍ଧ ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ କମ୍ଭୁଧର ଖୁରା, କଣ୍ଟାମାଳ ବ୍ଲକର ଗଣେଶ୍ୱର ରଣଲା ଓ ହରଭଙ୍ଗା ବ୍ଲକର ଶ୍ରେଷ୍ଠ ପର୍ଯ୍ୟବେକ୍ଷକ ଭାବେ ଦୀପ୍ତିମୟୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ହରଭଙ୍ଗା ବ୍ଲକର ସମସ୍ତ ୧୭ କ୍ଲଷ୍ଟରରୁ ଆଡ଼େନିଗଡ଼ର ସର୍ବାଧିକ ୧୩୦ ଜଣଙ୍କୁ କାର୍ଯ୍ୟକ୍ରମରେ ପଞ୍ଜୀକରଣ କରାଯାଇଥିଲା। ଶତ ପ୍ରତିଶତ ସାକ୍ଷର ଲକ୍ଷ୍ୟ ହାସଲ ପାଇଁ ଚେଷ୍ଟା ଜାରି ରହିବ ବୋଲି ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ କହିଛନ୍ତି।

# ଇପିଏଫ ପେନସନର୍ସ ଆସୋସିଏସନର ଗଣଧାରଣା



ରାୟଗଡ଼ା ୯।୯(ନିପ୍ର): ମୁନିଗୁଡାର ବନ ଉନ୍ନୟନ ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନ ରାୟଗଡା ଜିଲ୍ଲା ଶାଖା ପକ୍ଷରୁ ଗଣଧରଣା ଦିଆଯାଇଛି। ଓଡିଶା ବନ ଉନ୍ନୟନ ନିଗମ(ଓଏଫଡିସି)ର ୪୫ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବର୍ଦ୍ଧିତ ପେନସନ ପ୍ରଦାନ ଦାବିରେ ଏହି ଧାରଣା ଦିଆଯାଇଛି। ଇପିଏଫ ପେନସନର୍ସ ଆସୋସିଏସନର ଜିଲ୍ଲା ସଭାପତି ପ୍ରଶାନ୍ତ କୁମାର ପଟ୍ଟନାୟକ ଓ ପ୍ରଭାକର ଭୁକ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ଧାରଣାରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ପ୍ରଫୁଲ କୁମାର ଦାସ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ଚିତ୍ତରଞ୍ଜନ ପାତ୍ର, ବୈକୁଣ୍ଠନାଥ ଦଳାଇ ପ୍ରମୁଖ ସାମିଲ ହୋଇଛନ୍ତି। ଓଏଫଡିସିର ୪୫ ଜଣ କର୍ମଚାରୀ ଦୁଇ ବର୍ଷ ହେଲା ବର୍ଦ୍ଧିତ ପେନସନ୍ ଅପେକ୍ଷାରେ ରହିଛନ୍ତି। ସଂଘ ପକ୍ଷରୁ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ବହୁଥର ଆଲୋଚନା ଓ ଚିଠି ମାଧ୍ୟମରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଉଚିତ ପଦକ୍ଷେପ ନିଆଯାଇନି। ବର୍ଦ୍ଧିତ ପେନ୍‌ସନ ସମେତ ୪ ଦଫା ଦାବି ନେଇ ବନ ଉନ୍ନୟନ ନିଗମ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରା ବାହାରି ମୁନିଗୁଡା ସହର ପରିକ୍ରମା ଧାରଣାସ୍ଥଳରେ ପହଞ୍ଚି ଥିଲା। ସେଠାରେ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

# ୨୫ ଲକ୍ଷର ସୁରକ୍ଷା ପାଚେରି ୩ ମାସ ନଯାଉଣୁ ଭାସିଗଲା: କାମର ମାନକୁ ନେଇ ପ୍ରଶ୍ନ, ତଦନ୍ତ ଦାବି



ବଣାଇ,୯।୯(ନିପ୍ର): ନଦୀର ଜଳସ୍ତର ବୃଦ୍ଧି ସହ ନଦୀକୂଳ ଧସିବା ଓ ଭୂକ୍ଷୟ ଯୋଗୁଁ ନଦୀକୂଳିଆ ଅଞ୍ଚଳରେ ପ୍ରତିବର୍ଷ ଲୋକେ ବିପଦର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରତିକାର ପାଇଁ ସରକାରଙ୍କ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନଦୀକୂଳ ସୁରକ୍ଷା ପ୍ରକଳ୍ପ କରାଯାଉଛି। ତେବେ ନିର୍ମାଣର କିଛି ମାସ ମଧ୍ୟରେ ସୁରକ୍ଷା ପାଚେରି ଧୋଇଯିବା ଘଟଣା କାମର ମାନ ଓ ତଦାରଖକୁ ନେଇ ପ୍ରଶ୍ନ ଉଠାଇଛି।ସୁନ୍ଦରଗଡ଼ ଜିଲ୍ଲା ବଣାଇ ବ୍ଲକ ଟେଣ୍ଡରା ଗ୍ରାମରୁ ଏଭଳି ଅଭିଯୋଗ ସାମ୍ନାକୁ ଆସିଛି। ନଦୀକୂଳ ମୃତ୍ତିକା କ୍ଷୟ ରୋକିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ପ୍ରାୟ ୨୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସୁରକ୍ଷା ପାଚେରି ନିର୍ମାଣ କରାଯାଇଥିଲା। ମାତ୍ର ଚଳିତ ବର୍ଷର ବନ୍ୟାଜଳରେ ଏହି ପାଚେରିର ଏକ ବଡ଼ ଅଂଶ ଧୋଇଯାଇଛି। ନିର୍ମାଣ ସମୟରେ ବିଭାଗୀୟ ତଦାରଖର ଅଭାବ ଏବଂ ନିମ୍ନମାନର ସାମଗ୍ରୀ ବ୍ୟବହାର ଯୋଗୁଁ ପ୍ରକଳ୍ପର ସ୍ଥାୟୀତ୍ୱ ଉପରେ ଗ୍ରାମବାସୀ ପ୍ରଶ୍ନ ଉଠାଇଛନ୍ତି। ପୂର୍ବରୁ ନଦୀକୂଳ ସୁରକ୍ଷା ପାଇଁ ଜାଲି କୋଠରୀ ମଧ୍ୟରେ ବଡ଼ ପଥର ବ୍ୟବହାର କରାଯାଉଥିବା ବେଳେ ଏଠାରେ ଛୋଟ ଛୋଟ ପଥର ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ବନ୍ୟାଜଳ ଚାପରେ ନିର୍ମାଣାଧୀନ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇ ଧୋଇଯାଇଛି। ସରକାରୀ ଅର୍ଥରେ ନିର୍ମିତ ଏଭଳି ପ୍ରକଳ୍ପ ଅଳ୍ପ ସମୟ ମଧ୍ୟରେ କ୍ଷତିଗ୍ରସ୍ତ ହେବାରୁ ଏହାର ମାନ ଓ ବ୍ୟୟକୁ ନେଇ ତଦନ୍ତ ଆବଶ୍ୟକ ରହିଛି। ଘଟଣାର ଉଚିତ ତଦନ୍ତ କରାଯାଇ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଏବଂ ନଦୀକୂଳର ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରିବାକୁ ଟେଣ୍ଡରା ଗ୍ରାମବାସୀ ଦାବି କରିଛନ୍ତି।

# କାନାଗାଁ ପଞ୍ଚାୟତରେ ନୂତନ ଭାବରେ ଚୟନ ପଦାଦି କାରିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବନ୍ଧୁଗାଁ ତା, ୯/୯/୨୬, କୋରାପୁଟ ଜିଲ୍ଲା ଅନ୍ତର୍ଗତ ବନ୍ଧୁଗାଁ ବ୍ଲକ ର କାନାଗାଁ ପଞ୍ଚାୟତ ଠାରେ ଆଜି ଜିଲ୍ଲା ବିଜେଡି ସଭାପତି ଶ୍ରୀ ଝିନ ହିକକାଙ୍କ ନିର୍ଦ୍ଦେଶ କ୍ରମେ ଆସନ୍ତା ୨୦୨୭ ରେ ହବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କୁ ନେଇ ବନ୍ଧୁଗାଁ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟ ନାଗ ଙ୍କ ତରଫରୁ ରାମିଜି ପୁଟ ଗାଁ ଠାରେ ଆଜି ବିଜେଡି ଜିଲ୍ଲା ସଭାପତି ଙ୍କ ନିର୍ଦ୍ଦେଶ କ୍ରମେ କାନାଗାଁ ପଞ୍ଚାୟତ ର ନୂତନ ପଞ୍ଚାୟତ ସଭାପତି ଭସ୍କୋର ନାଗ, ଉପ ସଭାପତିଶୁକ୍ରେୟା ମେଲେକା ସମ୍ପାଦକ ସୁରେଶ କାଡ୍ରାକା, ସହ ସମ୍ପାଦକ ସୁନ୍ଦାରାଓ ପିଡ଼ିକା, କଷାଧକ୍ଷ ରଙ୍ଗନାଥ ୱାଟାକା,ପଞ୍ଚାୟତ ଯୁବ ସଭାପତି ଦଷରୋଥ ମେଲେକା, ଉପ ସଭାପତି ଗଣେଶ ମେଲେକା,ସମ୍ପାଦକ ପଲେୟା କାଡ୍ରାକା, ସହ ସମ୍ପାଦକ ରଙ୍ଗନାଥ ମେଲେକା, କଷାଧକ୍ଷ ଗଙ୍ଗା ମେଲେକା, ପଞ୍ଚାୟତ ର ଛାତ୍ର ସଭାପତି ସନ୍ତୋଷ ୱାଟାକା, ଉପ ସଭାପତି ସୁଶାନ୍ତ କୁମାର ପିଡ଼ିକା, ସମ୍ପାଦକ ପାଡିଡ଼ି ମେଲେକା,ସହ ସମ୍ପାଦକ କମିଟି କାଡ୍ରାକା,କଷାଧକ୍ଷ ସଞ୍ଜିବ ମେଲେକା,ଏହିପରି ଭାବରେ ଆଜି ଅନ୍ୟାନ୍ୟ ପଦବୀ ଚୟନ ହୋଇଥିଲା ଏଥିରେ ବ୍ଲକ ସଭାପତି ଦୁର୍ଯ୍ୟ ନାଗ, ଜନ ୧ ପୂର୍ବତନ କର୍ଡିନେଟର ଲାଡୁ ହୁଲୁକା,ବ୍ଲକ ଯୁବ ସଭାପତି କାନୁ ଚରଣ ବେବରା, ଓ ଗାରିଡି ପଞ୍ଚାୟତ ର ପୂର୍ବତନ ସରପଞ୍ଚ ତଥା ଜିଲ୍ଲା ବିଜେଡି ଦଳର ସାଧାରଣ ସମ୍ପାଦକ ଗୋପୀନାଥ ବିଡ଼ିକା, ଜାଗୁଗୁଡା ପଞ୍ଚାୟତ ର ମାରିଗା ମେଲେକା, କୁମ୍ଭାରି ପୁଟ ପଞ୍ଚାୟତ ର ପଞ୍ଚାୟତ ସଭା ପତି କର୍ଣ୍ଣ ମିଶାଲୁ ଓ କାନାଗାଁ ଗ୍ରାମର ପୂର୍ବତନ ସୋରପଞ୍ଚ ରାତୁନୁ ୱାଟେକା,ଓ ଅନ୍ୟାନ୍ୟ ପଞ୍ଚାୟତ ରୁ ପ୍ରମୁଖ ବିଜେଡି ପ୍ରେମୀ ଉପସ୍ଥିତ ରହି ନୂତନ ଭାବବରେ ମନନୀତ ହୋଇଥିବା ପଞ୍ଚାୟତ ର ନୂତନ ବିଜେଡି କର୍ମୀ ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଏଥିସହ ଆସନ୍ତା ୧୫ ତାରିଖରେ କାପଲଡ଼ା ପଞ୍ଚାୟତ ଠାରେ ନୂତନ କର୍ମୀ ଚୟନ ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲା

# ପ୍ଲାଟିନମ ଜୁବଲି ସ୍ମରଣିକା ପାଇଁ ପ୍ରସ୍ତୁତି



ବିଜେପୁର,୯।୯(ନିପ୍ର): ବରଗଡ ଜିଲ୍ଲା ବିଜେପୁର ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ପ୍ଲାଟିନମ ଜୁବଲି ପାଳନ କରାହେବ। ଏହିକ୍ରମରେ ପ୍ଲାଟିନମ ଜୁବଲି ସ୍ମରଣିକା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଜନାର୍ଦ୍ଦନ ପାଣିଗ୍ରାହୀଙ୍କ ସଂଯୋଜନାରେ ଉପସଭାପତି ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଗଙ୍ଗାଧର ପଧାନ, ପ୍ରାଧ୍ୟାପକ ଡକ୍ଟର ପ୍ରଦୀପ କୁମାର ପ୍ରଧାନ, ରଜନୀକାନ୍ତ ଗଡତୀୟା, ଡାକ୍ତର ସୁଧୀର କୁମାର ସାହୁ,ରାଜେଶ୍ୱର ବେହେରା,ସୁବ୍ରତ ରଥ,କୈଳାସ ଗଡତୀୟା ପ୍ରମୁଖ ଆଲୋଚନାରେ ସାମିଲ ହୋଇଥିଲେ। ଚଳିତବର୍ଷ ସ୍ଥାନୀୟ ସହରରେ ଆୟୋଜିତ ହେଉଥିବା ସାର୍ବଜନୀନ ନବଦିନାତ୍ମକ ଦୁର୍ଗାପୂଜାର ପ୍ଲାଟିନମ ଜୁବଲି ସ୍ମରଣିକାକୁ ସରସ,ସୁନ୍ଦର, ଆକର୍ଷଣୀୟ ତଥା ତଥ୍ୟଭିତ୍ତିକ କରିବାକୁ ମତପ୍ରକାଶ ପାଇଥିଲା। ଦୁର୍ଗାପୂଜା ତଥା ଶକ୍ତି ପୂଜା ଆଧାରିତପ୍ରବନ୍ଧ,ଆଲୋଚନା,କବିତା,ଫିଚର ଚଳିତ ମାସ ୨୫ସୁଦ୍ଧା ସଂପାଦକ ଦୁର୍ଗାପୂଜା ପ୍ଲଖଟିନମ ଜୁବଲି କମିଟି ଠିକଣାରେ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି।

# ଡିଏଭି ସ୍କୁଲରେ କୈବଲ୍ୟ ୫.୦ – ଲିଟରେଚର କନ୍‌କ୍ଲେଭ୍




ପୁରୀ,୯।୯(ନିପ୍ର): ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ ପକ୍ଷରୁ ଭବ୍ୟ 'କୈବଲ୍ୟ ୫.୦ – ଲିଟରେଚର କନ୍‌କ୍ଲେଭ' ଆୟୋଜିତ ହୋଇଯାଇଛି। ଚଳିତ ବର୍ଷର ବିଷୟ 'ଇଙ୍କ୍ ଆଣ୍ଡ ଇନସାଇଟ୍' ରଖାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ମଙ୍ଗରାଜଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି ସାହିତ୍ୟ ସମାରୋହରେ ବିଶିଷ୍ଟ ଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର ଡ. ହରିହର ହୋତା, ପ୍ରଫେସର ଡ. ଚିତ୍ତରଞ୍ଜନ ମିଶ୍ର ଯୋଗଦେଇଥିଲେ। ଅତିଥି ବୃନ୍ଦମାନେ ସାହିତ୍ୟର ମହତ୍ତ୍ୱ, ପୁସ୍ତକ ପଠନର ଆବଶ୍ୟକତା ଏବଂ ସୃଜନଶୀଳ ଲେଖନୀର ଶକ୍ତି ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରଦର୍ଶନୀ ଓ ସାହିତ୍ୟିକ କାର୍ଯ୍ୟକ୍ରମ କନ୍‌କ୍ଲେଭକୁ ଅଧିକ ଆକର୍ଷଣୀୟ କରିଥିଲା।

# ଅଷ୍ଟମଥର ପାଇଁ ଲାୟନ୍ସ କ୍ଲବର ସଭାପତି ଭାବେ ଶପଥ ନେଲେ ଜଗନ୍ନାଥ ମହାପାତ୍ର



ନବରଙ୍ଗପୁର,୯।୯(ନିପ୍ର): ସ୍ଥାନୀୟ ତୃପ୍ତି ସମ୍ମିଳନୀ କକ୍ଷରେ ଲାୟନ୍ସ ଜିଲ୍ଲା ୩୨୨୪ ଅନ୍ତର୍ଗତ ନବରଙ୍ଗପୁର ଲାୟନ୍ସ କ୍ଲବର ନୂତନ କର୍ମକର୍ତ୍ତାଙ୍କ ଅଧିଷ୍ଠାନ ଉତ୍ସବ ବୁଧବାର ଆୟୋଜିତ ହୋଇଯାଇଛି। ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଅଷ୍ଟମ ଥର ପାଇଁ ସଭାପତି ମନୋନିତ ହୋଇଥିବା ବେଳେ ସମ୍ପାଦକ ଭାବେ ଲାୟନ ଭୁବନେଶ୍ୱର ସୁର, ଉପସଭାପତି ଭାବେ ଲାୟନ ପି. ଶେଖର କୁମାର ଓ ଲାୟନ ନନ୍ଦିକେଶ୍ୱର ରାଓ, କୋଷାଧକ୍ଷ ଭାବେ ଲାୟନ୍ ବିଜୟ ଜୈନ ସର୍ବସମ୍ମତି କ୍ରମେ ମନୋନିତ ହୋଇଛନ୍ତି। ୨୦୨୬/୨୭ ଲାୟନ୍ ବର୍ଷ ପାଇଁ ମନୋନିତ ପଦାଧିକାରୀମାନଙ୍କୁ ୩୨୨୪ କ୍ଲବର ଲାୟନ ହେମନ୍ତ କୁମାର ଖୁଣ୍ଟିଆ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଲାୟନ ଦିଲ୍ଲୀପ କୁମାର ଦାସ, ରିଜୋନାଲ ଚେୟାରମ୍ୟାନ ଲାୟନ୍ ଡ. ସଂଯୁକ୍ତା ପଣ୍ଡା, ଅନୁଷ୍ଠାନର ଚାର୍ଟର ସଦସ୍ୟ ଲାୟନ୍ ଡ. ଧନଞ୍ଜୟ ପଟ୍ଟନାୟକ,ବରିଷ୍ଠ ସଭ୍ୟ ଲାୟନ୍ ପପୁ ଜୈନ, ଲାୟନ୍ ବିଜୟ ଜୈନ, ଲାୟନ୍ ରବି ରେଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ନବ ନିର୍ବାଚିତ ସଭାପତି ଲାୟନ ଜଗନ୍ନାଥ ମହାପାତ୍ର ସମସ୍ତ ସଦସ୍ୟ ସଦସ୍ୟାଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ପ୍ରକାଶ ଥାଉକି ପ୍ରତିବର୍ଷ ଅନୁଷ୍ଠାନ ତରଫରୁ ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ଶିବିର, ଖାଦ୍ୟ ବଣ୍ଟନ, ଗରିବଙ୍କୁ ସାହାଯ୍ୟ ସହଯୋଗ କରାଯାଇଥାଏ।

# ଏପିଡିଙ୍କ ଚେରୁପାଲି ପଞ୍ଚାୟତ ଗସ୍ତ

ଡୁଙ୍ଗୁରିପାଲି ୯/୯(ନି ପ୍ର ) ଆଜି ଅପରାହ୍ଣ ଗୋଟିଏ ସମୟ ରେ ସୁବର୍ଣ୍ଣପୁର ଜିଲ୍ଲାପରିଷଦ ର ଏପିଡ଼ ଶ୍ରୀଯୁକ୍ତ କଳିଆ ମଲ୍ଲିକ ଚେରୁପାଲି ଗ୍ରାମ ପଂଚାୟତ କୁ ଅଚାନକ ଗସ୍ତ ରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ତଦାରକ କରିବା ସହିତ ଉନ୍ନୟନ ମୂଳକ କାର୍ଯ୍ୟକୁ ଦେଖୀ ସନ୍ତୋଷ ପ୍ରକାଶ କରିଥିଲେ।ତାଙ୍କର ଏହି ଗସ୍ତ ସମୟ ରେ ଚେରୁପାଲି କଲ୍ୟାଣ ମଣ୍ଡପ କୁଶମାଳ କଲ୍ୟାଣ ମଣ୍ଡପ ବଡ଼ନୁଆପାଲି ଗଣ୍ଡାପଡା ଠାରେ ନିର୍ମାଣ ଧୀନ କମ୍ୟୁନିଷ୍ଟ ସେଣ୍ଟର ଚେରୁପାଲି ବିଦ୍ୟାଳୟ ଠାରେ ନିର୍ମାଣ ଧୀନ ଅତିରିକ୍ତ କୋଠରୀ ଇତ୍ୟାଦି ବୁଲି ଦେଖିବା ସହିତ ସରପଞ୍ଚ ଶ୍ରୀଯୁକ୍ତ ଦିଲ୍ଲୀପ ଶତପଥି ଙ୍କର କାର୍ଯ୍ୟ କୁ ପ୍ରଶଂସା କରିଥିଲେ।ଅନ୍ୟ ମାନଙ୍କ ମଧ୍ୟ ରେ ଡୁଙ୍ଗୁରିପାଲି ବ୍ଲକ ର ସହଯକ ଯନ୍ତ୍ରୀ ସ୍ୱଧୀନ ଦାଶ, କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ଦୀପ ଭୂମିଜ ପ୍ରମୁଖ ଗସ୍ତ ରେ ସାମିଲ ଥିଲେ।



# ଡ. ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ

ନବରଙ୍ଗପୁର, ୯।୯(ନିପ୍ର) ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ରାଜନେତା, ସମାଜସେବୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଡଃ ସଦାଶିବ ତ୍ରିପାଠୀଙ୍କ ଶ୍ରାଦ୍ଧବାର୍ଷିକୀ ନବରଙ୍ଗପୁର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଯାଇଛି।କାର୍ଯ୍ୟକ୍ରମ ପୂର୍ବରୁ ସଦାଶିବ ପାର୍କସ୍ଥିତ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଉପସ୍ଥିତ ବ୍ୟକ୍ତିବିଶେଷ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ତାଙ୍କ ଅମର ସ୍ମୃତିଚାରଣ କରାଯିବା ସହ ଦେଶପ୍ରେମ, ତ୍ୟାଗ, ନିଷ୍ଠା ଓ ଜନସେବା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ମରଣ କରାଯାଇଥିଲା।




ମାରୁତି ସୁଜୁକିର ନିୟୁ ବାଲେନୋ ହଂସପାଳଠାରେ ଉନ୍ମୋଚିତ

# ସମସ୍ତ ରାଜ୍ୟ କ୍ରିକେଟ ସଂଘଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ

ନୂଆଦିଲ୍ଲୀ,୯।୯(ଏଜେନ୍ସି): ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ପଚାରି ବିସିସିଆଇଏବଂ ରାଜ୍ୟ କ୍ରିକେଟ ସଂଘଗୁଡ଼ିକ କାହିଁକି ଦେଶରେ କାର୍ଯ୍ୟକାରୀ ହୋଇଥିବା 'ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ଆଇନ, ୨୦୨୫' ପରିସରଭୁକ୍ତ ହେବେ ନାହିଁ ବୋଲି ସ୍ପଷ୍ଟୀକରଣ ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍ଚୀ ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ବିସିସିଆଇ ସମ୍ବନ୍ଧୀୟ ବିଭିନ୍ନ ଆବେଦନର ଶୁଣାଣି କରିବା ସମୟରେ ଏହି ନିର୍ଦ୍ଦେଶ ଦେଇଛନ୍ତି।

କ୍ରିକେଟ ବୋର୍ଡ ଏବଂ ରାଜ୍ୟ ସଂଘଗୁଡ଼ିକର କର୍ମକର୍ତ୍ତାଙ୍କ ସେବା ସର୍ତ୍ତାବଳୀ, କାର୍ଯ୍ୟକାଳ ଓ ଶାସନ ପ୍ରଣାଳୀ ଏହି ନୂତନ ଜାତୀୟ କ୍ରୀଡ଼ା ଆଇନ ଅଧୀନକୁ କାହିଁକି ଅଣାଯାଇପାରିବ ନାହିଁ, ସେ ସମ୍ପର୍କରେ ନିଜ ନିଜର ଓକିଲଙ୍କ ମାଧ୍ୟମରେ ସ୍ପଷ୍ଟ ମତାମତ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୪ ମସିହାରୁ ବିସିସିଆଇ ପ୍ରଶାସନ ଓ ସଂସ୍କାରକୁ ନେଇ ସୁପ୍ରିମକୋର୍ଟରେ ଆବେଦନଗୁଡ଼ିକର ଶୁଣାଣି ଚାଲିଛି। ପୂର୍ବରୁ କୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଆର.ଏମ. ଲୋଧା କମିଟିର ସୁପାରିଶକୁ ଗ୍ରହଣ କରି କ୍ରିକେଟ ବୋର୍ଡରେ ସଂସ୍କାର ଆଣିଥିଲେଛ ଏଥିସହ ୨୦୨୨ରେ ସଂଶୋଧିତ ସମ୍ବିଧାନ ଅନୁଯାୟୀ କର୍ମକର୍ତ୍ତାଙ୍କ 'କୁଲିଂ–ଅଫ୍ ପିରିୟଡ୍' ଓ କାର୍ଯ୍ୟକାଳ ନିୟମ ସ୍ଥିର କରାଯାଇଥିଲା।ତେବେ ବର୍ତ୍ତମାନ ନୂତନ ଜାତୀୟ କ୍ରୀଡ଼ା ଆଇନ ବଳବତ୍ତର ଥିବାରୁ, କ୍ରିକେଟ ସଂସ୍ଥାଗୁଡ଼ିକରେ ସ୍ୱଚ୍ଛତା, ନିରପେକ୍ଷ ନିର୍ବାଚନ ଓ ଆଇନଗତ ଶୃଙ୍ଖଳା ବଜାୟ ରଖିବା ପାଇଁ ଏହାକୁ ଏହି ଆଇନ ପରିସରକୁ ଆଣିବା ନେଇ ସୁପ୍ରିମକୋର୍ଟ ପୁନର୍ବାର ବିଚାର କରୁଛନ୍ତି।

## ଦୁଲିପ୍ ଟ୍ରଫି ଫାଇନାଲ: ବିଜୟ ଦ୍ୱାର ଦେଶରେ ଇଷ୍ଟଜୋନ

ଚେନ୍ନାଇ,୮।୯(ଏଜେନ୍ସି): ଏମ୍. ଏ. ଚିଦାମ୍ବରମ୍ ଷ୍ଟାଡିୟମ୍ରେ ଚାଲିଥିବା ଦୁଲିପ୍ ଟ୍ରଫି ଫାଇନାଲର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଇଷ୍ଟ ଜୋନ ଦ୍ୱିତୀୟ ଇନିଂସରେ ୫ ୱିକେଟ୍ ହରାଇ ୨୧୨ ରନ୍ ସଂଗ୍ରହ କରିଛି। ପ୍ରଥମ ଇନିଂସର ୩୭୨ ରନର ବିଶାଳ ଅଗ୍ରଣୀକୁ ମିଶାଇ ଦଳ ଏବେ ୫୮୪ ରନ୍ରେ ଆଗୁଆ ରହି ଟାଇଟଲ୍ ହାସଲ କରିବା ପ୍ରାୟ ନିଶ୍ଚିତ କରିସାରିଛି। ସାଉଥ୍ ଜୋନ ଗତକାଲିର ଅସମାପ୍ତ ଇନିଂସରୁ ସକାଳେ ଖେଳ ଆରମ୍ଭ କରିଥିଲା । ତିଳକ ବର୍ମା ଏବଂ ସି.ଭି. ମିଲିନ୍ଦ (୪୩) ବୃହତ୍ ଭାଗୀଦାରୀ କରି ଦଳକୁ ଆଗେଇ ନେଇଥିଲେ । ତେବେ ମିଲିନ୍ଦ ଆଉଟ୍ ହେବା ପରେ ଶେଷ ଆଡ଼କୁ ଅନ୍ୟ ବ୍ୟାଟରମାନେ ସହଯୋଗ ନ କରିବାରୁ ତିଳକ ମାତ୍ର ୧ ରନ୍ ପାଇଁ ନିଜର ଶତକରୁ ବଞ୍ଚିତ ହୋଇଥିଲେ । ସାଉଥ୍ ଜୋନ ପ୍ରଥମ ଇନିଂସରେ ୩୩୬ ରନରେ ଅଲଆଉଟ୍ ହୋଇଥିଲା।

## ଅନମୋଲଙ୍କ ୬ ଗୋଲ : ସେମିରେ ଭାରତ



ମୋକ୍ପୋ,୯।୯(ଏଜେନ୍ସି): ଓଡ଼ିଆ ପୁଅ ତଥା ଭାରତୀୟ ଯୁବ ଦଳର ଅଧିନାୟକ ଅନମୋଲ ଏକ୍କାଙ୍କ ୬ ଗୋଲ୍ ବଳରେ ବିଜେତା ଭାରତ ଏଠାରେ ଚାଲିଥିବା କନିଷ୍ଠ ଏସିଆ କପରେ ନିଜର ଶେଷ ପୁଲ୍–ଏ' ମ୍ୟାଚରେ ଚାଇନିଜ୍ ତାଇପେକୁ ୧୫–୦ ଗୋଲରେ ହରାଇଛି। ଫଳରେ ୫ ଦଳୀୟ ଏହି ପୁଲରେ ୫ ଥରର ବିଜେତା ଭାରତ ୪ ମ୍ୟାଚରୁ ୩ ବିଜୟ ଓ ଗୋଟିଏ ଅମୀମାଂସିତ ସହ ୧୦ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଛି ଏହି ପୁଲ୍ର ଅନ୍ୟଏକ ମ୍ୟାଚରେ ଦକ୍ଷିଣ କୋରିଆ ୩–୨ରେ ଜାପାନକୁ ହରାଇ ୯ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହି ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଛି।

ଚାଇନିଜ୍ ତାଇପେ ବିପକ୍ଷ ବୁଧବାର ମ୍ୟଚରେ ପ୍ରଥମ କ୍ୱାର୍ଟରରେ ଭାରତ ଲକ୍ଷ୍ୟହୀନ ହେବାରୁ ଗୋଲ୍ଶୂନ୍ୟରେ ଶେଷ ହୋଇଥିଲା। ଏହାପରେ ମିଳିଥିବା ୨ ମିନିଟ୍ ବିରତିରେ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜଙ୍କ ଗୁରୁମନ୍ତ୍ର ପାଇ ଭାରତୀୟ ଦଳ ଦ୍ୱିତୀୟ କ୍ୱାର୍ଟରରେ ୬ ଗୋଲ୍ ଦେବା ସହ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ୪୫ ମିନିଟରେ ନିଜ ନିୟନ୍ତ୍ରଣରେ ରଖିଥିଲା। ଅନମୋଲଙ୍କ ପେନାଲ୍ଟି କର୍ଣ୍ଣର ଯୋଗୁଁ ଭାରତ ଦ୍ୱିତୀୟ କ୍ୱାର୍ଟରକୁ ୬–୦ରେ ଶେଷ କରିଥିଲା। ତୃତୀୟ କ୍ୱାର୍ଟରରେ ଅନମୋଲ (୩୨, ୩୩, ୪୫ ମିନିଟ୍) ୩ଟି ପେନାଲ୍ଟି କର୍ଣ୍ଣର ଗୋଲ୍ ଏବଂ ଅଜିତ ଯାଦବ (୩୫ ମିନିଟ୍) ଗୋଟିଏ ଫିଲ୍ଡ ଗୋଲ୍ ଦେଇ ଦଳକୁ ୧୦–୦ରେ ଆଗରେ ରଖିଥିଲେ। ସେହିଭଳି ଶେଷ କ୍ୱାର୍ଟରରେ ମଧ ଭାରତ ୫ ଗୋଲ୍ ଲଦି ଥିଲା। ହରପାଲ (୪୮, ୫୩ ମିନିଟ୍) ଦୁଇଟି ଫିଲ୍ଡ ଗୋଲ୍ ଦେଇ ଯୁଗଳ ସଫଳତା ପାଇଥିଲା ବେଳେ ୫୧ତମ ମିନିଟରେ ଅନମୋଲ ଷଷ୍ଠ ପେନାଲ୍ଟି କର୍ଣ୍ଣର ଗୋଲ୍ ଦେଇଥିଲେ। ଆର୍ଯ୍ୟନ (୫୨, ୫୩ ମିନିଟ୍) ଆଉ ଦୁଇ ଫିଲ୍ଡ ଗୋଲ୍ ଦେଇ ହ୍ୟାଟ୍ରିକ୍ ସଫଳତା ପାଇଥିଲେ। ମନମିତ ସିଂହ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

## ନିଶିତ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ: ଅରିଶ ନନ୍ଦ ଚାମ୍ପିଅନ



ଭୁବନେଶ୍ୱର,୯।୯(ନି.ପ୍ର):ଓଡିଶା ଷ୍ଟେଟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ସେପ୍ଟେମ୍ବର ୬ ତାରିଖ ଦିନ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲ ଠାରେ ସପ୍ତମ ନିଶିତ ମହାନ୍ତି ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ ଚାମ୍ପିଅନଶିପ ଅନୁଷ୍ଠିତ ହୋଇ ଯାଇଛି। ଓମ୍ ଗୁରୁକୂଳ ପବ୍ଲିକ ସ୍କୁଲର ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀଧର ବେହେରା ଏହି ଚାମ୍ପିଅନଶିପକୁ ଉଦଘାଟନ କରିଥିବା ବେଳେ ଓମ୍ ଗୁରୁକୁଳ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ମନୋରଞ୍ଜନ ବିଶ୍ୱାଳ, ଓଡିଶା ଷ୍ଟେଟ ଚେସ୍ ଆସୋସିଏସନର ଡାଇରେକ୍ଟର ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର କନୋଜ ବେହେରା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ।

ପ୍ରତିଯୋଗିତାର ୪ ରାଉଣ୍ଡ ସମାପ୍ତ ପରେ ଫାଇନାଲ ର୍ୟାଙ୍କିଂରେ ୟୁନିଟ–୮ ଡିଏଭି ପବ୍ଲିକ ସ୍କୁଲର ଅରିଶ ନନ୍ଦ ଗୋସ୍ୱାମୀ ସର୍ବାଧିକ ୪ ପଏଣ୍ଟ ହାସଲ ସହିତ ଟିବି୧ ଓ ଟିବି୨ରେ ଅଗ୍ରଣୀ ହୋଇ ଚାମ୍ପିଅନ ହୋଇଥିବା ବେଳେ ସିଡିଏ ଡିଏଭି ପବ୍ଲିକ ସ୍କୁଲର ପ୍ରିୟଦର୍ଶନ ରାୟ ୪ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନ ପାଇଛନ୍ତି। ସେହିପରି ଭୁବନେଶ୍ୱର ବି.ଜେ.ଇ.ଏମ ସ୍କୁଲ–୧ର ସାଇ କ୍ରିଷ୍ଣା ସାମଲ ,କଟକ ଶିଖରପୁର ଗୁରୁନାନକ ପବ୍ଲିକ ସ୍କୁଲର ସତ୍ୟମ ସ୍ୱରୂପ ସାହୁ ଓ ଭୁବନେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟ ନଂ୧ର ଯଶଶ୍ରୀ ସ୍ୱାଇଁ ପ୍ରତ୍ୟେକ ୩.୦ ପଏଣ୍ଟ ଲେଖାଏଁ ପାଇ ଯଥାକ୍ରମେ ତୃତୀୟରୁ ପଞ୍ଚମ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଏଜ ଗ୍ରୁପର ୭ ବର୍ଷରୁ କମ ବର୍ଗରେ ରୋହନ ପରିମାଣିକ ପ୍ରଥମ, ୯ବର୍ଷରୁ କମ ବର୍ଗରେ ଆର୍ଯ୍ୟନ ଏନ୍ ପାଢ଼ୀ ପ୍ରଥମ ,ସମ୍ଭବ ସୂର୍ଯ୍ୟାଂଶ ଦ୍ୱିତୀୟ, ୧୧ ବର୍ଷରୁ କମ ବର୍ଗରେ ଆହାନ ଅଭିଜ୍ଞାନ ପ୍ରଥମ, ସତଭିକ୍ ମହାନ୍ତି ଦ୍ୱିତୀୟ, ୧୩ ବର୍ଷରୁ କମ ବର୍ଗରେ ମୋହିତ ଅଭିଶେକ ମହାନ୍ତି ପ୍ରଥମ ହୋଇଛନ୍ତି। ବାଳିକା ବିଭାଗରେ ଦୃଶିଥା ନାୟକ ପ୍ରଥମ ଓ ସନ୍ନଭି ପାତ୍ର ଦ୍ୱିତୀୟ ସ୍ଥାନ ପାଇଛନ୍ତି। ଏହା ସହିତ ଶୁଭମ କୁମାର ଷଡଙ୍ଗୀ,ଆଶୁତୋଷ ଅରୁଣ ଦାସ,ଅକ୍ଷତ ପଣ୍ଡା,ଆଦ୍ୟବୀର ସାହୁ,ଅଦଭିକ ମହାନ୍ତି, ସମୃଦ୍ଧ କୁମାର ଓ ଦୀପେନ୍ଦୁ ରଥଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରା ଯାଇଛି ।

# ବାଣିଜ୍ୟ ଖବର

# 'ଉତ୍କର୍ଷ' କାର୍ଯ୍ୟକ୍ରମରେ ୧୦ ଓପିଏସସି ପ୍ରାର୍ଥୀ ସମ୍ବର୍ଦ୍ଧିତ



ଅନୁଗୋଳ,୯।୯(ନି.ପ୍ର): ଜିନ୍ଦଲ ଫାଉଣ୍ଡେସନ୍ର ପ୍ରମୁଖ କୋଚିଂ କାର୍ଯ୍ୟକ୍ରମ 'ଉତ୍କର୍ଷ'ଜରିଆରେ ପ୍ରସ୍ତୁତି କରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପରୀକ୍ଷାରେ ସଫଳତା ହାସଲ କରିଥିବା ୧୦ ଜଣ ସଫଳ ପ୍ରାର୍ଥୀଙ୍କୁ ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଜିନ୍ଦଲ ଷ୍ଟିଲ୍, ଅନୁଗୋଳଠାରେ ଆୟୋଜିତ ହୋଇଥିବା ସମ୍ବର୍ଦ୍ଧନା ସମାରୋହରେ ଜିନ୍ଦଲ ଷ୍ଟିଲ୍ର ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ କୁମାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପି.କେ. ବିଜୁ ନାୟାର ଏବଂ ଜିନ୍ଦଲ ଫାଉଣ୍ଡେସନର ସିଏସଆର ଗୋଷ୍ଠୀ ମୁଖ୍ୟ ରିଷି ପଠାନିଆ ଉପସ୍ଥିତ ଥିଲେ।

ଏହି ଅବସରରେ ଓପିଏସସି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସଂଗ୍ରାମ ପ୍ରଧାନ (୫ମ ସ୍ଥାନ), ସୁଶ୍ରୀ ସୁମନ ଗୁପ୍ତା (୧୫ତମ ସ୍ଥାନ), ସୋମନାଥ ପତି (୧୭ତମ ସ୍ଥାନ), ସୌରଭ ମହାପାତ୍ର (୩୦ତମ ସ୍ଥାନ), ସୁଶ୍ରୀ ଶୁଭଲକ୍ଷ୍ମୀ ପାତ୍ର (୩୪ତମ ସ୍ଥାନ), ସୁଶ୍ରୀ ଶତରୂପା ମିତ୍ର (୪୯ତମ ସ୍ଥାନ), ସୁଶ୍ରୀ ଅକ୍ଷତା ସାହୁ (୭୧ତମ ସ୍ଥାନ), ରବୀନ୍ଦ୍ର ରାଉତ (୧୦୭ତମ ସ୍ଥାନ), ସୁଶ୍ରୀ ସୁଭାସ୍ମିତା ଜେନା (୧୧୧ତମ ସ୍ଥାନ) ଏବଂ ସଞ୍ଜୟ ପୁର୍ତ୍ତି (୧୪୧ତମ ସ୍ଥାନ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇ ରାଜୀବ କୁମାର ସେମାନଙ୍କ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପକୁ ପ୍ରଶଂସା କରିବା ସହ ନିଜ ସ୍ୱପ୍ନକୁ ସାକାର କରିଥିବାରୁ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପି.କେ. ବିଜୁ ନାୟାର ସଫଳ ପ୍ରାର୍ଥୀମାନଙ୍କୁ ଲୋକସେବାର ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ସମାଜରେ ଅର୍ଥପୂର୍ଣ୍ଣ ଅବଦାନ ଦେବାକୁ ଉତ୍ସାହିତ କରିଥିଲେ। 'ଉତ୍କର୍ଷ' କୋଚିଂ କାର୍ଯ୍ୟକ୍ରମ ଜରିଆରେ ଅର୍ଥନୈତିକ ଭାବେ ଅନଗ୍ରସର ପରିବାରର ସିଭିଲ୍ ସର୍ଭିସ୍ ଆଶାୟୀମାନଙ୍କୁ ମାଗଣା କୋଚିଂ ଏବଂ ଶୈକ୍ଷିକ ମାର୍ଗଦର୍ଶନ ପ୍ରଦାନ କରିଆସୁଛି। ପାଞ୍ଚ ବର୍ଷ ମଧ୍ୟରେ କାର୍ଯ୍ୟକ୍ରମ ଜରିଆରେ ୬୮ ଜଣ ପ୍ରାର୍ଥୀ ଓପିଏସସି ପରୀକ୍ଷାରେ ସଫଳତା ହାସଲ କରିଥିବାବେଳେ, ୧୨୦ରୁ ଅଧିକ ପ୍ରାର୍ଥୀ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ସରକାରୀ ପରୀକ୍ଷାରେ ଯୋଗ୍ୟତା ହାସଲ କରିଛନ୍ତି। ସଫଳ ପ୍ରାର୍ଥୀମାନେ ଜିନ୍ଦଲ ଫାଉଣ୍ଡେସନ୍ ପକ୍ଷରୁ ପ୍ରଦାନ କରାଯାଇଥିବା ମାର୍ଗଦର୍ଶନ ଏବଂ ଆଇଏଏସ୍ ଗୁରୁକୁଳର ପ୍ରତିଷ୍ଠାତା ଓ ଅଧକ୍ଷ ସୂରଜ କୁମାର ମିଶ୍ରଙ୍କ ଦ୍ୱାରା ଆୟୋଜିତ ମୌଖିକ ପରୀକ୍ଷା ସମେତ ବିଭିନ୍ନ ସହାୟତା ପାଇଁ କୃତଜ୍ଞତା ଜଣାଇଥିଲେ।

### ଇଣ୍ଡୋନେସିଆ ଅନ୍ତର୍ଜାତୀୟ ପୁସ୍ତକମେଳା

## 'ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍'କୁ ଫେଲାସିପ୍




ଭୁବନେଶ୍ୱର,୯।୯(ନି.ପ୍ର): ଚଳିତ ମାସ ୩୦ ତାରିଖରୁ ୪୬ତମ ଅନ୍ତର୍ଜାତୀୟ ଇଣ୍ଡୋନେସିଆ ପୁସ୍ତକମେଳା ଆୟୋଜିତ ହେଉଥିବାବେଳେ ଏଥିରେ ଯୋଗଦେବେ ଓଡ଼ିଶାର ଅଗ୍ରଣୀ ପ୍ରକାଶନ ସଂସ୍ଥା 'ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍'। ମେଳା ପରିସରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୨ ତାରିଖ ଯାଏଁ ହେବାକୁ ଥିବା ସମାବେଶରେ ବିଶ୍ୱର ବିଭିନ୍ନ କୋଣରୁ ଶତାଧିକ ପ୍ରକାଶନ ସଂସ୍ଥା ଯୋଗଦେଉଥିବାବେଳେ ୨୮ଟି ସଂସ୍ଥାକୁ ସ୍ୱତନ୍ତ୍ର ଫେଲୋସିପ୍ ପ୍ରଦାନ କରିଛନ୍ତି ମେଳା କର୍ତ୍ତୃପକ୍ଷ।

ଇଣ୍ଡୋନେସିଆ ପ୍ରକାଶକ ସଂଘ ଓ ଇଣ୍ଡୋନେସିଆ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ମିଳିତ ସହଯୋଗରେ ଆୟୋଜିତ ଏହି ମେଳାରେ ଭାରତରୁ ଏକମାତ୍ର ସଂସ୍ଥା ଭାବେ ଓଡ଼ିଆ ମିଡିଆ ଫେଲୋସିପ୍ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। 'ପେନ୍ ଇନ୍ ବୁକ୍ସ' ମାଧ୍ୟମରେ ଓଡ଼ିଆ ପ୍ରକାଶନ ଜଗତରେ ବୈପ୍ଲବିକ ବିକାଶ ଆଣିଥିବା ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଶାର ସାହିତ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଉଦ୍ୟମ ଜାରି ରଖିଛି ବୋଲି ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ତଥା ଜଣାଶୁଣା କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା କହିଛନ୍ତି। ଓଡ଼ିଆ ସାହିତ୍ୟକୁ ବିଶ୍ୱର ଅନ୍ୟ ଭାଷାରେ ଅନୂଦିତ ଓ ପ୍ରକାଶିତ କରିବା ସହ ବିଶ୍ୱ ସାହିତ୍ୟକୁ ଓଡ଼ିଆ ପାଠକଙ୍କ ପାଖରେ ପହଞ୍ଚାଇବା ଲାଗି ଇଣ୍ଡୋନେସିଆ ଅନ୍ତର୍ଜାତୀୟ ପୁସ୍ତକ ମେଳା ସହାୟକ ହେବ ବୋଲି ଶ୍ରୀ ପଣ୍ଡା ଆଶାବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ବିଶ୍ୱର ଅନ୍ୟୂନ ୩ଟି ଅନ୍ତର୍ଜାତୀୟ ମେଳାରେ ଓଡ଼ିଆ ମିଡିଆ ପ୍ରାଇଭେଟ୍ ଲିମିଟେଡ୍ ଓଡ଼ିଆ ପୁସ୍ତକ ପ୍ରଦର୍ଶନ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ସୋଆ କୃଷି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଗ୍ରାଜୁଏସନ୍ କାର୍ଯ୍ୟକ୍ରମ




ଭୁବନେଶ୍ୱର,୯।୯(ନି.ପ୍ର): ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍ଚରାଲ ସାଇନ୍ସେସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲଚରାଲ୍ ସାଇନ୍ସେସ୍ (ଆଇଏଏସ୍)ରୁ ଶିକ୍ଷା ସମାପ୍ତ କରିଥିବା ୨୦୨୬ ବ୍ୟାଚ୍ର ଛାତ୍ରଛାତ୍ରୀଙ୍କ ଗ୍ରାଜୁଏସନ ସେରିମନି ବୁଧବାର ଆୟୋଜିତ ହୋଇଯାଇଛି। ଆଇଏଏସ୍ର ୨୦୨୨–୨୦୨୬ ବ୍ୟାଚର ବିଏସ୍ସି ଏଗ୍ରିକଲ୍ଚର (ଅନର୍ସ) ଓ ୨୦୨୪–୨୦୨୬ ବ୍ୟାଚ୍ର ଏମ୍.ଏସ୍ସି ଏଗ୍ରିକଲଚର, ଏମ୍.ଏସ୍ସି (ହର୍ଟିକଲ୍ଚର) ଏବଂ ୧୨ଟି ସ୍ପେଶାଲିଷ୍ଟ ବିଭାଗର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ସ୍ୱତନ୍ତ୍ର ଗ୍ରାଜୁଏସନ୍ କାର୍ଯ୍ୟକ୍ରମର ଆୟୋଜନ କରାଯିବା ସହ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିବା ସହ ଶପଥ ପାଠ କରାଇଥିଲେ। ଏହି ଅବସରରେ କୁଳପତି ପ୍ରଫେସର ନନ୍ଦ କହିଥିଲେ ଯେ ଏହି ଡିଗ୍ରୀ କେବଳ ଏକ କାଗଜ ଖଣ୍ଡ ନୁହେଁ, ଏହା ପରିଶ୍ରମ, ଧୈର୍ଯ୍ୟ, ସମୟାନୁବର୍ତ୍ତୀତା, ଶୃଙ୍ଖଳା, ସଂଘର୍ଷ ଓ ପ୍ରତିବଦ୍ଧତାର ପ୍ରତୀକ। ଦେଶର ଶ୍ରେଷ୍ଠ ୧୫ ତମ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରିଥିବା ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ମାନକୁ ଉଚ୍ଚକୁ ନେବା ପାଇଁ ଆହ୍ୱାନ ଦେଇ ପ୍ରଫେସର ନନ୍ଦ କହିଥିଲେ, ତୁମ୍ଭେମାନେ ସୋଆର ବ୍ରାଣ୍ଡ ଆମ୍ବାସଡର। ତୁମମାନଙ୍କର ଆଚରଣ, ସତ୍ୟତା ଏବଂ ସଚ୍ଚୋଟତା ହିଁ ବିଶ୍ୱବିଦ୍ୟାଳୟର ସମ୍ମାନ ବୃଦ୍ଧି କରିଥାଏ ବୋଲି କୁଳପତି କହିଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପକୁଳପତି ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ପ୍ରଫେସର ଅନୁପ କୁମାର ସାମନ୍ତରାୟ, କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମୁକ୍ତା ଦାସ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ, ଏକାଡେମିକ କାଉନ୍ସିଲ୍ର ସଦସ୍ୟ, ବିଭିନ୍ନ ବିଭାଗୀୟ ମୁଖ୍ୟ ଓ ଫ୍ୟାକଲ୍ଟିମାନେ ଉପସ୍ଥିତ ଥିଲେ। ଶରୀରତତ୍ତ୍ୱ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା ବୈଠକ




ଭୁବନେଶ୍ୱର,୯।୯(ନି.ପ୍ର): ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗ ୮ ସେପ୍ଟେମ୍ବରରେ ଭୁବନେଶ୍ୱରରେ ତ୍ରିପାକ୍ଷିକ ସୁରକ୍ଷା ସମୀକ୍ଷା ବୈଠକ ୨୦୨୬ ଆୟୋଜନ କରିଛି ।ଖଣି ସୁରକ୍ଷା ମହାନିର୍ଦ୍ଦେଶାଳୟର ବରିଷ୍ଠ ପରିଚାଳନା ଅଧିକାରୀ, କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ କାର୍ଯ୍ୟକ୍ଷେତ୍ର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସୁରକ୍ଷା ଅଭ୍ୟାସ, ପ୍ରଯୁକ୍ତିବିଦ୍ୟା ଉଦ୍ଭାବନ ଏବଂ ରଣନୀତି ସମୀକ୍ଷା କରିବା ପାଇଁ ଉପସ୍ଥିତ ଥିଲେ।ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।ଏହା ପରେ ଏକ ନିରାପଦ କର୍ମକ୍ଷେତ୍ର ସୃଷ୍ଟି କରିବା ପ୍ରତି ସାମୂହିକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ଏକ ନିରାପଦ ସଂକ୍ଷିପ୍ତ ବିବରଣୀ, ଜାତୀୟ ଗୀତ, ଡିଜିଏମ ସଙ୍ଗୀତ ଏବଂ ସୁରକ୍ଷା ଶପଥ କରାଯାଇଥିଲା।

ଏହି ଅବସରରେ ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍, ଖଣି ବିଭାଗର ସିଓଓ ସୌଭିକ୍ ମଜୁମଦାର ଖଣି କ୍ଷେତ୍ରରେ ମହିଳାମାନଙ୍କ ଅଂଶଗ୍ରହଣ ବୃଦ୍ଧି ନେଇ କମ୍ପାନୀର ଧ୍ୟାନ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଆମେ ଏବେ ୯% ରେ ଅଛୁ ଏବଂ ଏହାକୁ ୩୦% କୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛୁ। ଜେଏସ୍ଡବ୍ଲ୍ୟୁ ସୁରକ୍ଷାକୁ ପଦାନୁକ୍ରମ ଉପରେ ରଖେ ଏବଂ ଉଲ୍ଲେଖ କଲେ ଯେ ଗତ ପାଞ୍ଚ ବର୍ଷ ମଧ୍ୟରେ ବିଭାଗ କୌଣସି ମାରାତ୍ମକ କିମ୍ବା ବଡ଼ ଦୁର୍ଘଟଣା ରେକର୍ଡ କରିନାହିଁ।

ସମାବେଶକୁ ସ୍ୱାଗତ କରି, ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ବ୍ୟବସାୟ ମୁଖ୍ୟ ପ୍ରସନ୍ନ ପଣ୍ଡା, ସୁରକ୍ଷା ଉତ୍କର୍ଷତା ଏବଂ କର୍ମଚାରୀ କଲ୍ୟାଣ ଉପରେ ବିଭାଗର ନିରନ୍ତର ଧ୍ୟାନ ଉପରେ ଆଲୋକପାତ କରି କହିଥିଲେ ଯେ ବିଭାଗ ଶୂନ୍ୟ ମୃତ୍ୟୁ ବଜାୟ ରଖିଛି, ଯାହା ଏହାର ସୁରକ୍ଷା ବ୍ୟବସ୍ଥାର ପ୍ରଭାବଶାଳୀତା ଏବଂ ନିରନ୍ତର ଉନ୍ନତିର ସଂସ୍କୃତିକୁ ପ୍ରତିଫଳିତ କରେ। ରାମ ଶଙ୍କର ଶର୍ମା, ମୁଖ୍ୟ – ଅପରେସନ୍ସ ଏବଂ ପ୍ରୋଜେକ୍ଟ, ଖଣି କାର୍ଯ୍ୟ ଏବଂ ସୁରକ୍ଷା ଅଭ୍ୟାସର ପ୍ରମୁଖ ମୁଖ୍ୟ ବିଷୟବସ୍ତୁ ଉପସ୍ଥାପନ କରିବା ସହ ଖଣି କ୍ଷେତ୍ରରେ ଆଲୋକୀକରଣ ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଜେଏସ୍ଡବ୍ଲ୍ୟୁ ଓଡ଼ିଶା ଖଣି ବିଭାଗ ଦ୍ୱାରା ବିକଶିତ ଏକ ଡିଜିଟାଲ୍ ସମାଧାନ ଡବ୍ଲ୍ୟୁଆଇଏସଇ (ୱେବ୍ –ସକ୍ଷମ ଆଲୋକୀକରଣ ସର୍ଭେ ଇକ୍ୟୁପମେଣ୍ଟ) ପ୍ରଚଳନ କରିଥିଲେ। ଜେଏସ୍ଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଖଣି ବିଭାଗର ସ୍ଥିର ଶୂନ୍ୟ–ଦୁର୍ଘଟଣା ରେକର୍ଡକୁ ପ୍ରଶଂସା କରି, ଉପ–ମହାନିର୍ଦ୍ଦେଶକ ,ଡିଜିଏମ, ଶ୍ୟାମ ସୁନ୍ଦର ପ୍ରସାଦ, ଜରୁରୀକାଳୀନ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ କର୍ମଚାରୀମାନଙ୍କୁ ନିୟମିତ ସିପିଆର ତାଲିମ ଏବଂ ପୁନଃପ୍ରଶିକ୍ଷଣର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ଖଣି କାର୍ଯ୍ୟରେ ମହିଳାମାନଙ୍କର ଅଧିକ ଅଂଶଗ୍ରହଣ ପାଇଁ ମଧ ଆହ୍ୱାନ କରିଥିଲେ।

## ଗ୍ରାହକ ସମ୍ମିଳନୀ ଏବଂ ସତର୍କତା ସଚେତନତା ସପ୍ତାହ କାର୍ଯ୍ୟକ୍ରମ



କେନ୍ଦୁଝର,୯।୯(ନି.ପ୍ର): ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ଗ୍ରାହକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଂଶବିଶେଷ ଗ୍ରାହକ ଓ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସତ୍ୟତାର ଶପଥପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଖଣ୍ଡତା ଓ ନୈତିକ ବ୍ୟାଙ୍କିଙ୍ଗ୍ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୨୫ରୁ ଊର୍ଦ୍ଧ୍ୱ ଗ୍ରାହକ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାହକମାନଙ୍କୁ ଏଏମ୍ଏଲ୍ ପଦକ୍ଷେପ, ଡିଜିଟାଲ ଆରେଷ୍ଟ ଠକେଇ ଏବଂ ମ୍ୟୁଲ ଆକାଉଣ୍ଟ ସମ୍ପର୍କରେ ସଚେତନ କରାଯିବା ସହିତ ଆର୍ଥିକ ଠକେଇରୁ ସୁରକ୍ଷିତ ରହିବା ପାଇଁ ଅବଲମ୍ବନ କରିବାକୁ ଥିବା ସତର୍କତା ମୂଳକ ପଦକ୍ଷେପ ସମ୍ପର୍କରେ ଅବଗତ କରାଯାଇଥିଲା। ଆଞ୍ଚଳିକ ପ୍ରବନ୍ଧକ ଅମିତ କୁମାର ପାଲ ଏବଂ ଉପ–ଆଞ୍ଚଳିକ ପ୍ରବନ୍ଧକ ସିଦ୍ଧାର୍ଥ ବେହେରା ନିଜର ମୂଲ୍ୟବାନ ମତାମତ ପ୍ରଦାନ କରିବା ସହ ଗ୍ରାହକମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ଗ୍ରାହକ ସେବା ଏବଂ ବ୍ୟାଙ୍କିଙ୍ଗ୍ ସେବା ସମ୍ପର୍କରେ ଗ୍ରାହକମାନଙ୍କ ମତାମତ ମଧ ଗ୍ରହଣ କରିଥିଲେ।

### ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍ ପକ୍ଷରୁ ଗ୍ଲୋବାଲ୍ ୟୁନିଭର୍ସିଟି କ୍ୟାରିୟର ଫେୟାର ୨୦୨୬

## ୮୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ଯୋଗଦାନ



ଭୁବନେଶ୍ୱର,୯।୯(ନି.ପ୍ର): ଓଡିଏମ୍ ଏଜୁକେସନାଲ୍ ଗ୍ରୁପ୍ ପକ୍ଷରୁ ପୂର୍ବ ଭାରତର ସର୍ବବୃହତ୍ ଗ୍ଲୋବାଲ୍ ୟୁନିଭର୍ସିଟି କ୍ୟାରିୟର ଫେୟାର ୨୦୨୬ ଆୟୋଜିତ ହୋଇଯାଇଛି। ଏହି ବୃହତ୍ ଶିକ୍ଷା ଓ କ୍ୟାରିୟର ମେଳାରେ ଭାରତ ସମେତ ବିଭିନ୍ନ ଦେଶର ୮୦ରୁ ଅଧିକ ପ୍ରମୁଖ ବିଶ୍ୱବିଦ୍ୟାଳୟର ପ୍ରତିନିଧ, ଛାତ୍ରଛାତ୍ରୀ ଏବଂ ଶିକ୍ଷାବିତ ଯୋଗଦେଇଛନ୍ତି। ଆମେରିକା, ବ୍ରିଟେନ୍, ଫ୍ରାନ୍ସ, କାନାଡା, ସିଙ୍ଗାପୁର, ଚୀନ୍ ଓ ସ୍ୱିଜରଲ୍ୟାଣ୍ଡ ସମେତ ବିଭିନ୍ନ ଦେଶର ଖ୍ୟାତନାମା ଉଚ୍ଚଶିକ୍ଷାନୁଷ୍ଠାନ ଏହି କ୍ୟାରିୟର ଫେୟାରରେ ସାମିଲ ହୋଇଛନ୍ତି। ଭାରତର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମଧ୍ୟରେ ଅହମଦାବାଦ ୟୁନିଭର୍ସିଟି, ଶିବ ନାଦାର ୟୁନିଭର୍ସିଟି, ବିଟ୍ସ, ଅଶୋକା ୟୁନିଭର୍ସିଟି, ଓପିଜିନ୍ଦଲ୍ ଗ୍ଲୋବାଲ୍ ୟୁନିଭର୍ସିଟି ଆଦି ସମେତ ଆମେରିକାର କ୍ଲର୍କସନ୍ ୟୁନିଭର୍ସିଟି, ଟରଣ୍ଟୋ ୟୁନିଭର୍ସିଟି, ୟୁନିଭର୍ସିଟି ଅଫ୍ ହଂକଂ, ଲଭରପୁଲ ୟୁନିଭର୍ସିଟି, ଇଲିଓନୋଇସ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି ଆଦିର ପ୍ରତିନିଧିମାନେ ସାମିଲ ହୋଇଛନ୍ତି।

ଗ୍ଲୋବାଲ୍ ୟୁନିଭର୍ସିଟି କ୍ୟାରିୟର ଫେୟାର ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କ ସହ ସିଧାସଳଖ ଆଲୋଚନା କରି ସ୍ନାତକ ପାଠ୍ୟକ୍ରମ ଓ ଉଚ୍ଚଶିକ୍ଷାର ସୁଯୋଗ ବିଷୟରେ ଜାଣିବା, ନୂତନ ଶିକ୍ଷାଗତ ପଥ ଅନୁସନ୍ଧାନ କରିବା ଏବଂ ନିଜ କ୍ୟାରିୟର ସମ୍ପର୍କରେ ସଚେତନ ନିଷ୍ପତ୍ତି ନେବାର ସୁଯୋଗ ପ୍ରଦାନ କରିଛି। ଭୁବନେଶ୍ୱର, ଅନୁଗୁଳ, ଦୁର୍ଗାପୁର, ରାଞ୍ଚି, ଗୁରୁଗ୍ରାମ, ମହେନ୍ଦ୍ରଗଡ଼ ଓ କୋଟପୁତଲିସ୍ଥିତ ଓଡିଏମ୍ କ୍ୟାମ୍ପସଗୁଡ଼ିକରେ କ୍ୟାରିୟର କାଉନସେଲରମାନେ ଛାତ୍ରଛାତ୍ରୀଙ୍କ ରୁଚି, ଦକ୍ଷତା, ଆକାଂକ୍ଷା ଓ ଶିକ୍ଷାଗତ ଲକ୍ଷ୍ୟ ଆଧାରରେ ବ୍ୟକ୍ତିଗତ ମାର୍ଗଦର୍ଶନ ପ୍ରଦାନ କରୁଛନ୍ତି। ଓଡିଏମ୍ ଏଜୁକେସନାଲ୍ ଗ୍ରୁପର ଅଧକ୍ଷ ଡ. ସତ୍ୟବ୍ରତ ମୀନକେତନ କହିଛନ୍ତି, ଗ୍ଲୋବାଲ୍ ୟୁନିଭର୍ସିଟି କ୍ୟାରିୟର ଫେୟାର ଛାତ୍ରଛାତ୍ରୀଙ୍କ ସଫଳତା, ବିଶ୍ୱସ୍ତରୀୟ ଅନୁଭୂତି ଓ ସଠିକ୍ କ୍ୟାରିୟର ନିଷ୍ପତ୍ତି ପ୍ରତି ଆମର ପ୍ରତିବଦ୍ଧତାର ଏକ ଉତ୍କୃଷ୍ଟ ଉଦାହରଣ। ଛାତ୍ରଛାତ୍ରୀମାନେ ଯେପରି ନିଜ ଶିକ୍ଷାଗତ ଓ ବୃତ୍ତିଗତ ଭବିଷ୍ୟତ ଗଢ଼ିବା ପାଇଁ ସଚେତନ ନିଷ୍ପତ୍ତି ନେଇପାରିବେ, ସେଥିପାଇଁ ଆବଶ୍ୟକ ଜ୍ଞାନ, ଦକ୍ଷତା, ଅନୁଭୂତି ଓ ସମ୍ବଳ ପ୍ରଦାନ କରିବା ଆମର ଲକ୍ଷ୍ୟ।

## ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରାଙ୍କ କିଟ୍ ଓ କିସ୍ ପରିଦର୍ଶନ



ଭୁବନେଶ୍ୱର,୯।୯(ନି.ପ୍ର): ବିଶିଷ୍ଟ ଆଧ୍ୟାତ୍ମିକ ଗୁରୁ ସାଧ୍ୱୀ ରିତମ୍ଭରା ମଙ୍ଗଳବାର କିଟ୍ ଓ କିସ୍ ପରିଦର୍ଶନ କରି ଫେରିଯାଇଛନ୍ତି। ସେ କିଟ୍ର ସମସ୍ତ କ୍ୟାମ୍ପସ ବୁଲିବା ସହ ଓ କିସ୍ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ। କିସ୍ ପରିଦର୍ଶନ କରି ସେ ଆଶ୍ଚର୍ଯ୍ୟ ହେବା ସହ ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ କିସ୍ ଛାତ୍ରୀଙ୍କୁ ଆର୍ଶୀବଚନ ପ୍ରଦାନ କରି ସେ କହିଲେ ସେ ଶିକ୍ଷା କ୍ଷେତ୍ରରେ ବହୁଦିନ ଧରି କାର୍ଯ୍ୟ କରିଆସୁଛନ୍ତି। ଶିକ୍ଷାବିତ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ କିସ୍ ଦେଶର ବହୁତ ବଡ଼ ଅନୁଷ୍ଠାନ। ସେ କହିଲେ, ମୁଁ ଏଠାକୁ ଆସି ଏତେ ଆନନ୍ଦିତ ଯେ ଏହାକୁ ପରିପ୍ରକାଶ କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ। କିସ୍ ହେଉଛି ସମସ୍ତ ତୀର୍ଥର ତୀର୍ଥତ୍ୱ ଓ ସବୁ ଦେବଙ୍କ ଦେବତ୍ୱ। କିଟ୍ ଓ କିସର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ କାର୍ଯ୍ୟଧାରାର ପ୍ରଶଂସା କରି ସେ କହିଲେ, ଜଣେ ବ୍ୟକ୍ତିଙ୍କ ନିଷ୍ଠା ଓ ତପସ୍ୟାର ପ୍ରତିଫଳନ ହେଉଛି କିସ୍। ତପସ୍ୟା କ'ଣ, ପରିଶ୍ରମ କ'ଣ, ନିଷ୍ଠା କ'ଣ ତାହା ଆଜି ମୁଁ ଏଠି ଦେଖିବାକୁ ପାଇଲି। କିସ୍ରେ ପିଲାମାନଙ୍କ ଶୃଙ୍ଖଳା ଓ ସଂସ୍କାର ଦେଖି ମୁଁ ଅନୁଭବ କରୁଛି ଏହା ହିଁ ହେଉଛି ପ୍ରକୃତ ଭାରତ। ସେ କହିଲେ, କିସ୍ରେ ଛାତ୍ରଛାତ୍ରୀମାନେ ଗର୍ବ ଅନୁଭବ କରିବା ଉଚିତ। କାରଣ ସେମାନେ ଏଠାରେ ଅଚ୍ୟୁତ ସାମନ୍ତଙ୍କ ତତ୍ତ୍ୱାବଧାନରେ ରହି ଶିକ୍ଷାଲାଭ କରୁଛନ୍ତି। ଅନ୍ୟକୁ ପରାମର୍ଶ ଅପେକ୍ଷା ସାହାଯ୍ୟର ହାତ ବାଢ଼ିବା ଉଚିତ ବୋଲି ସେ କହିଥିଲେ। ଏଠାରେ ପିଲାମାନଙ୍କୁ କେବଳ ସ୍ୱାଭିମାନୀ ହେବାକୁ ଶିକ୍ଷା ଦିଆଯାଉନାହିଁ, ତା ସହିତ ସ୍ୱାବଲମ୍ବୀ ହେବାକୁ ମଧ ଶିକ୍ଷା ଦିଆଯାଉଛି।

# ଏଆଇ ଶେଷ କରିଦେବେ ମାନବ ସଭ୍ୟତା!

## ଆନ୍ଥ୍ରୋପିକ୍ ଗବେଷକଙ୍କ ଚେତାବନୀ ବଢାଇଲା ଚିନ୍ତା



**ନୂଆଦିଲ୍ଲୀ, ୯।୯(ଏଜେନ୍ସି):** ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସକୁ ପରିବର୍ତ୍ତିତ ଦୁନିଆର ଶକ୍ତି ରୂପେ ଦେଖାଯାଉଛି । କିନ୍ତୁ ଏବେ ଏହି ପ୍ରଯୁକ୍ତିକୁ ନେଇ ଏକ ଆଶ୍ଚର୍ଯ୍ୟଜନକ ଦାବି ସାମନାକୁ ଆସିଛି । ଏଆଇ କମ୍ପାନି ଆନ୍ଥ୍ରୋପିକ୍ସର ଜଣେ ବରିଷ୍ଠ ଗବେଷକଙ୍କ କହିବା କଥା, ଆଗାମୀ ୧୦ ବର୍ଷରେ ଏଆଇ କାରଣରୁ ମାନବଜାତିର ସଂପୂର୍ଣ୍ଣ ବିନାଶ ହେବାର ସମ୍ଭାବନା ୧୦ ପ୍ରତିଶତରୁ ଅଧିକ ହୋଇପାରେ ।


ଆନ୍ଥ୍ରୋପିକ୍ର ଆଲାଇନମେଣ୍ଟ ସାଇନ୍ସ ଲିଡ୍ ଇଭାନ୍ ହୁବିଞ୍ଜର ଏକ୍ସରେ କହିଛନ୍ତି, ଆମେ ବିଶ୍ୱାସ କରୁଛୁ ଯେ ଏଆଇ ସମସ୍ତ ମଣିଷଙ୍କୁ ନଷ୍ଟ କରିପାରେ ! ମୁଁ ବ୍ୟକ୍ତିଗତ ଭାବରେ ଭାବୁଛି ଯେ ଆଗାମୀ ଦଶନ୍ଧିରେ ଏହା ଘଟିବାର ସମ୍ଭାବନା ୧୦%ରୁ ଅଧିକ । ମୁଁ ବିଶ୍ୱାସ କରେ ଆନ୍ଥ୍ରୋପିକ୍ ନିଜର ସର୍ବୋତ୍ତମ ଚେଷ୍ଟା କରୁଛି, କିନ୍ତୁ ସୁପରଇଣ୍ଟେଲିଜେନ୍ସ ପାଇଁ ଆଲାଇନମେଣ୍ଟ ସମସ୍ୟାର ସମାଧାନ ପାଇଁ ଆମର ଏପର୍ଯ୍ୟନ୍ତ କୌଣସି ଯୋଜନା ନାହିଁ, ଏବଂ ଆମେ ଟ୍ରାକରେ ମଧ୍ୟ ନାହୁଁ ।

ଓପନଏଆଇରେ କାମ କରିବା ପରେ ଆନ୍ଥ୍ରୋପିକରୁ ଇସ୍ତଫା ଦେଇଥିବା ଏଆଇ ଗବେଷକ ଜ୍ୟାକବ କକ୍ସନଙ୍କ ଚେତାବନୀର ଜବାବରେ ତାଙ୍କର ମନ୍ତବ୍ୟ ଆସିଛି । ତେବେ, ହୁବିଞ୍ଜରର ପରବର୍ତ୍ତୀ ପୋଷ୍ଟରେ ତାଙ୍କର ପୂର୍ବ ଚେତାବନୀକୁ ହାଲୁକା ଭାବରେ ଗ୍ରହଣ କରି କହିଛନ୍ତି ଯେ ବର୍ତ୍ତମାନ ଉପଲବ୍ଧ ଏଆଇ ମଡେଲଗୁଡ଼ିକରୁ କମ ବିପଦ । ଏହି ମନ୍ତବ୍ୟଗୁଡ଼ିକ ବିଶ୍ୱର ସବୁଠାରୁ ସକ୍ଷମ ଏଆଇ ସିଷ୍ଟମ ନିର୍ମାଣ କରୁଥିବା କମ୍ପାନିଗୁଡ଼ିକର ଗବେଷକମାନେ ଦେଉଛନ୍ତି, ଯାହା ଚିନ୍ତାକୁ ଆହୁରି ଅଧିକ କରୁଛି ।

ଆନ୍ଥ୍ରୋପିକର ଆଲାଇନମେଣ୍ଟ ସାଇନ୍ସ ଦଳ ଭବିଷ୍ୟତର ଏଆଇ ସିଷ୍ଟମଗୁଡ଼ିକ କିପରି ଅପ୍ରତ୍ୟାଶିତ କିମ୍ବା କ୍ଷତିକାରକ ଉପାୟରେ କାର୍ଯ୍ୟ କରିପାରନ୍ତି ଏବଂ ସେମାନଙ୍କର ସୁରକ୍ଷା ପଦକ୍ଷେପଗୁଡ଼ିକ ଉପରେ ଅଧ୍ୟୟନ କରେ। ଏହାର ପରୀକ୍ଷଣ ପୂର୍ବରୁ ଏପରି ମଡେଲଗୁଡ଼ିକୁ ପାଇଛି ଯାହା ବ୍ଲାକମେଲ୍ ଭଳି ଆଚରଣରେ ନିୟୋଜିତ ହୋଇଥାଏ। କକ୍ସନଙ୍କ ଅନୁସାରେ, ଆନ୍ଥ୍ରୋପିକର ଗବେଷକମାନେ ସଭ୍ୟତା ପ୍ରତି ସମ୍ଭାବ୍ୟ ବିପଦଗୁଡ଼ିକୁ ବୁଝନ୍ତି, କିନ୍ତୁ ସେମାନେ ପରସ୍ପରକୁ ପଛରେ ପକାଇବା ପାଇଁ ଦୌଡ଼ରେ ଫସିଯାଇଛନ୍ତି । ସେ ଏଆଇ କମ୍ପାନିଗୁଡ଼ିକ ମଧ୍ୟରେ ଉତ୍ତମ ସମନ୍ୱୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । କହିଥିଲେ ଯେ ଯଦି ଆବଶ୍ୟକୀୟ ସୁରକ୍ଷା ପଦକ୍ଷେପ ତାଳ ଦେଇ ନପାରେ, ତେବେ ମଡେଲ କ୍ଷମତାର ଆହୁରି ବୃଦ୍ଧି କିଛି ସମୟ ପାଇଁ ବନ୍ଦ କରାଯାଇପାରେ ।

## ପିଲାଙ୍କୁ ସୁନା ମୁଦି ଯୋଜନା ସ୍ଥଗିତ

**ଚେନ୍ନାଇ, ୯।୯(ଏଜେନ୍ସି):** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ ବିଜୟଙ୍କ ସୁନା ମୁଦି ଯୋଜନା ଅସ୍ଥାୟୀ ଭାବେ ସ୍ଥଗିତ ରହିଛି। ସେପ୍ଟେମ୍ବର ୧୫ରେ ଆରମ୍ଭ ହେବାକୁ ଥିଲା।



ମୁଖ୍ୟମନ୍ତ୍ରୀ ତାଙ୍କର ପ୍ରଥମ ସରକାରୀ ବିଦେଶ ଗସ୍ତ ପାଇଁ ଲଣ୍ଡନ ଯିବାକୁ ପ୍ରସ୍ତୁତ ହେଉଥିବାରୁ ଏହାକୁ ସ୍ଥଗିତ କରାଯାଇଛି। ବିଜୟ ଏହି ଗସ୍ତ ସମୟରେ ୟୁରୋପୀୟ ଶିଳ୍ପପତିମାନଙ୍କୁ ଭେଟି ତାମିଲନାଡୁକୁ ଏକ ନିବେଶ ଗନ୍ତବ୍ୟସ୍ଥଳ ଭାବରେ ଉପସ୍ଥାପନ କରିବେ। ବିଜୟ ବୁଧବାର ରାତିରେ ଲଣ୍ଡନ ଅଭିମୁଖେ ବାହାରିବେ ଏବଂ କିଛି ଦିନ ପାଇଁ ୟୁକେ ରାଜଧାନୀରେ ରହିବେ ବୋଲି ଆଶା କରାଯାଉଛି। ସେ ଏମିରେଟ୍ସ ଏୟାରଲାଇନ୍ସର ଏକ ଯାତ୍ରୀବାହୀ ବିମାନରେ ଯାତ୍ରା କରିବେ ବୋଲି ଜଣାପଡିଛି। ଗସ୍ତ ସମୟରେ ବିଜୟ ତାମିଲନାଡୁରେ ବ୍ୟବସାୟ ସ୍ଥାପନ କରିବାକୁ ଏବଂ ରାଜ୍ୟ ପାଇଁ ନୂତନ ନିବେଶ ପାଇଁ ୟୁରୋପୀୟ କମ୍ପାନୀଗୁଡ଼ିକୁ ନିମନ୍ତ୍ରଣ କରିବେ ବୋଲି ଆଶା କରାଯାଉଛି। ଶିଳ୍ପ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀମାନେ ମଧ୍ୟ ଲଣ୍ଡନ ଯାତ୍ରା କରିପାରନ୍ତି।

## ଆଫଗାନିସ୍ତାନରେ ଭୂକମ୍ପ ଝଟ୍କା, ତୀବ୍ରତା ୪.୨

**କାଠମାଣ୍ଡୁ, ୯।୯(ଏଜେନ୍ସି):** ନେପାଳ ପରେ ଆଫଗାନିସ୍ତାନରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ଭୂକମ୍ପର ତୀବ୍ରତା ୪.୨ ବୋଲି ଜଣାପଡିଛି । ଭୂକମ୍ପ ଝଟକା ଯୋଗୁଁ କିଛି କ୍ଷୟକ୍ଷତି ହୋଇନାହିଁ । ନେପାଳର ମୁସ୍ତାଙ୍ଗ ଜିଲ୍ଲାରେ ମଙ୍ଗଳବାର ରାତି ପ୍ରାୟ ୯ ଟା ୫୩ ମିନିଟ୍ ସମୟରେ ୫.୩ ତୀବ୍ରତାର ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର କେନ୍ଦ୍ରସ୍ଥଳ ଲୋମନ୍ଥାଙ୍ଗ ଅଞ୍ଚଳରେ ଥିଲା ବୋଲି ପକ୍ଷରୁ ମିଳିଛି। ଭୂକମ୍ପର କେନ୍ଦ୍ରସ୍ଥଳ ପ୍ରାୟ ୩୫ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା ।

ନ୍ୟାସନାଲ ସେଣ୍ଟର ଫର ସେସ୍ମୋଲୋଜି ଅନୁସାରେ, ଭୂକମ୍ପର ତୀବ୍ରତା ୪.୨ ରେକର୍ଡ କରାଯାଇଛି । ସକାଳ ୧୦.୦୧ ମିନିଟରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଭୂକମ୍ପରେ କୌଣସି ପ୍ରକାରର ଜନହାନି ହୋଇନାହିଁ । ସେହିପରି ଅରୁଣାଚଳ ପ୍ରଦେଶରେ ଭୂକମ୍ପ ଝଟକା ଅନୁଭୂତ ହୋଇଥିଲା । ଯାହାର ତୀବ୍ରତା ୨.୯ ବୋଲି ଜଣାପଡିଛି । ଭୂକମ୍ପ ଝଟକା ୫ଟା ୪୪ ମିନିଟରେ ହୋଇଥିଲା । ଏହାର କେନ୍ଦ୍ରସ୍ଥଳ ୧୦ କିମି ଗଭୀରତାରେ ରହିଥିଲା ।

## ୭୫ଟି ସୁଖୋଇ-୫୭ କିଣିବ ଭାରତ



**ନୂଆଦିଲ୍ଲୀ, ୯।୯(ଏଜେନ୍ସି):** ବ୍ରିକ୍ସଶିଖର ସମ୍ମିଳନୀ ପୂର୍ବରୁ ଭାରତ ଓ ରୁଷ୍ ମଧ୍ୟରେ ଏକ ବଡ଼ ପ୍ରତିରକ୍ଷା ଚୁକ୍ତି ନେଇ ଚର୍ଚ୍ଚା ଜୋର ଧରିଛି। ରୁଷ୍‌ର ପଞ୍ଚମ ପିଢ଼ିର ଷ୍ଟେଲ୍‌ଥ ଯୁଦ୍ଧବିମାନ ସୁଖୋଇ-୫୭ କିଣିବା ନେଇ ଭାରତ ସହ ଆଲୋଚନା ଚାଲିଛି। ପ୍ରସ୍ତାବିତ ଚୁକ୍ତିରେ ପ୍ରାୟ ୭୫ଟି ବିମାନ ସାମିଲ ହୋଇପାରେ ଯାହାର ମୋଟ ମୂଲ୍ୟ ପ୍ରାୟ ୧ ଲକ୍ଷ କୋଟି ଟଙ୍କା ହୋଇପାରେ ବୋଲି ରିପୋର୍ଟ ଆସିଛି। ତେବେ ଏ ପର୍ଯ୍ୟନ୍ତ ଏ ସମ୍ପର୍କରେ କୌଣସି ଚୁକ୍ତି ଚୂଡ଼ାନ୍ତ ହୋଇନାହିଁ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଆସନ୍ତା ୧୧ ତାରିଖ ଶୁକ୍ରବାର ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ହେବ। ୧୨ ଓ ୧୩ ତାରିଖରେ ଭାରତରେ ୧୮ଶ ବ୍ରିକ୍ସ ଶିଖର ସମ୍ମିଳନୀ ହେବ। ଏହି ବୈଠକରେ ସୁଖୋଇ-୫୭ ବିକ୍ରି ଓ ଏହାର ପ୍ରଯୁକ୍ତି ହସ୍ତାନ୍ତର ପ୍ରମୁଖ ଆଲୋଚନାର ବିଷୟ ହେବ ବୋଲି ରୁଷ୍ ସ୍ପଷ୍ଟ କରିଛି। ରୁଷ୍ ରାଷ୍ଟ୍ରପତିଙ୍କ ମୁଖପାତ୍ର ଦିମିତ୍ରି ପେସ୍କୋଭ୍ ମଙ୍ଗଳବାର ମସ୍କୋରୁ ଭାରତୀୟ ସାମ୍ବାଦିକଙ୍କ ସହ ଅନ୍‌ଲାଇନ୍ ଆଲୋଚନାରେ କହିଛନ୍ତି ଯେ ଭାରତକୁ ସୁଖୋଇ-୫୭ ବିକ୍ରି କରିବା ପ୍ରସଙ୍ଗ ପୁଟିନଙ୍କ ଆଲୋଚନା ସୂଚୀରେ ରହିଛି। ଭାରତୀୟ ପକ୍ଷ ଏହି ବିମାନର ଉତ୍ପାଦନ ପ୍ରଯୁକ୍ତି ଚାହୁଥିବାରୁ ଏ ନେଇ ଅଧିକ ଆଲୋଚନା ଚାଲିଥିବା ସେ କହିଛନ୍ତି।

ସୁଖୋଇ-୫୭ ହେଉଛି ରୁଷ୍‌ର ଉନ୍ନତ ପଞ୍ଚମ ପିଢ଼ିର ଷ୍ଟେଲ୍‌ଥ ଯୁଦ୍ଧବିମାନ। ଭାରତ ପାଇଁ ଏହାର ଆକର୍ଷଣ କେବଳ ବିମାନ କିଣିବାରେ ସୀମିତ ନୁହେଁ। ରୁଷ୍ ଭାରତରେ ଏହାର ଉତ୍ପାଦନ, ପ୍ରଯୁକ୍ତି ହସ୍ତାନ୍ତର ଓ ରକ୍ଷଣାବେକ୍ଷଣ କ୍ଷମତା ବିକାଶ ନେଇ ସହଯୋଗର ସମ୍ଭାବନା ମଧ୍ୟ ରଖିଛି। ଭାରତୀୟ ବାୟୁସେନାର ଯୁଦ୍ଧବିମାନ ସ୍କ୍ୱାଡ୍ରନ୍ ସଂଖ୍ୟା କମୁଥିବା ଏବଂ ସ୍ୱଦେଶୀ ଏଏମ୍‌ସିଏ ଯୁଦ୍ଧବିମାନ ଆସିବାକୁ ଆହୁରି ସମୟ ଲାଗିବା ଦୃଷ୍ଟିରୁ ଏହି ପ୍ରସ୍ତାବକୁ ଗୁରୁତ୍ୱ ଦିଆଯାଉଛି। ଏହି ବୈଠକରେ କେବଳ ସୁଖୋଇ-୫୭ ନୁହେଁ, ଏସ୍-୪୦୦ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା, ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ଉନ୍ନତୀକରଣ, ଦ୍ୱିପାକ୍ଷିକ ବାଣିଜ୍ୟ ଓ ଭାରତରେ ନୂଆ ପରମାଣୁ ଶକ୍ତି ପ୍ରକଳ୍ପ ନେଇ ମଧ୍ୟ ଆଲୋଚନା ହେବାର ସମ୍ଭାବନା ରହିଛି.

## ୨ ଦିନର ଚେଷ୍ଟା ବିଫଳ ! ଟିକେ ବି ହଲିଲେନି ମହାବୀର



**ଉଜ୍ଜୟିନୀ, ୯।୯(ଏଜେନ୍ସି):** ଧର୍ମ ଏବଂ ଆଧାତ୍ମିକତାର ନଗରୀ ଉଜ୍ଜୟିନୀରେ ସିଂହସ୍ଥ ୨୦୨୮ ମସିହାର ପ୍ରସ୍ତୁତି ପାଇଁ ଚାଲିଥିବା ରାସ୍ତା ପ୍ରଶସ୍ତୀକରଣ ଅଭିଯାନ ମଧ୍ୟରେ ଏକ ଅନନ୍ୟ ଏବଂ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି । ଫେଲ ମାରିଲେ ଇଂଜିନିୟର୍ସ। କାମ କଲାନି ବଡ଼ ବଡ଼ ଜେବିସି ଓ କ୍ରେନ୍। ନିଜ ସ୍ଥାନରୁ ହଟିଲେନି ମହାବୀର । ଖଡ଼େ ହନୁମାନଙ୍କୁ ହଟାଇପାରିଲେନି କୌଣସି ବାହୁବଳ । ଉଜ୍ଜୟିନୀର ସତୀ ଗେଟ୍ ନିକଟରେ ଥିବା ୧୭୦ ବର୍ଷ ପୁରୁଣାର ପ୍ରଭୁ ହନୁମାନଙ୍କ (ଖଡ଼େ ହନୁମାନ) ମୂର୍ତ୍ତି ନୂଆ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ଗତ ୨ ଦିନ ଧରି କାମ କରୁଛନ୍ତି । ତଥାପି ବଡ଼ ବଡ଼ ଜେସିବି ଓ କ୍ରେନ୍ ବ୍ୟବହାର କରିବା ସତ୍ତ୍ୱେ ମଧ୍ୟ ନିଜ ସ୍ଥାନରୁ ଟିକେ ହେଲେ ପ୍ରତିମାଟି ହଲିନାହିଁ ।

୨୦୨୮ କୁମ୍ଭମେଳା ପାଇଁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ମନ୍ଦିର ଗଠନକୁ ଭାଙ୍ଗି ଦିଆଯାଇଛି । କିନ୍ତୁ ପ୍ରାୟ ୮ ଫୁଟ ଉଚ୍ଚର ଏହି ଐତିହାସିକ ମୂର୍ତ୍ତିକୁ ଘୁଞ୍ଚାଇବା ପାଇଁ ୪୦ ରୁ ୪୮ ଘଣ୍ଟା ଧରି କରାଯାଇଥିବା ସମସ୍ତ ଚେଷ୍ଟା ବିଫଳ ହୋଇଛି । ମୂର୍ତ୍ତିକୁ ଘୁଞ୍ଚାଇବା ପାଇଁ ଅତିକମରେ ୪ ଥର ଭାରି ଜେସିବି ମେସିନ୍ ଏବଂ କ୍ରେନର ସାହାଯ୍ୟ ନିଆଯାଇଥିଲେ ମଧ୍ୟ ମୂର୍ତ୍ତିଟି ସେମିତି ରହିଛି । ଉଦ୍ଧାର କାର୍ଯ୍ୟ ସମୟରେ ପ୍ରଥମ ଦିନ ସର୍ଟ ସର୍କିଟ୍ ହୋଇ ନିଆଁ ଲାଗିଯାଇଥିଲା ଏବଂ ଦ୍ୱିତୀୟ ଦିନ ପ୍ରବଳ ବର୍ଷା ହେବା ଫଳରେ କାମ ବନ୍ଦ ରଖିବାକୁ ପଡ଼ିଥିଲା । ପ୍ରତ୍ନତତ୍ତ୍ୱ ବିଭାଗ ଚେତାବନୀ ଦେଇଛି ଯେ ଅଧିକ ବଳ ପ୍ରୟୋଗ କଲେ ଏହି ପ୍ରାଚୀନ ପଥର ମୂର୍ତ୍ତିରେ ଫାଟ ସୃଷ୍ଟି ହୋଇପାରେ କିମ୍ବା ଏହା ଭାଙ୍ଗିଯାଇପାରେ। ପ୍ରଶାସନ ବର୍ତ୍ତମାନ ଏହି ପ୍ରକ୍ରିୟାକୁ ସ୍ଥଗିତ ରଖିଛି । ସେପଟେ ମୂର୍ତ୍ତି ଉପରେ ଏକ ଅସ୍ଥାୟୀ ଚାଳିଆ କରାଯାଇଛି ଏବଂ ଆଗକୁ ବଢ଼ିବା ପୂର୍ବରୁ ମୂର୍ତ୍ତିର ମୂଳଦୁଆକୁ ଆଧୁନିକ ବୈଷୟିକ ସ୍କାନିଂ କରିବାକୁ ଯୋଜନା ଚାଲିଛି । ସ୍ଥାନୀୟ ଶ୍ରଦ୍ଧାଳୁ, ପୂଜକ ଏବଂ ହିନ୍ଦୁ ସଂଗଠନଗୁଡ଼ିକ ଏହାକୁ ଏକ ଅଲୌକିକ ଶକ୍ତି ବୋଲି ଭାବୁଛନ୍ତି । ବାବା ହନୁମାନ ନିଜ ସ୍ଥାନରୁ ଘୁଞ୍ଚିବାକୁ ଚାହୁଁନାହାନ୍ତି ବୋଲି ସେମାନଙ୍କର ବିଶ୍ୱାସ ରହିଛି । ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ଆହୁରି ବଢ଼ିଯାଇଛି । ମନ୍ଦିର ଭଙ୍ଗାଯିବା ସମୟରେ ସେଠାରେ ବହୁ ସଂଖ୍ୟାରେ ମାଙ୍କଡ଼ ବା ବାନର ସେନା ରୁଣ୍ଡ ହୋଇଥିଲେ ବୋଲି ଦେଖିବାକୁ ମିଳିଛି । ମୂର୍ତ୍ତିର ସମ୍ପୂର୍ଣ୍ଣ ସୁରକ୍ଷା ନିଶ୍ଚିତ ହୋଇନାହିଁ, ସେ ପର୍ଯ୍ୟନ୍ତ କୌଣସି ଜୋରଜବରଦସ୍ତ ପଦକ୍ଷେପ ନିଆନଯାଉ ବୋଲି ମନ୍ଦିରର ମୁଖ୍ୟ ପୂଜକ ପ୍ରଶାସନକୁ ଅନୁରୋଧ କରିଛନ୍ତି ।

## ବନ୍ଦେ ମାତରମ୍ ବିବାଦ : ଏନ୍‌ସି-କଂଗ୍ରେସ ମୁହାଁମୁହିଁ

### ମୁସ୍‌ଲିମ୍‌ଲିଗ୍ ମାନସିକତା ଛାଡ଼: ବିଜେପି



**ନୂଆଦିଲ୍ଲୀ,୯।୯(ଏଜେନ୍ସି):** ଶ୍ରୀନଗରରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ବନ୍ଦେ ମାତରମ୍‌ର ସମ୍ପୂର୍ଣ୍ଣ ସଂସ୍କରଣ ଗାନ କରାଯିବା ପରେ ରାଜନୈତିକ ବିବାଦ ତୀବ୍ର ହୋଇଛି। କ୍ଷମତାସୀନ ନ୍ୟାସନାଲ କନଫରେନ୍ସ (ଏନ୍‌ସି) ଓ ସହଯୋଗୀ କଂଗ୍ରେସ ମଧ୍ୟରେ ତୁତୁ ମେମେ ଚର୍ଚ୍ଚାର ବିଷୟ ପାଲଟିଛି। ସୋମବାର କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଜମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ନ୍ୟାସନାଲ କନଫରେନ୍ସ ସଭାପତି ଫାରୁକ୍ ଅବଦୁଲ୍ଲା କହିଛନ୍ତି ଯେ କଂଗ୍ରେସ ତା'ର ସହଯୋଗୀ ଦଳଗୁଡ଼ିକୁ ନିଜର ସର୍ତ୍ତ ମାନିବାକୁ ବାଧ କରିପାରିବ ନାହିଁ। ଜବାବରେ କଂଗ୍ରେସ କହିଛି, ଏନ୍‌ସି ମେଣ୍ଟ ଧର୍ମ ପାଳନ କରିବା ଆବଶ୍ୟକ। ଅନ୍ୟପଟେ ବିଜେପି କଂଗ୍ରେସକୁ ଟାର୍ଗେଟ କରି କହିଛି ଯେ କଂଗ୍ରେସର ଏହି ଆଭିମୁଖ୍ୟ ମୁସଲିମ୍ ଲିଗ୍ ମାନସିକତା ସହ ମେଳ ଖାଉଛି।

କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଳ ସହଯୋଗୀ ଦଳ ନ୍ୟାସନାଲ କନଫରେନ୍ସକୁ ବନ୍ଦେ ମାତରମ୍‌ର କେବଳ ସଂକ୍ଷିପ୍ତ ସଂସ୍କରଣ (ଦୁଇଟି ପଦ) ବ୍ୟବହାର କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ଏନ୍‌ସି ଏହାକୁ ସ୍ପଷ୍ଟ ପ୍ରତ୍ୟାଖ୍ୟାନ କରିଥିଲା। ବେଣୁଗୋପାଳ ଏକ୍ସରେ ପୋଷ୍ଟ କରି ଲେଖିଥିଲେ ଯେ ସମ୍ପୂର୍ଣ୍ଣ ବନ୍ଦେ ମାତରମ୍ ଭାରତର ବହୁବିଧ ଏବଂ ସାମ୍ପ୍ରଦାୟିକ ସଭ ।ବନା ପରମ୍ପରା ସହିତ ମେଳ ଖାଉନାହିଁ, ଯାହାକୁ ଆମ ସ୍ୱାଧୀନତା ସଂଗ୍ରାମୀମାନେ ଗଢ଼ିଥିଲେ। ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ, ସୁଭାଷ ଚନ୍ଦ୍ର ବୋଷ, ରାଜେନ୍ଦ୍ର ପ୍ରସାଦ, ମୌଲାନା ଆଜାଦ ଏବଂ ରବୀନ୍ଦ୍ରନାଥ ଠାକୁରଙ୍କ ଭଳି ମହାନାୟକମାନଙ୍କ ନିଷ୍ପତ୍ତି ଆମ ପାଇଁ ସର୍ବୋପରି।

ଏହାର ଜବାବରେ ଏନ୍‌ସି ନେତା ବଶୀର ଅହମ୍ମଦ କହିଛନ୍ତି, ସହଯୋଗୀ ଦଳ ଭାବେ ଆପଣ ନିଜର ନିୟମ ଆମ ଉପରେ ଲଦି ପାରିବେ ନାହିଁ। ଆମେ କ'ଣ ଗାଇବୁ କିମ୍ବା କେତେ ଗାଇବୁ। ବେଣୁଗୋପାଳଙ୍କର ଟ୍ୱିଟ୍ କରିବାର ଅଧିକାର ଅଛି, କିନ୍ତୁ ସେ କିଛି ବାଧ୍ୟତାମୂଳକ କରିପାରିବେ ନାହିଁ। ଏହା ଜନସାଧାରଣଙ୍କ ପସନ୍ଦ। ଆମେ କୌଣସି ଜିନିଷ ଲୋକଙ୍କ ଉପରେ ଲଦିବା ବିରୋଧରେ। କଂଗ୍ରେସ ନେତା କପିଲ ସିଂହ ଓମାର ଅବଦୁଲ୍ଲା ଏବଂ ଫାରୁକ୍ ଅବଦୁଲ୍ଲାଙ୍କୁ ନାଗପୁର (ଆର୍‌ଏସ୍‌ଏସ୍) ଆଭିମୁଖ୍ୟ ଗ୍ରହଣ ନ କରି ମେଣ୍ଟ ଧର୍ମ ପାଳନ କରିବା ଉଚିତ। ତେବେ ବିଜେପି ନେତା ଆର୍‌ଏସ୍ ପଠାନିଆ କଂଗ୍ରେସକୁ ଟାର୍ଗେଟ୍ କରି କହିଛନ୍ତି, ଜାତୀୟ ଗୀତକୁ ବିରୋଧ କରି ମୁସଲିମ୍ ଲିଗ୍ ଭଳି ଆଚରଣ କରିବା ରାଷ୍ଟ୍ର ବିରୋଧୀ। କାଶ୍ମୀର ବିଚ୍ଛିନ୍ନତାବାଦୀମାନେ ମଧ୍ୟ କେବେ ବନ୍ଦେ ମାତରମ୍‌କୁ ନେଇ ଆପତ୍ତି ଉଠାଇ ନ ଥିଲେ। ସୂଚନାଯୋଗ୍ୟ, ୧୯୩୭ର କଂଗ୍ରେସ ପ୍ରସ୍ତାବ ଆଧାରରେ ଗତ ମାସରେ କଂଗ୍ରେସ କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇଥିଲା। ଯେ ଦଳୀୟ କାର୍ଯ୍ୟକ୍ରମରେ ବନ୍ଦେ ମାତରମ୍‌ର କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବ। ହେଲେ ଚଳିତ ବର୍ଷ ଆରମ୍ଭରୁ କେନ୍ଦ୍ର ସରକାର ସରକାରୀ କାର୍ଯ୍ୟକ୍ରମ, ସ୍କୁଲ ଏବଂ ଆନୁଷ୍ଠାନିକ ଉତ୍ସବଗୁଡ଼ିକରେ ଜାତୀୟ ସଙ୍ଗୀତ ପୂର୍ବରୁ ବନ୍ଦେ ମାତରମ୍‌ର ସମସ୍ତ ୬ଟିଯାକ ପଦ ପରିବେଷଣ କରିବାକୁ ବାଧ୍ୟତାମୂଳକ କରିଛନ୍ତି।

## ଭୋଟର ତାଲିକାରେ ୩ ଆଫଗାନ ନାଗରିକ: ତଦନ୍ତ ନିର୍ଦ୍ଦେଶ



**ନୂଆଦିଲ୍ଲୀ,୯।୯ (ଏଜେନ୍ସି):** ଝାଡ଼ଖଣ୍ଡରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ସମୟରେ ଭୋଟର ତାଲିକାରେ ୩ ଜଣ ଆଫଗାନିସ୍ତାନ ନାଗରିକଙ୍କ ନାମ ମିଳିବା ପରେ ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ କମିଶନ(ଇସି) ଙ୍କ ନିର୍ଦ୍ଦେଶରେ ସେମାନଙ୍କ ନାମ ବାଦ ଦିଆଯିବା ସହିତ ତଦନ୍ତ ଆରମ୍ଭ ହୋଇଛି।

ଜାମସେଦପୁର ପୂର୍ବ ବିଧାନସଭା ନିର୍ବାଚନମଣ୍ଡଳୀର ମତଦାନ କେନ୍ଦ୍ର ସଂଖ୍ୟା ୨୮୬ ଭୋଟର ତାଲିକାରେ ଆଫଗାନ ନାଗରିକ ଆସିଲ ଖାନ୍, ମହମ୍ମଦ ଅସଲମ୍ ଓ ମହମ୍ମଦ ଇବ୍ରାହିମଙ୍କ ନାମ ରହିଥିଲା। ସେମାନଙ୍କ ନାମ କ୍ରମିକ ସଂଖ୍ୟା ୩୦, ୩୧, ଏବଂ ୩୩ ଥିଲା। ନିର୍ବାଚନ କମିଶନ ସେମାନଙ୍କ ନାମକୁ ଭୋଟର ତାଲିକାରୁ ହଟାଇ ଦେଇଛନ୍ତି। ଏହାସହ ଏହି ଘଟଣାର ସମ୍ପୂର୍ଣ୍ଣ ତଦନ୍ତ କରିବା ଏବଂ ଦୋଷୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଝାଡ଼ଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀ କେ. ରବି କୁମାର କହିଛନ୍ତି, ଭୋଟର ତାଲିକାରେ ବିଦେଶୀ ନାଗରିକଙ୍କ ନାମ ସାମିଲ ହେବା ଗମ୍ଭୀର ବିଷୟ। ସେମାନଙ୍କୁ କିଏ ସାହାଯ୍ୟ କରିଥିଲା ଓ କେଉଁ ପ୍ରକ୍ରିୟା ଜରିଆରେ ନାମ ଯୋଡ଼ାଗଲା, ସେ ନେଇ ଖୋଳତାଡ଼ କରାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଯେକୌଣସି ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯିବ ବୋଲି ସେ ଦୃଢ଼ ଭାବେ କହିଛନ୍ତି। ଜାମସେଦପୁରର ଡେପୁଟି କମିଶନର ଓ ଏସ୍‌ଏସ୍‌ପିଙ୍କୁ ତଦନ୍ତ ଦାୟିତ୍ୱରେ ରଖାଯାଇଛି।

ଏହାକୁ ନେଇ ଝାଡ଼ଖଣ୍ଡର କଂଗ୍ରେସ ସରକାରଙ୍କୁ ଘେରିଛି ବିଜେପି। ବିଜେପି ରାଜ୍ୟ ପ୍ରବକ୍ତା ସନ୍ଦୀପ ବର୍ମା କହିଛନ୍ତି ଯେ ଭୋଟ୍ ବ୍ୟାଙ୍କ ରାଜନୀତି ପାଇଁ ଭୋଟର ତାଲିକାରେ ବିଦେଶୀ ଅନୁପ୍ରବେଶକାରୀଙ୍କ ନାମ ଯୋଡ଼ିବାକୁ ଉଦ୍ୟମ ହୋଇଛି। ଏଥିରେ ସମ୍ପୃକ୍ତ ଥିବା ଦୋଷୀଙ୍କ ବିରୋଧରେ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## କ୍ରିଟିକାଲ ମିନେରାଲ୍ସ କ୍ଷେତ୍ରରେ ଭାରତ-ଆମେରିକା ସହଯୋଗ ବୃଦ୍ଧି



**ଭୁବନେଶ୍ୱର, ୯।୯(ଏଜେନ୍ସି):** ହାଇଦ୍ରାବାଦସ୍ଥିତ ଯୁକ୍ତରାଷ୍ଟ୍ର ଆମେରିକା କନସୁଲ ଜେନେରାଲଙ୍କ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ସିଏସଆଇଆର-ଆଇଏମଏମଟି ଗସ୍ତ କରିଛନ୍ତି। ଏହି ଗସ୍ତ କାଳରେ ପ୍ରତିନିଧି ଦଳ ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡ. ରାମାନୁଜ ନାରାୟଣ ଏବଂ ବରିଷ୍ଠ ବିଜ୍ଞାନୀମାନଙ୍କ ସହ ଆଲୋଚନା କରିଥିଲେ। କ୍ରିଟିକାଲ ମିନେରାଲ୍ସ (ଗୁରୁତ୍ୱପୂର୍ଣ୍ଣ ଖଣିଜ) ଏବଂ ଉନ୍ନତ ପ୍ରସେସିଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତ-ଆମେରିକା ମଧ୍ୟରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଏହି ଆଲୋଚନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ଏହି ପ୍ରତିନିଧି ଦଳ ସଂସ୍ଥାନର ଗବେଷଣାଗାର ସମେତ ଖଣିଜ ପ୍ରକ୍ରିୟାକରଣ ପାଇଲଟ ପ୍ଲାଣ୍ଟ, ପିଜିଏମ୍ ପାଇଲଟ ପ୍ଲାଣ୍ଟ ଏବଂ ସି-ବେଡ ମିନେରାଲ୍ସ ପାଇଲଟ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ସଂସ୍ଥା ଦ୍ୱାରା ହେଉଥିବା ଅଗ୍ରଗତି ସମ୍ପର୍କରେ ପ୍ରତିନିଧି ଦଳକୁ ଅବଗତ କରାଯାଇଥିଲା। ଏନସିଏମଏମ ଅଧୀନରେ ସିଏସ୍ଆଇଆର-ଆଇଏମଏମଟି ଉତ୍କର୍ଷ କେନ୍ଦ୍ର ଏବଂ ବ୍ୟବସାୟ ବିକାଶ ଶାଖାର ମୁଖ୍ୟ ଡ. କାଳୀ ସଞ୍ଜୟ, ବିଭିନ୍ନ ଶିଳ୍ପ ଓ ଅନୁଷ୍ଠାନଗୁଡ଼ିକ ସହ ଅନୁଷ୍ଠାନର ସହଯୋଗିତା ଏବଂ ଅନୁଷ୍ଠାନର ସେଣ୍ଟର ଅଫ୍ ଏକ୍ସଲେନ୍ସ ଅନ୍ କ୍ରିଟିକାଲ ମିନେରାଲ୍ସ ଅଧୀନରେ ହାତକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ସଂକ୍ଷିପ୍ତ ସୂଚନା ଦେଇଥିଲେ।

ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ଦୁର୍ଲଭ ମୃତ୍ତିକା କ୍ଷେତ୍ରରେ ସୁରକ୍ଷିତ ଓ ବିଶ୍ୱସନୀୟ ଯୋଗାଣ ଶୃଙ୍ଖଳା ଗଢ଼ିତୋଳିବା ପାଇଁ ଟ୍ରଷ୍ଟ ଏବଂ ପାକ୍ସ ସିଲିକା ପଦକ୍ଷେପ ଅଧୀନରେ ଥିବା ଦ୍ୱିପାକ୍ଷିକ ପ୍ରାଥମିକତାକୁ ଦୃଷ୍ଟିରେ ରଖି କନସୁଲ ଜେନେରାଲ ଲୋରା ୱିଲିୟମ୍ସ, ଏହି ପ୍ରତିଷ୍ଠାନ ଏବଂ ଆମେରିକାର ଗବେଷଣା ସଂସ୍ଥାଗୁଡ଼ିକ ମଧ୍ୟରେ ଗବେଷଣା ଓ ବିକାଶ ସହଯୋଗ ଏବଂ ସଂସ୍ଥାଗତ ସଂଯୋଗର ସମ୍ଭାବନାକୁ ଉଚ୍ଚ ପ୍ରଶଂସା କରିଥିଲେ। ନିରନ୍ତର ବୈଜ୍ଞାନିକ ସହଯୋଗର ପ୍ରତିବଦ୍ଧତାକୁ ସ୍ମରଣୀୟ କରିବା ପାଇଁ ଅନୁଷ୍ଠାନ ପରିସରରେ ବୃକ୍ଷରୋପଣ ଆୟୋଜନ କରାଯାଇଥିଲା।

## ଫିଲିପାଇନ୍ସ ଅଧିକାରୀଙ୍କୁ ଧମକପୂର୍ଣ୍ଣ ଚିଠି ଦେଇ ଚୀନ୍ ଅପମାନିତ



**ସିଓଲ, ୯।୯(ଏଜେନ୍ସି):** ଦକ୍ଷିଣ କୋରିଆର ରାଜଧାନୀ ସିଓଲରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପ୍ରତିରକ୍ଷା ସମ୍ମିଳନୀ ୨୦୨୬ ସମୟରେ ଫିଲିପାଇନ୍ସର ପ୍ରତିରକ୍ଷା ମନ୍ତ୍ରୀ ଚୀନକୁ କଡ଼ା ସମାଲୋଚନା କରିଛନ୍ତି। ଫିଲିପାଇନ୍ସ ପ୍ରତିରକ୍ଷା ସଚିବ ଗିଲବର୍ଟୋ ସି. ଥିଓଡୋରୋ ଖୋଲାଖୋଲି ଭାବରେ ଚୀନକୁ ସମାଲୋଚନା କରିବା ପରେ ଏହି ଘଟଣା ଏକ ହାଇ-ପ୍ରୋଫାଇଲ୍ କୂଟନୈତିକ ଯୁଦ୍ଧରେ ପରିଣତ ହୋଇଛି। ମଙ୍ଗଳବାର ଦକ୍ଷିଣ କୋରିଆରେ ସିଓଲ ପ୍ରତିରକ୍ଷା ଆଲୋଚନାରେ ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରୀ ଗିଲବର୍ଟୋ ସି. ଥିଓଡୋରୋଙ୍କ ଭାଷଣ ଦେବା ସମୟରେ ଜଣେ ଚୀନ୍ ସାମରିକ ପ୍ରତିନିଧି ତାଙ୍କ ଉପରେ ଚାପ ପକାଇବା ପାଇଁ ତାଙ୍କୁ ଏକ କାଗଜ ଦେଇଥିଲେ। ତେବେ ଚୀନ୍‌ର ଧମକକୁ ଅଣଦେଖା କରିବା ପରିବର୍ତ୍ତେ, ଫିଲିପାଇନ୍ସ ପ୍ରତିରକ୍ଷା ମନ୍ତ୍ରୀ ଏହାକୁ ମାଇକ୍ରୋଫୋନରେ ଜୋରରେ ପଢ଼ି ସାରା ବିଶ୍ୱ ସମ୍ମୁଖରେ ଚୀନର ଗୁଣ୍ଡାଗିରିକୁ ପ୍ରକାଶ କଲେ। ସେ ଚୀନର ଆଚରଣକୁ ନିନ୍ଦା କରିଥିଲେ। ନୋଟରେ ଉଲ୍ଲେଖ ଥିଲା, ଚୀନ ସାଗର ମଧ୍ୟସ୍ଥତା ଉପରେ ଚୀନ୍‌ର ସ୍ଥିତି ସ୍ପଷ୍ଟ, ସ୍ଥିର ଓ ଦୃଢ଼।

ତେବେ ଫିଲିପାଇନ୍ସର ପ୍ରତିରକ୍ଷା ମନ୍ତ୍ରୀ ଚୀନ୍‌ର ଦାବିକୁ ପ୍ରତ୍ୟାଖ୍ୟାନ କରି କହିଥିଲେ, ଚୀନ୍‌ର କୌଣସି ସ୍ଥିତି ନାହିଁ। ଚୀନ୍‌ର ଦାବି 'ଅନ୍ତର୍ଜାତୀୟ ଆଇନର ମୌଳିକ ନୀତି' ଉଲ୍ଲଂଘନ କରୁଛି। ନୋଟ୍‌ଟି ୨୦୧୬ରେ ଫିଲିପାଇନ୍ସ ଦ୍ୱାରା ଚୀନ୍ ବିରୋଧରେ ଜାତିସଂଘ ସମୁଦ୍ର ଆଇନ କନଭେନ୍ସନ୍ (ୟୁଏନ୍‌ସିଏଲ୍‌ଓଏସ୍) ଅଧୀନରେ ଆଗତ ଦକ୍ଷିଣ ଚୀନ୍ ସାଗର ମଧ୍ୟସ୍ଥତା ମାମଲାକୁ ଉଲ୍ଲେଖ କରୁଥିଲା।

### ଲାଲକିଲ୍ଲା ଆତ୍ମଘାତୀ ବିସ୍ଫୋରଣ

## ଡାକ୍ତର ଉମର ନବୀ ମାଷ୍ଟରମାଇଣ୍ଡ



**ନୂଆଦିଲ୍ଲୀ, ୯।୯(ଏଜେନ୍ସି):** ଗତ ବର୍ଷ ନଭେମ୍ବର ମାସରେ ଦିଲ୍ଲୀର ଐତିହାସିକ ଲାଲକିଲ୍ଲା ନିକଟରେ ଘଟିଥିବା ଭୟଙ୍କର କାର ବିସ୍ଫୋରଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏକ ବଡ଼ ଏବଂ ଚାଞ୍ଚଲ୍ୟକର ଖୁଲାସା କରିଛି। ଏନଆଇଏ ପକ୍ଷରୁ ଦାଖଲ କରାଯାଇଥିବା ପ୍ରାୟ ୭,୫୦୦ ପୃଷ୍ଠାର ସମ୍ପୂର୍ଣ୍ଣ ଚାର୍ଜସିଟ୍‌ରେ ଦର୍ଶାଯାଇଛି ଯେ, ଆତଙ୍କବାଦୀମାନେ ବିସ୍ଫୋରକ ପ୍ରସ୍ତୁତି ଏବଂ ରକେଟ୍ ତିଆରି ଶିଖିବା ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟା ଯଥା- ୟୁଟ୍ୟୁବ୍ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର କରିଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଏହି କାଣ୍ଡର ମୁଖ୍ୟ ଆତ୍ମଘାତୀ ବମ୍ବର୍ ଡାକ୍ତର ଉମର ଅନ୍ ନବୀ ଥିଲା। ବିସ୍ଫୋରଣ ସ୍ଥଳରୁ ମିଳିଥିବା ଡିଏନ୍‌ଏ ପ୍ରମାଣ ଏହା ସ୍ପଷ୍ଟ କରିଛି ଯେ, ଯେତେବେଳେ ହୁଣ୍ଡାଇ ଆଇ-୨୦ କାରରେ ବିସ୍ଫୋରଣ ଘଟିଥିଲା, ସେତେବେଳେ ଡାକ୍ତର ଉମର ନବୀ ନିଜେ ଗାଡ଼ି ଭିତରେ ଉପସ୍ଥିତ ଥିଲେ। ଦେଶର ସାର୍ବଭୌମତ୍ୱ ଏବଂ ପ୍ରତୀକ ସ୍ୱରୂପ ଲାଲକିଲ୍ଲାକୁ ଏହି ବିନାଶକାରୀ ଆକ୍ରମଣ ପାଇଁ ଜାଣିଶୁଣି ଟାର୍ଗେଟ୍ କରାଯାଇଥିଲା, ଯେଉଁଥିରେ ଅନେକ ନିରୀହ ଜୀବନ ଚାଲିଯାଇଥିଲା।

ପ୍ରତିଦିନର ପୂଜା ବିଶେଷାଙ୍କ 'ଭବ୍ୟପ୍ରୀତା'
ପ୍ରକାଶ ପାଇବାକୁ ଯାଉଛି।
ସେଥିପାଇଁ ଲେଖକ, ଲେଖିକାମାନଙ୍କୁ ଗଳ୍ପ,
ଅଣୁଗଳ୍ପ, ଅନୁବାଦ ଗଳ୍ପ, ଫିଚର, କବିତା
ସେପ୍ଟେମ୍ବର ମାସ ୧୫ ତାରିଖ ସୁଦ୍ଧା
sahitya.pratidin.daily@gmail.com
କୁ ପଠାଇବାକୁ ଅନୁରୋଧ।

INS MEMBER
Printed & Published by BHABYA ASHRIT PANDA on behalf of Gayatri Industries, published from SB-15, Grand Bazaar, Phulanakhara, Dist-Cuttack-754001
Printed at Gayatri Industries, TS 3/193, Mancheswar Ind. Estate, Bhubaneswar-751010.
Phone: 0674- 2582532, News Desk: Mob & Whatsapp: 7789920532, Circulation: 7789930532, e-mail: pratidin.daily@gmail.com
ସମ୍ପାଦକ- ସୁରେଶ ପରିଡ଼ା
Editor - Suresh Parida